Dharitri 52 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ମେ ୫/୨୦୨୬ (୧୮ ପୃଷ୍ଠା) | Bhubaneswar, Tuesday, May 5/2026 | Page 18 | ₹ 7.00
୫୨ଶ ଭାଗ ୧୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 159 | ମୂଲ୍ୟ ₹୭/-



**ରୋହିତ ଶର୍ମାଙ୍କ ପ୍ରଭାବୀ ବ୍ୟାଟିଂ**
ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବ୍ୟାଟିଂ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ରୋହିତ ଶର୍ମା।
୧୮

୦୪
**ରାଗିଗଲେ କଙ୍ଗନା**
ନିକଟରେ ରାହୁଲ ଗାନ୍ଧୀ ଓ ତାଙ୍କ ସମ୍ପର୍କରେ ଭାଇରାଲ ରିପୋର୍ଟକୁ ନେଇ କ୍ଷୁବ୍ଧ ହେବା ସହ ଏହା ଗୁଜବ ବୋଲି କହିଛନ୍ତି କଙ୍ଗନା ରାଣାୱତ।



# ପଶ୍ଚିମବଙ୍ଗରେ ପଦ୍ମ

## ଦିଦି ଗଲେ ଫୁଲ ଫୁଟିଲା, ତାମିଲନାଡୁରେ ଟିଭିକେର 'ବିଜୟ', ଆସାମରେ ପୁଣି ଭାଜପା, କେରଳରେ ୟୁଡିଏଫ୍, ପଣ୍ଡିଚେରୀରେ ଏନ୍‌ଡିଏ

ନୂଆଦିଲ୍ଲୀ,୪।୫

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ ଏବଂ କେରଳ ସହ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଦେଶବ୍ୟାପୀ ବିଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଛି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ଅଗ୍ରସରକୁ ଭାଜପା ଗତିରୋଧ କରି ଶାସକ ଚେୟାରରେ ବସିଯାଇଛି। ୨୦୨୬ର ଏହି ନିର୍ବାଚନ ମମତା ବାନାର୍ଜୀଙ୍କୁ କ୍ଷମତାଚ୍ୟୁତ କରିବା ସହ ତାଙ୍କୁ ପରାଜିତ କରାଇଛି। ଆସାମରେ ଗୈରିକ ଦଳ ପୁନର୍ବାର କ୍ଷମତାକୁ ଫେରିଥିବା ବେଳେ ପଣ୍ଡିଚେରୀରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପୁନଶ୍ଚ ଜିତାପଟ କରିଛି। କେରଳରେ କଂଗ୍ରେସ ପରିଚାଳିତ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) ପିନରାୟୀ ବିଜୟନଙ୍କ ଲେଫ୍ଟ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଲ୍‌ଡିଏଫ୍)କୁ ହରାଇ ଦେଇଛି। ସଦ୍ୟ ସମାପ୍ତ ନିର୍ବାଚନରେ ସମଗ୍ର ଦେଶବାସୀଙ୍କୁ ଚକିତ କରି ସିନେ ହିରୋରୁ ରାଜନୈତିକ ଷ୍ଟାର ପାଲଟିଥିବ ବିଜୟଙ୍କ ତାମିଲାଗା ☞ପୃଷ୍ଠା-୪

**ପଶ୍ଚିମବଙ୍ଗ** — ମୋଟ ଆସନ ୨୯୪

| | | |
|---|---|---|
| ଭାଜପା | - | ୨୦୬ |
| ଟିଏମ୍‌ସି | - | ୮୧ |
| କଂଗ୍ରେସ | - | ୦୨ |
| ବାମଦଳ | - | ୦୨ |
| ଅନ୍ୟାନ୍ୟ | - | ୦୨ |

(୧ ଆସନରେ ନିର୍ବାଚନ ବାକି)

**ତାମିଲନାଡୁ** — ମୋଟ ଆସନ ୨୩୪

| | | |
|---|---|---|
| ଟିଭିକେ | - | ୧୦୮ |
| ଡିଏମ୍‌କେ+ | - | ୭୩ |
| ଏଆଇଏଡିଏମ୍‌କେ+ | - | ୫୩ |

**କେରଳ** — ମୋଟ ଆସନ ୧୪୦

| | | |
|---|---|---|
| ୟୁଡିଏଫ୍ | - | ୮୯ |
| ଏଲ୍‌ଡିଏଫ୍ | - | ୩୫ |
| ଭାଜପା+ | - | ୦୩ |
| ଅନ୍ୟାନ୍ୟ | - | ୧୩ |

**ଆସାମ** — ମୋଟ ଆସନ ୧୨୬

| | | |
|---|---|---|
| ଭାଜପା+ | - | ୧୦୨ |
| କଂଗ୍ରେସ+ | - | ୨୧ |
| ଏଆଇୟୁଡିଏଫ୍ | - | ୦୨ |
| ଅନ୍ୟାନ୍ୟ | - | ୦୧ |

**ପଣ୍ଡିଚେରୀ** — ମୋଟ ଆସନ ୩୦

| | | |
|---|---|---|
| ଏନ୍‌ଆର୍‌ସି+ | - | ୧୮ |
| କଂଗ୍ରେସ+ | - | ୦୬ |
| ଟିଭିକେ+ | - | ୦୩ |
| ଅନ୍ୟାନ୍ୟ | - | ୦୩ |



ପ୍ରବର ତଥ୍ୟ: ବିଜୟ ଓ ଆଗୁଆର ପରିସଂଖ୍ୟାନ

# ମମତା, ଷ୍ଟାଲିନ୍ ହାରିଲେ

## ମୁଖ୍ୟମନ୍ତ୍ରୀ ଥାଇ ବି ମିଳିଲାନି ଜନସମର୍ଥନ



ମମତା ବାନାର୍ଜୀ



ଏମ୍.କେ. ଷ୍ଟାଲିନ୍

ଭୁବନେଶ୍ୱର,୪।୫

ଭାରତୀୟ ଗଣତନ୍ତ୍ରରେ ଜନତାଙ୍କ ରାୟ ସବୁଠାରୁ ଶକ୍ତିଶାଳୀ। ଅନେକ ସମୟରେ ଶାସକମାନେ ନିଜ ଶକ୍ତି ଓ ପଦବୀ ବଳରେ ବିଜୟୀ ହେବାର ଦୃଢ଼ ବିଶ୍ୱାସ ରଖିଥାନ୍ତି, କିନ୍ତୁ ଭୋଟରମାନେ ସେମାନଙ୍କୁ ପରାଜୟର ସ୍ୱାଦ ଚଖେଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଥାଇ ନିଜ ଆସନରୁ ହାରିବା ଭଳି କିଛି ଚର୍ଚ୍ଚିତ ଘଟଣା ଘଟିଛି। ସେହି ମୁଖ୍ୟମନ୍ତ୍ରୀମାନଙ୍କ ତାଲିକାରେ ଏବେ ଯୋଡ଼ି ହୋଇଯାଇଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସୋମବାର ଭୋଟ ଗଣତିରେ ଏହି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଡିଏମ୍‌କେ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ଷ୍ଟାଲିନ ନିଜର ପାରମ୍ପରିକ ଗଡ଼ କୋଲାଥୁର ଆସନରୁ ପରାଜିତ ହୋଇଛନ୍ତି। ଅଭିନେତା ବିଜୟଙ୍କ ଦଳ 'ଟିଭିକେ'ର ପ୍ରାର୍ଥୀ ଭି.ଏସ୍. ବାବୁଙ୍କଠାରୁ ସେ ୧୮,୭୯୫ ଭୋଟରେ ହାରିଯାଇଛନ୍ତି। ସେହିପରି ମମତା ଭବାନୀପୁର ଆସନରୁ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ୧୫,୧୦୫ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି। ☞ପୃଷ୍ଠା-୧୦

**ଆଜିର ସମ୍ପାଦକୀୟ**
**ନେତା ମତଦାତା**

7001/19/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ରବି ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬**

ଚଳିତ ରବି ଋତୁ (୨୦୨୫-୨୬) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ଧାନ କ୍ରୟ କରିବେ।
ଏଥିପାଇଁ ଚାଷୀମାନେ ସେମାନଙ୍କ ଟୋକନ୍ ମୁତାବକ ନିର୍ଦ୍ଧାରିତ ତାରିଖରେ
ଧାନକ୍ରୟ କେନ୍ଦ୍ର (PPC) କୁ ଧାନ ଆଣିବାକୁ ଅନୁରୋଧ।

**ଧାନ ସଂଗ୍ରହ ସମୟ - ୧ ମଇ ରୁ ୩୦ ଜୁନ୍ ୨୦୨୬**



- ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ଇନ୍‌ପୁଟ୍ ସହାୟତା ବାବଦରେ ଚାଷୀମାନଙ୍କୁ ପ୍ରଦାନ କରାଯାଉଛି କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କା
- ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କୁ ମିଳିବ ପ୍ରାପ୍ୟ

ଅଧିକ ବିବରଣୀ ପାଇଁ, ଦେୟମୁକ୍ତ ହେଲ୍ପଲାଇନ୍ ନମ୍ବର ୧୯୬୭ ରେ ଯୋଗାଯୋଗ କରନ୍ତୁ।

OIPR-7001/7007/2/26-27/0001

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ସମବାୟ ବିଭାଗ | କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର




୧– ଭାଜପା – ୪୫.୮୪%
୨– ଟିଏମ୍ସି – ୪୦.୮%
୩– ସିପିଆଇଏମ୍ – ୪.୪୫%
୪– କଂଗ୍ରେସ – ୨.୯୭%
୫– ଅନ୍ୟ – ୫.୧୬%
୬– ନୋଟା – ୦.୭୮%

ଭୋଟ୍ ହାର
ରାତି ୨ଟା ସୁଦ୍ଧା




୧– ଟିଭିକେ – ୩୪.୯୨%
୨– ଡିଏମ୍କେ –୨୪.୧୯%
୩– ଏଆଇଏଡିଏମ୍କେ – ୨୧.୨୧%
୪– କଂଗ୍ରେସ – ୩.୩୭%
୫– ଭାଜପା – ୨.୯୭%
୬– ଅନ୍ୟ – ୧୨.୯୩%
୭– ନୋଟା – ୦.୪୧%




୧– ଭାଜପା – ୩୭.୮୧%
୨– କଂଗ୍ରେସ – ୨୯.୮୪%
୩– ଏଆଇୟୁଡିଏଫ୍ – ୫.୪୬%
୪– ଏଜିପି – ୬.୪୭%
୫– ଅନ୍ୟ – ୧୯.୧୯%
୬– ନୋଟା – ୧.୨୩%




୧– କଂଗ୍ରେସ – ୨୮.୭୯%
୨– ସିପିଆଇଏମ୍ – ୨୧.୭୭%
୩– ଭାଜପା – ୧୧.୪୨%
୪– ଆଇୟୁଏମ୍ଏଲ୍ – ୧୧.୦୧%
୫– ସିପିଆଇ – ୬.୭୪%
୬– କେଇସି – ୨.୪୩%
୭– ଆର୍ଏସ୍ପି – ୧.୨୧%
୮– ଅନ୍ୟ – ୧୬.୧୬%
୯– ନୋଟା – ୦.୫୭%




୧– ଏଆଇଏନ୍ଆର୍ସି – ୨୩.୧୨%
୨– କଂଗ୍ରେସ – ୧୭.୫୪
୩– ଟିଭିକେ – ୧୬.୭୨
୪– ଡିଏମ୍କେ –୧୩.୭୪
୫– ଭାଜପା – ୧୨.୧୯
୬– ଅନ୍ୟ – ୧୫.୮୭%
୭– ନୋଟା – ୦.୭୭%

# ତାମିଲନାଡୁରେ ବିଜୟଙ୍କ ଅଭ୍ୟୁଦୟ



**ହାଇଦ୍ରାବାଦ/ଚେନ୍ନାଇ,୪।୫(ପି.ଟି.)**

ଅଭିନେତାରୁ ରାଜନେତା ହୋଇଥିବା ଜୋଶେଫ୍ ବିଜୟ ନୂଆ ଦଳ ତାମିଲାଗା ଭେଟ୍ରିକାଝାଗମ୍ (ଟିଭିକେ) ଗଠନ କରିବାର ମାତ୍ର ୨ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ତାମିଲନାଡୁ ବିଧାନସଭା ନିର୍ବାଚନ ଲଢ଼ି ବିପୁଳ ବିଜୟ ସହ ସରକାର ଗଢ଼ିବାକୁ ଯାଉଛି। ପ୍ରଥମ ପଦାର୍ପଣରେ ଟିଭିକେର ଏଭଳି ବଡ଼ ସଫଳତା ସାରା ଦେଶକୁ ବିସ୍ମିତ କରିଛି। ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକପ୍ରିୟ ତେଲୁଗୁ ନେତା ଏନ୍.ଟି. ରାମାରାଓ (ଏନ୍ଟିଆର୍) ଏବଂ ବିଜୟଙ୍କ ମଧ୍ୟରେ ଅନନ୍ୟ ସମାନତା ଦେଖିବାକୁ ମିଳିଛି। ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ପ୍ରତିଷ୍ଠାତା ଏନ୍ଟିଆର୍ ଦଳ ଗଢ଼ିବାର ୨ ବର୍ଷ ମଧ୍ୟରେ ନିର୍ବାଚନୀ ସଫଳତା ହାସଲ କରିଥିଲେ। ତାମିଲନାଡୁରେ ୧୯୭୭ରେ ଏମ୍.ଜି. ରାମଚନ୍ଦ୍ରନ୍ (ଏମ୍ଜିଆର୍) ରାଜନୀତିକୁ ନୂଆ ରୂପ ଦେଇଥିବାବେଳେ ୪୯ ବର୍ଷ ପରେ ବିଜୟ ରାଜ୍ୟର ପ୍ରଥମ ଅଭିନେତାରୁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏମ୍ଜିଆର୍ ସିଧାସଳଖ ସିନେମା ଜଗତରୁ ଆସି ୧୯୭୭ ବିଧାନସଭା ନିର୍ବାଚନରେ ନିଜ ଦଳକୁ ବିପୁଳ ବିଜୟ ଦେବା ସହ ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ୧୯୮୭ରେ ପରଲୋକ ଘଟିବା ପର୍ଯ୍ୟନ୍ତ ୧ ଦଶନ୍ଧି ଧରି କ୍ଷମତାରେ ରହିଥିଲେ।

ତାମିଲନାଡୁରେ ମୁଖ୍ୟତଃ ୨ ଦଳ ଡିଏମ୍କେ ଏବଂ ଏଆଇଏଡିଏମ୍କେ ମଧ୍ୟରେ ଦୀର୍ଘବର୍ଷ ଧରି କ୍ଷମତା ବଦଳ ଲାଗି ରହିଥିବାବେଳେ ଏଥର ସେଥିରେ ବ୍ୟତିକ୍ରମ ଘଟିଛି। କ୍ଷମତାରେ ଥିବା ଡିଏମ୍କେ ଏଥର ପୁଣିଥରେ ବିଜୟୀ ହୋଇ ସରକାର ଗଢ଼ିବା ଆଶା କରାଯାଉଥିଲା। କେବଳ ଆକ୍ସିସ୍ ମାଇଁ ଇଣ୍ଡିଆକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଏକ୍ଜିଟ୍ ପୋଲ୍ ଡିଏମ୍କେ ସପକ୍ଷରେ ମତ ଦେଇଥିଲେ। ତେବେ ସବୁ କଳ୍ପନାଜଳ୍ପନାକୁ ବଦଳାଇ ଦେଇ ଲୋକପ୍ରିୟ ତାମିଲ ସୁପରଷ୍ଟାର ବିଜୟଙ୍କ ଦଳ ୯୭ ଆସନ ଜିତିବା ସହ ୧୦ଟିରେ ଆଗରେ ରହିଛି। ଡିଏମ୍କେ ୭୪ରେ ସୀମିତ ରହିଥିବାବେଳେ ବିରୋଧୀ ଦଳ ଏଆଇଏଡିଏମ୍କେ ୫୩ ଆସନରେ ଆଗରେ ରହିଛି। ଏପରିକି ମୁଖ୍ୟମନ୍ତ୍ରୀ ଥାଇ ଡିଏମ୍କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ନିର୍ବାଚନ ହାରିଯାଇଛନ୍ତି।

ନିର୍ବାଚନ ପୂର୍ବରୁ ଥଲପତି ବିଜୟୀ ଭୋଟରମାନଙ୍କୁ ବହୁ ବଡ଼ ପ୍ରତିଶ୍ରୁତି ଦେଇଥିଲେ, ଯାହା ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପାରେ ବୋଲି କୁହାଯାଉଛି। ସେ ପ୍ରତି ହିତାଧିକାରୀଙ୍କୁ ବିବାହ ବେଳେ ୧.୧୨ ଲକ୍ଷ ଟଙ୍କାର ସୁନା ଦେବେ ବୋଲି କହିବା ସହ ମହିଳାମାନଙ୍କୁ ପ୍ରତି ମାସରେ ୨,୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଟିଭିକେ କ୍ଷମତାକୁ ଆସିଲେ ପ୍ରତି ପରିବାରକୁ ବର୍ଷକୁ ୬ଟି ରନ୍ଧନ ଗ୍ୟାସ୍ ସିଲିଣ୍ଡର ମାଗଣାରେ ଯୋଗାଇଦେବେ ବୋଲି ବିଜୟ କହିଥିଲେ। ଏବେ ଟିଭିକେ ବିଧାନସଭାରେ ଏକକ ସଂଖ୍ୟାଗରିଷ୍ଠ ଦଳ ହେବା ସହ ସରକାର ଗଢ଼ିବାକୁ ଯାଉଥିବାବେଳେ, ବିଜୟ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବାରେ କେତେଦୂର ସଫଳ ହେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ। ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ସରକାର ଗଢ଼ିବା ପାଇଁ କୁହୁକ ସଂଖ୍ୟା ୧୧୮ ହୋଇଥିବାବେଳେ ବିଜୟଙ୍କ ଦଳ ୧୦୮ଟି ଆସନରେ ବିଜୟୀ ହୋଇଛି। ସଂଖ୍ୟାଗରିଷ୍ଠତାଠାରୁ ଟିଭିକେ ୧୦ ଆସନରୁ ପଛରେ ରହିଛି। ତେଣୁ ସରକାର ଗଢ଼ିବାକୁ ହେଲେ ବିଜୟଙ୍କ ଦଳକୁ ଅନ୍ୟ ଦଳର ସହାୟତା ନେବାକୁ ପଡ଼ିବ।

# ଟିଏମ୍ସିର ୧୫ ବର୍ଷ ଶାସନର ଅନ୍ତ

**କୋଲକାତା,୪।୫(ପି.ଟି.)**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ରାଜ୍ୟ ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିଛି। ଏଠାରେ ଭାଜପା ବିପୁଳ ବିଜୟ ହାସଲ ସହ ପ୍ରଥମ ଥର ପାଇଁ ରାଜ୍ୟରେ ସରକାର ଗଢ଼ିବାକୁ ଯାଉଛି। ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ମ୍ୟାଜିକ୍ ସଂଖ୍ୟା ୧୪୮ ହୋଇଥିବାବେଳେ ଗୈରିକ ଦଳ ୨୦୬ ଆସନରେ ବିଜୟୀ ହୋଇଛି। ଫଳରେ ତୃଣମୂଳ କଂଗ୍ରେସ (ଟିଏମ୍ସି)ର ୧୫ ବର୍ଷ ଶାସନର ଅନ୍ତ ଘଟିଛି। ଟିଏମ୍ସି ମାତ୍ର ୮୧ଟି ସିଟ୍‌ରେ ବିଜୟୀ ହୋଇଛି। ଏପରିକି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭବାନୀପୁର ଆସନରେ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ହାରିଯାଇଛନ୍ତି।

ପଶ୍ଚିମବଙ୍ଗରେ ୨ ପର୍ଯ୍ୟାୟରେ ଏପ୍ରିଲ ୨୩ ଓ ୨୯ରେ ଭୋଟଗ୍ରହଣ ହୋଇଥିବାବେଳେ ସର୍ବାଧିକ ୯୨ ପ୍ରତିଶତରୁ ଅଧିକ ମତଦାନ ହୋଇଥିଲା। ରାଜ୍ୟରେ ଚତୁର୍ଥ ଥର ପାଇଁ କ୍ଷମତା ବଜାୟ ରଖିବାକୁ ଟିଏମ୍ସି ଲକ୍ଷ୍ୟ ରଖିଥିବାବେଳେ ବିରୋଧୀ ଦଳ ଭାଜପା ସେଠାରେ କ୍ଷମତା ଦଖଲ କରିବାକୁ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା କରୁଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଓ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ପଶ୍ଚିମବଙ୍ଗରେ ମାରାଥନ ପ୍ରଚାର କରିଥିଲେ। ଅଧିକାଂଶ ଏକ୍ଜିଟ୍ ପୋଲ୍ ଭାଜପା ସପକ୍ଷରେ ମତ ଦେଇଥିବାବେଳେ ୨ଟି ସଂସ୍ଥା ମମତାଙ୍କ ଟିଏମ୍ସି ଜିତିବ ବୋଲି ପୂର୍ବାନୁମାନ କରିଥିଲେ। ତେଣୁ ମମତା କ୍ଷମତା ବଜାୟ ରଖୁଛନ୍ତି କି ନାହିଁ ତାହାକୁ ନେଇ ଶେଷ ପର୍ଯ୍ୟନ୍ତ ଲୋକଙ୍କ ମନରେ ଉତ୍କଣ୍ଠା ଲାଗିରହିଥିଲା।

୨୦୨୧ ନିର୍ବାଚନରେ ୩୮ ପ୍ରତିଶତ ଭୋଟ ସହ ଭାଜପା ୭୭ ଆସନ ଜିତିଥିବାବେଳେ ଏଥର ଭୋଟ ଶେୟାର ପ୍ରାୟ ୪୫%କୁ ବଢ଼ିଛି। ଅନ୍ୟପକ୍ଷରେ ଗତ ବିଧାନସଭା ନିର୍ବାଚନରେ ଶାସକ ଟିଏମ୍ସି ୪୮ ପ୍ରତିଶତ ଭୋଟ ପାଇଥିବାବେଳେ ଏଥର ତାହା ପାଖାପାଖି ୪୦.୪୯%କୁ ହ୍ରାସ ପାଇଛି। ନନ୍ଦିଗ୍ରାମ ଆସନରେ ମଧ୍ୟ ଶୁଭେନ୍ଦୁ ଅଧିକାରୀ ଟିଏମ୍ସିର ପବିତ୍ର କରଙ୍କଠାରୁ ୧,୫୦୦ରୁ ବିଜୟୀ ହୋଇଛନ୍ତି।



ଆସାମ ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ପରେ ଗୁଆହାଟୀସ୍ଥିତ ଦଳର ମୁଖ୍ୟାଳୟରେ ଦଳୀୟ କର୍ମୀମାନେ ଉତ୍ସବ ମନାଉଛନ୍ତି।

# ପ୍ରତିଶୋଧ ନୁହେଁ, ପରିବର୍ତ୍ତନର ସମୟ: ମୋଦି

**ନୂଆଦିଲ୍ଲୀ,୪।୫**



ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାଜପା ପ୍ରଥମ ଥର ବିଜୟୀ ହେବା ପରେ ରାଜ୍ୟ ଶେଷରେ ଭୟମୁକ୍ତ ହେଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳ ମୁଖ୍ୟାଳୟରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏହା ପ୍ରତିଶୋଧ ନୁହେଁ, ପରବର୍ତ୍ତନର ସମୟ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ସମସ୍ତ ଦଳ ରାଜନୈତିକ ହିଂସା ସଂସ୍କୃତିକୁ ପରିତ୍ୟାଗ କରି ରାଜ୍ୟର ଭବିଷ୍ୟତ ଉପରେ ଧ୍ୟାନ ଦେବାକୁ ଅପିଲ କରିଛନ୍ତି।

ପଶ୍ଚିମବଙ୍ଗ ନିର୍ବାଚନ ସବୁଦିନ ପାଇଁ ମନେ ରହିବ ବୋଲି ଫଳାଫଳ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଜନଶକ୍ତିର ବିଜୟ ହୋଇଛି ଓ ଭାଜପାର ସୁଶାସନ ରାଜନୀତି ଜିତିଛି। ପଶ୍ଚିମବଙ୍ଗରେ ପଦ୍ମ ଫୁଟିଛି ବୋଲି ପ୍ରଧାନମନ୍ତ୍ରୀ ସୋମବାର ସନ୍ଧ୍ୟାରେ କହିବା ସହ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ମଥାନତ କରୁଛି ବୋଲି କହିଛନ୍ତି। ପଶ୍ଚିମବଙ୍ଗରେ ଭାଜପାକୁ ମିଳିଥିବା ବିପୁଳ ଜନମତକୁ ପ୍ରଧାନମନ୍ତ୍ରୀ ଅଭୂତପୂର୍ବ କହିବା ସହ ଭାଜପା ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ସବୁପ୍ରକାର ପ୍ରୟାସ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# କେରଳରେ କ୍ଷମତାକୁ ଫେରିଲା ୟୁଡିଏଫ୍

**ଥିରୁଭାନନ୍ତପୁରମ୍,୪।୫**

କେରଳମ୍ ବିଧାନସଭା ନିର୍ବାଚନରେ ବାମଦଳ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ପରାଜୟର ସମ୍ମୁଖୀନ ହୋଇଥିବାବେଳେ କଂଗ୍ରେସ ନେତୃତ୍ୱରେ ୟୁଡିଏଫ୍ କ୍ଷମତାକୁ ଫେରିବାକୁ ଯାଉଛି। ୧୪୦ ଆସନ ବିଶିଷ୍ଟ କେରଳମ୍ ବିଧାନସଭାରେ ୟୁଡିଏଫ୍ ୯୯ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିବାବେଳେ ଏଲ୍‌ଡିଏଫ୍ ୩୫ ଆସନରେ ସୀମିତ ରହିଛି। ଭାଜପା ୩ଟି ଆସନ ଜିତିଥିବାବେଳେ ଅନ୍ୟ ଦଳକୁ ୩ ଆସନ ଯାଇଛି। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ନେତୃତ୍ୱରେ ୨୦୧୬ରୁ କେରଳରେ ଏଲ୍‌ଡିଏଫ୍ ସରକାର ଶାସନରେ ରହିଥିଲା। ଏଥର ତୃତୀୟ ଥର ପାଇଁ କ୍ଷମତା ହାସଲ କରିବାକୁ ଲଢୁଥିବା ଏଲ୍‌ଡିଏଫ୍ ପରାଜିତ ହୋଇଛି। ଚଳିତ ନିର୍ବାଚନରେ କଂଗ୍ରେସ ୬୩ ଆସନ ଜିତିଥିବାବେଳେ ସିପିଆଇ(ଏମ୍) ୨୫ ଆସନ ଜିତି ଗୋଟିଏରେ ଆଗରେ ରହିଛି। ସିପିଆଇ ୭ ଆସନ ଜିତିଥିବାବେଳେ ଇଣ୍ଡିଆନ୍ ୟୁନିୟନ ମୁସ୍‌ଲିମ୍ ଲିଗ୍ (ଆଇୟୁଏମ୍ଏଲ୍) ୨୦ ଆସନରେ ବିଜୟୀ ହୋଇଛି। ବିଜୟନଙ୍କ କ୍ୟାବିନେଟ୍‌ର ୨୧ ମନ୍ତ୍ରୀଙ୍କ ମଧ୍ୟରୁ ୧୩ ହାରିଯାଇଛନ୍ତି।



କେରଳ ନିର୍ବାଚନରେ ୟୁଡିଏଫ୍‌ର ବିଜୟ ପରେ ଥିରୁଭାନନ୍ତପୁରମ୍‌ସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦଳୀୟ ନେତାମାନେ ଖୁସି ମନାଉଛନ୍ତି।

## ପ୍ରମୁଖ ବିଜୟୀ

- ➩ବିଜୟ (ଟିଭିକେ) ପେରୁମ୍ବୁର, ତିରୁଚିରାପଲ୍ଲୀ(ପୂର୍ବ)
- ➩ଇ.କେ.ପାଲାନିସ୍ୱାମୀ (ଏଆଇଡିଏମ୍କେ) ଏଡାପାଡ଼ି
- ➩ସେନ୍ଥି ବାଲାଜି (ଡିଏମ୍କେ) କୋଏମ୍ବାଟୁର ସାଉଥ୍
- ➩ମଧାର ବଧୁଚରୁଦ୍ଦିନ୍ (ଟିଭିକେ) ମଦୁରାଇ ସେଣ୍ଟ୍ରାଲ
- ➩ହୁମାୟୁନ୍ କବୀର(ଏଜେୟୁପି) ନଓଡ଼ା, ରେଜିନାନଗର
- ➩ନିବେଦିତା ଚୌଧୁରୀ (ଟିଏମ୍ସି) ହାଓଡା ଦକ୍ଷିଣ
- ➩ହିମନ୍ତନାଥ ଗୋସ୍ୱାମୀ(ଭାଜପା) ଜୋରହାଟ

## ପ୍ରମୁଖ ପରାଜିତ

- ➩ମମତା ବାନାର୍ଜୀ(ଟିଏମ୍ସି) ଭବାନୀପୁର
- ➩ଏମ୍.କେ. ଷ୍ଟାଲିନ୍(ଡିଏମ୍କେ) କୋଲାଥୁର
- ➩ଗୌରବ ଗୋଗୋଇ(କଂଗ୍ରେସ) ଜୋରହାଟ
- ➩ଶୁଭାଶିଷ ଚକ୍ରବର୍ତ୍ତୀ(ଟିଏମ୍ସି) ବେହେଲା ପୂର୍ବ
- ➩ସାଓନି ସିଂ ରାୟ (ଟିଏମ୍ସି) ମୁର୍ଶିଦାବାଦ

# ଆସାମରେ ଭାଜପାର ହ୍ୟାଟ୍ରିକ୍

**ଗୁଆହାଟୀ,୪।୫(ପି.ଟି.)**

ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଆସାମର ୧୨୬ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ନେତୃତ୍ୱରେ ଏନ୍‌ଡିଏ କ୍ରମାଗତ ତୃତୀୟ ଥର ପାଇଁ ବିଜୟୀ ହୋଇ ହ୍ୟାଟ୍ରିକ୍ କରିବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱରେ ଭାଜପା ଶତାଧିକ ଆସନରେ ଜିତି ପୁନର୍ବାର ସରକାର ଗଢ଼ିବାକୁ ଯାଉଛି। ତେବେ ୧୦ ବର୍ଷ ପରେ ପୁଣିଥରେ କ୍ଷମତାକୁ ଫେରିବା ଲାଗି ଆଶା ରଖିଥିବା କଂଗ୍ରେସ ପରାଜୟର ସମ୍ମୁଖୀନ ହୋଇଛି। ଏପରିକି ଦଳର ବରିଷ୍ଠ ନେତା ଗୌରବ ଗୋଗୋଇ ମଧ୍ୟ ନିର୍ବାଚନ ହାରିଯାଇଛନ୍ତି। ନିର୍ବାଚନରେ ଭାଜପା ବିଜୟୀ ହେବ ବୋଲି ପ୍ରାୟ ସବୁ ଏକ୍ଜିଟ୍ ପୋଲ୍ ପୂର୍ବାନୁମାନ କରିଥିଲେ।

ଆସାମ ନିର୍ବାଚନରେ ଏନ୍‌ଡିଏ ୧୦୨ ଆସନରେ ବିଜୟୀ ହୋଇଥିବାବେଳେ କଂଗେସ ୨୧ ଏବଂ ଅନ୍ୟାନ୍ୟ ଦଳ ୩ଟି ଆସନରେ ଜିତିଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ଜାଲୁକବାରି ଆସନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୮୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ତାଙ୍କ କ୍ୟାବିନେଟ୍‌ର ପିଜୁଶ ହଜାରିକା, ରାନୋଜ ପେଗୁ, ଅଜନ୍ତା ନିଓଗ ଏବଂ ଅତୁଲ ବୋରା ପ୍ରମୁଖ ବିଜୟୀ ହୋଇଛନ୍ତି। ହଜାରିକା ଜଗିରୋଡ୍ ଆସନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବବୁଲ୍ ଦାସଙ୍କୁ ୯୩,୫୮୪ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ଅନ୍ୟ ସହଯୋଗୀ ଦଳ ହେଲେ ଆସମ ଗଣ ପରିଷଦ (ଏଜିପି) ଏବଂ ବୋଡୋ ପିପୁଲ୍ସ ଫ୍ରଣ୍ଟ (ବିପିଏଫ୍)। ଭାଜପା ୯୦ ଆସନରେ ପ୍ରାର୍ଥୀ ଦେଇଥିବାବେଳେ ଏଜିପି ୨୬ ଏବଂ ବିପିଏଫ୍ ୧୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ବିରୋଧୀ ମେଣ୍ଟରୁ କଂଗ୍ରେସ ୯୯, ରାଇଜୋର ଦଳ ୧୩, ଆସାମ ଜାତୀୟ ପରିଷଦ ୧୦, ସିପିଆଇ(ଏମ୍) ୩ ଏବଂ ଅଲ୍ ପାର୍ଟି ହିଲ୍ ଲିଡର୍ସ କନ୍‌ଫରେନ୍ସ ୨ଟି ଆସନରେ ପ୍ରାର୍ଥୀ ଦେଇଥିଲା।

## ପରାଜୟ ଗୁଜବ: ତଣ୍ଟି କାଟିଲେ ବିଜୟଙ୍କ ପ୍ରଶଂସକ

**କ୍ରିଷ୍ଣଗିରି,୪।୫**

ତାମିଲନାଡୁରେ ଭୋଟ ଗଣତି ଆରମ୍ଭ ହେବାବେଳେ ଅଭିନେତା ତଥା ଟିଭିକେ ପାର୍ଟି ନେତା ବିଜୟ ହାରିଯିବେ ବୋଲି ଗୁଜବ ପ୍ରଚାରିତ ହୋଇଥିଲା। ଏଥିରେ ମ୍ରିୟମାଣ ହୋଇ ବିଜୟଙ୍କ ଜଣେ ପ୍ରଶଂସକ କ୍ରିଷ୍ଣଗିରି ଅଞ୍ଚଳର କେ. ମହେନ୍ଦ୍ରନ (୨୮) ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ତାଙ୍କ ତଣ୍ଟି କାଟିଦେଇଥିବାବେଳେ ଗୁରୁତର ଅବସ୍ଥାରେ କ୍ରିଷ୍ଣଗିରି ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# କେରଳରେ ନୋଟାକୁ ୧.୨୩ ଲକ୍ଷ ଭୋଟ

**ଥିରୁଭାନନ୍ତପୁରମ୍,୪।୫**

କେରଳ ବିଧାନସଭା ନିର୍ବାଚନରେ ୧.୨୩ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ ନନ୍ ଅଫ୍ ଦି ଏବଭ୍ (ନୋଟା)କୁ ଯାଇଛି। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁଯାୟୀ ରାଜ୍ୟର ୧,୨୩,୦୬୭ ଜଣ ଭୋଟର ମତଦାନ ବେଳେ ନୋଟା ବଟନ୍ ଦବାଇଛନ୍ତି। ୨୦୨୧ ନିର୍ବାଚନରେ ନୋଟାକୁ ୯୭,୬୯୩ ଭୋଟ ଯାଇଥିଲା। ୨୦୨୬ ନିର୍ବାଚନରେ ଯେତିକି ମତଦାନ ହୋଇଛି ତାହାର ୦.୫୭ ପ୍ରତିଶତ ନୋଟାରେ ପଡ଼ିଛି। ୨୦୨୧ରେ ଏହି ହାର ୦.୪୭ ପ୍ରତିଶତ ଥିଲା। ସୂଚନାଯୋଗ୍ୟ, ୨୦୨୪ ଲୋକ ସଭା ନିର୍ବାଚନ ବେଳେ କେରଳର ୧,୫୬,୫୮୫ ଭୋଟର (୦.୭୯ ପ୍ରତିଶତ) ନୋଟାରେ ଭୋଟ ଦେଇଥିଲେ। ନିର୍ବାଚନ ଲଢୁଥିବା କୌଣସି ପ୍ରାର୍ଥୀ ଭୋଟରଙ୍କ ପସନ୍ଦ ନ ହେଲେ ସେମାନେ କାହାକୁ ଚାହାନ୍ତି ନାହିଁ ବୋଲି ଜଣାଇବା ପାଇଁ ନୋଟା ବଟନ୍ ଦବାଇବା ବ୍ୟବସ୍ଥା ଇଭିଏମ୍‌ରେ ରହିଛି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years



# ହାଇୱା ପଛକୁ ପିଟିଲା ବୋଲେରୋ, ୫ ମୃତ

## ବିବାହ ଭୋଜିଖାଇ ଫେରିବା ବେଳେ ଦୁର୍ଘଟଣା

### ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଲେଖାଏ ସହାୟତା

ଯାଜପୁର/ଧର୍ମଶାଳା/ଚଢ଼େଇଧରା, ୪।୫(ହର୍ଷବର୍ଦ୍ଧନ ବେହେରା/ବଟକୃଷ୍ଣ ପରିଡ଼ା/ଦିଲ୍ଲୀପ କୁମାର ପରିଡ଼ା)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ବରଡ଼ା ଛକ ପେଟ୍ରୋଲ ପମ୍ପ ସମ୍ମୁଖରେ ସୋମବାର ସକାଳ ପ୍ରାୟ ସାଢ଼େ ୯ଟାରେ ଏକ ସଡ଼କ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଶାସନର କାହ୍ନ ପୂର୍ତ୍ତି(୪୫), ନମିତା ନାଏକ(୩୫), ଗୀତା ପୂର୍ତ୍ତି(୩୮), ବର୍ଲା ମୁଣ୍ଡା(୩୫) ଓ ମାଳତୀ ମୁଣ୍ଡା(୧୪)। ଏଥିରେ ବୋଲେରୋ ଡ୍ରାଇଭର ଜୟନ୍ତ ସାହୁ(୨୫), ଜୀବନ ପୂର୍ତ୍ତି(୨୭), ଜମୁନୀ କୁଲି(୩୨), ଲକ୍ଷ୍ମୀ ତିରିଆ(୩୯), ଲଭ୍ଲି ସୋରେନ(୨୮), ଉପେନ୍ଦ୍ର ମୁଣ୍ଡା(୨୯) ଓ ରତ୍ନାକର ମୁଣ୍ଡା(୩୯)ଙ୍କ ସହ ୨ ଶିଶୁକନ୍ୟା ଯମୁନା କୁଲି(୪) ଓ କଲ୍ୟାଣୀ କୁଲି(ଦେଢ଼ବର୍ଷ) ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବଡ଼ଚଣା ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଯାଜପୁର ରୋଡ୍ ଏସ୍‌ଡିପିଓ ଶରତ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ନିରୀକ୍ଷଣ କରିଥିଲେ।



ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ବୋଲେରୋ।

ସୂଚନା ଅନୁସାରେ, ବୋଲେରୋ (ନଂ.ଓଡି ୦୨ଏଇ ୦୪୨୯)ରେ ବଡ଼ଚଣା ଥାନା ପୁରୁଷୋତ୍ତମପୁର ଶାସନ ଗାଁରୁ ଏକ ପରିବାରର ୧୫ ଜଣ ସଦସ୍ୟ କେନ୍ଦୁଝର ଅଞ୍ଚଳକୁ ବାହାଘରକୁ ଯାଇ ଫେରୁଥିଲେ। ସୋମବାର ସକାଳେ ସେମାନେ ବରଡ଼ା ଛକ ନିକଟରେ ପହଞ୍ଚି ଥିବାବେଳେ ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବା ଏକ ଚିପ୍ସ ବୋଝେଇ ହାଇୱା ପଛ ପଟରେ ବୋଲେରୋ ଧକ୍କା ଦେଇଥିଲା। ବୋଲେରୋରେ ବସିଥିବା ଯାତ୍ରୀମାନେ ଏଣେତେଣେ ଛିଟିକି ପଡ଼ିଥିଲେ। ଏହା ଦେଖି ଚିପ୍ସ ବୋଝେଇ ହାଇୱାକୁ ନେଇ ଡ୍ରାଇଭର ସେଠାରୁ ଦ୍ରୁତଗତିରେ ପଳାଇ ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ମୃତଦେହଗୁଡ଼ିକ ☞ପୃଷ୍ଠା-୭

# ଡଲାର ତୁଳନାରେ ଟଙ୍କାର ସର୍ବକାଳୀନ ମୂଲ୍ୟ ହ୍ରାସ

### ୧ ଡଲାର = ୯୫.୨୩ ଟଙ୍କା

ମୁମ୍ବାଇ,୪।୫

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟ ସୋମବାର ୩୯ ପଇସା ହ୍ରାସ ପାଇ ସର୍ବକାଳୀନ ନିମ୍ନ ସ୍ତରରେ ପହଞ୍ଚିଛି। ୧ ଡଲାର ମୂଲ୍ୟ ସୋମବାର ୯୫ ଟଙ୍କା ୨୩ ପଇସା ହୋଇଛି। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଥିବାରୁ ବିଶ୍ୱ ଷ୍ଟକ୍ ମାର୍କେଟରେ ଅସ୍ଥିରତା, ତୈଳ ଦରରେ ଅତ୍ୟଧିକ ବୃଦ୍ଧି ଏବଂ ମୁଦ୍ରାସ୍ଫୀତି ବଢ଼ିବା ଓ ଆର୍ଥିକ ମାନ୍ଦାବସ୍ଥା ଦେବା ଆଶଙ୍କା ରହିଥିବାରୁ ଭାରତୀୟ ମୁଦ୍ରା ମୂଲ୍ୟ ହ୍ରାସ ପାଇ ଚାଲିଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ଯୋଗୁ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଥିବାବେଳେ ବ୍ରେଣ୍ଟ ତୈଳ ବ୍ୟାରେଲ୍ ପ୍ରତି ଦର ପାଖାପାଖି ୧୧୦ ଡଲାର ରହିଛି। ଫଳରେ ଭାରତ ଭଳି ତୈଳ ଆମଦାନୀ କରୁଥିବା ଦେଶଗୁଡ଼ିକର ଅର୍ଥନୀତି ପ୍ରଭାବିତ ହୋଇଛି। ଭୂରାଜନୈତିକ ଅସ୍ଥିରତା ବଢ଼ିବା ସହ ଅବାରିତ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ନିବେଶକମାନଙ୍କ ମନୋବଳକୁ ଦୁର୍ବଳ କରିଦେଇଥିବା ଫରେକ୍ସ ଟ୍ରେଡରମାନେ ମତ ଦେଇଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ ସୋମବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୪.୯୫ରୁ ଆରମ୍ଭ ହୋଇ କାରବାର ଶେଷ ବେଳକୁ ୯୫.୨୩ରେ ପହଞ୍ଚିଥିଲା। ପୂର୍ବ କାରବାର ଦିବସ ତୁଳନାରେ ଟଙ୍କା ମୂଲ୍ୟ ୩୯ ପଇସା ହ୍ରାସ ପାଇଛି। ଗତ ଗୁରୁବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୪.୮୪ ରହିଥିଲା। ମହାରାଷ୍ଟ୍ର ଦିବସ ପାଇଁ ଶୁକ୍ରବାର ଷ୍ଟକ୍ ମାର୍କେଟ ଓ ମୁଦ୍ରା ବଜାର ବନ୍ଦ ରହିଥିବାବେଳେ ଶନିବାର ଓ ରବିବାର ବନ୍ଦ ଥିଲା।

# ଓଡ଼ିଶା ବିଚାରପତିଙ୍କ ନକାରାତ୍ମକ ସର୍ତ୍ତକୁ ସୁପ୍ରିମ୍ କୋର୍ଟଙ୍କ ଭର୍ତ୍ସନା

କଟକ, ୪।୫(କାର୍ତ୍ତିକ ସାହୁ)



ରାୟଗଡ଼ା ଜିଲା କାଶୀପୁର ଥାନା ଭଙ୍ଗାରୁଜା ଘଟଣାରେ ଗିରଫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ହାଇକୋର୍ଟ ୨୦୨୫ ମେ ୯ତାରିଖରେ ଦେଇଥିବା ଆଦେଶକୁ ସୋମବାର ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ଜାତିର ଅଭିଯୁକ୍ତଙ୍କୁ ଜାମିନ ପାଇଁ ଥାନା ସଫା କରିବା ଭଳି ସର୍ତ୍ତ ରଖାଯିବା ଘଟଣାରେ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଆଧାର କରି ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଘଟଣାକୁ ନିଜ ଆଡୁ(ସୋ ମୋଟୋ) ଗ୍ରହଣ କରି ଏଭଳି ସର୍ତ୍ତକୁ ଅବୈଧ ବା ନଲ୍ ଆଣ୍ଡ ଭଏଡ୍ ଘୋଷଣା କରିଛନ୍ତି। ଏଥିସହିତ ଏଭଳି କ୍ରୁର ପ୍ରଥାକୁ ବନ୍ଦ କରିବାକୁ ଅଦାଲତଗୁଡ଼ିକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ସର୍ବୋଚ୍ଚ ଅଦାଲତ କହିଛନ୍ତି, ଏଭଳି ସର୍ତ୍ତ ଏକ ପୂର୍ବ ନିର୍ଦ୍ଧାରିତ ମାନସିକତା ଏବଂ ପକ୍ଷପାତକୁ ଦର୍ଶାଉଛି। ଏହା ଓଡ଼ିଶା ନ୍ୟାୟପାଳିକା ଉପରେ ଜାତିଗତ ଭେଦଭାବର ଏକ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ଅତ୍ୟନ୍ତ ଘୃଣ୍ୟ, କ୍ରୂର, ଅପମାନଜନକ ଏବଂ ଆଇନ ବିରୋଧୀ। ଆମ ଦେଶର ନିୟମ ଅନୁସାରେ ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ନିର୍ଦ୍ଦୋଷ ଅଟନ୍ତି। କିଛି ନ୍ୟାୟିକ ଅଧିକାରୀ କେବଳ ଅଭିଯୋଗ ଆଧାରରେ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଦୋଷୀ ବୋଲି ଧରିନେଇ ଏଭଳି ଅମାନୁଷିକ ସର୍ତ୍ତ ରଖିବା ଅତ୍ୟନ୍ତ ନିରାଶାଜନକ। ଖଣ୍ଡପୀଠ ଆହୁରି କହିଛନ୍ତି, ୨୦୨୬ ମସିହାରେ ନ୍ୟାୟପାଳିକା ଯଦି ଏଭଳି ବ୍ୟବହାର କରିବ, ତେବେ ଗତ ୭୫ ବର୍ଷର ସ୍ୱାଧୀନତା ଏବଂ ମୁକ୍ତିର କୌଣସି ଅର୍ଥ ରହିବ ନାହିଁ।

ସୂଚନାଯୋଗ୍ୟ, ରାୟଗଡ଼ା ସିଜିମାଳିରେ ଖଣି ଖନନକୁ ଅଞ୍ଚଳବାସୀ ବିରୋଧ କରି ଆସୁଛନ୍ତି। ହେଲେ ସମ୍ପୃକ୍ତ କମ୍ପାନୀ ପୋଲିସ ଏବଂ ପ୍ରଶାସନକୁ ହାତେଇ ବିରୋଧ ପ୍ରଦର୍ଶନ କରୁଥିବା ଲୋକଙ୍କୁ ଜୁଲୁମ୍ କରୁଛି। ୨୦୨୪ ସେପ୍ଟେମ୍ବର ୧୯ରେ କାର୍ତ୍ତିକ ନାଏକଙ୍କ ଗିରଫଦାରିକୁ ବିରୋଧ କରି କୁମ୍ଭେଶ୍ୱର ନାଏକଙ୍କ ନେତୃତ୍ୱ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦୦ ଲୋକ କାଶୀପୁର ଥାନା ଘେରାଓ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ସ୍ଥାନୀୟ ତହସିଲ୍‌ଦାର ଲୋକମାନଙ୍କୁ ବୁଝାଶୁଝା କରିବା ପରିବର୍ତ୍ତେ ଗିରଫ ଭୟ ଦେଖାଇଥିଲେ। ଏହାପରେ ଲୋକମାନେ ଥାନା ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଥିଲା। ପୋଲିସ କୁମ୍ଭେଶ୍ୱରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ସେ ଏହି ଗିରଫଦାରିରୁ ବିରୋଧ କରି କୋର୍ଟରେ ଜାମିନ ଆବେଦନ ☞ପୃଷ୍ଠା-୭



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିପ୍ଳବୀ ଧରଣୀଧର ନାୟକ(ଭୂୟା)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ଇଏସ୍ଆଇ ହସ୍ପିଟାଲ ଛକ, ସମୟ: ସକାଳ ୮ଟା। –ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ୍ ନଂ ୧ ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୯ଟା। –ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସମୟ: ସନ୍ଧ୍ୟା ୬ଟା।
- ମିରର୍ ଗ୍ରୁପ୍ ପକ୍ଷରୁ ଚଣ୍ଡାଶୋକ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର ୨୫ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଫିଂ ସେଲରେ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ଗଡ଼ ନହରକଣ୍ଟାସ୍ଥିତ ରୁଦ୍ରେଶ୍ୱର ମନ୍ଦିର ସମ୍ମୁଖ ପଡିଆ, ସମୟ: ରାତି ୧୧ଟା।
- ଏଆଇଡିଏସ୍ଓ, ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଛାତ୍ର ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା ୩୦।

**କଟକ**
- ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ: ଆନେକ୍ସ–୧ ସମ୍ମିଳନୀ କକ୍ଷ, ସେଭେନ୍ ପିଲାର୍ସ ଅଫ ୱିଜଡମ୍, ସମୟ: ପୂର୍ବାହ୍ନ ୧୦ଟା।
- ଆଦିବାସୀ ମହୋତ୍ସବ: ପରିଚୟର ଚତୁର୍ଥ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ନୂଆବଜାର ବ୍ୟବସାୟୀ ସଂଘ ପକ୍ଷରୁ ଶ୍ରୀରାମ ଲୀଳା ମହୋତ୍ସବ ଉଦ୍‌ଘାଟନୀ ନାଟକ ପର୍ଶୁରାମ ଭେଟ, ସ୍ଥାନ: ନୂଆବଜାର, ସମୟ: ଅପରାହ୍ନ ୫ଟା।

**ପୁରୀ**
- ବଚ୍‌ପନ ସ୍କୁଲ୍‌ର ସମର କ୍ୟାମ୍ପ, ସ୍ଥାନ: ବିଦ୍ୟାଳୟ ପରିସର, ଦଣ୍ଡତୋଟା, ସମୟ: ସକାଳ ୮ଟା।
- ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ପାଇଁ ଧାରଣା, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ୧୪ତମ ସମର କ୍ୟାମ୍ପ, ସ୍ଥାନ : ଚାରୁ ଓ କାରୁକଳା ମହାବିଦ୍ୟାଳୟ, ବାଲେଶ୍ୱର, ସମୟ : ସକାଳ ୭ଟା।
- ଏଫ୍ଏମ୍‌ୟୁରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ ଟା।
- ଇଣ୍ଡିଆ ଟ୍ରେଡ୍ ଏକ୍ସପୋ–୨୦୨୬, ସ୍ଥାନ : ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ : ଅପରାହ୍ନ ୨ଟା।
- ଷଷ୍ଠ ବାର୍ଷିକ ବୈଶାଖି ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଦୁଧହଂସା ମନ୍ଦିର ପରିସର, ବସ୍ତା, ସମୟ : ଅପରାହ୍ନ ୫ଟା।

**ଭଦ୍ରକ**
- ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ଦାବିରେ ରାସ୍ତାରୋକୋ, ସ୍ଥାନ: ଖଡ଼ିପଦା, ଧାମନଗର, ସମୟ: ସକାଳ ୮ଟା।
- ବିଦ୍ୟାର୍ଥୀ ବିକାଶ ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ବାଗୁରାଇ ଆଦିବାସୀ କଲୋନୀ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବୈଶାଖୀ ମେଳାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ରାତି ୮ଟା।

**କେନ୍ଦୁଝର**
- ୭୧ତମ ସୁଆମ ସତ୍ୟନାରାୟଣ ବାଦି ପାଲା ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ପାଟଣା ବ୍ଲକ ସୁଆମ ଶାସନ ପାଲା ମଣ୍ଡପ, ସମୟ: ରାତ୍ରି ୧୧ଟା।

**ମୟୂରଭଞ୍ଜ**
- ନିଖିଳ ଉତ୍କଳ ଶିକ୍ଷକ ଓ ଶିକ୍ଷା ନୀରିକ୍ଷକ ସଂଘର ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ଆମେ–୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା,ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗଜପତିନଗର ୭ମ ଲାଇନ, ସମୟ: ସକାଳ ୬ଟା।
- କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା, ସ୍ଥାନ: ବାପୁଜୀ ଆଶ୍ରମ, ସମୟ: ଅପରାହ୍ନ ୫ଟା।

**ଜଗତ୍‌ସିଂହପୁର**
- ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଉପଲକ୍ଷେ ସାନ୍ତାଳୀ ପରିବାର ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଜିଲା ପ୍ରଶାସନିକ ଅଧିକାରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ସକାଳ ୭ଟା।

**ଯାଜପୁର**
- ମଙ୍ଗଳପୁର ଦୋକାନଗୃହ ବଣ୍ଟନ ସଂକ୍ରାନ୍ତରେ ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ବୈତରଣୀ ଓ କାଣୀ ନଦୀରେ ବନ୍ୟା ନିୟନ୍ତ୍ରଣ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିରଜା ହାଟ ସଂକ୍ରାନ୍ତରେ ଜିଲା ସହାୟତା ପରାମର୍ଶଦାତା କମିଟି(ଡିସିଏସି) ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ୧୩ ଦିନିଆ ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ଛତିଆ, ଯାଜପୁର, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**
- ଗୋଡିପଡା ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସ ଜଳଯାତ୍ରା ଓ ଆହୁତି ପ୍ରଦାନ, ସ୍ଥାନ:ଗୋଡିପଡା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ:ସକାଳ ୭ଟାରୁ ରାତ୍ର ୧୦ଟା।
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଗୋପୀନାଥପୁର ଶୁଳିଆ ଠାକୁରାଣୀଙ୍କ ପୀଠ, ସମୟ:ସକାଳ ୮ଟା।
- ଚନ୍ଦନ ଯାତ୍ରାର ଶୋଡଷ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ;ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦।
- ଚନ୍ଦନ ଯାତ୍ରା ଶୋଡଷ ଦିବସ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚନ୍ଦନ ଯାତ୍ରା ଶୋଡ଼ଷ ଦିବସ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା।

**ନବରଙ୍ଗପୁର**
- ଆମ ହସ୍ପିଟାଲ ଜିଲାସ୍ତରୀୟ ବୈଠକ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ମେଧାବୀ ଅଭିନନ୍ଦନ, ସ୍ଥାନ: ସରସ୍ୱତି ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା।

**କୋରାପୁଟ**
- ରଥଚକ ଶୁଭ ଉଦ୍‌ଘାଟନ, ସ୍ଥାନ: କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ମ୍ୟୁନିସିପାଲିଟି ବିକାଶମୂଳକ ପ୍ରକଳ୍ପ ଶୁଭାରମ୍ଭ, ସ୍ଥାନ: କୋରାପୁଟ ସହର, ସମୟ: ଅପରାହ୍ନ ୧ଟା।
- ରାଜ୍ୟ ଆଇନମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ସର୍କିଟ ହାଉସ, କୋରାପୁଟ, ସମୟ: ଅପରାହ୍ନ ୨ଟା।

**ସମ୍ବଲପୁର**
- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ନିଃଶୁଳ୍କ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର, ବିନାଖଣ୍ଡିସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ଗୌରୀଶଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂଜାର୍ଚ୍ଚନା, ସ୍ଥାନ: ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମର ଆରଆର କଲୋନୀ, ସମୟ: ସକାଳ ୮ଟା।
- କଲମ ପରିବାର ଟ୍ରଷ୍ଟର ବୈଠକ, ସ୍ଥାନ: ସାମକବାଦିକ ଭବନ, ସମୟ: ସକାଳ ୯ଟା।

**ବଲାଙ୍ଗୀର**
- ଖୋ ଖୋ ପ୍ରଶିକ୍ଷଣ ଶିବିର, ସ୍ଥାନ: ପୋଲିସ ହାଇସ୍କୁଲ ପରିସର, ବଲାଙ୍ଗୀର, ସମୟ: ସକାଳ ୬ଟା।
- ସଙ୍ଗୀତ ମହାବିଦ୍ୟାଳୟ 'ପଞ୍ଚମ'ର ୩୦ ତମ ବାର୍ଷିକ ଉତ୍ସବ, ସ୍ଥାନ: କୋଶଳ କଳା ମଣ୍ଡପ ପଡ଼ିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

**ରାଉରକେଲା**
- ଗ୍ରୀଷ୍ମକାଳୀନ ତାଲିମ ଶିବିରର ୫ମ ଦିବସ, ସ୍ଥାନ: ଉଦିତନଗର ମିନି ଷ୍ଟାଡିୟମ୍, ସମୟ: ପ୍ରାତଃ ୫ଟା ୪୫।
- ଇଣ୍ଟରନଶେନାଲ ଟ୍ରେଡ୍ ଫେୟାର ୧୧ତମ ଦିବସ, ସ୍ଥାନ: ସେକ୍ଟର– –୧୩ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ମହାପ୍ରଭୁଙ୍କ ଚାପଖେଳ, ସ୍ଥାନ: ସେକ୍ଟର–୩ ଶ୍ରୀ ଶ୍ରୀ ଅହିରାବନ୍ଧ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ବରଗଡ଼ ଜିଲା ପ୍ରିମିୟର ଲିଗ୍, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୪ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସାହୁଟିକ୍ରା (ତୋରା), ବରଗଡ଼, ସମୟ:ଅପରାହ୍ନ ୫ଟା।

**କଳାହାଣ୍ଡି**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ବିଜୟ ଉତ୍ସବ, ସ୍ଥାନ: ଭବାନୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ଗାଁ, ସମୟ: ସକାଳ ୮ଟା ୫୧।
- ବାନରସେନା ସାମାଜିକ ସଂଗଠନ ଓ ମଦର ଟେରେସା ସେବା ସଂଗଠନ ପକ୍ଷରୁ ରଜ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ପଣ୍ଡରାପଥର ଗାଁ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି ଓ ଯଜ୍ଞାନ୍ନ ସେବନ, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ କରଙ୍ଗାଭଟା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଚଳିତବର୍ଷ ମାଟ୍ରିକ ଏ–୧ ଓ ଏ–୨ରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ନ୍ୟାଶନାଲ ମାଧ୍ୟମିକ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ୩ୟ ବର୍ଷ ପୂର୍ତ୍ତି ଉପଲକ୍ଷେ ବୈଠକୀ କୀର୍ତ୍ତନ, ସ୍ଥାନ: କୋମନା ବ୍ଲକ ଡେଡେଙ୍ଗା ଗାଁ, ସମୟ: ସନ୍ଧ୍ୟା ୭ଟା।
- ଚନ୍ଦନ ଯାତ୍ରା ଉପଲକ୍ଷେ ନାଟକ କୀଚକବଧ, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ ଡୁମେରବାହାଲ, ସମୟ: ରାତ୍ର ୯ଟା ୩୦।

# ୬ରୁ କଂଗ୍ରେସର 'ଗାନ୍ଧୀ ପଥେ ନ୍ୟାୟ ଯାତ୍ରା'

## ଜେଏସ୍‌ଡବ୍ଲ୍ୟୁ ପ୍ଲାଣ୍ଟ ଯୋଗୁ ଢିଙ୍କିଆବାସୀ କ୍ଷତିଗ୍ରସ୍ତ



ଜଗତ୍‌ସିଂହପୁର,୪।୫(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଅଞ୍ଚଳର ଅଧିବାସୀମାନେ ବିଶେଷକରି ଜଳ, ଜମି, ଜଙ୍ଗଲ, ଧାନ, ପାନ ଓ ମୀନକୁ ଜୀବିକା ଭାବେ ଗ୍ରହଣ କରିଥାନ୍ତି। କିନ୍ତୁ ଉକ୍ତ ଅଞ୍ଚଳରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ପ୍ଲାଣ୍ଟ ସ୍ଥାପନା ହେବା ଦ୍ୱାରା ଢିଙ୍କିଆବାସୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କୁ ସାମାଜିକ ନ୍ୟାୟ ଦେବା ଦାବିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ଅଣ୍ଟା ଭିଡିଛି। ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଆସନ୍ତା ୬ରୁ ୧୪ ତାରିଖ ପର୍ଯ୍ୟନ୍ତ 'ଗାନ୍ଧୀ ପଥେ ନ୍ୟାୟ ଯାତ୍ରା' କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଯାତ୍ରା ଢିଙ୍କିଆରୁ ବାହାରି ରାଜଭବନ ପର୍ଯ୍ୟନ୍ତ ଯିବାକୁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମକୁ ଜିଲାରେ ସଫଳ କରିବା ପାଇଁ ଅଧିକ ସଂଖ୍ୟକ ଦଳୀୟ ନେତା ଓ କର୍ମୀଙ୍କୁ ସାମିଲ କରିବାକୁ ଜିଲା କଂଗ୍ରେସ କମିଟି (ଡିସିସି) ପକ୍ଷରୁ ସର୍କିଟ ହାଉସ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିସିସି ସଭାପତି ଦେବ ପ୍ରସାଦ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ୬ ତାରିଖ ସକାଳ ୭ଟାରୁ ଢିଙ୍କିଆରୁ ଏହି ଯାତ୍ରା ବାହାରି ଏରସମା, ମଣିଜଙ୍ଗା, ରଘୁନାଥପୁର ଓ ସୋମପୁର ଦେଇ ଭୁବନେଶ୍ୱର ଯିବ। ଯାତ୍ରା ସମୟରେ ବିଭିନ୍ନ ଛକ, ବଜାରରେ ଦଳୀୟ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ଡିସିସି ସଭାପତି ନଟବର ବାରିକ, ଉପସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ଜଗତ୍‌ସିଂହପୁର ବ୍ଲକ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ରାଗିଗଲେ କଙ୍ଗନା



ଅଭିନେତ୍ରୀ କଙ୍ଗନା ରାଣାୱତ ପୁଣି ଚର୍ଚ୍ଚାରେ। ନିକଟରେ କଙ୍ଗନା ଏବଂ ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଏକ ରିପୋର୍ଟ ଭାଇରାଲ ହୋଇଛି। ଏହି ରିପୋର୍ଟ ପଢ଼ିବା ପରେ କଙ୍ଗନା ରାଗରେ ନିଆଁବାଣ ହୋଇଛନ୍ତି। ଏହି ଖବରକୁ ସମ୍ପୂର୍ଣ୍ଣ ଗୁଜବ ବୋଲି ସେ କହିଛନ୍ତି। ରିପୋର୍ଟରେ କୁହାଯାଇଥିଲା ଯଦି ରାହୁଲ ଗାନ୍ଧୀ ଭାଜପାରେ ଯୋଗ ଦିଅନ୍ତି, ତେବେ କଙ୍ଗନା ତାଙ୍କୁ ବିବାହ କରିବାକୁ ପ୍ରସ୍ତୁତ। ଏହି ରିପୋର୍ଟ ପଢ଼ି କଙ୍ଗନା ରାଗିଯାଇ କହିଛନ୍ତି, ଏହି ମିଥ୍ୟା ଖବର କେତେ ଲଜ୍ଜାଜନକ ! ରାଜନୀତିରେ ମଧ ମହିଳାଙ୍କ ପାଇଁ କୌଣସି ମର୍ଯ୍ୟାଦା ନାହିଁ। ଏପରି ମିଥ୍ୟା ଖବର ପ୍ରଚାର କରୁଥିବା ଲୋକଙ୍କୁ ଲଜ୍ଜା ଲାଗିବା କଥା। କଙ୍ଗନା କେବଳ ଜଣେ ଲୋକପ୍ରିୟ ଅଭିନେତ୍ରୀ ନୁହନ୍ତି, ଏବେ ରାଜନୀତିରେ ମଧ ସକ୍ରିୟ ଅଛନ୍ତି। ଏବେ ସେ ଭାଜପା ଏମ୍‌ପି। ତେବେ ତାଙ୍କର ସ୍ପଷ୍ଟବାଦୀ ବୟାନ ପାଇଁ ପ୍ରାୟତଃ ସେ ଚର୍ଚ୍ଚାରେ ରହିଥାନ୍ତି। ଶେଷ ଥର ପାଇଁ କଙ୍ଗନା 'ଏମରଜେନ୍ସି'ଚଳଚ୍ଚିତ୍ରରେ ନଜର ଆସିଥିଲେ। ସେ ନିଜେ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଏବଂ ପ୍ରଯୋଜନା କରିଥିଲେ। ଏଥିରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଅଭିନୟ କରିଥିଲେ। ଚଳଚ୍ଚିତ୍ରଟି ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରି ନ ଥିଲା ; ତଥାପି କଙ୍ଗନାଙ୍କ ଅଭିନୟକୁ ପ୍ରଶଂସା ମିଳିଥିଲା।

# ପଣ୍ଡିଚେରୀରେ କ୍ଷମତା ବଜାୟ ରଖିଲା ଏନ୍‌ଡିଏ

ପଣ୍ଡିଚେରୀ,୪।୫

ପଣ୍ଡିଚେରୀ କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ଅଲ୍ ଇଣ୍ଡିଆ ଏନ୍.ଆର୍. କଂଗ୍ରେସ ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନ୍‌ଡିଏ) କ୍ରମାଗତ ଦ୍ୱିତୀୟ ଥର ପାଇଁ କ୍ଷମତା ବଜାୟ ରଖିବାକୁ ଯାଉଛି। ଏଆଇଏନ୍‌ଆର୍‌ସି ନେତା ତଥା ମୁଖ୍ୟମନ୍ତ୍ରୀ ଏନ୍ ରଙ୍ଗାସ୍ୱାମୀ ଉଭୟ ଥାଟ୍ଟନଚାଭେଡି ଏବଂ ମଙ୍ଗଲମ୍ ଆସନରୁ ବିଜୟୀ ହୋଇଛନ୍ତି। ୩୦ ଆସନ ବିଶିଷ୍ଟ ବିଧାନସଭାରେ ଏନ୍‌ଡିଏ ୧୮ ଆସନ ଜିତିଥିବାବେଳେ କଂଗ୍ରେସ ୬ ଓ ଅନ୍ୟାନ୍ୟ ଦଳକୁ ୬ ଆସନ ମିଳିଛି। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତି ୫ ବର୍ଷରେ କ୍ଷମତା ବଦଳର ଯେଉଁ ଧାରା ଲାଗିରହିଥିଲା, ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ପଣ୍ଡିଚେରୀ ବିଧାନସଭା ନିର୍ବାଚନରେ ପାଖାପାଖି ୯୦% ମତଦାନ ହୋଇଥିଲା। ଏନ୍‌ଡିଏର ସୁଶାସନ, କଲ୍ୟାଣକାରୀ ଯୋଜନା ଏବଂ ସ୍ଥିରତା ଏହାକୁ ପୁନର୍ବାର କ୍ଷମତାରେ ରଖିବା ପାଇଁ ସୁଯୋଗ ଦେଇଛି।

# ପଶ୍ଚିମବଙ୍ଗରେ...

ପ୍ରଥମ ପୃଷ୍ଠାରୁ...

ଭେଟ୍ରି କାଜାଗମ୍ (ଟିଭିକେ)ର ଅଭ୍ୟୁଦୟ ତାମିଲନାଡୁ ରାଜନୀତିରେ ନୂଆ ଇତିହାସ ରଚିଛି। ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ ଏବଂ କେରଳମ୍ ଆଦି ୪ ରାଜ୍ୟ ସମେତ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ଏପ୍ରିଲରେ ହୋଇଥିବା ବିଧାନସଭା ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି। ନିର୍ବାଚନ ପ୍ରକ୍ରିୟା ଶେଷ ହେବାପରେ ଏହି ୪ ରାଜ୍ୟ ଏବଂ ପଣ୍ଡିଚେରୀକୁ ନେଇ ବିଭିନ୍ନ ଏଜେନ୍ସି ପକ୍ଷରୁ ଏକ୍ଜିଟ୍ ପୋଲରେ ଯେଉଁ ଆକଳନ କରାଯାଇଥିଲା ତାହା ଅନେକାଂଶରେ ' ଏକଜାଟ୍' ବା ସତ ହୋଇଛି। ପଶ୍ଚିମବଙ୍ଗ ଓ ଆସାମରେ ଭାଜପା ପୂର୍ଣ୍ଣସଂଖ୍ୟାଗରିଷ୍ଠତା ହାସଲ କରିବା ସହ ପଣ୍ଡିଚେରୀରେ ଏନ୍‌ଡିଏ ବିଜୟୀ ହୋଇ ସରକାର ଗଠନ କରିବା ନିଶ୍ଚିତ ହୋଇଛି। ସେହିପରି କେରଳମ୍‌ରେ ପିନରାୟୀ ବିଜୟନଙ୍କ ସରକାରକୁ ଶକ୍ତ ଧକ୍କା ଲାଗିଥିଲାବେଳେ ସେଠାରେ ୟୁଡିଏଫ୍ ମେଣ୍ଟ ବିଜୟୀ ହୋଇ ସରକାର ଗଠନ କରିବାକୁ ଯାଉଛି। ତେବେ ତାମିଲନାଡୁ ନିର୍ବାଚନ ସବୁ ମହଲକୁ ସ୍ତମ୍ଭୀଭୂତ କରି ଅଭୂତପୂର୍ବ ଫଳାଫଳ ଦେଇଛି। ସିନେ ଜଗତରୁ ଆସିଥିବା ଫିଲ୍ମଷ୍ଟାର ଯୋଶେଫ୍ ବିଜୟ ଏବେ 'ପଲଟିକାଲ ଷ୍ଟାର' ପାଲଟିଯାଇଛନ୍ତି। ଥାଲାପତି ବିଜୟ ରାଜନୀତିରେ ପ୍ରବେଶକରି ପ୍ରଥମଥର ପାଇଁ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲାବେଳେ ତାଙ୍କ ଟିଭିକେକୁ ସର୍ବାଧିକ ସମର୍ଥନ ମିଳିବା ସହ ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ ଆଡ଼କୁ ଅଗ୍ରସର ହୋଇଛି। ଏପରିକି ଶାସକ ଡିଏମ୍‌କେ ଏବଂ ବିରୋଧୀ ଏଆଇଡିଏମ୍‌କେକୁ ସେ ପଛରେ ପକାଇ ତାମିଲନାଡୁ ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟିଯାଇଛନ୍ତି।

ଉପରୋକ୍ତ ୪ ରାଜ୍ୟ ମଧ୍ୟରୁ ପଶ୍ଚିମବଙ୍ଗ ଫଳାଫଳକୁ ନେଇ ସବୁ ମହଲରେ ଉତ୍କଣ୍ଠା ଲାଗି ରହିଥିଲା। ଶାସକ ଟିଏମ୍‌ସି ଏବଂ ଭାଜପା ମଧ୍ୟରେ ମୁଖ୍ୟତଃ ଲଢ଼େଇ ହୋଇଥିଲାବେଳେ ଭାଜପାକୁ ଅପ୍ରତ୍ୟାଶିତ ସଫଳତା ମିଳିଛି। ପଶ୍ଚିମବଙ୍ଗରେ ନିର୍ବାଚନ ହୋଇଥିବା ମୋଟ ୨୯୩ ଆସନ ମଧ୍ୟରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଭାଜପା ୯୪ଟି ଆସନରେ ବିଜୟୀ ହେବା ସହ ୧୧୨ ଆସନରେ ଆଗୁଆ ରହିଥିବାରୁ ଦଳ ୨୦୦ରୁ ଅଧିକ ଆସନରେ ବିଜୟୀ ହୋଇ ଏଠାରେ ସରକାର ଗଠନ କରିବା ନିଶ୍ଚିତ ହୋଇଯାଇଛି। ପଶ୍ଚିମବଙ୍ଗରେ ସରକାର ଗଠନ ଲାଗି ମ୍ୟାଜିକ୍ ବା କୁହୁକ ନମ୍ବର ୧୪୭ ରହିଥିଲାବେଳେ ଭାଜପା ଏହାଠାରୁ ଅଧିକ ଆସନରେ ବିଜୟୀ ହୋଇଛି। ୨୦୨୧ ନିର୍ବାଚନରେ କଂଗ୍ରେସକୁ ଗୋଟିଏ ବି ଆସନ ମିଳିପାରି ନ ଥିବାବେଳେ ଏଥର ଦଳ ମାତ୍ର ୨ଟି ଆସନରେ ସନ୍ତୁଷ୍ଟ ହୋଇଛି। ରାଜ୍ୟରେ ଭାଜପା ପ୍ରଥମଥର ଲାଗି ସରକାର ଗଠନ କରିବାକୁ ଯାଉଥିବାବେଳେ ଗତ ୧୫ ବର୍ଷଧରି କ୍ଷମତାରେ ରହିଥିବା ମମତା ବାନାର୍ଜୀଙ୍କ ଟିଏମ୍‌ସି କ୍ଷମତାଚ୍ୟୁତ ହୋଇଛି। ୨୦୧୧ ନିର୍ବାଚନରେ ଭାଜପାକୁ ଗୋଟିଏ ବି ଆସନ ମିଳି ନ ଥିଲା ହେଲେ ୨୦୨୧ରେ ଦଳ ୭୭ଟି ଆସନରେ ବିଜୟୀ ହୋଇଥିଲା। କିନ୍ତୁ ୨୦୨୬ରେ ଭାଜପା ରେକର୍ଡ ସୃଷ୍ଟି କରିଛି। ଚଳିତଥର ହିନ୍ଦୁ ଭୋଟର ଧ୍ରୁବୀକରଣ ଯୋଗୁ ଦଳ ଏଭଳି ବୃହତ୍ ସଫଳତା ହାସଲ କରିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।

ଆସାମର ମୋଟ ୧୨୬ ଆସନ ମଧ୍ୟରୁ ବିଜେପି ୯୭ଟି ଆସନରେ ବିଜୟୀ ହେବା ସହିତ ୪ଟି ଆସନରେ ଆଗୁଆ ରହିଥିବାରୁ ଦଳ ୧୦୦ରୁ ଅଧିକ ଆସନ ଜିତି ହିମନ୍ତ ବିଶ୍ୱଶର୍ମା ସରକାର ପୁଣି କ୍ଷମତାସୀନ ହେବା ନିଶ୍ଚିତ ହୋଇଯାଇଛି। ଏଠାରେ କଂଗ୍ରେସକୁ ୨୨ ଆସନ ମିଳିଛି। କେରଳମ୍‌ର ୧୪୦ ଆସନ ମଧ୍ୟରୁ ୟୁଡିଏଫ୍‌କୁ ୧୦୨ଟି ଆସନ ମିଳିଥିଲାବେଳେ ଶାସକ ଏଲଡିଏଫ୍‌କୁ ୩୫ ଏବଂ ଏନ୍‌ଡିଏକୁ ମାତ୍ର ୩ଟି ଆସନ ମିଳିଛି। କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ମୋଟ ୩୦ଟି ବିଧାନସଭା ଆସନ ମଧ୍ୟରୁ ରଙ୍ଗାସ୍ୱାମୀ ସରକାର ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟକୁ ୧୮ଟି ଆସନ ମିଳିଥିଲାବେଳେ ଡିଏମ୍‌କେକୁ ୬ ଏବଂ ଟିଭିକେକୁ ୩ଟି ଆସନ ମିଳିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚେତିଲା ନାରୀ ଘର କରି।**

ଯେଉଁ ଗୃହିଣୀ ପାରିବାରିକ ବନ୍ଧନୀ ମଧ୍ୟରେ ବାନ୍ଧିହୋଇ ରହିଥାଏ, ସେ ପରିବାରର ଅଭାବ ଅସୁବିଧା ସହିତ ଜଡ଼ିତ ହୋଇ ତାହାର ସମାଧାନ ବା ସୁଧାର ଆଣିବାରେ ଅଭିଜ୍ଞତା ଅର୍ଜନ କରିଥାଏ। ସ୍ୱାମୀ, ସନ୍ତାନ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନ ଜାଣି ସେମାନଙ୍କୁ ମନ ମୁତାବକ ସନ୍ତୁଷ୍ଟ କରି ନିଜ ହାତମୁଠାରେ ରଖି ଘର ଚଳାଇଥାଏ। ଯିଏ ନିଜ ଭୁଲ୍‌ରୁ ଶିକ୍ଷାଲାଭ କରେ ବା ନିଜ ଭୁଲ୍‌କୁ ସଂଶୋଧନ କରି ନିଜକୁ ସଜାଡ଼ି ନିଏ, ସିଏ ହିଁ ସବୁଥିରେ ସଫଳ ହୋଇଥାଏ। ବାସ୍ତବ ପକ୍ଷେ ଏପରି ନାରୀ ହିଁ ଘର ଓ ପରିବାର ଚଳେଇବାକୁ ସମର୍ଥ ହୋଇପାରିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଚାଷ ଯେବେ କରି ବସିବ**
**ସଙ୍ଗେ ଥିବ ପୁଅ।**

ସାଧାରଣତଃ ଚାଷ କାମରେ ବହୁ ଶାରୀରିକ ପରିଶ୍ରମ ଲୋଡ଼ା ହୋଇଥାଏ। ଭଲ ଅମଳ ପାଇବାକୁ ହେଲେ ଚାଷୀକୁ ମାଟି ସହ ମାଟି ହେବାକୁ ପଡ଼ିଥାଏ। ପରଲୋକ ନେଇ ଚାଷ କଲେ ଚାଷରେ ସେତେ ବେଶି ଲାଭ ମିଳି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଓ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। କର୍ମକ୍ଷେତ୍ରରେ ଅତ୍ୟଧିକ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। କୃତ୍ତିକା ନକ୍ଷତ୍ର ସକାଶେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସାମାଜିକ ସ୍ତରରେ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

**ବୃଷ**
ଆଜି ରୋହିଣୀ ନକ୍ଷତ୍ରର କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ କୌଣସି କାମ ଅଟକିବ ନାହିଁ। ଅର୍ଥନୈତିକ ପ୍ରଗତି ସାମୂହିକ ଜୀବନଯାତ୍ରାକୁ ସୁଖମୟ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଅତ୍ୟଧିକ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ମିଥୁନ**
ପରିବାରର ସମସ୍ୟା ସମାଧାନ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ବହୁଦିନରୁ ରହିଯାଇଥିବା ଅପୂର୍ଣ୍ଣ କାମକୁ ଆଜି ସନ୍ଧ୍ୟା ସୁଦ୍ଧା ସମ୍ପୂର୍ଣ୍ଣ କରିବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ସୁବିଧାରେ କାମ ହାସଲକରିବା କଷ୍ଟକର ହୋଇପଡ଼ିବ।

**କର୍କଟ**
କ୍ରନିକ୍ ରୋଗଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ଅନଟନ ଲାଗି ରହିଲେ ମଧ ଆପଣ ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି। ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ,ଯାହାକି ମନ ଦୁଃଖର କାରଣ ହୋଇପାରେ। ପୁଷ୍ୟା ନକ୍ଷତ୍ରର ଆତ୍ମୀୟମାନେ ଆପଣଙ୍କ ଘରୋଇ କାମରେ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ସିଂହ**
ସ୍ଥଗିତ କାମଗୁଡ଼ିକ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସାଧିତ ହେବ। ପାରିବାରିକ ସମସ୍ୟା ମଧ୍ୟରେ ଗତିକରି ମାନସିକ ପରିସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନାହିଁ। ମଘା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା**
ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି। ସାଧାରଣ ଯୁକ୍ତିତର୍କରେ ବନ୍ଧୁଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବ୍ୟବସାୟ ଓ ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, କଚେରି ମାମଲା ବିଷୟରେ ଚିନ୍ତା କରିପାରନ୍ତି। ପାରିବାରିକ ସ୍ଥିତି ସକାଳେ ଭଲ ରହିବା ଯୋଗୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ

**ତୁଳା**
ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ମନ ଖୁସି ହୋଇଯିବ। ଅର୍ଥ ଓ ସମ୍ମାନ ପାଇବେ ଏବଂ ଏହା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ସ୍ୱାତୀ ନକ୍ଷତ୍ର ଅଫିସରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା**
ସମ୍ପର୍କୀୟଙ୍କୁ ନିଜ ସପକ୍ଷରେ ଆଣିବାରେ ସମର୍ଥ ହେବେ। ବାରମ୍ବାର ଚେଷ୍ଟାର ପରିଣାମ ସ୍ୱରୂପ ଆଜି ସାମାନ୍ୟ ବିଳମ୍ବ ହେଲେ ମଧ କାର୍ଯ୍ୟସାଧିତ ହେବ। ଭୁଲ୍ ବୁଝାମଣା କାରଣରୁ ଅନୁରାଧା ନକ୍ଷତ୍ରର ପାରିବାରିକ କଳହ ଦେଖାଦେବ। ଆଜିର ଯାତ୍ରା ସମୟରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ଧନୁ**
ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ସବୁ ଠିକ୍ ହୋଇଯିବ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ନିଜ ଲୋକ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାରେ ଅସୁବିଧା ହେବ ନାହିଁ। ଜମିଜମା କାରବାରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର**
ଆଜିର ଯାତ୍ରା, ବାଣିଜ ତଥା ପାରିବାରିକ ଜୀବନକୁ ପ୍ରଭାବିତ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକଙ୍କ ଦ୍ୱାରା ସମସ୍ୟାଗ୍ରସ୍ତ ହେବେ। ଅବଶ୍ୟ ବନ୍ଧୁଙ୍କ ସହ ଆଲୋଚନାକରି ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ କୌଣସି ଯୋଜନା କରିବେ। ଧନିଷ୍ଠା ନକ୍ଷତ୍ର ନିଜର ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ।

**କୁମ୍ଭ**
କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବାରେ ପ୍ରତିବନ୍ଧକ ରହିବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। ପୂର୍ବ ଶତ୍ରୁତାକୁ ନେଇ ଆତ୍ମୀୟମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଶତଭିଷା ନକ୍ଷତ୍ରର ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ**
ମାନସିକ ସ୍ଥିତି ଭଲ ନ ରହିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ପରିବାର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ରେବତୀ ନକ୍ଷତ୍ର ସକାଶେ ବନ୍ଧୁଙ୍କ ଜରିଆରେ ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବ ନାହିଁ। ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସତ୍‌ସଙ୍ଗ, ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ମେ' ୫ ତାରିଖ, ବିଶ୍ୱ ଆଥ୍ଲେଟିକ୍ସ ଦିବସ, ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ ମଙ୍ଗଳବାର। ରାଶିନକ୍ଷତ୍ର–ଦିବା ଘ.୧୨।୫୪ ମି. ପର୍ଯ୍ୟନ୍ତ ଜ୍ୟେଷ୍ଠା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୩୧ ଗତେ, ଘ.୧୦।୨୬ ମଧ୍ୟେ, ଘ,୦୧।୦୦ ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୫ ଗତେ, ଘ.୦୪।୩୧ ମଧ୍ୟେ ରାହୁକାଳ।




# ଆଜିଠାରୁ ମୁଖ୍ୟମନ୍ତ୍ରୀଙ୍କ ୩ଦିନିଆ ଗୁଜରାଟ ଗସ୍ତ

■ ଆଜି ଅହମଦାବାଦରେ ରୋଡ୍ ଶୋ'

■ ନିବେଶକଙ୍କ ସହ ହେବ ଆଲୋଚନା

ଭୁବନେଶ୍ୱର,୪।୫
(ଅନୁରାଧା ମହାରଣା)

ହାଇଦ୍ରାବାଦ ଓ କୋଲକାତା ପରେ ମଙ୍ଗଳବାର ଗୁଜରାଟରେ ରୋଡ୍ ଶୋ' କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ନିବେଷକଙ୍କୁ ଆହ୍ୱାନ କରିବେ। ଏଥିପାଇଁ ମଙ୍ଗଳବାରଠାରୁ ୭ ତାରିଖ ପର୍ଯ୍ୟନ୍ତ ୩ଦିନିଆ ଗୁଜରାଟ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ। ତାଙ୍କ ସହ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ପ୍ରତିନିଧି ଦଳ ଗୁଜରାଟ ଗସ୍ତ କରିବ। ପୂର୍ବ ଓ ପଶ୍ଚିମ ଭାରତ ମଧ୍ୟରେ ଶିଳ୍ପ ସେତୁ ନିର୍ମାଣ ଲକ୍ଷ୍ୟରେ ଏହି ଗସ୍ତ ଓଡ଼ିଶାରେ ପୁଞ୍ଜି ବିନିଯୋଗ ଆକର୍ଷଣ ଅଭିଯାନକୁ ନୂଆ ଗତି ଦେବ ବୋଲି ଆଶା କରାଯାଉଛି। ଏହି ଗସ୍ତ ସମୟରେ ବସ୍ତ୍ର, ରାସାୟନିକ ଓ ପେଟ୍ରୋକେମିକାଲ, ଧାତୁ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ଔଷଧ ଓ ମେଡିକାଲ୍ ଡିଭାଇସ୍ କ୍ଷେତ୍ରରେ ଗୁଜରାଟର ଶିଳ୍ପପତିଙ୍କ ସହ ଆଲୋଚନା ହେବ। ଅନ୍ୟ ଶିଳ୍ପ ନେତୃତ୍ୱଙ୍କ ସହ ରାଉଣ୍ଡଟେବଲ୍ ଆଲୋଚନା ଓ ସ୍ୱତନ୍ତ୍ର ବୈଠକ ହେବ। ଏଥିସହ ଏମ୍ଓୟୁଏଚ ଏବଂ ଇନଭେଷ୍ଟମେଣ୍ଟ ଇଣ୍ଟେନ୍‌ଶନ୍ ଫର୍ମ (ଆଇଆଇଏଫ୍) ସ୍ୱାକ୍ଷରିତ ହେବାର ଯୋଜନା ରହିଛି। ୬ ତାରିଖରେ ପ୍ରତିନିଧି ଦଳ ମୁନ୍ଦ୍ରା ବନ୍ଦର ପରିଦର୍ଶନ କରିବେ ଏବଂ ଲଜିଷ୍ଟିକ୍ସ ଓ ପୋର୍ଟ ଆଧାରିତ ଶିଳ୍ପ ସୁଯୋଗ ବିଷୟରେ ଆଲୋଚନା କରିବେ। ୭ ତାରିଖରେ ବଡୋଦରାରେ ନିବେଶକଙ୍କ ସହ ଆଲୋଚନା ହେବ। ମୁଖ୍ୟମନ୍ତ୍ରୀ ମଧ୍ୟ କେବଡିଆ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ଉନ୍ନତ ଅବସ୍ଥାପନା ଓ ଦକ୍ଷ ମାନବ ସମ୍ପଦ ସହ ଓଡ଼ିଶା ଏବେ ବିନିଯୋଗକାରୀଙ୍କ ପ୍ରଥମ ପସନ୍ଦ ହେବାରେ ଲାଗିଛି। ଗୁଜରାଟ ଗସ୍ତ ଆମ ଲୋକଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ଏବଂ ରାଜ୍ୟରେ ବିରାଟ ରୋଜଗାର ଆଣି ଦେବ। ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଗଠନରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୪।୫(ସୁନିତ୍ ମିଶ୍ର)

ଓଏଏସ୍ ଅଫିସରସ୍ତରରେ ସୋମବାର ଏକ ଛୋଟ ଧରଣର ଅଦଳବଦଳ ହୋଇଛି। ଓଏଏସ୍ ଅଫିସର ପ୍ରଶାନ୍ତ କୁମାର ନାୟକଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଓଏଏସ୍ ଅଫିସର ସବ୍ୟସାଚୀ ପଣ୍ଡା ଝାରସୁଗୁଡ଼ା ଉପଜିଲାପାଳ ଥିଲେ। ତାଙ୍କୁ ରାଇରଙ୍ଗପୁରର ବାମନଘାଟି ଉପଜିଲାପାଳ ଭାବେ ବଦଳି କରାଯାଇଥିଲା। ପୁଣିଥରେ ସରକାର ସବ୍ୟସାଚୀଙ୍କୁ ଝାରସୁଗୁଡ଼ା ଉପ ଜିଲାପାଳ ଭାବେ ଅବସ୍ଥାପିତ କରିଛନ୍ତି। ସେହିପରି ଉଗ୍ରେସନ ଓରାମଙ୍କୁ ରାଇରଙ୍ଗପୁରର ବାମନଘାଟି ଉପ ଜିଲାପାଳ ଭାବେ ନିଯୁକ୍ତି ମିଳିଥିବାବେଳେ ଅଶୋକ କୁମାର ମାଝୀଙ୍କୁ ବଲାଙ୍ଗୀରର ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଭାବେ ଦାୟିତ୍ୱ ପାଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ୧୦ ପର୍ଯ୍ୟନ୍ତ ବର୍ଷା, ପବନ

ଭୁବନେଶ୍ୱର, ୪।୫(ବନ୍ଦନା ସେଠୀ)

ରାଜ୍ୟରେ କାଳବୈଶାଖୀ ବର୍ଷା ଜାରି ରହିଥିବାବେଳେ ଅଧିକାଂଶ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି। କେବଳ ବୌଦ୍ଧ ଜିଲାରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡାରେ ୪୦.୬ ଡିଗ୍ରୀ ଏବଂ ତାଳଚେରରେ ୪୦.୨ ଡିଗ୍ରୀ ରେକର୍ଡ କରାଯାଇଥିଲା। ବାକି ସ୍ଥାନଗୁଡିକରେ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଥିଲା। ତେବେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ଓ ପବନ ଲାଗି ରହିବ। ମଙ୍ଗଳବାର ସାରା ରାଜ୍ୟରେ ପ୍ରବଳ ବର୍ଷା ହେବା ସହିତ ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ବୌଦ୍ଧ, କନ୍ଧମାଳ ଜିଲାର କିଛି ସ୍ଥାନରେ ପ୍ରବଳ ଓ ପବନ ବର୍ଷା ସହିତ ଘଡ଼ଘଡ଼ି ବିଜୁଳି ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ତେବେ ସୁନ୍ଦରଗଡ଼ ଜିଲାରେ କୁଆପଥର ବୃଷ୍ଟିପାତ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ଏହାବାଦ୍ ରାଜ୍ୟର ଅନ୍ୟ ଜିଲା ଯଥା ମୟୂରଭଞ୍ଜ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଝାରସୁଗୁଡା, ବରଗଡ଼, ସୋନପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାକୁ ଘଡ଼ଘଡ଼ି ବିଜୁଳି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। କାଳବୈଶାଖୀ ସମୟରେ ବାହାରକୁ ନ ବାହାରି ଘରେ ସୁରକ୍ଷିତ ରହିବା ପାଇଁ ବିଭାଗ ପରାମର୍ଶ ଦେଇଛି। ସେହିପରି ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି।

# ଜିତୁ ମୁଣ୍ଡାଙ୍କୁ ଟଙ୍କା ଭାଗ ମାଗୁଛନ୍ତି ଭାଇ

ପାଟଣା,୪।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡିଆନାଳି ଚତୁରିସାହିର ଜିତୁ ମୁଣ୍ଡା ଟଙ୍କା ଉଠାଇବା ପାଇଁ ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କକୁ ଯିବା ଘଟଣାକୁ ୭ ଦିନ ପୂରିଥିଲେ ହେଁ ଚର୍ଚ୍ଚା, ବିବାଦ ଥମୁନି। ଘଟଣାରେ ଜିତୁଙ୍କ ନିକଟକୁ ସମବେଦନା ସହ ଟଙ୍କାର ସୁଅ ଛୁଟୁଛି। ଟଙ୍କାରୁ ଏବେ ଜିତୁଙ୍କ ସାନଭାଇ ଭାଗ ମାଗୁଥିବା ଅଭିଯୋଗ ହୋଇଛି। ଟଙ୍କା ନ ଦେଲେ ସାନ ଭାଇ ଶଙ୍କରା ମାଡ଼ ମାରିବ ବୋଲି ଜିତୁ କହିଛନ୍ତି। ଖବର ପାଇ ସୋମବାର ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଓ ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ଡିଆନାଳି ଚତୁରିସାହିରେ ପହଞ୍ଚି ବୁଝାଶୁଝା କରିବା ସହ ସ୍ଥିତି ଯାଞ୍ଚ କରିଛନ୍ତି। ଜିତୁ ତାଙ୍କ ଭାଇଙ୍କ ନାମରେ ଅଭିଯୋଗ କଲେ ମାମଲା ରୁଜୁ କରାଯିବ ବୋଲି ପାଟଣା ଥାନା ଅଧିକାରୀ ସାହୁ କହିଛନ୍ତି। ଅନ୍ୟପକ୍ଷରେ କାଲାରାଙ୍କ ଉତ୍ତରାଧିକାରୀ ଢେଙ୍କାନାଳ ଜିଲା ଗନ୍ଦିଆ ତହସିଲ ରାଣେଇ ଗାଁରେ ରହୁଥିବା କୁହାଯାଉଛି। ତାହା ତଦନ୍ତ କରିବାକୁ ପାଟଣା ତହସିଲଦାର ଅଶ୍ୱିନୀ ନାଏକ ଢେଙ୍କାନାଳ ଜିଲାପାଳଙ୍କୁ ପତ୍ର ଲେଖିଛନ୍ତି।

# ଆଜିଠୁ ପିଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)

ସ୍ନାତକୋତ୍ତର ବା ପିଜି ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା (ସିପିଇଟି) ମଙ୍ଗଳବାରଠାରୁ ଆରମ୍ଭ ହେବ। ପ୍ରତିଦିନ ୨ଟି ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ସିଫ୍ଟ ସକାଳ ୧୦ଟାରୁ ୧୧ଟା ୪୦ ଓ ଦ୍ୱିତୀୟ ସିଫ୍ଟ ଅପରାହ୍ନ ୩ଟାରୁ ୪ଟା ୪୦ ଯାଏ ରହିଛି। ପ୍ରଥମ ଦିନ ବାଣିଜ୍ୟ ସମେତ ବାୟୋଟେକ୍ନୋଲୋଜି ଓ ସୋସିଓଲୋଜି ପରୀକ୍ଷା ରହିଛି। ରବିବାର ବ୍ୟତୀତ ନିୟମିତ ଭାବେ ୧୬ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ଏହି ପରୀକ୍ଷା ପରିଚାଳନା କରୁଛି। ଚଳିତବର୍ଷ ସମୁଦାୟ ୩୧,୯୧୫ ପିଜି ସିଟ୍ ପାଇଁ ୫୮,୭୦୮ ଜଣ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ୧୯ ତାରିଖରେ ପ୍ରୋଭିଜନାଲ୍ ଆନ୍‌ସାର୍ କି' ପ୍ରକାଶ ପାଇବ। ଏହି ଆନ୍‌ସାର୍‌କୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆଶଙ୍କା ଥିଲେ ୨୦ରୁ ୨୨ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଗୋଟିଏ ପ୍ରଶ୍ନର ଉତ୍ତରକୁ ଚ୍ୟାଲେଞ୍ଜ କରିବା ପାଇଁ ୨୦୦ ଟଙ୍କା ଫି' ଦେବାକୁ ହେବ। ପରବର୍ତ୍ତୀ ସମୟରେ ଆବେଦନକାରୀଙ୍କୁ ଏହି ଟଙ୍କା ଫେରସ୍ତ କରାଯିବ ନାହିଁ। ପ୍ରବେଶିକା ପରୀକ୍ଷା ମାର୍କ ଅନୁସାରେ ମେଧା ତାଲିକା ପ୍ରକାଶ ପାଇବ।






# ନେତା ମତଦାତା

ପୂର୍ବରୁ ଥିଲା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଓ ମୁହଁ ଜଣା ନ ପଡ଼ିଲେ ବିଧାନସଭା ନିର୍ବାଚନ ଲଢ଼ିବା କଷ୍ଟକର। ଏଥିସହିତ ସବୁବେଳେ କୁହାଯାଉଥିଲା 'ବିକଳ୍ପ କିଏ'। ଇଂଲିଶ୍‌ରେ ତାହା ଥିଲା ଟିନା ବା ଦ୍ୟାରିଜ୍ ନୋ ଅଲ୍ଟରନେଟିଭ୍। ଏବେ ସେହିସବୁ ଚିନ୍ତାଧାରାରୁ ଭାରତୀୟ ଭୋଟର ଦୂରେଇଗଲେଣି। ୨୦୨୪ ମସିହା ନିର୍ବାଚନ ବେଳକୁ ଓଡ଼ିଶାରେ ମଧ୍ୟ କୁହାଯାଉଥିଲା ଯେ ନବୀନ ପଟ୍ଟନାୟକଙ୍କ ବିକଳ୍ପ ନାହିଁ। କାରଣ ସାଧାରଣ ଭୋଟର ଭାଜପାକୁ ଦେଖିଲା ବେଳକୁ କୌଣସି ନେତା ଦୃଷ୍ଟିଗୋଚର ହେଉ ନ ଥିଲେ। କିନ୍ତୁ ଏବେ ଅଧିକାଂଶ ଓଡ଼ିଆ ମୋହନ ଚରଣ ମାଝୀଙ୍କୁ ଏକ ସ୍ୱାଗତଯୋଗ୍ୟ ବିକଳ୍ପ ଭାବେ ସ୍ୱୀକାର କରିନେଲେଣି। ସେହିଭଳି ଭାବେ ପଶ୍ଚିମବଙ୍ଗରେ ଶୁଭେନ୍ଦୁ ଅଧିକାରୀ ଏବଂ ଆସାମରେ ଦ୍ୱିତୀୟ ଥର ପାଇଁ ହିମନ୍ତ ବିଶ୍ୱଶର୍ମା ମୁଖ୍ୟମନ୍ତ୍ରୀ ହେବେ ବୋଲି କେହି ବାଜି ଲଗାଇ ପାରିବେ ନାହିଁ। ନିଷ୍ପତ୍ତି ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେବେ। ପୂର୍ବଭଳି ଗତାନୁଗତିକ ନେତାଙ୍କୁ ଛାଡ଼ି ନୂଆ ଲୋକଙ୍କୁ ଆଣିବା ଫଳରେ ଯେଉଁ ପ୍ରଶାସନିକ ପରିବର୍ତ୍ତନ ଘଟୁଛି, ତାହାକୁ ଜନସାଧାରଣ ସ୍ୱାଗତ କରୁଛନ୍ତି ବୋଲି ପ୍ରତ୍ୟେକଟି ନିର୍ବାଚନରୁ ପ୍ରମାଣିତ ହେଉଛି।

ମମତା ବାନାର୍ଜୀଙ୍କ ତୃତୀୟ ନିର୍ବାଚନ ବା ୧୫ ବର୍ଷ ଶାସନରେ ଜନସାଧାରଣ ଅତିଷ୍ଠ ହେବା ଏକପ୍ରକାର ବୁଝାପଡୁଥିଲା। ଭାରତୀୟ ଭୋଟରଙ୍କର ପରିବର୍ତ୍ତନ ପାଇଁ ଆକାଂକ୍ଷା ମଧ୍ୟ ସ୍ୱାଗତଯୋଗ୍ୟ। ଭାରତୀୟ ସମ୍ବିଧାନରେ ୫ ବର୍ଷର ଜୀବନକାଳ ଦିଆଯାଇଛି ନିର୍ବାଚିତ ଗୃହକୁ। ଏଥିସହିତ ବିଭିନ୍ନ ସମୟରେ ବିଧାନସଭା ନିର୍ବାଚନଗୁଡ଼ିକ ହେଉଥିବାରୁ କ୍ଷମତାସୀନ ଦଳ ପାଇଁ ସବୁବେଳେ ଏକ ପରୀକ୍ଷା ଦେବାକୁ ପଡୁଛି। ଏହି ବ୍ୟବସ୍ଥା ଗଣତନ୍ତ୍ରକୁ ସୁଦୃଢ଼ କରି ରଖିପାରୁଛି। ଏଭଳି ନିର୍ବାଚନ ଦ୍ୱାରା ପ୍ରତ୍ୟେକ ଦଳକୁ ନିଜର ଆଭ୍ୟନ୍ତରୀଣ ସାଙ୍ଗଠନିକ ଶକ୍ତି ସହ ଜନସାଧାରଣଙ୍କ ଇଚ୍ଛାକୁ ସମ୍ମାନ ଦେବାର ଆବଶ୍ୟକତା ସମ୍ପର୍କରେ ସଚେତନ ରହିବାକୁ ପଡୁଛି।

> **ନିକଟ ଅତୀତରେ ପ୍ରାୟ ସବୁ ନିର୍ବାଚନ ପ୍ରମାଣ ଦେଉଛି ଯେ ଭାରତରେ ନେତାର ନାହିଁ ପ୍ରୟୋଜନ, ଭାରତର ନେତା ହେବା ଦରକାର ସ୍ୱୟଂ ମତଦାତା। ଏହି ମାନସିକତାକୁ ସୁଦୃଢ଼ କରି ଯଦି ଭାରତୀୟ ଭୋଟର ନିଜର କ୍ଷମତାକୁ ଉଚିତ ଭାବେ ବ୍ୟବହାର କରିପାରିବେ, ତେବେ ଦେଶର ପ୍ରଗତି ସୁନିଶ୍ଚିତ।**

**ତଥାଗତ ସତପଥୀ**

କୁହାଯାଏ ଯେ, ଗଣତନ୍ତ୍ରରେ ଏକ ଦଶନ୍ଧି ପରିବର୍ତ୍ତନ ଆଣିବା ପାଇଁ ଯଥେଷ୍ଟ। ଭାରତର କେତୋଟି ରାଜ୍ୟ ଯଥା–ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ ଏବଂ କେରଳରେ ପ୍ରାୟତଃ ପ୍ରତ୍ୟେକ ୫ରୁ ୧୦ ବର୍ଷରେ ଶାସକ ଦଳ ବଦଳିଯାଏ। ସେଥିପାଇଁ ଅର୍ଥନୈତିକ ଅଗ୍ରଗତି ସହ ଶିଳ୍ପ ଓ ବ୍ୟବସାୟର ଉନ୍ନତିକୁ ଦେଖିଲେ ଦକ୍ଷିଣ ଭାରତ ଯଥେଷ୍ଟ ଆଗୁଆ ରହୁଛି। ଶିକ୍ଷିତ ଓଡ଼ିଆ ଯୁବତୀଯୁବକ ହାଇଦ୍ରାବାଦ, ବାଙ୍ଗାଲୋର କିମ୍ବା ମାଡ୍ରାସ ଯିବାକୁ ଇଚ୍ଛାପ୍ରକାଶ କରିଥାନ୍ତି। ଏପରିକି ଦିଲ୍ଲୀ ବ୍ୟତୀତ ଅଣକୁଶଳୀ ଓଡ଼ିଆ ଉତ୍ତରପ୍ରଦେଶ, ବିହାର କିମ୍ବା ମଧ୍ୟପ୍ରଦେଶ ଯିବାର ଦେଖାଯାଏ ନାହିଁ। କାରଣ ଯେଉଁସବୁ ଜାଗାରେ ଦୀର୍ଘଦିନ ପର୍ଯ୍ୟନ୍ତ ରାଜନୈତିକ ସ୍ଥିରତା ବଜାୟ ରହୁଛି, ସେହିସବୁ ରାଜ୍ୟର ଅଗ୍ରଗତି ଧିମେଇ ଯାଉଛି। ଏହାର ପ୍ରମାଣ ଓଡ଼ିଶାବାସୀ ନିଜେ ୨୪ ବର୍ଷର ବିଜୁ ଜନତା ଦଳର ଶାସନରେ ଦେଖିବାକୁ ପାଇଲେ। ପ୍ରଥମ ଦଶନ୍ଧିରେ ନବୀନ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକୁ ଅସ୍ୱୀକାର କରିହେବ ନାହିଁ। ପରବର୍ତ୍ତୀ ସମୟରେ, ବାରମ୍ବାର ଜିତିବା ଫଳରେ ବିଜୁ ଜନତା ଦଳ ମଧ୍ୟ ଓଡ଼ିଆ ଭୋଟରଙ୍କୁ ନିଜ ପୋଷା ଜନ୍ତୁ ଭାବେ ବ୍ୟବହାର କରିବାକୁ ଆରମ୍ଭ କଲେ। ଏହା ଦର୍ଶାଉଛି ଯେ, ୧୦ ବର୍ଷରୁ ଅଧିକ କୌଣସି ଦଳ କ୍ଷମତାସୀନ ହୋଇ ରହିଲେ ସେଥିରେ ଜନସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥ ଜଗିବା ହୋଇଯାଏ ମୂଳ ଲକ୍ଷ୍ୟ।

ଭାରତୀୟ ଭୋଟର ଏବେ କଣ୍ଠାକଣ୍ଠି ନିର୍ବାଚନ ହେବାକୁ ଦେଉନାହାନ୍ତି। ଯେତେବେଳେ ସମର୍ଥନ କାହାରିକୁ ମିଳୁଛି, ଯେମିତି ପଶ୍ଚିମବଙ୍ଗରେ ଭାଜପା, ତାମିଲନାଡୁରେ ଟିଭିକେ, କେରଳରେ ୟୁଡିଏଫ୍, ଲୋକେ ସ୍ପଷ୍ଟ ବହୁମତ ଦେଉଛନ୍ତି। ଏହାଦ୍ୱାରା ଶାସନ ଗାଦିକୁ ଆସୁଥିବା ଦଳ ଲୋକଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାରେ କିଛି ବାଧା ସୃଷ୍ଟି ହେବ ନାହିଁ। ଏଭଳି ପରିସ୍ଥିତିରେ ରାଜନେତାମାନଙ୍କୁ ଯେଉଁ ଶକ୍ତି ଦିଆଯାଇଛି ତାହା କିଭଳି ସଦୁପଯୋଗ ହେବ, ପ୍ରଥମ ୫ ବର୍ଷରେ ପ୍ରମାଣ କରିପାରିଲେ ଦ୍ୱିତୀୟ ୫ ବର୍ଷ ମିଳିବା ଦରକାର। ନିକଟ ଅତୀତରେ ପ୍ରାୟ ସବୁ ନିର୍ବାଚନ ପ୍ରମାଣ ଦେଉଛି ଯେ ଭାରତରେ ନେତାର ନାହିଁ ପ୍ରୟୋଜନ, ଭାରତର ନେତା ହେବା ଦରକାର ସ୍ୱୟଂ ମତଦାତା। ଏହି ମାନସିକତାକୁ ସୁଦୃଢ଼ କରି ଯଦି ଭାରତୀୟ ଭୋଟର ନିଜର କ୍ଷମତାକୁ ଉଚିତ ଭାବେ ବ୍ୟବହାର କରିପାରିବେ, ତେବେ ଦେଶର ପ୍ରଗତି ସୁନିଶ୍ଚିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | 2 | 6 | | | | | |
| | | 3 | | 1 | | 6 | | |
| | | | | | | | | |
| | 6 | | | | | | 8 | |
| 9 | 5 | | | | | | 2 | 3 |
| | | | | 5 | 9 | | | |
| 4 | | 1 | | 3 | | | | 9 |
| | | | 4 | | | | | |
| 5 | | | 8 | | | | 6 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 5 | 8 | 9 | 4 | 2 | 6 | 1 |
| 8 | 9 | 1 | 6 | 7 | 2 | 4 | 3 | 5 |
| 4 | 2 | 6 | 5 | 1 | 3 | 8 | 7 | 9 |
| 3 | 5 | 7 | 1 | 6 | 8 | 9 | 2 | 4 |
| 9 | 6 | 8 | 2 | 4 | 7 | 5 | 1 | 3 |
| 2 | 1 | 4 | 3 | 5 | 9 | 6 | 8 | 7 |
| 5 | 4 | 2 | 7 | 8 | 1 | 3 | 9 | 6 |
| 6 | 7 | 3 | 9 | 2 | 5 | 1 | 4 | 8 |
| 1 | 8 | 9 | 4 | 3 | 6 | 7 | 5 | 2 |

ଗତକାଲିର ଉତ୍ତର

# କେବଳ ରାଜନୈତିକ ବିଜୟ ନୁହେଁ, ବିକାଶର ଉଦ୍‌ଘୋଷ



ମୋହନ ଚରଣ ମାଝୀ

ସଦ୍ୟ ୪ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ସମାପ୍ତ ହୋଇଥିବା ନିର୍ବାଚନ ଏବଂ ସୋମବାର ପ୍ରକାଶିତ ହୋଇଥିବା ଏହାର ଫଳାଫଳ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ ନିର୍ଣ୍ଣାୟକ ମୋଡ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ, ପ୍ରାୟ ସାତ ଦଶନ୍ଧିର ଘୃଣା, ବିଭାଜନକାରୀ ଏବଂ ହିଂସାତ୍ମକ ରାଜନୀତିକୁ ପଛରେ ପକାଇ ପଶ୍ଚିମବଙ୍ଗରେ ଏକ ନୂତନ ରାଜନୀତିର ଶୁଭାରମ୍ଭ ହେବାକୁ ଯାଉଛି। ଦଶ ବର୍ଷ ତଳେ ମାତ୍ର ଦୁଇ ଜଣ ବିଧାୟକଙ୍କ ସହିତ ରାଜନୈତିକ ଯାତ୍ରା ଆରମ୍ଭ କରିଥିବା ଆଜି ପଶ୍ଚିମବଙ୍ଗରେ ଦୁଇ ତୃତୀୟାଂଶ ଆସନ ସହିତ ସରକାର ଗଠନ କରିବାକୁ ଯାଉଛି। ଏହା କୌଣସି ରୋମାଞ୍ଚକର ଐତିହାସିକ କାହାଣୀଠାରୁ କମ୍ ନୁହେଁ। ନିର୍ଦ୍ୱିଧାରେ କୁହାଯାଇପାରିବ ଯେ ଏହି ପଟ୍ଟକଥାର ରଚୟିତା ହେଉଛନ୍ତି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ତାଙ୍କର ବ୍ୟକ୍ତିଗତ ଛବି, କେନ୍ଦ୍ର ସରକାରଙ୍କ ସୁଶାସନ, ଭାରତୀୟ ଜନତା ପାର୍ଟିର ଶୃଙ୍ଖଳା ଏବଂ କାର୍ଯ୍ୟକର୍ତ୍ତାଙ୍କ ସମର୍ପଣ ଭାବେ ଏହି ବିଜୟପଥକୁ ସୁଗମ କରିଥିଲା। ପଶ୍ଚିମବଙ୍ଗର ଏହି ବିପୁଳ ବିଜୟ ନିଶ୍ଚିତ ଭାବେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ୱପ୍ନର ସୁନାର ବଙ୍ଗଳା ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି।

ଅନେକ ସମୀକ୍ଷକ ପଶ୍ଚିମବଙ୍ଗର ଏହି ବିଜୟକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କିନ୍ତୁ, ବ୍ୟକ୍ତିଗତ ଭାବେ ମୁଁ ଏହି ଐତିହାସିକ ବିଜୟକୁ ନେଇ ଆଦୌ ଆଶ୍ଚର୍ଯ୍ୟ ନୁହେଁ। କାରଣ ଏହି ନିର୍ବାଚନ ସମୟରେ ପ୍ରଚାର ପାଇଁ ମୁଁ ଅନେକବାର ପଶ୍ଚିମବଙ୍ଗ ଯାଇଥିଲି ଏବଂ ସେହି ନିର୍ବାଚନୀ ସଭାରେ ଉପସ୍ଥିତ ଜନତା ଜନାର୍ଦ୍ଦନଙ୍କ ପ୍ରତିକ୍ରିୟା ଦେଖି ମୁଁ ନିଶ୍ଚିତ ହୋଇଯାଇଥିଲି ଯେ ପଶ୍ଚିମବଙ୍ଗରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ।

ଏହି ଜନାଦେଶ ଏକ ସାଧାରଣ ନିର୍ବାଚନୀ ଫଳାଫଳଠାରୁ ବହୁ ଊର୍ଦ୍ଧ୍ୱରେ। ଏହା ଘୃଣା, ସମ୍ପ୍ରଦାୟବାଦ, ହିଂସା ଏବଂ ଭୟ ଉପରେ ଆଧାରିତ ରାଜନୀତିର ଏକ ନିର୍ଣ୍ଣାୟକ ଏବଂ ଦୃଢ଼ ପ୍ରତ୍ୟାଖ୍ୟାନ। ୨୦୧୧ ମସିହାରେ ଯେଉଁ ମମତା ବାନାର୍ଜୀ 'ମା, ମାଟି ଓ ମାନୁଷ'ର ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିଲେ, ବହୁ କମ୍ ଦିନରେ ତାହା ଭୁଲିଗଲେ। ଗତ କିଛି ବର୍ଷ ମଧ୍ୟରେ ମହିଳା ସୁରକ୍ଷା ଉପରେ ଏକ ପ୍ରଶ୍ନବାଚୀ ଭାବେ ସୃଷ୍ଟି ହୋଇଥିଲା। ଭାରତୀୟ ରାଜନୀତିରେ ମହିଳାଙ୍କ ଆରକ୍ଷଣକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନମନ୍ତ୍ରୀ ସଂସଦରେ ଆଣିଥିବା ନାରୀଶକ୍ତି ବନ୍ଦନ ଅଧିନିୟମକୁ ଯେଉଁପରି ଭାବେ ମମତା ବାନାର୍ଜୀ ବିରୋଧ କରିଥିଲେ, ତାହାର ପ୍ରତିଫଳନ ଏଇ ନିର୍ବାଚନରେ ଦେଖିବାକୁ ମିଳିଛି। ସଂଯୋଗବଶତଃ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ମଧ୍ୟ ଏହି ବିଧେୟକକୁ ବିରୋଧ କରିଥିଲେ। ଏହାର ଫଳାଫଳ ତାଙ୍କୁ ଭୋଗିବାକୁ ପଡ଼ିଲା। ଦଳ ସହିତ ନିଜେ ମଧ୍ୟ ପରାଜୟବରଣ କଲେ।

ଏହି ଜନାଦେଶର ବ୍ୟାପ୍ତି, ବିବିଧତା ଏବଂ ନିର୍ଣ୍ଣାୟକତା ନିର୍ବାଚନୀ ଅଙ୍କଗଣିତଠାରୁ ବହୁ ଊର୍ଦ୍ଧ୍ୱରେ। ଏହି ଫଳାଫଳରେ ପ୍ରଧାନମନ୍ତ୍ରୀଙ୍କର ମନ୍ତ୍ର, ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ'ର ଭାବନାକୁ ପ୍ରତିଫଳିତ କରୁଛି। କାରଣ, ଗତ ପ୍ରାୟ ପାଞ୍ଚ ଦଶନ୍ଧି ଧରି ପଶ୍ଚିମବଙ୍ଗରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ତୁଷ୍ଟୀକରଣ ଚାଲିଥିଲା ଏବଂ ଅଳ୍ପସଂଖ୍ୟକଙ୍କ ଅଧିକାର ଓ ସୁରକ୍ଷା ଆଳରେ ସଂଖ୍ୟା ବହୁଳଙ୍କୁ ଏକ ପ୍ରକାର ଅବହେଳା କରାଯାଉଥିଲା। ବହୁମତକୁ ବାହୁବଳ, ଭୟ ଓ ଆତଙ୍କରାଜ ବଳରେ ଚାପିବାର ପ୍ରୟାସ ହୋଇଥିଲା, କିନ୍ତୁ ନିର୍ବାଚନ ଆୟୋଗ ତଥା ଭାରତ ସରକାରଙ୍କ ଗୃହ ବିଭାଗର ଦୃଢ଼ ସୁରକ୍ଷା ପ୍ରବନ୍ଧନ ଫଳରେ ରାଜ୍ୟର ଭୋଟରମାନେ ବିନା ଭୟରେ ନିଜ ମତାଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ପାଇଥିଲେ। ଏହାର ପ୍ରମାଣ ହେଉଛି ହିଂସାରହିତ ନିର୍ବାଚନ ପରିଚାଳନା। ବୋଧହୁଏ, ପଶ୍ଚିମବଙ୍ଗର ରାଜନୈତିକ ଇତିହାସରେ ଚଳିତ ନିର୍ବାଚନରେ ଜଣେ ହେଲେ ବ୍ୟକ୍ତି ପ୍ରାଣ ହରାଇ ନ ଥିଲେ।

ଆସାମ, ପୁଡୁଚେରୀ ଏବଂ ପଶ୍ଚିମବଙ୍ଗର ନିର୍ବାଚନ ଫଳାଫଳକୁ କେବଳ ସ୍ଥାନୀୟ ରାଜନୈତିକ ଚଷମା ମାଧ୍ୟମରେ ଦେଖିବା ସମୀଚୀନ ହେବନାହିଁ। କାରଣ, କେବଳ ଏହି ତିନୋଟି ରାଜ୍ୟ ନୁହେଁ, ସାରା ଭାରତର ଲୋକେ ବର୍ତ୍ତମାନ ଦେଖୁଛନ୍ତି 'ନୂଆ ଭାରତ'କୁ। ଆଜିର ଭାରତ ହେଉଛି ନୂତନ ଭାରତ, ସମ୍ଭାବନାର ଭାରତ। ଏହି ନୂଆ ଭାରତରେ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସର୍ବୋପରି ଯାହା ପ୍ରମାଣିତ ହୋଇଥିଲା 'ଅପରେଶନ ସିନ୍ଦୂର' ମାଧ୍ୟମରେ। ସେହିପରି, ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଚାଲୁଥିବା ଅଶାନ୍ତମୟ ବାତାବରଣ ଦ୍ୱାରା ସାରା ବିଶ୍ୱ ପ୍ରଭାବିତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ସମୟୋଚିତ ପଦକ୍ଷେପ ଫଳରେ ଭାରତରେ ଏହାର ପ୍ରଭାବ ବହୁତ କମ୍ ଅନୁଭୂତ ହେଉଛି।

ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ଦେଶର ଶାସନ ଦାୟିତ୍ୱ ନେବା ପରେ ଗତ ବାର ବର୍ଷରେ ଦେଶରେ ଅଭୂତପୂର୍ବ ବିକାଶ ଦେଖିବାକୁ ମିଳୁଛି। ଦଳମତ ନିର୍ବିଶେଷରେ ପ୍ରତ୍ୟେକ ରାଜ୍ୟକୁ ଏହି ବିକାଶ ଯାତ୍ରାରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ସଦାସର୍ବଦା ଚେଷ୍ଟା କରିଆସିଛନ୍ତି। କିନ୍ତୁ, ରାଜନୈତିକ କାରଣ ଯୋଗୁ ପଶ୍ଚିମବଙ୍ଗ ଏହି ବିକାଶ ଯାତ୍ରାରେ ସାମିଲ ହୋଇ ନ ଥିଲା। ଅତ୍ୟନ୍ତ ପରିତାପର ବିଷୟ ଯେ ଗତ ପାଞ୍ଚ ଦଶକର ବାମପନ୍ଥୀ ଓ ତୃଣମୂଳ ଶାସନ ଫଳରେ ପଶ୍ଚିମବଙ୍ଗ ଅନେକ ବର୍ଷ ପଛକୁ ଚାଲିଗଲା। ଗୋଟିଏ ପରେ ଗୋଟିଏ ଉଦ୍ୟୋଗ ବନ୍ଦ ହୋଇ ଅନ୍ୟ ରାଜ୍ୟକୁ ଚାଲିଗଲେ। ସିଙ୍ଗୁର ଆନ୍ଦୋଳନ ଏବଂ ଟାଟା ନାନୋ ପ୍ରକଳ୍ପର ଗୁଜରାଟକୁ ସ୍ଥାନାନ୍ତରଣ ଏହି ଚିନ୍ତାଧାରାର ପ୍ରକୃଷ୍ଟ ଉଦାହରଣ।

ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ବିକଶିତ ଭାରତ'ରେ 'ପୂର୍ବୋଦୟ'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ବିଜୟ ପରେ କେବଳ ପଶ୍ଚିମବଙ୍ଗର ବିଜୟ ଅପେକ୍ଷିତ ଥିଲା। ସୋମବାରର ଐତିହାସିକ ବିଜୟ ଫଳରେ ଅଙ୍ଗ–ବଙ୍ଗ–କଳିଙ୍ଗର ସମାହାରରେ ହେବ ପୂର୍ବୋଦୟ। ଏହି ପୂର୍ବୋଦୟରେ ପୁରୋଧା ହେବ ଓଡ଼ିଶା। ଗତ ପ୍ରାୟ ଦୁଇ ବର୍ଷ ହେବ ଓଡ଼ିଶାରେ ବିକାଶ ଯାତ୍ରା ଜାରି ରହିଛି ଏବଂ ଏହି ବିକାଶ ଯାତ୍ରାରେ କିଛି ଦିନ ପୂର୍ବେ ବିହାର ଏବଂ ବର୍ତ୍ତମାନ ପଶ୍ଚିମବଙ୍ଗ ସାମିଲ ହୋଇଛି। ଏହି ତିନୋଟି ପୂର୍ବ ଭାରତୀୟ ରାଜ୍ୟ, 'ବିକଶିତ ଭାରତ' ନିର୍ମାଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଏହି ପରିକଳ୍ପନା ସାକାର ହୋଇଛି ମାନନୀୟ ପ୍ରଧାନମନ୍ତ୍ରୀଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା ଏବଂ ଦୂରଦୃଷ୍ଟି ଯୋଗୁ।

ବିଗତ ଦୁଇ ବର୍ଷରେ ଓଡ଼ିଶାବାସୀ ଡବଲ ଇଞ୍ଜିନ ସରକାରର ବିକାଶର ଯାତ୍ରାର ସାକ୍ଷୀ ଅଛନ୍ତି। ଡବଲ ଇଞ୍ଜିନ ସରକାରର ଫଳ ସ୍ୱରୂପ ଅନେକ କେନ୍ଦ୍ରୀୟ ଯୋଜନା ଯେପରିକି ଆୟୁଷ୍ମାନ ଭାରତ, ନୂତନ ଶିକ୍ଷାନୀତି, ୨୦୨୦ ରାଜ୍ୟରେ ତୁରନ୍ତ କାର୍ଯ୍ୟାନ୍ୱୟନ କରାଯାଇଥିଲା ଯାହା ପୂର୍ବ ସରକାର ଅମଳରେ କେବଳ ରାଜନୈତିକ କାରଣ ଯୋଗୁ ଓଡ଼ିଶାର ଜନସାଧାରଣଙ୍କୁ ବଞ୍ଚିତ କରାଯାଇଥିଲା। ରାଜ୍ୟରେ ଆଜି କେନ୍ଦ୍ରୀୟ ସହାୟତା ଯୋଗୁ ରେଳ, ରାଜରାସ୍ତା, ଜାତୀୟ ଅନୁଷ୍ଠାନ, ବନ୍ଦର, ବିମାନ ବନ୍ଦର ପରି ଅନେକ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏବେ ଡବଲ ଇଞ୍ଜିନ ସରକାରର ସୁଫଳ ପାଇବା ପାଳି ହେଉଛି ପଶ୍ଚିମବଙ୍ଗର। ଦଶନ୍ଧି ଦଶନ୍ଧି ଧରି ବନ୍ଦ ହୋଇଥିବା ବିକାଶ, ମୃତପ୍ରାୟ ଉଦ୍ୟୋଗ ଏବଂ ଶିଥିଳ ପଡ଼ିଯାଇଥିବା ଭିତ୍ତିଭୂମିର ପୁନର୍ବିନ୍ୟାସ ହେବ ଆଗାମୀ ଦିନରେ।

କେବଳ ପଶ୍ଚିମବଙ୍ଗ ନୁହେଁ, ଭାରତୀୟ ଜନତା ପାର୍ଟିର ସରକାରଙ୍କ ଉପରେ ଆସାମ ଓ ପୁଡୁଚେରୀର ଜନତା ଆସ୍ଥା ପ୍ରକଟ କରିଛନ୍ତି। କାରଣ, ଗତ ପାଞ୍ଚବର୍ଷରେ ଏହି ଉଭୟ ରାଜ୍ୟରେ ଅନେକ ବିକାଶ ହୋଇଛି ଏବଂ ସେଠାକାର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ' ମନ୍ତ୍ରରେ ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ବିନା ତୁଷ୍ଟୀକରଣରେ ସେବା କରିଆସୁଛନ୍ତି। ତେଣୁ, ଏହି ଭୋଟ ଉଭୟ ରାଜ୍ୟ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥାର ଭୋଟ।

ରାଜନୀତିରେ ଅନେକ ନେତା ଆସନ୍ତି, ଇତିହାସ ପୃଷ୍ଠାରେ ହଜି ଯାଆନ୍ତି। କିନ୍ତୁ, ଅଳ୍ପ କେତେଜଣ ବ୍ୟକ୍ତିତ୍ୱ ନିଜ ଅସାଧାରଣ ପ୍ରତିଭା ଫଳରେ ଜନମାନସରେ ଗଭୀର ରେଖାଙ୍କିତ କରିବାରେ ସଫଳ ହୋଇଥାନ୍ତି। ସେଇଭଳି ଜଣେ ନେତୃତ୍ୱ ହେଉଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜନୈତିକ ଭାବେ ଅଭେଦ୍ୟ, ଅପରାଜେୟ ଆଖ୍ୟାୟିତ ହୋଇଥିବା ପଶ୍ଚିମବଙ୍ଗ ବିଜୟ ପରେ ନରେନ୍ଦ୍ର ମୋଦୀ ଜୀଙ୍କର ନାମ ରାଜନୈତିକ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ତାଙ୍କ ନିର୍ବାଚନୀ ପ୍ରଚାର କେବଳ ଭାଷଣ ମଧ୍ୟରେ ସୀମାବଦ୍ଧ ନ ଥିଲା। ବରଂ ସାଧାରଣ ଲୋକଙ୍କ ମନକୁ ଛୁଇଁବା ପରି କାର୍ଯ୍ୟ ଯେପରିକି ରାସ୍ତାକଡରେ ସାଧାରଣ ଲୋକଙ୍କ ଗହଣରେ ଝାଲମୁଢ଼ି ଖାଇବା, ଚା'ପତ୍ର ତୋଳାଳି ମା'ମାନଙ୍କ ମଧ୍ୟରେ ସମୟ ବ୍ୟତୀତ କରିବା, ହୁଗ୍ଲୀ ନଦୀରେ ସାଧାରଣ ଲୋକଙ୍କ ପରି ନୌକା ବିହାର କରିବା ଲୋକଙ୍କ ମନରେ ଗଭୀର ରେଖାଙ୍କିତ କରିଥିଲା।

ଏହି ନିର୍ବାଚନର ଆଉ ଏକ ଦିଗ ହେଉଛି ପରିବାରବାଦର ଅନ୍ତ। ପଶ୍ଚିମବଙ୍ଗ, ତାମିଲନାଡୁ ତଥା ଆସାମ ପରି ରାଜ୍ୟରେ ପରିବାରବାଦକୁ କ୍ଷମତାରୁ ବାହାର କରିଛନ୍ତି ଭୋଟର। ଏହା ସବୁ ରାଜନୈତିକ ଦଳ ପାଇଁ ଏକ ଶିକ୍ଷା। ପରିବାରବାଦ ରାଜନୀତିର ଅନ୍ତ ସବୁବେଳେ ଦୁଃଖଦ। ମହିଳାବିରୋଧୀ ଏବଂ ପରିବାରବାଦୀ ରାଜନୈତିକ ଦଳ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟିତ ହୋଇଛନ୍ତି ଏହି ନିର୍ବାଚନରେ, ଯାହା ଭାରତୀୟ ଗଣତନ୍ତ୍ର ପାଇଁ ନିଶ୍ଚିତ ଭାବେ ଶୁଭଙ୍କର।

ଏହି ଐତିହାସିକ ସଫଳତା ପାଇଁ ବ୍ୟକ୍ତିଗତ ଭାବେ ମୁଁ ପ୍ରଧାନମନ୍ତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଏଥିସହିତ ପ୍ରଧାନମନ୍ତ୍ରୀଙ୍କର ପୂରା ଟିମ୍ ଏବଂ ପଶ୍ଚିମବଙ୍ଗର ସ୍ଥାନୀୟ ନେତୃତ୍ୱ ମଧ୍ୟ ପ୍ରଶଂସାର ପାତ୍ର । ମୋର ଦୃଢ଼ ବିଶ୍ୱାସ ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ପ୍ରଗତି, ସଶକ୍ତୀକରଣ ଏବଂ ବିଶ୍ୱସ୍ତରୀୟ ପ୍ରତିଷ୍ଠାର ଏକ ନୂତନ ଶିଖର ସ୍ପର୍ଶ କରିବ। ଏକ ଶକ୍ତିଶାଳୀ, ସର୍ବଜନହିତାୟଏବଂ ସମୃଦ୍ଧ ଭାରତର ଆମର ସାମୂହିକ ସ୍ୱପ୍ନକୁ ସାକାର କରିବା ପାଇଁ କେନ୍ଦ୍ର ସରକାରଙ୍କ ସହ ନିବିଡ଼ ସହଭାଗିତାରେ ପୂର୍ବ ଭାରତର ରାଜ୍ୟ ସମୂହ ସମ୍ପୂର୍ଣ୍ଣ ଭାବେ ଅଙ୍ଗୀକାରବଦ୍ଧ। ସମସ୍ତଙ୍କର ସହଯୋଗରେ ନିର୍ମିତ ହେବ 'ବିକଶିତ ଭାରତ'।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ଯୋଗ ବିୟୋଗର କାହାଣୀ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ସାମାଜିକ ସଂରଚନାରେ ମଧ୍ୟବିତ୍ତ ଶ୍ରେଣୀ ଏପରି ଏକ ଅଦୃଶ୍ୟ ସେତୁ, ଯିଏ ଗରିବର ଅଭାବ ଏବଂ ଧନୀର ବୈଭବ ମଝିରେ ନିଜକୁ ସନ୍ତୁଳିତ ରଖିବାକୁ ଆପ୍ରାଣ ଚେଷ୍ଟା କରନ୍ତି । ଏହି ଶ୍ରେଣୀ ପାଇଁ ଜୀବନ କେବଳ ବଞ୍ଚିବା ନୁହେଁ ବରଂ ପ୍ରତିଦିନ ସମାଜରେ ନିଜର ମର୍ଯ୍ୟାଦା ବଞ୍ଚାଇ ରଖିବାର ଏକ ନିରନ୍ତର ସଂଗ୍ରାମ। ଏମାନେ ନିଜ ଇଚ୍ଛାକୁ ଦମନ କରି ଆବଶ୍ୟକତାକୁ ପ୍ରାଥମିକତା ଦିଅନ୍ତି ଏବଂ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ବାସ୍ତବତା ସହିତ ଅହରହ ସାଲିସ କରିଥାନ୍ତି।

ଆଜିର ଜଟିଳ ଅର୍ଥନୀତି, ବଢୁଥିବା ମହଙ୍ଗା ପରିସ୍ଥିତି ଏବଂ ପାଶ୍ଚାତ୍ୟ ଜୀବନଶୈଳୀର ପ୍ରଭାବ ମଧ୍ୟରେ ମଧ୍ୟବିତ୍ତ ପରିବାରର ସମସ୍ୟାଗୁଡ଼ିକ କେବଳ ଆର୍ଥିକ ସୀମାରେ ଆବଦ୍ଧ ନୁହେଁ। ଏହା ମାନସିକ, ସାମାଜିକ ଏବଂ ପାରିବାରିକ ମୂଲ୍ୟବୋଧର ଏକ ଜଟିଳ ଆବର୍ତ୍ତ। ଯେଉଁଠି ଆୟ ତୁଳନାରେ ସମ୍ମାନର ମୂଲ୍ୟ ବହୁତ ଅଧିକ, ସେଠାରେ ସମସ୍ୟାର ଗଭୀରତାକୁ ବୁଝିବା ନିତାନ୍ତ ଜରୁରୀ।

ଲୋକେ କ'ଣ କହିବେ ? ଏହି ଭୟ ମଧ୍ୟବିତ୍ତ ପରିବାରକୁ ସବୁବେଳେ ଘେରି ରହିଥାଏ। ସମାଜରେ ନିଜର ଆଭିଜାତ୍ୟ ବଜାୟ ରଖିବା ପାଇଁ ଅନେକ ସମୟରେ ସେମାନେ ନିଜର ଶକ୍ତି ବାହାରେ ଖର୍ଚ୍ଚ କରନ୍ତି। ବାହାଘର ହେଉ ବା ପର୍ବପର୍ବାଣି, ଋଣ କରି ସେମାନେ ସାମାଜିକ ମର୍ଯ୍ୟାଦା ରକ୍ଷା କରିବାକୁ ଚେଷ୍ଟା କରି ମାନସିକ ଚାପର ଶିକାର ହୁଅନ୍ତି।

ଭାରତର ସହରାଞ୍ଚଳରେ ମଧ୍ୟବିତ୍ତ ପରିବାରର ମଧ୍ୟ ସମସ୍ୟା ହେଉଛି ଜୀବନକୁ ପରିଭାଷିତ କରୁଥିବା ମୌଳିକ ଆବଶ୍ୟକତା– ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବାସସ୍ଥାନ। ଏହି ତିନୋଟି କ୍ଷେତ୍ର ବର୍ଷ ବର୍ଷ ଧରି ସାଧାରଣ ମୁଦ୍ରାସ୍ଫୀତି ହାରଠାରୁ ବହୁତ ଅଧିକ ହାରରେ ମହଙ୍ଗା ହୋଇଛି। ଭାରତର ମୂଳ ମୁଦ୍ରାସ୍ଫୀତି ଏବେ ବି ମଧ୍ୟବିତ୍ତ ବର୍ଗର ପ୍ରକୃତ ଖର୍ଚ୍ଚକୁ ଠିକ ଭାବରେ ପ୍ରତିଫଳିତ କରେ ନାହିଁ। ଯେତେବେଳେ ଆମେ ଶିକ୍ଷାକୁ ଦେଖୁଛନ୍ତି, ଅନେକ ରାଜ୍ୟରେ ଘରୋଇ ସ୍କୁଲ ଫି ସାଧାରଣ ମୁଦ୍ରାସ୍ଫୀତି ଅପେକ୍ଷା ଅଧିକ ବୃଦ୍ଧି ପାଇଛି। ଜାତୀୟ ନମୁନା ସର୍ଭେ କାର୍ଯ୍ୟାଳୟ(ଏନ୍‌ଏସ୍‌ଏଓ) ତଥ୍ୟ ଦର୍ଶାଏ ଯେ ଶିକ୍ଷା ମୁଦ୍ରାସ୍ଫୀତି ସବୁବେଳେ ସାଧାରଣ ସୂଚକାଙ୍କ ଉପରେ ରହୁଛି, ଯାହା ପରିବାରଗୁଡ଼ିକର ଖର୍ଚ୍ଚ ବୃଦ୍ଧି କରିବା ସହ ଅନ୍ୟାନ୍ୟ ଆବଶ୍ୟକତାକୁ ବଳିଦାନ ଦେବାକୁ ବାଧ୍ୟ କରୁଛି।

ପରବର୍ତ୍ତୀ ହେଉଛି ସ୍ୱାସ୍ଥ୍ୟ। ସ୍ୱାସ୍ଥ୍ୟସେବାର କାହାଣୀ ସମାନ ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଭାରତରେ ମଧ୍ୟବିତ୍ତ ପରିବାରର ମୋଟ ଆୟର ଅଧାରୁ ଅଧିକ ଚିକିତ୍ସାରେ ଖର୍ଚ୍ଚ ହୁଏ। ବୀମା



କଭରେଜ ବିସ୍ତାର ହୋଇଛି, କିନ୍ତୁ ଏହାର ଗଭୀରତା ସୀମିତ, ପ୍ରିମିୟମ ବୃଦ୍ଧି ପାଉଛି ଏବଂ ପ୍ରମୁଖ ରୋଗର ମୂଲ୍ୟ ପ୍ରାୟତଃ ବୀମା ସୀମା ଅତିକ୍ରମ କରେ। ତୃତୀୟ ସମସ୍ୟା ହେଉଛି ବାସଗୃହ। ଗତ ଦଶନ୍ଧିରେ ପ୍ରମୁଖ ମହାନଗରଗୁଡ଼ିକରେ ଘର ମୂଲ୍ୟ ତିନି ଗୁଣରୁ ଅଧିକ ବୃଦ୍ଧି ପାଇଛି। ବେଙ୍ଗାଲୁରୁ ଏବଂ ମୁମ୍ବାଇ ଭଳି ବଡ଼ ବଡ଼ ମହାନଗର ଠାରୁ ଆରମ୍ଭ କରି ଛୋଟ ସହରଗୁଡ଼ିକରେ ମଧ୍ୟ ଘର ଖଣ୍ଡେ କରିବା ପାଇଁ ମଧ୍ୟବିତ୍ତ ପରିବାରର ଗୃହକର୍ତ୍ତାଙ୍କ ଅଣ୍ଟା ଭାଙ୍ଗି ଯାଏ। ବର୍ଦ୍ଧିତ ସୁଧ ହାର ଘର କ୍ରେତାଙ୍କ ପାଇଁ ମାସିକ କିସ୍ତି (ଇଏମ୍‌ଆଇ)ବୃଦ୍ଧି କରିଛି।

କାଗଜରେ ଆୟ ବୃଦ୍ଧି ପାଉଛି ବୋଲି ମନେହୁଏ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ମଜୁରି ବୃଦ୍ଧି ମୁଦ୍ରାସ୍ଫୀତି ହାର ସହିତ ସମାନ କିମ୍ବା ସାମାନ୍ୟ ଅଧିକ ହୋଇପାରେ। କିନ୍ତୁ ଯେତେବେଳେ ଅତ୍ୟାବଶ୍ୟକୀୟ ଖର୍ଚ୍ଚକୁ ବିୟୋଗ କରାଯାଏ ଏବଂ ପ୍ରକୃତ ବ୍ୟବହୃତ ଆୟ ମୂଲ୍ୟାଙ୍କନ କରାଯାଏ, କାହାଣୀ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୁଏ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଦ୍ୱାରା ବିଶ୍ଳେଷଣ ମଧ୍ୟବିତ୍ତ ବର୍ଗ ମଧ୍ୟରେ ବୃଦ୍ଧି ପାଉଥିବା ସମସ୍ୟାକୁ ସୂଚିତ କରେ। ସମାଜର ନିମ୍ନ ବର୍ଗ ସରକାରୀ ସମର୍ଥନ ପାଇଛନ୍ତି ଏବଂ ଉପର ବର୍ଗ ବର୍ଦ୍ଧିତ ସମ୍ପତ୍ତି ମୂଲ୍ୟରୁ ଲାଭ ପାଇଛନ୍ତି କିନ୍ତୁ ମଧ୍ୟବିତ୍ତ ବର୍ଗ କେବଳ ସେମାନଙ୍କ ଦରମା ଉପରେ ନିର୍ଭରଶୀଳ। ମଜୁରି ବୃଦ୍ଧି ମଧ୍ୟ ଅସମାନ ହୋଇଛି। ବେତନଭୋଗୀ ବର୍ଗର ଏକ ବଡ଼ ଅଂଶ ସାମାନ୍ୟ ବୃଦ୍ଧି ଦେଖିଛନ୍ତି, ଯାହା ମୁଦ୍ରାସ୍ଫୀତିର ମୁକାବିଲା କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ବଢୁଥିବା ଚାକିରି ଅନିଶ୍ଚିତତା ଆୟ ସୁରକ୍ଷାକୁ ଆହୁରି କ୍ଷୁଣ୍ଣ କରିଛି। ବର୍ଦ୍ଧିତ ପ୍ରତ୍ୟକ୍ଷ ଟିକସ ବୋଝ ଏବଂ ଜିଏସ୍‌ଟି ମଧ୍ୟବିତ୍ତ ବର୍ଗର ସଞ୍ଚୟ କରିବାର କ୍ଷମତାକୁ ସୀମିତ କରିଛି। ଫଳସ୍ୱରୂପ, ପରିବାରଗୁଡ଼ିକ କାଗଜରେ ସମୃଦ୍ଧ ଦେଖାଯାଉଥିବା ବେଳେ, ମୁକ୍ତ ଭାବରେ ଖର୍ଚ୍ଚ କରିବାରେ ସେମାନଙ୍କର କ୍ଷମତା କ୍ରମାଗତ ଭାବରେ ସଙ୍କୁଚିତ ହେଉଛି।

ମଧ୍ୟବିତ୍ତ ଶ୍ରେଣୀର ଏହି ଜୀବନ ଯୁଦ୍ଧରେ ସରକାରୀ ସ୍ତରରେ ସହାୟତା ଏବଂ ସାମାଜିକ ସ୍ତରରେ ସହାନୁଭୂତିର ଆବଶ୍ୟକତା ରହିଛି। ସମାଜର ଏହି ସ୍ତର, ନା ନିମ୍ନବର୍ଗର ଲୋକଙ୍କ ପରି ମୁକ୍ତ ଭାବେ ନିଜର ଅଭାବ ପ୍ରକାଶ କରିପାରେ ନା ଉଚ୍ଚବର୍ଗର ଲୋକଙ୍କ ପରି ବିଳାସପୂର୍ଣ୍ଣ ଜୀବନ ବିତାଇପାରେ । ଏହି ଦୋଛକି ସ୍ଥିତି ସେମାନଙ୍କ ଅସ୍ତିତ୍ୱକୁ ସନ୍ତୁଳିତ କରିବାରେ ବାଧକ ସାଜେ। ମାନସମ୍ମାନର ଆବରଣ ତଳେ, ଅନେକ ସମୟରେ ଅଭାବ ଓ ଅସନ୍ତୋଷ ମଧ୍ୟରେ ପରିବାରର ମୁଖ୍ୟ ନିଜର କଷ୍ଟକୁ ପ୍ରକାଶ ନ କରି ହସି ହସି ସବୁ ସହିଯାଆନ୍ତି। ଏସବୁ ପରେ ମଧ୍ୟ ସମାଜରେ ଏହି ଶ୍ରେଣୀର ସଞ୍ଚୟ ଓ ସଂସ୍କାର ହିଁ ଦେଶର ଅର୍ଥନୀତିକୁ ଗତିଶୀଳ କରେ। ତେଣୁ ମଧ୍ୟବିତ୍ତ ପରିବାରର ସମସ୍ୟାକୁ କେବଳ ବ୍ୟକ୍ତିଗତ ନ ଭାବି, ଏହାକୁ ଏକ ସୁସ୍ଥ ସମାଜ ଗଠନର ଆହ୍ୱାନ ଭାବେ ଗ୍ରହଣ କରିବା ଉଚିତ।

**ନୟାଗଡ଼**
**ମୋ:୯୪୩୭୬୪୨୯୪୭**

## ଏଇ ଭାରତରେ

ବଜାରରେ ଏବେ ବାଙ୍ଗନପଲି, ଦେଶାରି, କେଶର, ଲାଙ୍ଗ୍ରା ଓ ଟୋଟାପୁରି ଆଦି ବିଭିନ୍ନ କିସମ ଓ ଭିନ୍ନ ସ୍ୱାଦର ଆମ୍ବ ବିକ୍ରି ହେଉଛି। ହେଲେ ମଧ୍ୟପ୍ରଦେଶ ଅଲିରାଜପୁର ଜିଲା କାଠିଆୱାଡାର ନୁରଜାହାଁ କିମସ ଆମ୍ବ ଏହାର ଆକାର ପାଇଁ ଜଣାଶୁଣା। ଶିବରାଜ ସିଂ ଯାଦବ ଏହି ଆମ୍ବ ଚାଷ କରୁଛନ୍ତି। ଏହାର ଓଜନ ୩ରୁ ୩.୫ କେଜି ଓ ସ୍ୱାଦ ବଢିଆ। ଗୋଟେ ଗୋଟେ ଆମ୍ବର ଲମ୍ବ ବହୁ ସମୟରେ ୧ ଫୁଟ ଲମ୍ବ ବି ହେଉଛି। ଗୋଟିଏ ଆମ୍ବର ଦାମ୍ ୧୦୦୦ ଟଙ୍କାରେ ବି ବିକ୍ରି କରାଯାଉଛି। ଏହି ଆମ୍ବର ନାମ ମୋଗଲ ରାଣୀ ନୁରଜାହାଁଙ୍କ ନାମାନୁସାରେ ରଖାଯାଇଛି। ଅନେକ ଶତାବ୍ଦୀ ପୂର୍ବେ ଏହି ଆମ୍ବ ଆଫଗାନିସ୍ତାନରୁ ଗୁଜରାଟ ବାଟଦେଇ ଭାରତକୁ ଅଣାଯାଉଥିଲା। ଏବେ ମଧ୍ୟପ୍ରଦେଶର ଜଳବାୟୁ ନୁରଜାହାଁ ଆମ୍ବ ପାଇଁ ଉପଯୋଗୀ ହୋଇଛି। ଏହି ଆମ୍ବ ଚାଷକୁ ବ୍ୟାପକ କରିବା ପାଇଁ ଶିବରାଜ ତାଙ୍କ ଫାର୍ମରୁ କଲମି ଗଛ କରି ଅନ୍ୟ ଚାଷୀମାନଙ୍କୁ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୫ ମେ ୧୯୭୬**

- ଜନତାଦଳର କାର୍ଯ୍ୟକାରୀ କମିଟି ଗଠିତ ହୋଇଥିବା ନେଇ ଦଳର ସଭାପତି ଚନ୍ଦ୍ରଶେଖରଙ୍କ ଘୋଷଣା।
- ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ଗୁଜରାଟରେ ଦେଶର ସର୍ବବୃହତ୍ କମ୍ପୋଷ୍ଟ ସାର ତିଆରି କାରଖାନା ଉଦ୍‌ଘାଟନ କରିଛନ୍ତି।

## ଚିରନ୍ତନୀ

ମଣାଣିରୁ ନିଭି ଆସେ ଜୁଇ
ନିଭେ ଯଥା ମନୁଁ ଶୋକଭୟ
ତରଳାଇ ଶୀତର ତୁଷାର
ଆଜି ଏଥି ରଚ ଅଭିସାର
କିଏ ତୁମେ ଚିର ନିର୍ଦ୍ଦୟ
ବୁହାଇଲ ମନ୍ଦ ମଳୟ !
–(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭୁଲ୍ କାହାର

ମହାଶୟ,

କେନ୍ଦୁଝର ଜିଲାରେ ଜିତୁ ମୁଣ୍ଡା ମୃତ ଭଉଣୀର କଙ୍କାଳ ବ୍ୟାଙ୍କ୍‌କୁ ଆଣିବା ଘଟଣାଟି ଅତ୍ୟନ୍ତ ହୃଦୟବିଦାରକ। ବାସ୍ତବରେ କହିବାକୁ ଗଲେ ଏଠି ଭୁଲ୍ କାହାର ଜିତୁଙ୍କର ନା ବ୍ୟାଙ୍କ ଅଧିକାରୀଙ୍କର ନା ସରକାରଙ୍କର ନା ଆମ ନିୟମର। ଦେଖିବାକୁ ଗଲେ ଆମର ସମସ୍ତ ତଥ୍ୟ ସରକାରଙ୍କ ପାଖରେ ଥିବାବେଳେ ସାଧାରଣ ଜନ୍ମ ଏବଂ ମୃତ୍ୟୁ ଖବର ସରକାରଙ୍କ ପାଖରେ କିପରି ପହଞ୍ଚିପାରୁନି ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତେଣୁ ସରକାର ଏଥିପ୍ରତି ସଚେତନ ହେବା ସହିତ ସମସ୍ତ କାର୍ଯ୍ୟାଳୟରେ କିପରି ନିୟମାବଳୀଗୁଡ଼ିକ ସରଳୀକରଣ କରାଯାଇପାରିବ ଏବଂ ଜନ୍ମ ଆଉ ମୃତ୍ୟୁ ପ୍ରମାଣ ପତ୍ରକୁ ସମସ୍ତ ପରିବାରକୁ ଶୀଘ୍ର ଯୋଗାଇଦିଆଯାଇ ପାରିବ ଏଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ।

**–ବିଚିତ୍ର ପୃଷ୍ଟି, ଅଚ୍ୟୁତବସନ୍ତ, ବାଲିଚନ୍ଦ୍ରପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୪।୫।୨୦୨୬

| | |
|---|---|
| ୪,୫୮,୩୦୧ ଟଙ୍କା | |
| ସୁନା | ୯୫୦ ମିଲିଗ୍ରାମ୍ |
| ରୁପା | ୬୨.୯୦୦ ଗ୍ରାମ୍ |

# ସ୍ଥାନାଭାବ: ରାସ୍ତାରେ ରହୁଛି ମୁଖ୍ୟମନ୍ତ୍ରୀ ବସ୍‌ସେବା ଗାଡ଼ି

ଗୋପ,୪।୫(ଭାରତୀ ଭୂଷଣ ଉପାଧ୍ୟାୟ)

କିଛିଦିନ ହେବ ପିପିଲି - କୋଣାର୍କ ମୁଖ୍ୟ ରାସ୍ତାର ଗୋପ ବ୍ଲକ ଛକ ପାଖରେ ମୁଖ୍ୟମନ୍ତ୍ରୀ ବସ୍‌ସେବା ଯୋଜନାର ବସ୍‌ଗୁଡ଼ିକ ଅଟକି ରହୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପାର୍କିଂ ପାଇଁ ସ୍ଥାନ ଅଭାବରୁ ଏଭଳି ସମସ୍ୟା ଉପୁଜୁଥିବାବେଳେ ଦୁର୍ଘଟଣା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ ବୋଲି ମତପ୍ରକାଶ ପାଇଛି। ପ୍ରକାଶ ଯେ, କିଛିବର୍ଷ ହେବ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀ ବସ୍‌ସେବା ଯୋଜନାରେ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତକୁ ୫ଟି ବସ୍ ଚଳାଚଳ



କରୁଛି। କିନ୍ତୁ ସ୍ଥାନାଭାବରୁ ବିଭିନ୍ନ ସମୟରେ ବସ୍‌ଗୁଡ଼ିକ ରାସ୍ତାରେ ଠିଆ ହୋଇରହୁଛି। ଏପରିକି ରାତ୍ରି ରହଣି ସମୟରେ ବ୍ଲକ କାର୍ଯ୍ୟାଳୟ ପାଖରେ ବସ୍‌ଗୁଡ଼ିକ ରହୁଥିବା ଜଣାପଡ଼ିଛି। ପିପିଲି- କୋଣାର୍କ ରାସ୍ତାରେ ଦୈନନ୍ଦିନ ଦେଶ ବିଦେଶର ପର୍ଯ୍ୟଟକଙ୍କ ଗାଡ଼ି ପୁରୀ-କୋଣାର୍କକୁ ଚଳାଚଳ କରୁଛି। ଏହି ବସ୍‌ଗୁଡ଼ିକ ରାସ୍ତା ଉପରେ ରହୁଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ତେଣୁ ଏହି ବସ୍‌ଗୁଡ଼ିକୁ ରାସ୍ତାରୁ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସୂର୍ଯ୍ୟଶଙ୍କର ଦାଶ କହିଛନ୍ତି, ବସ୍‌ଗୁଡ଼ିକ ରଖିବା ପାଇଁ ସ୍ଥାନ ଅଭାବ ରହିଛି। ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବସ୍‌ଗୁଡ଼ିକ ରହୁଥିଲା। ଗୋଟିଏ ସ୍ଥାନରେ ବସ୍ ରହିବା ଲାଗି ବ୍ୟବସ୍ଥା କରାଯିବ।

## ରଥଖଳାରୁ...

### ୩ଟି ଲେଖାଏ ନାହାକା ଚକ ନିର୍ମାଣ ଶେଷ



ପୁରୀ, ୪।୫(ଅଜିତ୍ କୁମାର ମହାନ୍ତି)

ଜୁଲାଇ ୧୬ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏହି ପରିପ୍ରେକ୍ଷୀରେ ଶ୍ରୀନଅର ସମ୍ମୁଖସ୍ଥ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥ ନିର୍ମାଣର ଚତୁର୍ଦ୍ଦଶ ଦିବସରେ ୩ ରଥର ନିର୍ମାଣକାରୀ ସେବକ ଓ କାରିଗର ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସୋମବାର ତିନିରଥର ତିନୋଟି ଲେଖାଏ ନାହାକା ଚକ ନିର୍ମାଣ ଶେଷ ହୋଇଛି। ଅପରାହ୍ନରେ ତିନିରଥର ନାହାକା ଅଖ ନିର୍ମାଣ ଅନୁକୂଳ ପୂଜା ତିନିରଥ ବିଶ୍ୱକର୍ମା ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏଥିସହ ତିନି ରଥର ଚତୁର୍ଥ ଚକ ପଇ ବିନ୍ଧ କାର୍ଯ୍ୟ ଶେଷ ହୋଇଛି, ଚତୁର୍ଥ ଏବଂ ପଞ୍ଚମ ଚକ ତୁମ୍ବ ଅରର ବଳକା ଅଂଶ କଟାଯାଇ ସିଙ୍ଗଡ଼ା କଳସା ଜାରି ରହିଛି। ତିନି ରଥର ଚତୁର୍ଥ ଏବଂ ପଞ୍ଚମ ଚକରେ ପଇ ସଂଯୋଗ ପରେ ପଇ କଳସା କାର୍ଯ୍ୟ କରାଯିବ। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନି ରଥର ନାହାକା ଚକର ଆବଶ୍ୟକ ଅର କଣ୍ଟା ନିର୍ମାଣ ଜାରି ରହିଛି।

## ସଂକ୍ଷେପରେ

### ୮ ଏଏସ୍‌ଆଇଙ୍କୁ ବଦଳି

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

କଣାସରେ ଏକ ବୀଭତ୍ସ ଘଟଣା ଘଟିବା ପରେ ପୁରୀ ଏସ୍‌ପି ପ୍ରତୀକ ସିଂ ଜିଲାର ୮ ଏଏସ୍‌ଆଇଙ୍କୁ ବଦଳି କରିଛନ୍ତି। କଣାସ ଥାନା ଏଏସ୍‌ଆଇ ଜୁମର କୁମାର ବିଶ୍ୱାଳଙ୍କୁ ଅସ୍ତରଙ୍ଗ, ଏଏସ୍‌ଆଇ ସଞ୍ଜୟ କୁମାର ପାଟଶାଣୀଙ୍କୁ କାକଟପୁର, ଏଏସ୍‌ଆଇ ସନ୍ତୋଷ କୁମାର ଉଦୟସିଂଙ୍କୁ କୃଷ୍ଣପ୍ରସାଦ, ମନ୍ଦାରବସ୍ତ ବିଏଚ୍‌ର ଏଏସ୍‌ଆଇ ରବୀନ୍ଦ୍ର କୁମାର ସାମନ୍ତରାୟଙ୍କୁ ଗୋପ, ଅସ୍ତରଙ୍ଗ ଥାନା ଏଏସ୍‌ଆଇ ଫକୀର ଚନ୍ଦ୍ର ଭୋଇ, କାକଟପୁର ଥାନା ଏଏସ୍‌ଆଇ ପ୍ରମୋଦ କୁମାର ହାତୀ ଓ କୃଷ୍ଣପ୍ରସାଦ ଥାନା ଏଏସ୍‌ଆଇ କୃତୀବାସ ବେହେରାଙ୍କୁ କଣାସ ଥାନାକୁ ବଦଳି କରାଯାଇଛି। ସେହିପରି ଗୋପ ଥାନା ଏଏସ୍‌ଆଇ ବିଭୁଦତ୍ତ ପ୍ରସାଦ ଦାସଙ୍କୁ ମନ୍ଦାରବସ୍ତ ବିଏଚ୍‌କୁ ବଦଳି କରାଯାଇଥିବା ପୋଲିସ୍ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

### ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲା ନ୍ୟାୟ ପାଇଁ ଲଢ଼େଇ ପରିବାର

#### କଣାସରେ ବୀଭତ୍ସ କାଣ୍ଡ

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

କଣାସ ଥାନା ଅନ୍ତର୍ଗତ ଗୋଲାବଜାରଠାରେ ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାଗିମଲ୍ଲଙ୍କୁ କିଛି ଯୁବକ ପଣିକିରେ ଆକ୍ରମଣ କରିବା ସହ ଗାଡ଼ି ଚଢ଼ାଇ ଦେଇଥିଲେ। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଉଠିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌ସ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଏଭଳି ଅମାନୁଷିକ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ସମ୍ପୃକ୍ତ ଯୁବକଙ୍କୁ ଚିକିତ୍ସା ଖର୍ଚ୍ଚ ଯୋଗାଇଦେବା, କ୍ଷତିପୂରଣ ବାବଦକୁ ୫୦ ଲକ୍ଷ ଟଙ୍କା ଦେବା ପାଇଁ 'ନ୍ୟାୟ ପାଇଁ ଲଢ଼େଇ ପରିବାର' ସଂଗଠନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଦାବି କରିଛନ୍ତି। ଏନେଇ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଏନ୍.ଏଚ୍.ଆର୍.ସି ନମ୍ବର ୯୮୬୨/୨୦୨୬ରେ କେସ୍ ଦାଏର କରିଛନ୍ତି।

### ଭାଜପାର ବିଜୟ ଶୋଭାଯାତ୍ରା

ନିମାପଡ଼ା,୪।୫(ବିଚିତ୍ରାନନ୍ଦ ସାହୁ)

ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟର ନିର୍ବାଚନରେ ଭାଜପାର ଆଶାତୀତ ବିଜୟ ନେଇ ନିମାପଡ଼ାରେ ଭାଜପା କର୍ମୀ ଓ ନେତୃବୃନ୍ଦଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସୋମବାର ନିମାପଡ଼ାରେ ଶତାଧିକ ଭାଜପା କର୍ମୀ ବାଜା ବଜାଇ, ବାଣ ଫୁଟାଇ, ମିଠା ବାଣ୍ଟି ଖୁସି ମନାଇଥିଲେ। ଏଥିସହ ଏକ ବିଜୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଦଳୀୟ କାର୍ଯ୍ୟାଳୟ ଓ ଦୋଳବେଦି ଛକଠାରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏମ୍‌ପି ପ୍ରତିନିଧି ମିନଲତା ମହାନ୍ତି, ବରିଷ୍ଠ ନେତା ଶ୍ୟାମସୁନ୍ଦର ନାୟକ, ସନ୍ତୋଷ ପରିଡ଼ା, ନିରଞ୍ଜନ ନାୟକ, ସତ୍ୟଭୂଷଣ ସ୍ୱାଇଁ, ଯୁବନେତା ସାଇପ୍ରୀତମ ପଟ୍ଟନାୟକ, ନେତ୍ରୀ ଝିଲିଲତା ଦାଶ, ତିଳୋତ୍ତମା ବାରିକ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିଜୟ ଉତ୍ସବ ପାଳିତ ହୋଇଥିଲା।

### ଜଳିଗଲା ବ୍ୟାଟେରିଚାଳିତ ସ୍କୁଟି

ଗୋପ,୪।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ- କୋଣାର୍କ ମୁଖ୍ୟରାସ୍ତାର ଗୋପ ଦେବୀ ବଜାର ପାଖରେ ସୋମବାର ଅପରାହ୍ନରେ ଗୋଟିଏ ବ୍ୟାଟେରିଚାଳିତ ସ୍କୁଟି (ନଂ. ଓଡି ୧୩ ଆର୍ ୫୫୪୨) ଜଳିଯାଇଛି। ତେବେ ସୌଭାଗ୍ୟବଶତଃ ଏହି ସ୍କୁଟିର ଚାଳକ ସିଲନ ମହାନ୍ତି ଡେଇଁପଡ଼ିବାରୁ ଅଘଟଣରୁ ବର୍ତ୍ତିଯାଇଛନ୍ତି। ଗୋପ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୂଚନା ଅନୁଯାୟୀ, ସିଲନ ସ୍କୁଟି ଯୋଗେ ଗୋପ ଫେରୁଥିଲେ। ଏହି ସମୟରେ ଦେବୀ ବଜାର ନିକଟରେ ସ୍କୁଟିରୁ ଧୂଆଁ ବାହାରିବା ଦେଖି ଗାଡ଼ିଟିକୁ ରଖି ଦେଇଥିଲେ। ସଙ୍ଗେ ସଙ୍ଗେ ଗାଡ଼ି ସିଟ୍ ତଳୁ ପ୍ରବଳ ମାତ୍ରାରେ ଧୂଆଁ ବାହାରିବା ସହ ଗାଡ଼ିଟି ଜଳିଯାଇଥିଲା।



ଚନ୍ଦନ ଚକଡାରେ ସୋମବାର ମଦନ ମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କୁ ରାସମଣ୍ଡଳ ବେଶ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ପଞ୍ଚସଖା ଶିକ୍ଷା ସେତୁ ସଚେତନତା କାର୍ଯ୍ୟକ୍ରମ

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ 'ପଞ୍ଚସଖା ଶିକ୍ଷା ସେତୁ ଯୋଜନା' ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟ ଆୟୋଜନରେ ସ୍ଥାନୀୟ ଭକ୍ତ ସାଲବେଗ ସ୍ମୃତିପୀଠ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଉନ୍ନତି, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁସମନ୍ୱୟ ଏବଂ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ସହଯୋଗ ଓ ଭାଇଚାରା ସୃଷ୍ଟି ନିମନ୍ତେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସବିତା ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଆଲୁମ୍‌ନି ବୁଦ୍ଧଦେବ ମହାପାତ୍ର, ବିପିନ ବିହାରୀ ଦଳାଇ, ଶ୍ୟାମ ପ୍ରକାଶ ସେନାପତି ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଜାତା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମତ ରଖିଥିଲେ। ସରକାରଙ୍କ ଏତାଦୃଶ ଯୋଜନା ଏକ ଅଭିନବ ଯୋଜନା, ଯଦ୍ୱାରା ଗୋଟିଏ ବିଦ୍ୟାଳୟର ସାମଗ୍ରିକ 'ଶ୍ରୀ' ବୃଦ୍ଧି ସାଧିତ ହୋଇପାରିବ। ପ୍ରସିଦ୍ଧ ସନ୍ଥ ପଞ୍ଚସଖାଙ୍କ ଜ୍ଞାନ, ନୀତି, ସଂସ୍କୃତି ଓ ଆଦର୍ଶକୁ ଆଧାର କରି ଏହି ଯୋଜନା ହିଁ ଶିକ୍ଷାକୁ ଅଧିକ ସାରଗର୍ଭକ ଓ ଆକର୍ଷଣୀୟ କରିବ ବୋଲି ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ ଅନ୍ନଦା ମହାନ୍ତି ସ୍ୱାଗତ କରିଥିବାବେଳେ ଆଲୁମ୍‌ନି ପ୍ରମିଳା ସିଂ ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ପାଇଁ ୩୪ ଦିନରେ ପୁରୀବାସୀଙ୍କ ପଦଯାତ୍ରା



ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ପାଇଁ ବଳଗଣ୍ଡି ଭକ୍ତ ସାଲବେଗ ପୀଠରୁ ଏପ୍ରିଲ୍ ପହିଲାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ୩୪ ଦିନରେ ପହଞ୍ଚିଛି। ଏହା କେବଳ ପଦଯାତ୍ରା ନୁହେଁ, ବରଂ ଏହା ପୁରୀ ସହର ଓ ସଦରବାସୀଙ୍କ ହୃଦୟର ଅନୁଭୂତି, ନୀରବ ବେଦନା ଓ ଅତୁଟ ଆସ୍ଥାର ଏକ ସଂଗଠିତ ଉଚ୍ଚାରଣ। ଏହି ପଦଯାତ୍ରା ରବିବାର ପୁରୀ ସହର ଓ ସଦରବାସୀଙ୍କ ଆତ୍ମାର ସ୍ୱର ହୋଇଉଠିଛି। ଶ୍ରୀଜଗନ୍ନାଥଙ୍କ ପ୍ରତି ଅତୁଟ ଭକ୍ତି ଏବଂ ସ୍ୱାଭାବିକ ଦର୍ଶନ ଅଧିକାର ପ୍ରତି ଗଭୀର ଆକାଂକ୍ଷା ଏହାକୁ ଏକ ସାମୂହିକ ସଂକଳ୍ପରେ ପରିଣତ କରିଛି। ଆଜିର ପଦଯାତ୍ରାରେ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଜୟ ମିଶ୍ର, ସରସ୍ୱତୀ ପାତ୍ର, ଅରୁଣା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ସୁକାନ୍ତ ପଣ୍ଡା, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ପ୍ରଦୀପ୍ତ ମହାନ୍ତି, ରାଜା ମହାନ୍ତି, ପ୍ରକାଶ ନାୟକ, ମାଗୁଣି ଜେନା ଓ ଲିଙ୍ଗରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଅଭିଯୁକ୍ତମାନଙ୍କୁ ଗିରଫ କରୁନି ପୋଲିସ'

### ଘରେ ପଶି ମହିଳାଙ୍କୁ ଆକ୍ରମଣ ଘଟଣା

ଯୋଗେଶ୍ୱରପୁର,୪।୫(ରଶ୍ମିରଞ୍ଜନ ସାହୁ):

ଗାଁ ଦାଣ୍ଡରେ ମହିଳାଙ୍କୁ ଘୋଷାରି ଆକ୍ରମଣ କରାଯିବା ଘଟଣାକୁ ୩ଦିନ ବିତିଯାଇଥିଲେ ମଧ୍ୟ ୧୦ ଅଭିଯୁକ୍ତଙ୍କ ମଧ୍ୟରୁ କାହାକୁ ବି ପୋଲିସ ଗିରଫ କରିନାହିଁ। ତେଣୁ ଭାଜପା ନେତ୍ରୀ ରାଜଲକ୍ଷ୍ମୀ ଦାସ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଶୋରଭା ପଞ୍ଚାୟତ ଓଟାଙ୍ଗ ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ରକରି ଦୀର୍ଘଦିନ ହେଲା ତନୁଲତା ସ୍ୱାଇଁ ଓ ଝରିଆ ଖଟୋଇଙ୍କ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା। ଶନିବାର ଉଭୟଙ୍କ ଜମି ମାପଚୁପ ପାଇଁ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଥିଲା। ଗୋଟିଏ ପକ୍ଷର ଅମିନ ନ ଆସିବାରୁ ପୋଲିସ ଫେରି ଆସିଥିଲା। ସେହି ଜମିରେ ଥିବା ନଡ଼ିଆ ଗଛରୁ ନଡ଼ିଆ ତୋଳିବା ଓ ଲିପିନା ସ୍ୱାଇଁ ନଡ଼ିଆ ଆଣିବାକୁ କେନ୍ଦ୍ର କରି ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଲିପିନାଙ୍କୁ ଗାଁ ଦାଣ୍ଡରେ ସଂଘବଦ୍ଧ ଭାବେ ଆକ୍ରମଣ କରିବାକୁ ଗୋଡ଼ାଇବାରୁ ସେ ଜୀବନ ବିକଳରେ ଜଣଙ୍କ ଘରେ ପଶିଯାଇଥିଲେ। ଆକ୍ରମଣକାରୀମାନେ ତାଙ୍କୁ ଘରୁ ଘୋଷାରି ଆଣି ଆକ୍ରମଣ କରିଥିଲେ। ପରେ ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ଲିପିନାଙ୍କ ବଡ଼ବାପା ପ୍ରକାଶ ଚନ୍ଦ୍ର ସ୍ୱାଇଁ ଗୋପ ଥାନାରେ ଅଭିଯୋଗ କରିବା ପରେ ଏକ କେସ୍ (ନଂ.୧୪୦/୨୬) ରୁଜୁ ହୋଇଛି। ଅଭିଯୁକ୍ତ ଜଗନ୍ନାଥ ଖଟୋଇ, ଭଗତ ଖଟୋଇ, ଆକୁଳା ଖଟୋଇ, ସାବିତ୍ରୀ ଖଟୋଇ, ଝରିଆ ଖଟୋଇ, ଭାଲୁ ଖଟୋଇ, ଇନ୍ଦ ଖଟୋଇ ପ୍ରମୁଖଙ୍କ ନାମରେ ମକଦ୍ଦମା ରୁଜୁ ହୋଇଛି। ଅପରପକ୍ଷେ ଆକ୍ରମଣକାରୀମାନେ ଗୋପ ଥାନାରେ ସମ୍ପୃକ୍ତ ମହିଳା ଓ ତାଙ୍କ ଦୁଇ ଝିଅଙ୍କ ନାମରେ ଏକ କେସ୍ (ନଂ.୧୪୧/୨୬) ରୁଜୁ କରିଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି ହେଉଛି ।

## ମୁକ୍ତିମଣ୍ଡପ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକାରେ ତ୍ରୁଟି

### ଅଭିଯୋଗ ଆଣିଲେ ପଣ୍ଡିତ ହରିଶଙ୍କର ମିଶ୍ର

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

ମୁକ୍ତିମଣ୍ଡପ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକାରେ ସାଂଘାତିକ ତ୍ରୁଟି ଥିବା ନେଇ ପାଞ୍ଜି ସମୀକ୍ଷକ ପଣ୍ଡିତ ହରିଶଙ୍କର ମିଶ୍ର ଅଭିଯୋଗ କରିଛନ୍ତି। ମିଶ୍ର କହିଛନ୍ତି ଯେ, ଶ୍ରୀଜଗନ୍ନାଥ ମନ୍ଦିରସ୍ଥ ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ସ୍ୱୀକୃତ ପଞ୍ଜିକାକୁ ତ୍ରୁଟିଶୂନ୍ୟ ବୋଲି ବିବେଚନା କରୁଥିଲେ ମଧ୍ୟ କ୍ରମାଗତ ଭାବେ ଗାଣିତିକ ଓ ବ୍ୟବସ୍ଥାଗତ ତ୍ରୁଟି ଏହାକୁ ଅନୁସରଣ କରୁଥିବା ବ୍ୟକ୍ତିବିଶେଷଙ୍କୁ ଧାର୍ମିକ ସଙ୍କଟରେ ପକାଉଛି। ପ୍ରଥମତଃ ମୁକ୍ତିମଣ୍ଡପ ପଣ୍ଡିତ ସଭା ୪ଟି ପଞ୍ଜିକାକୁ ସ୍ୱୀକୃତି ଦେଇଥିବାବେଳେ ସେମାନଙ୍କ ମଧ୍ୟରେ ଅନେକ ତଥ୍ୟଗତ ଅମେଳ ରହୁଛି। ବିଷ୍ଣୁ ପୁରାଣରେ ସୂର୍ଯ୍ୟଙ୍କ ଉଦୟ ଓ ଅସ୍ତ ସମୟ ନିର୍ଦ୍ଧାରଣକୁ ଏଡ଼ାଇ ଉକ୍ତ ପଞ୍ଜିକାରେ ମଧ୍ୟବିନ୍ଦୁ ଦର୍ଶନ, ଜନ୍ମ ଜାତକ ଓ ପୁଷ୍କର ଦୋଷକୁ ତ୍ରୁଟିଯୁକ୍ତ କରାଉଛି। ପୁନଶ୍ଚ ବିବାହ ବ୍ରତାଦି ମାଙ୍ଗଳିକ କାର୍ଯ୍ୟଦିବସ ନିର୍ଣ୍ଣୟରେ ପାରସ୍ପରିକ ତ୍ରୁଟି ଲୋକଙ୍କୁ ବିଭ୍ରାନ୍ତ କରାଉଛି।

ଗତ ୩ ତାରିଖ ରବିବାର ଯୋଗୁ ପଣ୍ଡିତ ସର୍ବେଶ୍ୱର ପୃଷ୍ଠା ୨୭୧ର ନିର୍ଣ୍ଣୟ ମତେ କୌଣସି ପଞ୍ଜିକାରେ ଗୃହ ପ୍ରବେଶ ତିଥି ନିର୍ଦ୍ଧାରିତ ହୋଇ ନ ଥିଲା। କିନ୍ତୁ ମୁକ୍ତିମଣ୍ଡପ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ଏହା ରହିଥିବାରୁ ଅନେକେ ତାହାକୁ ବିଶ୍ୱାସ କରି ଗୃହ ପ୍ରବେଶ କରିଛନ୍ତି; ଯାହାକି ଧାର୍ମିକ ଦୃଷ୍ଟିରୁ ଠିକ୍ ନୁହେଁ। ଏଭଳି ଅନେକ ତ୍ରୁଟି ସହ ତିଥି ବ୍ୟାପ୍ତିରେ ଅମେଳ ଯୋଗୁ ଲୋକଙ୍କୁ ଧାର୍ମିକ ନିର୍ଣ୍ଣୟ ଦେବାରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ନିଷ୍ଠା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ମୁକ୍ତିମଣ୍ଡପ ପଣ୍ଡିତ ସଭା ପଞ୍ଜିକା ସ୍ୱୀକୃତି ଦେବାପାଇଁ କୌଣସି ବାଧ୍ୟବାଧକତା ନ ଥିବାବେଳେ କେବଳ ଅର୍ଥ ବିନିମୟରେ ସ୍ୱୀକୃତି କିଛି ଲୋକଙ୍କ ସ୍ୱାର୍ଥ ସାଧନ ପାଇଁ ସାମଗ୍ରିକ ଭାବରେ ସଭା ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ ନିନ୍ଦିତ ହେଉଛନ୍ତି।

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ୬ ଅଭିଯୋଗର ସମାଧାନ

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୋଟ ୪୫ ଗୋଟି ଅଭିଯୋଗ ମିଳିଥିଲା, ସେଥିରୁ ୩୭ ବ୍ୟକ୍ତିଗତ, ୬ ଗ୍ରାମ ସମ୍ବନ୍ଧୀୟ, ୨ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ ୬ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଏସ୍‌ପି ପ୍ରତୀକ ସିଂ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଉପଜିଲାପାଳ ରାଜକିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧୧ ତାରିଖରେ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ସେହିପରି ବ୍ରହ୍ମଗିରି ବ୍ଲକରେ ୧୮ରେ, ସତ୍ୟବାଦୀ ବ୍ଲକରେ ୨୫ରେ ସକାଳ ୭ଟାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ଆଗରେ କର୍ମଚାରୀଙ୍କ ବିକ୍ଷୋଭ

ନିମାପଡ଼ା,୪।୫(ବିଚିତ୍ରାନନ୍ଦ ସାହୁ)

ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ଅନୁବନ୍ଧିତ ଭାରତୀୟ ମଜଦୁର ମହାସଂଘର ନିମାପଡ଼ା ଡିଭିଜନ ଶାଖା ପକ୍ଷରୁ ଦୁଇଶହରୁ ଊର୍ଦ୍ଧ୍ୱ ବିଦ୍ୟୁତ କର୍ମଚାରୀ ସୋମବାର ସ୍ଥାନୀୟ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବେଆଇନ ଭାବେ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଓ ବେଆଇନ ଛଟେଇ ବନ୍ଦ କରାଯିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିର୍ବାହୀ ଯନ୍ତ୍ରୀ ବିଶ୍ୱରଞ୍ଜନ ବେହେରାଙ୍କୁ ଦାବିପତ୍ର ଦିଆଯାଇଥିଲା। ମହାସଂଘ ନିମାପଡ଼ା ଶାଖାର ସଭାପତି ଶୁଭ୍ରାଂଶୁ କୁଣ୍ଡୁ, ଉପସଭାପତି ପ୍ରଶାନ୍ତ ଓଝା, ସମ୍ପାଦକ ଗିରିଶ ଚନ୍ଦ୍ର ପ୍ରଧାନ, ଅମିତ କୁମାର ନାୟକ, ତୋଫାନ ତରାଇ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ନିମାପଡ଼ା, ଗୋପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ, ପିପିଲି, ବାଲିପାଟଣା ଆଦି ଅଞ୍ଚଳର ଶତାଧିକ ବିଦ୍ୟୁତ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଦୁର୍ବାର ଗଣଆନ୍ଦୋଳନ ହେବ ବୋଲି ନେତୃବୃନ୍ଦମାନେ ଚେତାବନୀ ଦେଇଛନ୍ତି।





ବିଦ୍ୟୁତ୍ କର୍ମଚାରୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

15001/29/2627



ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୫ ମଇ, ୨୦୨୬

ସକାଳ ୮ ଘଟିକା - ଇ.ଏସ.ଆଇ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସକାଳ ୯ ଘଟିକା - ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ୍ ନଂ-୧ ସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

-ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଭୁବନେଶ୍ୱର-ଏକାମ୍ର

-ସମ୍ମାନନୀୟ ଅତିଥି-
ପ୍ରଫେସର ଡ. ହାଡ଼ିବନ୍ଧୁ ପଟ୍ଟନାୟକ, ସଭାପତି, କେନ୍ଦୁଝର ନାଗରିକ ପରିଷଦ, ଭୁବନେଶ୍ୱର
ଶ୍ରୀ କାମପାଳ ଦେହୁରୀ, ଉପଦେଷ୍ଟା, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱର

- ବିଶିଷ୍ଟ ବକ୍ତା-
ପ୍ରଫେସର ରାମଚନ୍ଦ୍ର ରାଉତ, ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ, ରମାଦେବୀ ମହିଳା ମହାବିଦ୍ୟାଳୟ

-ମୁଖ୍ୟବକ୍ତା -
ପଣ୍ଡିତ ମହେଶ୍ୱର ନନ୍ଦ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଆଳି, କେନ୍ଦ୍ରାପଡ଼ା

ଦୃଷ୍ଟିବାଧିତ କଳାକାର ମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ।

ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ବିକାଶ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଆୟୋଜିତ

ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

OIPR-15001/15001/2/26-27/0029

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

## ରିପୋର୍ଟିଂବେଳେ ସାମ୍ବାଦିକାଙ୍କ ସ୍କୁଟି ଚୋରି

ଭୁବନେଶ୍ୱର,୪।୫(ତ୍ରିନାଥ ମହାନ୍ତି)

ରିପୋର୍ଟିଂ କରୁଥିବାବେଳେ ଜଣେ କାର୍ଯ୍ୟରତ ସାମ୍ବାଦିକାଙ୍କ ବାଇକ୍ ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। କ୍ୟାପିଟାଲ ଥାନା ଆଖଣ୍ଡଳମଣୀ ମନ୍ଦିର ନିକଟରେ ଏହି ଘଟଣା ଘଟିଛି। ଏନେଇ ଥାନାରେ ସାମ୍ବାଦିକା ସୁଚରିତା ପାତ୍ର ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୨୮୬/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି। ସ୍ଥାନୀରୟ ବସ୍ତିର କେହି ଦୁର୍ବୃତ୍ତ ସ୍କୁଟି ଚୋରିକରି ନେଇଥିବା ପୋଲିସ ଜାଣିବାକୁ ପାଇଛି।

ଅଭିଯୋଗ ଅନୁସାରେ, ସୁଚରିତା ରିପୋର୍ଟିଂ କରିବା ପାଇଁ ମାର୍କେଟ ବିଲ୍ଡିଂକୁ ସନ୍ଧ୍ୟା ପ୍ରାୟ ୬ଟା ୨୦ରେ ଯାଇଥିଲେ। ତାଙ୍କ ସ୍କୁଟିକୁ ସେ ଆଖଣ୍ଡଳମଣୀ ମନ୍ଦିର ନିକଟରେ ରଖି ମାର୍କେଟ ଭିତରକୁ ଯାଇଥିଲେ। ସେ ସେଠାରେ ରିପୋର୍ଟିଂ କରି ଫେରିବା ପରେ ତାଙ୍କ ସ୍କୁଟି ସେଠାରେ ନ ଥିବା ଦେଖି ଏଣେ ତେଣେ ଖୋଜାଖୋଜି କରି ନପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏନେଇ ମାମଲା ରୁଜୁ କରି ସେଠାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ପାଇଁ ଲାଗି ପଡ଼ିଛି।

# ସ୍ୱାମୀ ସମ୍ମୁଖରେ ଚାଲିଗଲା ସ୍ତ୍ରୀଙ୍କ ଜୀବନ

### ବୁଲେଟ୍‌କୁ ପଛରୁ ଧକ୍କା ଦେଲା କୋରିଅର ଟ୍ରକ

- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ
- ଘଣ୍ଟାଏ ଗାଡ଼ି ଚଳାଚଳ ବାଧାପ୍ରାପ୍ତ






ଭୁବନେଶ୍ୱର ୪।୫(ପ୍ରସନଜିତ୍ ସାହୁ)

କୁଏତ୍‌ରୁ ଫେରିଥିବା ସ୍ୱାମୀଙ୍କ ସହ ଶପିଂ ପାଇଁ ବୁଲେଟରେ ଯାଉଥିଲେ ସ୍ତ୍ରୀ। ହେଲେ ବାଟରେ ଜୀବନ ନେଇଗଲା କୋରିଅର ଟ୍ରକ। ସୋମବାର ପଳାଶୁଣୀ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଘଟିଛି ଏହି ଦୁଃଖଦ ଘଟଣା। ସ୍ୱାମୀଙ୍କ ଆଗରେ ଚାଲିଯାଇଛି ସ୍ତ୍ରୀଙ୍କ ଜୀବନ। ମୃତ ମହିଳା ଜଣକ ହେଲେ କେନ୍ଦ୍ରାପଡା ଜିଲା ଆଳି ଥାନା ଅଞ୍ଚଳର ନମିତା ରାଉଳ (୪୬)। ଖବର ପ୍ରଚାରିତ ହେବା ପରେ ଲୋକମାନେ ଉତ୍ତେଜିତ ହୋଇ ରାସ୍ତାରୋକୋ କରିବା ସହିତ ଟ୍ରକ କାଚ ଭାଙ୍ଗି ଦେଇଥିଲେ। ଫଳରେ ଜାତୀୟ ରାଜପଥରେ ପ୍ରାୟ ୧ ଘଣ୍ଟା ଧରି ଜାମ୍ ହେବା ସହ ଗାଡି ମୋଟର ଚଳାଚଳ ବ୍ୟାହତ ହୋଇଥିଲା। ଘଟଣାସ୍ଥଳରେ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ପୋଲିସ ଉଭୟ ବାଇକ ଓ ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ଏହି ଘଟଣାରେ ମୃତକଙ୍କ ସ୍ୱାମୀ ହେମନ୍ତ ରାଉଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହ ନମିତାଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପୋଲିସ ସୂଚନା ଅନୁସାରେ, ହେମନ୍ତ କୁଏତରେ ଚାକିରି କରିଥିବାବେଳେ ସ୍ତ୍ରୀ ନମିତା ପୁଅ ସହ ବାଲିଅନ୍ତା ଭଡ଼ା ଘରେ ରୁହନ୍ତି। କିଛିଦିନ ତଳେ ହେମନ୍ତ କୁଏତରୁ ଫେରିଥିଲେ। ସୋମବାର ଦିନ ସାଢେ ୧୨ଟା ସମୟରେ ନମିତା ଓ ହେମନ୍ତ ଏକ ବୁଲେଟ୍‌ରେ ଶପିଂ ପାଇଁ ବାଲିଅନ୍ତା ଭଡ଼ାଘରୁ ବାହାରି ପଳାଶୁଣି ଦେଇ ରସୁଲଗଡ ଆଡକୁ ଯାଉଥିଲେ। ଏହି ସମୟରେ ଏକ କୋରିଅର ଟ୍ରକ ମଞ୍ଚେଶ୍ୱରକୁ ପାର୍ସଲ ନେବାକୁ ଦ୍ରୁତଗତିରେ ଆସୁଥିବାବେଳେ ପଳାଶୁଣି ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବୁଲେଟ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବୁଲେଟ୍ ସହ ହେମନ୍ତ ରାସ୍ତା କଡରେ ପଡିଯାଇଥିବା ବେଳେ ନମିତା ଟ୍ରକ ଚକା ତଳକୁ ଚାଲି ଯାଇଥିଲେ। ତାଙ୍କ ମୁଣ୍ଡ ଉପରେ ଟ୍ରକ ଚଢ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ମାମଲା (୨୭୨/୨୦୨୬) ରୁଜୁକରି ତଦନ୍ତ ଚଳାଇଛି। ଉକ୍ତ ଟ୍ରକ୍‌ଟି ବାଲେଶ୍ୱର ଅଞ୍ଚଳର ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ରବିବାର ସତସଙ୍ଗ ବିହାର ସମ୍ମୁଖ ଜାତୀୟ ରାଜପଥରେ ଏକ ଆମ ବସ୍ ଚଢ଼ିଯିବାରୁ ବାଇକ୍ ଆରୋହୀ ପୁରୀ ସତ୍ୟବାଦୀ ଅଞ୍ଚଳର ଗଦାଧର ସାହୁଙ୍କର ମୃତ୍ୟୁ ଘଟିଥିଲା। ଉତ୍ତ୍ୟକ୍ତ ଲୋକେ ବସ୍ ଭଙ୍ଗାରୁଜା ଓ ରାସ୍ତାରୋକୋ କରିବାରୁ ଘଣ୍ଟାଏରୁ ଅଧିକ ସମୟ ଧରି ଗାଡିମୋଟର ଭିଡ଼ରେ ଫସି ରହିଥିଲା।

## ଆମ ବସ୍ ଧକ୍କାରେ ବାଇକ୍‌ଆରୋହୀଙ୍କ ମୃତ୍ୟୁ ଘଟଣା, ଡ୍ରାଇଭର ଗିରଫ

ଭୁବନେଶ୍ୱର, ୪।୫ (ପ୍ରସନଜିତ୍ ସାହୁ)

ସତ୍‌ସଙ୍ଗ ବିହାର ସମ୍ମୁଖ ଶହୀଦନଗର ପାର୍ଶ୍ୱ ଜାତୀୟ ରାଜପଥରେ ରବିବାର ଆମ ବସ୍ ଧକ୍କାରେ ପୁରୀ ସତ୍ୟବାଦୀ ଥାନା ଅଞ୍ଚଳର ଗଦାଧର ସାହୁଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଶହୀଦନଗର ଥାନା ପୋଲିସ ସୋମବାର ଉକ୍ତ ବସ୍ ଡ୍ରାଇଭରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ନେମାଳ ଥାନା ଅନ୍ତର୍ଗତ ଅଶ୍ୱିନୀ କୁମାର।

ଶନିବାର ସତ୍‌ସଙ୍ଗ ବିହାର ସମ୍ମୁଖ ଜାତୀୟ ରାଜପଥରେ ଆମ ବସ୍ ଏକ ବାଇକକୁ ପଛରୁ ଧକ୍କା ଦେଇଥିଲା। ପରେ ବସ୍‌ଟି ବାଇକଆରୋହୀଙ୍କ ମୁଣ୍ଡରେ ଚଢିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଉତ୍ତ୍ୟକ୍ତ ଲୋକ ରାସ୍ତାରୋକୋ କରିବାରୁ କଟକରୁ ଭୁବନେଶ୍ୱର ଆସୁଥିବା ଗାଡିଗୁଡିକ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଅଟକି ରହିଥିଲା। ସ୍ଥିତି ଅଣାୟତ୍ତ ହେବାରୁ ଦୁର୍ଘଟଣାସ୍ଥଳରେ ଡିସିପି ଜଗମୋହନ ମୀନା ପହଞ୍ଚି ବୁଝାଶୁଝା କରିବା ସହ ସ୍ଥିତି ନିୟନ୍ତ୍ରଣ କରିଥିଲେ। ଏହି ଘଟଣାରେ ଶହୀଦନଗର ପୋଲିସ ଉଭୟ ଆମ ବସ୍ ଓ ଦୁର୍ଘଟଣା ଗ୍ରସ୍ତ ବାଇକକୁ ଜବତ କରିବା ସହିତ ବସ୍ ଡ୍ରାଇଭର ଅଶ୍ୱିନୀଙ୍କୁ ଅଟକ ରଖିଥିଲା। ଏନେଇ ବିଶ୍ୱରଞ୍ଜନ ପାଇକରାୟଙ୍କ ଅଭିଯୋଗ ଆଧାରରେ ପୋଲିସ (ନଂ.୨୩୫/୨୦୨୬) ମାମଲା ରୁଜୁ କରି ଆମ ବସ୍ ଡ୍ରାଇଭର ଅଶ୍ୱିନୀଙ୍କୁ ଗିରଫ କରିଥିଲା।

## 'ତୁ ସେହି ନୀଳନୟନା' ଲୋକାର୍ପିତ



ଭୁବନେଶ୍ୱର,୪।୫(ସୌମ୍ୟରଞ୍ଜନ ରାଉତ)

ଡ. ରଜନୀ ରଞ୍ଜନଙ୍କ ରଚିତ ଏବଂ ବର୍ଷା ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ଚଳଚ୍ଚିତ୍ର 'ତୁ ସେହି ନୀଳନୟନା'ର ଚିତ୍ରନାଟ୍ୟ ପୁସ୍ତକ ସୋମବାର ଗୋଦାବରୀଶ ସାହିତ୍ୟ ସଂସଦ ପରିସରରେ ଲୋକାର୍ପିତ ହୋଇଯାଇଛି। ନାଟ୍ୟକାର ବିଜୟ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସୂଚନା କମିଶନର ଦିଲ୍ଲୀପ ବିଶୋଇ, ଚଳଚ୍ଚିତ୍ର ପ୍ରଯୋଜକ ସଚ୍ଚିକାନ୍ତ ଜେନା ଓ ବିନି ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅଭିନେତା ଜୀବନ ପଣ୍ଡା, ପ୍ରତିଭା ପଣ୍ଡା, ନିର୍ଦ୍ଦେଶକ ତ୍ରିପତି ସାହୁ, ଲେଖିକା ସସ୍ମିତା ଦାସ, ଶ୍ରୁତକୀର୍ତ୍ତି ତ୍ରିପାଠୀ, ଡ. ଶର୍ମିଷ୍ଠା ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବର୍ଷା ପ୍ରକାଶନ ନିର୍ଦ୍ଦେଶକ ବାଦଲ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଡ. ମାଧବ ବେହେରା ଓଡ଼ିଆ ଚିତ୍ରନାଟକ ଉପରେ ବକ୍ତବ୍ୟ ରଖିଥିଲେ। ବୋଉ ଫାଉଣ୍ଡେଶନର ଅଧ୍ୟକ୍ଷ ଅସିତ୍ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକଙ୍କ ଏଟିଏମ୍ କାର୍ଡରୁ ସାଢ଼େ ୨ଲକ୍ଷ ଉଠାଇ ନେଲେ

ଭୁବନେଶ୍ୱର,୪।୫(ତ୍ରିନାଥ ମହାନ୍ତି)

ବରିଷ୍ଠ ନାଗରିକ ଦୟାନିଧି ରାଉତଙ୍କ ଆକାଉଣ୍ଟରୁ ସାଢେ ୨ଲକ୍ଷ ଟଙ୍କା କେହି ଉଠାଇ ନେଇଛନ୍ତି। ଏନେଇ ତାଙ୍କ ପୁଅ ମାନସ ରାଉତରାୟ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ଦୟାନିଧି ଜଣେ ଅବସରପ୍ରାପ୍ତ ସରକାରୀ ଚାକିରିଆ। ତାଙ୍କ ବାପା ଗତକିଛି ଦିନ ହେବ ରୋଗରେ ପିଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ହେଲେ ତାଙ୍କ ଅଜାଣତରେ କେହି ଏଟିଏମ୍ କାର୍ଡ ନେଇ ଆକାଉଣ୍ଟରୁ ସାଢେ ୨ଲକ୍ଷ ଟଙ୍କାଉ ଉଠା ନେଇଛନ୍ତି। ମହତାବ ରୋଡ଼ରେ ଥିବା ଏଟିଏମ୍‌ରୁ ଏହି ଟଙ୍କା ଉଠିଥିବା ଜଣାପଡ଼ିଛି। ତାଙ୍କ ପୁଅ ବ୍ୟାଙ୍କ୍‌କୁ ଯାଇ ଆକାଉଣ୍ଟ ଦେଖିବା ପରେ ତାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି। ତେବେ ତାଙ୍କ ଏଟିଏମ୍ କାର୍ଡ କେହି ଚୋରିକରି ନେଇ ଟଙ୍କା ଉଠାଇ ନେଇଥିବା କୁହାଯାଉଛି।

## ରାଜସ୍ୱ ବିଭାଗର ନବୀକୃତ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ



ମନ୍ତ୍ରୀ ସୁରେଶ ପୂଜାରୀ ନବୀକୃତ ସମ୍ମିଳନୀ କକ୍ଷକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୪।୫ (ବନ୍ଦନା ସେଠୀ)

ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନବୀକୃତ ସମ୍ମିଳନୀ କକ୍ଷକୁ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ଉଦ୍‌ଘାଟନ କରିଛନ୍ତି। ଏହା ରାଜସ୍ୱ ବିଭାଗ ନବକଳେବରର ପ୍ରତୀକ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଲେ, ନବୀକୃତ ସମ୍ମିଳନୀ କକ୍ଷ ରାଜସ୍ୱ ବିଭାଗର ନୂତନ ସଂସ୍କାରମୂଳକ ପଦକ୍ଷେପଗୁଡ଼ିକୁ ପ୍ରତିଫଳିତ କରୁଥିବାବେଳେ ବିଭାଗର ସାମର୍ଥ୍ୟ ଏବଂ କାର୍ଯ୍ୟକାରିତା ବୃଦ୍ଧି ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହି ଅବସରରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ବିଭାଗର ବିଭିନ୍ନ ସଫଳତା, ପାରଦର୍ଶୀ କାର୍ଯ୍ୟକ୍ରମ ଏବଂ ଆଗାମୀ କାର୍ଯ୍ୟଧାରାର ସମୀକ୍ଷା କରିଥିଲେ।

## କାର ଧକ୍କାରେ ଯୁବତୀଙ୍କ ମୃତ୍ୟୁ ଘଟଣା: ଡ୍ରାଇଭର ଗିରଫ

ଭୁବନେଶ୍ୱର୪।୫ (ପ୍ରସନଜିତ୍ ସାହୁ)

କାର ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟଣାରେ ସୋମବାର ସମ୍ପୃକ୍ତ ଡ୍ରାଇଭରଙ୍କୁ ଚନ୍ଦ୍ରଶେଖର ଥାନା ପୋଲିସ ଗିରଫ କରିଛି। ସେ ହେଲେ ବଡଗଡ ବିଜେବିନଗରର ଚିତ୍ରଭାନୁ କାନୁନ୍‌ଗୋ। ଗତ ଏପ୍ରିଲ ୨୧ରେ ପୂଜା ରାଣୀ ଦାସ ଓ ପ୍ରଜ୍ଞା ପ୍ରିୟଦର୍ଶିନୀ ରଥ ଅଫିସରୁ ଫେରି ଚନ୍ଦ୍ରଶେଖରପୁର ଛକ ନିକଟରେ ରାସ୍ତା ପାର ହେଉଥିବା ବେଳେ ଏକ କାର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ରାସ୍ତାରେ ଅଚେତ ହୋଇ ପଡିଥିବାବେଳେ ସେମାନଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ୨୭ ତାରିଖରେ ପୂଜା ମେଡିକାଲ୍‌ରୁ ଡିସ୍‌ଚାର୍ଜ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଜ୍ଞାଙ୍କର ମୃତ୍ୟୁ ଘଟିଛି। ତେବେ ଅଭିଯୁକ୍ତ ଡ୍ରାଇଭର ଚିତ୍ରଭାନୁ ଦୁର୍ଘଟଣାଗ୍ରସ୍ତ ଗାଡ଼ି ସହିତ ଚନ୍ଦ୍ରଶେଖରପୁର ଥାନାରେ ଆତ୍ମସମର୍ପଣ କରିଥିଲେ। ପୋଲିସ ଏକ ମାମଲା (ନଂ.୩୯୨/୨୦୨୬) ରୁଜୁ କରି ଗାଡ଼ିଟିକୁ ଜବତ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି।

## ଗତାନୁଗତିକ ଧାରାରୁ ଓହରିଯାଇନି କାବ୍ୟ କବିତା




ଭୁବନେଶ୍ୱର,୪।୫(ସୌମ୍ୟରଞ୍ଜନ ରାଉତ)

ସାରସ୍ୱତ ସମାଜ ପକ୍ଷରୁ ସାରସ୍ୱତ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ରବିବାର ଗୋଦାବରୀଶ ସାହିତ୍ୟ ସଂସଦରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନିରଞ୍ଜନ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ଡ. ଉପେନ୍ଦ୍ର ପ୍ରସାଦ ନାୟକ ଯୋଗଦେଇ କାବ୍ୟ କବିତାଗୁଡ଼ିକ ଆଜି ବି ଗତାନୁଗତିକ ଧାରାରୁ ଓହରି ଯାଇନାହିଁ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଯୋଗଦେଇ କହିଥିଲେ, କବିତା ଏକ ନମନୀୟ କଳା। ଆପଣା ଅନ୍ତରର କୁହା ଅଭିବ୍ୟକ୍ତି ଛନ୍ଦ ବୋଧ ସହ ପରିପ୍ରକାଶରେ ହିଁ ସୁନ୍ଦର ଓ ସ୍ୱଚ୍ଛନ୍ଦ କବିତା ହୋଇଥାଏ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଉପସଭାପତି ନିଖିଳ କୁମାର ବଳବନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ପ୍ରଶାସକ ଶ୍ରୀମନ୍ତ ନନ୍ଦ ଧନ୍ୟବାଦ ଦେଇଥିଲେ।

## କମ୍ପାନୀ ଫ୍ରାଞ୍ଚାଇଜ୍ ନାଁରେ ଠକେଇ, ୨ ଅଭିଯୁକ୍ତ ବନ୍ଧା ହେଲେ

ଭୁବନେଶ୍ୱର ୪।୫ (ପ୍ରସନଜିତ୍ ସାହୁ)

କମ୍ପାନୀ ଫ୍ରାଞ୍ଚାଇଜ ନାଁରେ ଠକେଇ ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମର ସେବନ କୁମାର ପ୍ରଧାନ ଓ ବଡଗଡର ବିଶ୍ୱନାଥ ମହାପାତ୍ର। ସୂଚନାଯୋଗ୍ୟ, ୨୦୨୫ ମସିହା ଜୁଲାଇ ୬ ତାରିଖ ୧୦ଟା ସମୟରେ ସେବନ ଓ ବିଶ୍ୱନାଥଙ୍କ ସହିତ ରାକେଶ ରାଉତ ଅଶୋକନଗରସ୍ଥିତ ଏକ ହୋଟେଲକୁ ଯାଇଥିଲେ। ସେମାନେ ସେଠାରେ 'ଫ୍ଲିପକାର୍ଟ' ଓ 'ମିଶୋ' ର ଡିଲରସିପ ଫ୍ରାଞ୍ଚାଇଜ ବିଷୟରେ ଆଲୋଚନା କରିଥିଲେ। କମ୍ପାନୀ ନିୟମ ଦର୍ଶାଇ ତାଙ୍କୁ ଅଭିଯୁକ୍ତମାନେ ଟଙ୍କା ମାଗିଥିଲେ। ଏଥିରେ ରାଜି ହୋଇ ରାକେଶ ଅନଲାଇନ ମାଧ୍ୟମରେ ୩୦ ହଜାର ଟଙ୍କା ଦେବା ସହ ୩ ଲକ୍ଷ ଟଙ୍କାର ଦସ୍ତଖତ ହୋଇଥିବା କିଛି ବ୍ଲାଙ୍କ ଚେକ୍ ଦେଇଥିଲେ। ସେ ବାଥ ରୁମ୍ ଯାଇଥିବା ସମୟରେ ୨ ଅଭିଯୁକ୍ତ ସମସ୍ତ କାଗଜପତ୍ର ସହିତ ଚେକ୍ ନେଇ ଫେରାର ହୋଇଯାଇଥିଲେ। ଏନେଇ ରାକେଶ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ. ୩୧୪/୨୦୨୫) ରୁଜୁ କରି ତଦନ୍ତ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

15001/29/2627



ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୫ ମଇ, ୨୦୨୬

ସକାଳ ୮ ଘଟିକା – ଇ.ଏସ.ଆଇ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସକାଳ ୯ ଘଟିକା – ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ୍ ନଂ–୧ ସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

–ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଭୁବନେଶ୍ୱର–ଏକାମ୍ର

–ସମ୍ମାନନୀୟ ଅତିଥି–
ପ୍ରଫେସର ଡ. ହାଡ଼ିବନ୍ଧୁ ପଟ୍ଟନାୟକ, ସଭାପତି, କେନ୍ଦୁଝର ନାଗରିକ ପରିଷଦ, ଭୁବନେଶ୍ୱର
ଶ୍ରୀ କାମପାଳ ଦେହୁରୀ, ଉପଦେଷ୍ଟା, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱର

– ବିଶିଷ୍ଟ ବକ୍ତା–
ପ୍ରଫେସର ରାମଚନ୍ଦ୍ର ରାଉତ, ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ, ରମାଦେବୀ ମହିଳା ମହାବିଦ୍ୟାଳୟ

–ମୁଖ୍ୟବକ୍ତା –
ପଣ୍ଡିତ ମହେଶ୍ୱର ନନ୍ଦ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଆଳି, କେନ୍ଦ୍ରାପଡ଼ା

ଦୃଷ୍ଟିବାଧିତ କଳାକାର ମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ।

ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ବିକାଶ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଆୟୋଜିତ

ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/15001/2/26-27/0029

# ନିୟମିତ ଅଭ୍ୟାସ, ସାଧନା ହିଁ ସଫଳତାର ଚାବିକାଠି

### ଓଡ଼ିଶୀ ଗବେଷଣା କେନ୍ଦ୍ରରେ ପ୍ରବେଶ ଉତ୍ସବ

ଭୁବନେଶ୍ୱର,୪।୫ (ସୌମ୍ୟରଞ୍ଜନ ରାଉତ)




ନିୟମିତ ଅଭ୍ୟାସ ଓ ସାଧନା ହିଁ ସଫଳତାର ଚାବିକାଠି। ଓଡ଼ିଶୀ ଗବେଷଣା କେନ୍ଦ୍ରର ଇଣ୍ଟର୍ନଶିପ୍ ଆଡ୍‌ଭାନ୍ସ କୋର୍ସରେ ନାମ ଲେଖାଇଥିବା ସମସ୍ତ ଛାତ୍ରୀଛାତ୍ର ହେଉଛନ୍ତି ନୃତ୍ୟ ଓ କଳା ଜଗତର ଭବିଷ୍ୟତ। ନିଜର କଳା, କୌଶଳ ଓ ସାଧନା ବଳରେ ଓଡ଼ିଶୀ ସଂସ୍କୃତିକୁ ବିଶ୍ୱ ବିଦିତ କରିବା ଲକ୍ଷ୍ୟ ନେଇ ଛାତ୍ରୀଛାତ୍ରମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ବୋଲି ପ୍ରବେଶ ଉତ୍ସବ ଅବସରରେ ମତପ୍ରକାଶ ପାଇଛି। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଇଣ୍ଟର୍ନଶିପ୍ ଆଡ୍‌ଭାନ୍ସ କୋର୍ସରେ ୨୦୨୬–୨୮ ଶିକ୍ଷାବର୍ଷ ପାଇଁ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଇଣ୍ଟର୍ନଶିପ୍ ଆଡ୍‌ଭାନ୍ସ କୋର୍ସରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଙ୍ଗୀତ, ମର୍ଦ୍ଦଳ ଓ ସୀତାର ବାଦନରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିସହ ଛାତ୍ରୀଛାତ୍ରଙ୍କୁ ମାସିକ ୫ହଜାର ଟଙ୍କା ଆର୍ଥିକ ରାଶି ଦିଆଯିବ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ହୋଇଥିବା ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଗୁରୁ ସିକତା ଦାସ, ଓଡ଼ିଶୀ ସଙ୍ଗୀତ ଗାୟକ ଗୁରୁ ପ୍ରଫେସର ରାମହରି ଦାସ, ମର୍ଦ୍ଦଳ ବାଦକ ଡ. ଜଗନ୍ନାଥ କୁଅଁର, ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସାଧନା ଓ ଗବେଷଣାତ୍ମକ ମନୋବୃତ୍ତି ରଖିବାକୁ ଉପଦେଶ ଦେଇଥିଲେ। ଏହି ଅବସରରେ ଓଡ଼ିଶୀ ସଙ୍ଗୀତ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସମବେତ କଣ୍ଠ ସଙ୍ଗୀତ ପରିବେଷଣ କରାଯିବା ସହ ମର୍ଦ୍ଦଳ, ବେହେଲା ଓ ବଂଶୀ ବାଦନ କରାଯାଇଥିଲା। ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ବଧୀ କୁଦରେ ବୁଦ୍ଧ ଜୟନ୍ତୀ ପାଳିତ**

ଚୌଦ୍ୱାର,(ଆଶୁତୋଷ ଦାସ):ଚୌଦ୍ୱାରସ୍ଥିତ ବୁଦ୍ଧଦେବଙ୍କ ସମାଧୀ ଭାବେ ପରିଚିତ ଚୌଦ୍ୱାରସ୍ଥିତ ଐତିହାସିକ ବଧୀ କୁଦରେ ଦୀପ ଓ ଧୂପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବହୁ ସଂଖ୍ୟକ ଲୋକ ବଧୀ କୁଦରେ ପହଞ୍ଚି ବୁଦ୍ଧଙ୍କ ଉଦ୍ଦେଶ୍ୟରେ ଦୀପ ଓ ଧୂପଦାନ କରିଥିଲେ। ଚୌଦ୍ୱାର ପ୍ରେସ କ୍ଲବ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗଙ୍ଗାଧର ସାହୁ, କ୍ଲବ୍ ଉପଦେଷ୍ଟା ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ଆଶୁତୋଷ ଦାସ, ପ୍ରକାଶ ନାୟକ, ବିମଳ କୁମାର ବେଉରା, ଅଶୋକ କୁମାର ଦାସ, ଅଜିତ କୁମାର ସ୍ୱାଇଁ, ଗୁଲଫାମ୍ ହୋସେନ୍, ବିଭୂ କଲ୍ୟାଣ ମହାନ୍ତି, ଲକ୍ଷ୍ମୀଧର ଦାସଙ୍କ ସମେତ ବହୁ ଶ୍ରଦ୍ଧାଳୁ କୁଦରେ ବୁଦ୍ଧଦେବଙ୍କୁ ପ୍ରାର୍ଥନା କରି ଜନଜୀବନର ମଙ୍ଗଳ କାମନା କରି ସମାଧୀ ଚତୁର୍ପାର୍ଶ୍ୱ ପ୍ରଦକ୍ଷିଣ କରିବା ସହିତ ଦୀପଦାନ କରିଥିଲେ।

**ସଂକ୍ଷେପରେ**

## ଭାଜପାର ମହିଳା ସମାବେଶ

କଟକ ସଦର,୪।୫(ସୁଶାନ୍ତ କୁମାର ଜେନା)

କିଶନନଗର ଭାଜପା ମଣ୍ଡଳ ପକ୍ଷରୁ ରବିବାର କିଶୋର ନଗରଠାରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ସଂରକ୍ଷଣ ବିଲକୁ ଲୋକ ସଭାରେ ବିରୋଧୀ ଦଳ ବିରୋଧ କରିବା ପ୍ରତିବାଦରେ ମହିଳା ନେତ୍ରୀମାନେ ନିନ୍ଦା କରିଥିଲେ। ସବିତା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ରଶ୍ମିରେଖା ଦାଶ, ମହିଳା ମୋର୍ଚ୍ଚା ସଭାପତି ରଶ୍ମିତା ଦାସ ଯୋଗଦେଇଥିଲେ। ପ୍ରଥମେ ଏକ ଶୋଭାଯାତ୍ରା କିଶୋରନଗର ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲା। ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, ପ୍ରଭାତ ସେଠୀ, କ୍ଷୀତିନ୍ଦ୍ର ମିତ୍ର, ସାଧୁ ଜେନା, ପ୍ରଶାନ୍ତ ବିଷୋୟୀ, କାର୍ତ୍ତିକ ସାହୁ, ଚନ୍ଦନ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତାରକେଶ୍ୱର ଚକ୍ରବର୍ତ୍ତୀଙ୍କ ସ୍ମୃତିସଭା

ଚୌଦ୍ୱାର,୪।୫(ଆଶୁତୋଷ ଦାସ)

ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ୍‌ର ପୂର୍ବତନ ସମ୍ପାଦକ ସ୍ୱର୍ଗତ ତାରକେଶ୍ୱର ଚକ୍ରବର୍ତ୍ତୀଙ୍କ ସ୍ମୃତିସଭା ସ୍ଥାନୀୟ ଶିଶୁ ସଦନରେ ଅନୁଷ୍ଠିତ ହୋଇଯାଇଛି। କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସମିତି ସଭାପତି ସୁବାସ ଚନ୍ଦ୍ର ବୋଷଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କିଶୋର ଚନ୍ଦ୍ର ଜେନା, ବିପିନ ବିହାରୀ ପାଢ଼ୀ, ବିସୁଦ୍ଧା ଦାସ, ରୋଜାଲିନ୍ ସାହୁ, ସଞ୍ଜୀବ ପତି ପ୍ରମୁଖ ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା ପ୍ରାପ୍ତି ଦିଗରେ ତାରକେଶ୍ୱରଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଯୋଗଦେଇ ସ୍ୱର୍ଗତ ଚକ୍ରବର୍ତ୍ତୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ କୃଷି ଉପନିର୍ଦ୍ଦେଶକଙ୍କ ପରଲୋକ

ବାଙ୍କୀ,୪।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମର ଅବସରପ୍ରାପ୍ତ କୃଷି ଉପନିର୍ଦ୍ଦେଶକ ନବକିଶୋର ଦାସ(୭୦)ଙ୍କ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ପରଲୋକ ଘଟିଛି। ସ୍ୱର୍ଗତ ଦାସ କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଗ୍ରହଣ କରିଥିଲେ। ତାଙ୍କ ପରଲୋକ ଖବର ପାଇ ବାଙ୍କୀ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମିଶ୍ର, ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଡାକ୍ତର ପଦ୍ମଲୋଚନ ପଣ୍ଡା, ଅଧ୍ୟାପକ ଚିନ୍ମୟ କୁମାର ତ୍ରିପାଠୀ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ମୃତଦେହକୁ ବ୍ରହ୍ମପୁରା ଗ୍ରାମକୁ ଅଣାଯାଇ ସତ୍କାର କରାଯାଇଥିଲା। ସ୍ୱର୍ଗତ ଦାସଙ୍କ ସାନପୁତ୍ର ତଥା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ରହିଛନ୍ତି। ଇନ୍ଦିରାଗାନ୍ଧୀ ଜାତୀୟ ସେବାଯୋଜନାର ଶ୍ରେଷ୍ଠ ଅଧିକାରୀ ଭାବେ ଭାରତର ମହାମହିମ ରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ପ୍ରାପ୍ତ ଅଧ୍ୟାପକ ସତ୍ୟଜିତ୍ ଦାସ, ତାଙ୍କର ବଡ ଭାଇ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ ଓ କୃଷ୍ଣଚନ୍ଦ୍ର ଦାସଙ୍କ ସମେତ ପରିବାର ବର୍ଗ ଓ ବନ୍ଧୁବାନ୍ଧବମାନେ ଉପସ୍ଥିତ ଥିଲେ। ଜ୍ୟେଷ୍ଠ ପୁତ୍ର ବିଶ୍ୱନାଥ ଦାସ ମୁଖାଗ୍ନି ଦେଇଥିଲେ।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ

## ଏସ୍‌ସିବି କାଜୁଆଲ୍‌ଟିରେ ଅଧଘଣ୍ଟା ପଡ଼ି ରହିଲେ

କଟକ,୪।୫(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ମୃତକ ହେଲେ କେନ୍ଦ୍ରାପଡ଼ା ଅଞ୍ଚଳର ପ୍ରଶାନ୍ତ କୁମାର ସ୍ୱାଇଁ (୫୫)। ମେଡିକାଲର କାଜୁଆଲ୍‌ଟିରେ ଗୁରୁତର ଭାବେ ରୋଗୀଙ୍କୁ ଭର୍ତ୍ତି କରାଯାଇଥିଲା। ଠିକ୍ ସମୟରେ ଡାକ୍ତର ଚିକିତ୍ସା କରି ନ ଥିବାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମେଡିକାଲର କାଜୁଆଲ୍‌ଟିରେ ସୋମବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ମେଡିକାଲରେ ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ମୃତକଙ୍କ ସମ୍ପର୍କୀୟ ସ୍ମୃତିରଞ୍ଜନ ସ୍ୱାଇଁ କହିଛନ୍ତି। ଅନ୍ୟପଟେ ରିର୍ପୋଟ ଲେଖିବା ଯାଏ ଘଟଣା ନେଇ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ପ୍ରଶାନ୍ତଙ୍କ ଶ୍ୱାସ ଜନିତ ସମସ୍ୟା ଥିବାରୁ ଏସ୍‌ସିବିରେ ଚିକିତ୍ସା କରାଇ ଆସୁଥିଲେ। ସୋମବାର ସକାଳୁ ପ୍ରଶାନ୍ତ ଏସ୍‌ସିବିର ପଲମୋନାରୀ ବିଭାଗରେ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତରଙ୍କ ପରାମର୍ଶ ମୁତାବକ ପରୀକ୍ଷା କରାଇ ପରେ ରିପୋର୍ଟ ଡାକ୍ତରଙ୍କୁ ଦେଖାଇ ନିରାମୟ କେନ୍ଦ୍ରରୁ ଔଷଧ କିଣିବା ପାଇଁ ଧାଡ଼ିରେ ଠିଆ ହୋଇଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରି ସେଠାରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି କାଜୁଆଲ୍‌ଟିରେ ପ୍ରଶାନ୍ତଙ୍କୁ ଭର୍ତ୍ତି କରାଇଥିଲେ। ପ୍ରଶାନ୍ତ ଏକୁଟିଆ ଥିବାରୁ କାଜୁଆଲ୍‌ଟିରେ ଥିବା ସହାୟର କର୍ମଚାରୀ ମଧ୍ୟ ଚିକିତ୍ସା ପାଇଁ ସହଯୋଗ କରି ନ ଥିଲେ। ଏପରିକି କାଜୁଆଲ୍‌ଟିରେ ପ୍ରାୟ ଅଧଘଣ୍ଟା ପଡ଼ି ରହିଥିଲେ ମଧ୍ୟ ଡାକ୍ତର ଦେଖି ନ ଥିଲେ। ଅଧଘଣ୍ଟା ପରେ ଡାକ୍ତର ଆସିବା ସମୟରେ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିଲା। ଏନେଇ ମୃତକଙ୍କ ସମ୍ପର୍କୀୟ ସ୍ମୃତିରଞ୍ଜନ କହିଛନ୍ତି, ଯଦି ମେଡିକାଲରେ ସହାୟ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି, ତେବେ ସେମାନେ ଏକୁଟିଆ ଗୁରୁତର ରୋଗୀଙ୍କୁ କିଭଳି ଭାବେ ଅବହେଳା କଲେ ଏବଂ ଗୁରୁତର ରୋଗୀଙ୍କୁ ଡାକ୍ତର କିପରି ଭାବେ ଅବହେଳା କଲେ। ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି ମେଡିକାଲ ପକ୍ଷରୁ ଘୋଷଣା କରାଯାଉ ବୋଲି ସେ କହିଛନ୍ତି।



ଲାଲବାଗ ଥାନାକୁ ଉଚ୍ଛେଦ କରାଯିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ସହ ନବୀକରଣ ଦାବି କରି ସୋମବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବାକୁ ଆସିଥିବା ଆମ୍ ଆଦ୍‌ମୀ ପାର୍ଟିର ସଦସ୍ୟମାନେ। (ଫଟୋ: ରାଜକିଶୋର ମହାନ୍ତି)

## କଲେକ୍ଟୋରେଟ କର୍ମଚାରୀ ଷ୍ଟାଫ୍ କମିଟିର ନୂତନ କର୍ମକର୍ତ୍ତା

କଟକ,୪।୫(କାର୍ତ୍ତିକ ସାହୁ)

କଟକ କଲେକ୍ଟୋରେଟ କର୍ମଚାରୀ ଷ୍ଟାଫ୍ କମିଟିର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ କମିଟି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ମନ୍ତ୍ରୀ ନୂତନ କର୍ମକର୍ତ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଶପଥ ନେଇଥିବା କର୍ମକର୍ତ୍ତାମାନେ ହେଲେ ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଉପସଭାପତି ଅଜୟ କୁମାର ମୁଦୁଲି, ସାଧାରଣ ସମ୍ପାଦକ ସୁବ୍ରତ କୁମାର ସାହୁ, ସଙ୍ଗଠନ ସମ୍ପାଦକ ସଞ୍ଜୟ କୁମାର ସାହୁ, ସମ୍ପାଦକ ଅର୍ଥ ମଙ୍ଗଳଦୀପ ବୋଷ, ସମ୍ପାଦକ କ୍ଷେତ୍ର କର୍ମଚାରୀ ନିଖିଳେଶ ପ୍ରଧାନ, ସମ୍ପାଦକ ସାଂସ୍କୃତିକ ଅମ୍ବିକା ପ୍ରସାଦ ସାମନ୍ତରାୟ, ସମ୍ପାଦକ କ୍ରୀଡ଼ା କମଲ ବେହେରା, ସମ୍ପାଦକ ଚତୁର୍ଥ ଶ୍ରେଣୀ ଅଧିକାରୀ ନିରଞ୍ଜନ ଦାସ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ, କମଲଜିତ ଦାସ, ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଓ କାର୍ଯ୍ୟାଳୟର ସମସ୍ତ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ଶୋଭାଯାତ୍ରା ସହ ବିଜୟ ଉତ୍ସବ ପାଳିଲେ ଭାଜପା କର୍ମୀ

କଟକ,୪।୫(ଶିଳ୍ପା ପ୍ରିୟଦର୍ଶିନୀ)

ପଶ୍ଚିମବଙ୍ଗ, ଆସାମ, ପଣ୍ଡିଚେରୀରେ ଭାଜପାର ବିଜୟ ପରେ କଟକ ଜିଲା ଭାଜପା ପକ୍ଷରୁ ସୋମବାର ସନ୍ଧ୍ୟାରେ ବିଜୟ ଉତ୍ସବ ପାଳନ କରାଯାଇଛି। ଜିଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ବକ୍ସିବଜାର ଗୋଲେଇଛକଠାରୁ ଶୋଭାଯାତ୍ରାରେ ବାହାରି ଗୌରିଶଙ୍କର ପାର୍କଠାରେ ପହଞ୍ଚିଥିଲେ। ଭାଜପା କାର୍ଯ୍ୟକର୍ତ୍ତା ଝାଲମୁଢ଼ି ଖାଇ ବିଜୟ ଉତ୍ସବ ପାଳନ କରିଥିଲେ। ଏଥିରେ ଶ୍ରୀତମ ଦାସଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସେହିପରି ଚୌଦ୍ୱାର–କଟକ ନିର୍ବାଚନମଣ୍ଡଳୀ ପକ୍ଷରୁ ବିଭିନ୍ନ ସ୍ଥାନରେ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାନଦୀ ବିହାର ଭାଜପା କାର୍ଯ୍ୟାଳୟରୁ ବରିଷ୍ଠ ନେତା ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରି ମହାନଦୀ ବିହାରସ୍ଥିତ ବାଜପାୟୀ ଛକଠାରେ ଶେଷ ହୋଇଥିଲା। ଏହାସହ ଏକ ପଥପ୍ରାନ୍ତ ସଭାରେ ଭାଜପାକୁ ସମର୍ଥନ ଦେଇଥିବାରୁ ଭୋଟରଙ୍କୁ ଧନ୍ୟବାଦ ଜଣାଯାଇଥିଲା । ଏଥିରେ କର୍ପୋରେଟର ଦୀପକ କୁମାର ଦାସ, ଗୋପାଳ ବେହେରା, ଭାଗୀରଥି ଦଲେଇ, ଜ୍ୟୋତିରଞ୍ଜନ ରାୟ, ମଣ୍ଡଳ ସଭାପତି ଅନିଲ ଦଳାଇ, ସୁରଥ ରାଉତ, ତ୍ରିଲୋଚନ ସାହୁ, ଗଙ୍ଗାଧର ସାହୁ, ସତ୍ୟଜିତ ମହାନ୍ତି, ଜଗଦାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।





ବିଭିନ୍ନ ରାଜ୍ୟରେ ଭାଜପାର ବିଜୟ ନେଇ ଭାଜପା କଟକ ଜିଲା ପକ୍ଷରୁ ବକ୍ସିବଜାର ଛକଠାରୁ ବାହାରିଥିବା ବିଜୟ ଶୋଭାଯାତ୍ରା।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

କଟକ ସଦର, ୪।୫(ସୁଶାନ୍ତ କୁମାର ଜେନା)

କିଶୋରନଗର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ପାଠାଗାର ଓ କ୍ରୀଡ଼ା ଗୃହର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ପ୍ରତୀକ ସାହୁ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ରମା ପ୍ରସାଦ ବିଶାଳ, ସାଧୁ ଜେନା ପ୍ରମୁଖ ଯୋଗ ଦେଇଥିଲେ। ୧୩୮ଜଣ ଭିନ୍ନକ୍ଷମଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କିଶୋରନଗର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବରାଜ ଦାଶ ପରିଚାଳନା କରିଥିଲେ।

## ଚୌଦ୍ୱାର ମଣ୍ଡଳ ଭାଜପାର ସାଙ୍ଗଠନିକ ବୈଠକ





ବୈଠକରେ ଉପସ୍ଥିତ ଭାଜପାର ନେତୃମଣ୍ଡଳୀ ।

ଚୌଦ୍ୱାର,୪।୫(ଆଶୁତୋଷ ଦାସ)

ଭାଜପାର ଚୌଦ୍ୱାର ଓ ଇନ୍ଦ୍ରାଣିପାଟଣା ମଣ୍ଡଳର ସାଙ୍ଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ମଣ୍ଡଳ ସଭାପତି ମମତା ବେହେରାଙ୍କ ପୌରୋହିତ୍ୟରେ ପୌର ଟାଉନହଲରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି ଯୋଗଦେଇ ମଣ୍ଡଳ କମିଟି, ଶକ୍ତି କେନ୍ଦ୍ର, ବୁଥ କମିଟି ଆଦି କିପରି ମଜଭୁତ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇନ୍ଦ୍ରାଣିପାଟଣା ସଭାପତି ଦାମୋଦର ନାୟକ, ବାଦାମବାଡ଼ି ମଣ୍ଡଳ ସଭାପତି ସୁରଥ ରାଉତ, ଅଜିତ କୁମାର ସୁବୁଦ୍ଧିରାୟ, ରଶ୍ମିରଞ୍ଜନ ପ୍ରଧାନ, ପ୍ରଶାନ୍ତ କୁମାର ହୋତା, ବିଷ୍ଣୁ ଚରଣ ପରିଡ଼ା, ଇଂ. ସୁଜାତା ସାହୁ, ସନ୍ତୋଷ କୁମାର ସାହୁ, ଅନୀତା ରାଉତଙ୍କ ସମେତ ଉଭୟ ମଣ୍ଡଳର ବହୁ କର୍ମକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ।

## ୨ ଗାଁକୁ ପାନୀୟ ଜଳ ଯୋଗାଣ

ଟାଙ୍ଗୀ-ଜଗତପୁର, ୪।୫(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ନପଙ୍ଗ ପଞ୍ଚାୟତ ଅନ୍ତର୍ଗତ ବନିକା ଓ ପଳଶା ଗ୍ରାମବାସୀ ଦୀର୍ଘ ବର୍ଷ ଧରି ପାନୀୟ ଜଳ ସମସ୍ୟା ଭୋଗୁଥିଲେ। ଏ ନେଇ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ ବିଧାୟକ ନିଜସ୍ୱ ପାଣ୍ଠିରୁ ଅର୍ଥ ପ୍ରଦାନ କରି ୨ଟି ବୋରିଂ ଖୋଳି ଦୁଇ ଗ୍ରାମବାସୀଙ୍କ ଜଳ ସଙ୍କଟ ଦୂର କରିଛନ୍ତି। ନପଙ୍ଗ ସରପଞ୍ଚ ମମତା ମଲିକ ଏହାର ଉଦ୍‌ଘାଟନ କରିଥିବା ବେଳେ ସମିତି ସଭ୍ୟ ଗୋପାଳ ମଲ୍ଲିକ, ନାଏବ ସରପଞ୍ଚ ମାନଓ ଓଝା, ରଞ୍ଜିତ ମହାନ୍ତି, ସୁଶାନ୍ତ ସାମଲ, କୃଷ୍ଣଚନ୍ଦ୍ର ଦାସ, ସ୍ମୃତିରଞ୍ଜନ ସ୍ୱାଇଁ, ବିକାଶ ମଲ୍ଲିକଙ୍କ ସମେତ ଦୁଇ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ସରପଞ୍ଚ



୨ ଛାତ୍ରୀଙ୍କୁ ସରପଞ୍ଚ ସମ୍ବର୍ଦ୍ଧିତ କରୁଛନ୍ତି।

କଣ୍ଟାପଡ଼ା,୪।୫(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସାଇଲୋ ବଡବିଲି ସ୍ଥିତ ଗୋପବନ୍ଧୁ ନୋଡାଲ ବିଦ୍ୟାମନ୍ଦିରର ଗ୍ରେଡ-୧ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ବ୍ରାହ୍ମଣବାଟୀ ପଞ୍ଚାୟତ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ବିଦ୍ୟାଳୟର ଛାତ୍ରୀ ସ୍ୱାତୀ ପ୍ରିୟଦର୍ଶିନୀ ପାତ୍ର ୫୪୦ ନମ୍ବର ରଖି ଗ୍ରେଡ୍-୧ରେ ପାସ କରି ବିଦ୍ୟାଳୟ ତଥା ପରିବାର ପାଇଁ ଗୌରବ ଆଣିଛନ୍ତି। ସେହିପରି କଟକ କଲିଜିଏଟ ସ୍କୁଲରୁ ୫୪୩ ନମ୍ବର ରଖି ଗ୍ରେଡ୍-୧ରେ ପାସ କରିଥିବା ସ୍ଥାନୀୟ ସାଇଲେଶ ବଡବିଲି ଗ୍ରାମର ସୋନାଲି ଆଚାର୍ଯ୍ୟଙ୍କୁ ମଧ ସରପଞ୍ଚ ରାଉତରାୟ ସମ୍ବର୍ଦ୍ଧିତ କରିଛନ୍ତି। ବୈଜ୍ଞାନିକ ହେବା ପାଇଁ ଆଶା ରଖିଥିବା ସ୍ୱାତୀ ପ୍ରିୟଦର୍ଶିନୀ ମଣିକୁଣ୍ଡା ଗ୍ରାମର ବିଭୁପାତ୍ର ଓ ରାଜଲକ୍ଷ୍ମୀ ପାତ୍ରଙ୍କ ଝିଅ। ସେହିପରି ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଥିବା ସୋନାଲି ସାଇଲୋ ବଡବିଲି ଗ୍ରାମର ମାନସ କୁମାର ଆଚାର୍ଯ୍ୟ ଓ ମନ୍ଦାକିନୀ ମିଶ୍ରଙ୍କ କନ୍ୟା ଅଟନ୍ତି।

## ସଙ୍କୁଳସ୍ତରୀୟ ଆଚାର୍ଯ୍ୟ କର୍ମଶାଳା

ଚୌଦ୍ୱାର,୪।୫(ଆଶୁତୋଷ ଦାସ)

ଶିକ୍ଷା ବିକାଶ ସମିତି ଉତ୍ତର ପୂର୍ବ ସମ୍ଭାଗ ଆନୁକୂଲ୍ୟରେ ସଙ୍କୁଳସ୍ତରୀୟ ଆଚାର୍ଯ୍ୟ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ରମେଶ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଚୌଦ୍ୱାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତରପୂର୍ବ ସଂଯୋଜକ ତୁଷାର ରଞ୍ଜନ ଦାସ, ରାହାସ ବିହାରୀ ମହାପାତ୍ର, ଚୌଦ୍ୱାର ସଂକୁଳ ପ୍ରମୁଖ ବଂଶୀଧର କାଣ୍ଡି, ସଭାପତି ହରିହର ପାଢ଼ୀ, ସଂଯୋଜକ ବିଜୟ ପ୍ରତାପ ସାହୁ, ବିରୁପାକ୍ଷ କର, ପ୍ରଧାନ ଆଚାର୍ଯ୍ୟ ସାରଦା ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଜାତୀୟ ଶିକ୍ଷାନୀତି ଏବଂ ପଞ୍ଚପଦୀ ଆଧାରରେ ଶିକ୍ଷାଦାନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ପ୍ରସାଦ ବିଶ୍ୱାଳ, ଡ. ବିଚିତ୍ରାନନ୍ଦ ସ୍ୱାଇଁ, ଇର୍ଣ୍ଣାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବସନ୍ତିଆ, ଅଭିଷେକ ଘୋଷ, ବ୍ଲକ୍ ଅତିରିକ୍ତ ବିଇଓ ଅରୁନ୍ଧତୀ ମିଶ୍ର, ହୃଷୀକେଶ ସ୍ୱାଇଁ, ନରେଶ ସାହୁରଚିତା ବେହେରା, ମାନସ ରଞ୍ଜନ ସାହୁ, ବିକ୍ରମ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କର୍ମଶାଳାରେ ବିଭିନ୍ନ ବିଦ୍ୟାଳୟର ୧୭୩ଜଣ ଗୁରୁମା ଓ ଗୁରୁଜୀ ଯୋଗଦେଇଥିଲେ। ସଂକୁଳର ୧୧ଜଣ ପ୍ରଧାନ ଆଚାର୍ଯ୍ୟ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦିଗନ୍ତ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନିଆଳି,୪।୫(ସୁକାନ୍ତ କୁମାର ସିଂହ):** ନିଆଳି ବ୍ଲକ ଅନ୍ତର୍ଗତ ଦେବୀ-କନ୍ଦଳ ଦ୍ୱିପାଞ୍ଚଳ ଅନ୍ତର୍ଗତ କସର୍ଦା ପଞ୍ଚାୟତ ଅଧୀନ ପତ୍ରକଣାଠାରେ ଥିବା ସଂକଳ୍ପ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ପରିଚାଳିତ ଦିଗନ୍ତ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଯୋଗେଶ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସିଡିପିର ଉପଦେଷ୍ଟା ସରୋଜ ସ୍ୱାଇଁ ଏବଂ ଏମ୍‌ପିଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତି ଯୋଗଦେଇଥିଲେ। ସଂକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଭାପତି ଚକ୍ରଧର ପ୍ରଧାନ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ମିହିରକାନ୍ତ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏ. ଜୟଲକ୍ଷ୍ମୀ ବିଦ୍ୟାଳୟର ରିପୋର୍ଟ କାର୍ଡ ପଠନ କରିଥିଲେ। ମ୍ୟାନେଜର ଜୟକୃଷ୍ଣ ଚମ୍ପତି ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଏକ ସଚେତନତା ଧର୍ମୀ ନାଟକ କୋଟିଏ ଆଶାର ଗୋଟିଏ ସ୍ୱପ୍ନ ନାଟକ ମଞ୍ଚସ୍ଥ କରାଯାଇଥିଲା।

# ପାରମ୍ପରିକ ବାଦ୍ୟରେ କମ୍ପିଲା ବାଲିଯାତ୍ରା ପଡ଼ିଆ



ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ ଆଦିବାସୀ ମହୋତ୍ସବରେ ପରିବେଷିତ ଆଦିବାସୀ ନୃତ୍ୟ।

## ଜାତୀୟ ଆଦିବାସୀ ମେଳାର ତୃତୀୟ ସନ୍ଧ୍ୟା

କଟକ,୪।୫(କାର୍ତ୍ତିକ ସାହୁ): ପରଜା ଓ ଗଡ଼ବା ସମ୍ପ୍ରଦାୟର ଆଦିବାସୀଙ୍କ ପ୍ରାଚୀନ ପାରମ୍ପରିକ ନୃତ୍ୟ ଢେମ୍‌ସା, ମାଲକାନାଗିରି, ନବରଙ୍ଗପୁର, କୋରାପୁଟ ଅଞ୍ଚଳର ଆଦିବାସୀ ପୁରୁଷ ଓ ମହିଳାଙ୍କ ନୃତ୍ୟ ଦୁଲୁକାଇ ଥିଲା ବାଲିଯାତ୍ରା ଉପରପଡ଼ିଆକୁ। ଢୋଲ୍, ନିଷାନ୍, ତାସା, ଝାଞ୍ଜ ଓ ବଂଶୀ ବାଦନର ଧ୍ୱନି ସୋମବାର ଆଦିବାସୀ ମେଳାର ତୃତୀୟ ସନ୍ଧ୍ୟାରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କନ୍ଧମାଳର 'ନୂତନ କଳା ସଂସଦ'ର ଶିଳ୍ପୀମାନେ ଦଳପତି ଚିନ୍ମୟ ବେହେରାଙ୍କ ନେତୃତ୍ୱରେ ଢେମ୍‌ସା ନୃତ୍ୟ ପରିବେଷଣ କରିଥିଲେ। ସୁନ୍ଦରଗଡ଼ର 'ଓରାଂ ଡ୍ୟାନ୍ସ ଗ୍ରୁପ୍'ର ଶିଳ୍ପୀମାନେ ପଦ୍ମିନୀ ଟପ୍ପୋଙ୍କ ନିର୍ଦ୍ଦେଶନାରେ 'କିଷାନ୍ କର୍‌ମା' ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଝାଡ଼ଖଣ୍ଡରୁ ଆସିଥିବା ଆଦିବାସୀ ଶିଳ୍ପୀମାନେ ପ୍ରାଚୀନ ବାଦ୍ୟ ବଜାଇ ପାରମ୍ପରିକ ନଗାଡ଼ା ଓ ପାଇକନୃତ୍ୟ ପରିବେଷଣ କରିଥିଲେ। ବନ୍ଦିତା ଧାବନ୍‌ଙ୍କ ନିର୍ଦ୍ଦେଶନାରେ 'ନୃତ୍ୟମ୍ ଡ୍ୟାନ୍ସ ଏକାଡେମୀ'ର କଳାକାରମାନେ ଢେମ୍‌ସା ନୃତ୍ୟ ପରିବେଷଣ କରିଥିଲେ। ସୁବାସ ମିଶ୍ରଙ୍କ ପରିଚାଳନାରେ 'ସାଇ କଳାକେନ୍ଦ୍ର' ଏବଂ ଶୁଭ୍ରାଙ୍ଗୀ ମଲ୍ଲିକଙ୍କ ନିର୍ଦ୍ଦେଶନାରେ 'ନୃତ୍ୟଶ୍ରୀ କଳାକେନ୍ଦ୍ର'ର ଶିଳ୍ପୀମାନେ ବିଭିନ୍ନ ଆଦିବାସୀ, ସମ୍ବଲପୁରୀ ଓ ଲୋକନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାର ସଭାରେ ଅତିଥି ଭାବେ ଡ. ଦ୍ୱିପାୟନ ପଟ୍ଟନାୟକ, ସାମାଜିକ କର୍ମୀ ବଳଭଦ୍ର ଦାସ, ମନୋହର କମାର ଓ ବିଶ୍ୱଜିତ ସୂର୍ଯ୍ୟବଂଶୀ ଯୋଗଦେଇଥିଲେ। ଆୟୋଜକ ସ' ପରିଚୟ ଫାଉଣ୍ଡେଶନ୍‌ର ମ୍ୟାନେଜିଂ ଟ୍ରଷ୍ଟି ସୁଭାଶିଷ ଦାସ କାର୍ଯ୍ୟକ୍ରମ ସଞ୍ଚାଳନା ଓ ଧୀରେନ ପାଢ଼ୀ ସଂଯୋଜନା କରିଥିଲେ।

15001/29/2627



**ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**
୫ ମଇ, ୨୦୨୬

ସକାଳ ୮ ଘଟିକା – ଇ.ଏସ.ଆଇ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସକାଳ ୯ ଘଟିକା – ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ୍ ନଂ-୧ ସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

-ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଭୁବନେଶ୍ୱର-ଏକାମ୍ର

-ସମ୍ମାନନୀୟ ଅତିଥି-
ପ୍ରଫେସର ଡ. ହାଡ଼ିବନ୍ଧୁ ପଟ୍ଟନାୟକ, ସଭାପତି, କେନ୍ଦୁଝର ନାଗରିକ ପରିଷଦ, ଭୁବନେଶ୍ୱର
ଶ୍ରୀ କାମପାଳ ଦେହୁରୀ, ଉପଦେଷ୍ଟା, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱର

- ବିଶିଷ୍ଟ ବକ୍ତା-
ପ୍ରଫେସର ରାମଚନ୍ଦ୍ର ରାଉତ, ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ, ରମାଦେବୀ ମହିଳା ମହାବିଦ୍ୟାଳୟ

-ମୁଖ୍ୟବକ୍ତା -
ପଣ୍ଡିତ ମହେଶ୍ୱର ନନ୍ଦ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଆଳି, କେନ୍ଦ୍ରାପଡ଼ା

ଦୃଷ୍ଟିବାଧିତ କଳାକାର ମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ବିକାଶ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଆୟୋଜିତ

ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

OIPR-15001/15001/2/26-27/0029

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ବିଦ୍ୟାଳୟ ଗୌରବ ସ୍ମାରକ ସମ୍ମାନ ପ୍ରଦାନ

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଚଳିତ ମାଟ୍ରିକ ପରୀକ୍ଷାରେ ଏ୧ ଏବଂ ଏ୨ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ସଭାଗୃହରେ ପ୍ରଧାନଶିକ୍ଷକ ବିଭୂପ୍ରସାଦ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବପ୍ରସାଦ ମଜୁମଦାର, ବିମଳ ଷଡ଼ଙ୍ଗୀ, ସତ୍ୟବ୍ରତ ଦାସଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁଭାଙ୍ଗି ପାଲଟାସିଂହ, ଶିକ୍ଷକ ବିରଞ୍ଚି କୁମାର ସାହୁ, ଅଞ୍ଜନ କୁମାର ରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆଗକୁ ମଧ୍ୟ କଠିନ ପରିଶ୍ରମ କରି ବିଦ୍ୟାଳୟ ଏବଂ ମାତାପିତାଙ୍କ ଗୌରବ ରଖିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଗୌରବ ସ୍ମାରକ ସମ୍ମାନ ଦିଆଯାଇଥିଲା। ଅତିଥିମାନେ ଏ୧ ଓ ଏ୨ କୃତୀ ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି ପୁରସ୍କାର ଦେଇ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

### ବେଗୁନିଆ ଥାନା ପକ୍ଷରୁ ଚନ୍ଦନ ଯାତ୍ରା ପାଳନ

ବେଗୁନିଆ,୪।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଜଗନ୍ନାଥ ମନ୍ଦିରରେ ଚାଲିଥିବା ଚନ୍ଦନ ଯାତ୍ରା ପାଳନ ଅବସରରେ ୧୫ଦିନ ଘରୋଇ ପାଳି ଏବଂ ୫ଦିନ ସାହି ପାଳି ପାଳନ କରାଯାଇଥାଏ। ପ୍ରତ୍ୟେକ ପାଳିରେ ଠାକୁର ଶୋଭାଯାତ୍ରାରେ ବାହାରି ନୀତିକାନ୍ତି ଅନୁସାରେ ସମସ୍ତ କାର୍ଯ୍ୟ କରାଯାଇଥାଏ। ସୋମବାର ଥାନା ପାଳି ଥିବା ବେଳେ ଥାନା ପକ୍ଷରୁ ଶୋଭାଯାତ୍ରା ବାହାରି ବଡ଼ପୋଖରୀ ନିକଟରେ ପହଞ୍ଚିଥିଲା। ଘଣ୍ଟ ଘଣ୍ଟା ଧ୍ୱନି ସହିତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବଡ଼ ପୋଖରୀରେ ଠାକୁର ଚାପ ଖେଳିଥିଲେ। ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଅତିରିକ୍ତ ଥାନା ଅଧିକାରୀ ମନୋଜ କୁମାର ଶତପଥୀ, ଭୁବନ ବେହେରା, ମଙ୍ଗୁଳି ବେହେରା, ପବନ ରାଉତରାୟ, ରାଇଟର ଶ୍ରୀନିବାସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ରାମଲୀଳାରେ ଲଙ୍କାପୋଡ଼ି ପରିବେଷିତ



ନିରାକାରପୁର,୪।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ବଡ଼ପାଟଣା ସୀତାରାମ ନାଟ୍ୟ ସଂସଦ ପକ୍ଷରୁ ଚାଲିଥିବା ଶ୍ରୀରାମଲୀଳାର ଦଶମ ସନ୍ଧ୍ୟାରେ ଲଙ୍କାପୋଡ଼ି ପରିବେଷିତ ହୋଇଯାଇଛି। ହନୁମାନ ଭୂମିକାରେ ନବକିଶୋର ବରାଳ ଓ ନରେନ୍ଦ୍ର ବରାଳ, ଅକ୍ଷୟ କୁମାର ଭୂମିକାରେ ଅଗ୍ରଜ ପ୍ରଧାନ, ଇନ୍ଦ୍ରଜିତ ଲକ୍ଷ୍ମୀଧର ପ୍ରଧାନ, ରାବଣ ଅକ୍ଷୟ ଲେଙ୍କା, ସୀତା ପ୍ରଭାତ ଲେଙ୍କା, ରାମ ରାଜେଶ ପ୍ରଧାନ, ଲକ୍ଷ୍ମଣ ଶୁଭମ ପ୍ରଧାନ, ନାଗମାତା ରାକେଶ ପରିଡା, ଲଙ୍କାଦେବୀ ପ୍ରଭଞ୍ଜନ ଲେଙ୍କାଙ୍କ ସମେତ ବିଭିନ୍ନ କଳାକାରଙ୍କ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଗାୟକ ବିପିନ ସାହୁ ଏବଂ ଶ୍ୟାମ ସୁନ୍ଦର ବିଶ୍ୱାଳଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ପ୍ରସଙ୍ଗ

# ଆଜି ୫ ଜଣିଆ ଟିମ୍ କରିବ ତଦନ୍ତ

- ସମସ୍ତ ରେକର୍ଡ ଯାଞ୍ଚ କରାଯିବ: ସିଡିଓ
- ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରପାଳିକା ପକ୍ଷରୁ ଡ୍ରେନ୍ ଏବଂ ପରିମଳ ସଫେଇ ପାଇଁ ହୋଇଥିବା ଟେଣ୍ଡର(ନଂ.୦୩/୨୦୨୫-୨୬ ଏବଂ ୦୪/୨୦୨୫-୨୬)ରେ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଓଡ଼ିଶା ଚୁକ୍ତିଭିତ୍ତିକ ଠିକା କର୍ମଚାରୀ ସଂଘ ଗତ ୩୦ ତାରିଖରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା, ପକ୍ଷପାତିତା, ସରକାରୀ କଳର ଅପବ୍ୟବହାର ତଥା ଟେଣ୍ଡରରେ ଅଂଶଗ୍ରହଣ କରିଥିବା ସଂସ୍ଥାଗୁଡ଼ିକ ଅଗୋଚରରେ ଗୋଟେ ସଂସ୍ଥାକୁ କର୍ତ୍ତୃପକ୍ଷ ଅନୁକମ୍ପା ଦେଖାଇ କାର୍ଯ୍ୟାଦେଶ ଦେବାର ଏକ ମାସ ପରେ ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ, ଏଥିରେ ବ୍ୟାପକ ଅର୍ଥ କାରବାର କରାଯାଇଛି ବୋଲି ସଂଘ ଅଭିଯୋଗ କରିଛି। ଏହି ଟେଣ୍ଡରକୁ ରଦ୍ଦ କରାଯିବା ସହ ଅନିୟମିତାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଫୌଜଦାରି ମାମଲା ରୁଜୁ ପାଇଁ ଦାବି ହୋଇଥିଲା। ଏହି ଘଟଣାକୁ ଜିଲାପାଳ ଅମ୍ରିତ୍ ଋତୁରାଜ ଗୁରୁତ୍ୱର ସହ ଗ୍ରହଣ କରି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ(ସିଡିଓ) ଜ୍ୟୋତିଶଙ୍କର ସାହୁଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ମଙ୍ଗଳବାର ଏହାର ତଦନ୍ତ ଆରମ୍ଭ କରିବ ବୋଲି ସୂଚନା ଦେବା ସହ ସମସ୍ତ ରେକର୍ଡପତ୍ର ଯାଞ୍ଚ କରାଯିବ ବୋଲି ସାହୁ କହିଛନ୍ତି। ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ସମ୍ପର୍କରେ ପ୍ରମାଣିତ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଟେଣ୍ଡର ପ୍ରକ୍ରିୟାରେ କୌଣସି ପକ୍ଷପାତିତା କିମ୍ବା ସରକାରୀ କଳର ଅପବ୍ୟବହାର ହୋଇ ନ ଥିବା ପୌର ପରିଷଦ କର୍ତ୍ତୃପକ୍ଷ ସଫେଇ ଦେଇଥିବା ବେଳେ ଚୁକ୍ତିଭିତ୍ତିକ ଠିକା ସଫେଇ କର୍ମଚାରୀ ସଂଘ ସଭାପତି ମୋହନ ନାୟକ କହିଛନ୍ତି, ତଦନ୍ତ କରାଗଲେ ସଠିକ୍ ତଥ୍ୟ ପଦାକୁ ଆସିବ। ପୌର କର୍ତ୍ତୃପକ୍ଷ ତଦନ୍ତ କମିଟି ଆଗରେ ସମସ୍ତ ତଥ୍ୟ ରଖିବାକୁ ସଂଘ ଦାବି କରିଛି।

## କଳାଙ୍ଗରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବୋଲଗଡ଼,୪।୫(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ କଳାଙ୍ଗ ପଞ୍ଚାୟତ ସ୍ତରୀୟ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁମନ ସୁଧା କୁଣ୍ଡୁ, ତହସିଲଦାର ବିଜୟ କୁମାର ସେଠୀଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ମୋଟ୍ ୪୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଆଉ ୨୧ ଅଭିଯୋଗର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସରପଞ୍ଚ ସରୋଜିନୀ ପରିଡ଼ା, ପିଇଓ ସଂଗ୍ରାମ କେଶରୀ ସିଂହ, ଏଡିଇଓ ନବଘନ ବିଶ୍ୱାଳ, ୱାର୍ଡମେମ୍ବର ଓ ପଞ୍ଚାୟତ କର୍ମଚାରୀମାନେ ଲୋକଙ୍କ ଅଭିଯୋଗ ପଞ୍ଜୀକରଣ ସହ ଭୂମିହୀନ ପଟ୍ଟା, ଜାତି ପ୍ରମାଣପତ୍ର, ସ୍ଥାୟୀବାସିନ୍ଦା ଓ ଆୟ ପ୍ରମାଣପତ୍ର, ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକକାର୍ଡ ପଞ୍ଜୀକରଣ ସହ ନବୀକରଣ, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ବିଧବା ଭତ୍ତା ଆବେଦନ, ଋଣଭିତ୍ତିକ ଯୋଜନାରେ ଆବେଦନ ଗ୍ରହଣ ଓ ତ୍ରୁଟି ସଂଶୋଧନ ଆଦି କାର୍ଯ୍ୟ ନେଇ ପ୍ରଶାସନ ଓ ଲୋକମାନଙ୍କୁ ସହଯୋଗ କରିଥିଲେ।

# ୯୩ ଅଭିଯୋଗରୁ ୬ ଗ୍ରାମୀଣ ସମସ୍ୟା



ଶିବିରରେ ଜିଲାପାଳ ଅମ୍ରିତ୍ ଋତୁରାଜ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରୀୟ ଜନଶୁଣାଣି ଶିବିର ଜିଲାପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୯୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୮୭ଟି ବ୍ୟକ୍ତିଗତ ଏବଂ ୬ଟି ଗ୍ରାମୀଣ ସମସ୍ୟା ରହିଥିଲା। ହରିଚନ୍ଦନପୁର, ନାରୁଣୀର ବେବି ପଲାଇଙ୍କୁ ଚିକିତ୍ସା ନିମନ୍ତେ ସିଏମ୍ଆର୍ଏଫ୍ ପାଣ୍ଠିରୁ ୧୦ ହଜାର ଟଙ୍କା, ଚିଲିକା ତରପି ହାଟବରଡିର ବୀଣାପାଣି ସୁବୁଦ୍ଧିଙ୍କୁ ଚିକିତ୍ସା ନିମନ୍ତେ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଦିଆଯାଇଛି। ଅନ୍ୟ ଅଭିଯୋଗ ଗୁଡିକର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟ ଅଧୀନସ୍ଥ ପଞ୍ଚାୟତ କାର୍ଯ୍ୟାଳୟ ଗୁଡିକରେ ପଲ୍ଲୀରେ ପ୍ରଶାସନ ମଧ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଜିଲାସ୍ତରୀୟ ଜନଶୁଣାଣି ଶିବିରରେ ଜିଲାପାଳ ଅମ୍ରିତ୍ ଋତୁରାଜ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚୋରାମଦ ବ୍ୟବସାୟୀଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ

ବାଲୁଗାଁ,୪।୫(ସଂଗ୍ରାମ ପାଇକରାୟ)

ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଗତ ଶନିବାର ଏକ ଚୋରାମଦ ବିକ୍ରି ମାମଲାର ବିଚାର କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହିତ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ଟାଙ୍ଗୀ ଥାନା ଅଧୀନ କାଲୁପଡ଼ା ନିକଟ ଉଆସପଦର ଗ୍ରାମର ବ୍ରଜ ସ୍ୱାଇଁ(୫୫)। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନାଥାଉ କି, ୨୦୨୪ ଜୁନ୍ ୨୨ ଅପରାହ୍ନ ୫ଟାରେ ଟାଙ୍ଗୀ ଅବକାରୀ ବିଭାଗ ଅଧିକାରୀ ନାରାୟଣ ଜେନା ସଦଳବଳ କାଲୁପଡ଼ା ବଜାର ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଜଣେ ବ୍ୟକ୍ତି ଏକ ଜରି ବ୍ୟାଗ୍‌ରେ କିଛି ସାମଗ୍ରୀ ଧରି ଯାଉଥିବା ବେଳେ ଅବକାରୀ କର୍ମଚାରୀ ସନ୍ଦେହ କରି ଉକ୍ତ ବ୍ୟାଗ୍ ତଲାସିବାରେ ସେଥିରୁ ୨୪ଟି ପାଉଚ୍ (୫୦୦ ଏମ୍ଏଲ୍) ମହୁଲି ମଦ ଜବତ କରିଥିଲେ। ପରବର୍ତ୍ତୀ ସମୟରେ ଏହି ମାମଲା ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ କେସ୍ ନଂ.୨(ଏ) ସି ସି ୭୧/୨୦୨୪ରେ ବିଚାରାଧୀନ ଥିଲା। ମାଜିଷ୍ଟ୍ରେଟ ଦଳେଇ ସମସ୍ତ ସାକ୍ଷ୍ୟପ୍ରମାଣ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦ୍ଦେବ ଏହି ମାମଲା ପରିଚାଳନା କରିଥିଲେ।

## ୪୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ମହିଳାଙ୍କ ସମେତ ୨ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଉଛନ୍ତି।

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ସୋମବାର ଗୁରୁଜଙ୍ଗ ଦେୱାନ ସାହି ନିକଟ ଖେଳପଡ଼ିଆରେ ଚଢ଼ାଉ କରି ୪୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ଗୁରୁଜଙ୍ଗ ଦେୱାନ ସାହିର ସନ୍ଧ୍ୟାରାଣୀ ବେହେରା ଓରଫ ବେବିନା(୨୬) ଏବଂ ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦ ପିଏନ୍ କଲେଜ ଛକର ରୋହନ ଖାନ ଓରଫ ବବୁଲ(୨୭)। ଏଥିସହ ଏମାନଙ୍କ ନିକଟରୁ ୩ଟି ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୪୮/୨୬) ରୁଜୁ ହୋଇଛି। ବ୍ରାଉନ୍‌ସୁଗାର କେଉଁଠୁ ଆଣୁଥିଲେ, ଏମାନଙ୍କ ସହ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାର ତଦନ୍ତ ଚାଲିଛି ବୋଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଗୁରୁଜଙ୍ଗ ଦେୱାନ ସାହି ନିକଟରେ ବ୍ରାଉନ୍‌ସୁଗାର ବେପାର ଚାଲିଥିବା ଖବରପାଇ ଏସ୍‌ଡିପିଓ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ଏସ୍ଆଇ ଦିନେଶ ପିଙ୍ଗୁଆ, ଏଏସ୍ଆଇ କାବେରୀ ଦାସଙ୍କ ସମେତ ଏକ ଟିମ୍ ଅତର୍କିତଭାବେ ଚଢ଼ାଉ କରିଥିଲା। ପୋଲିସଙ୍କୁ ଦେଖି ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରିବା ବେଳେ ପୋଲିସ ସେମାନଙ୍କୁ କାବୁ କରିନେଇଥିଲା। ଏସ୍ଆଇ ସସ୍ମିତା ବେହେରା ଏହାର ତଦନ୍ତ ଦାୟିତ୍ୱରେ ରହିଛନ୍ତି।

# ଚିଲିକାରେ ଯାତ୍ରାବେଳେ ଲାଇଫ୍ ଜ୍ୟାକେଟ ବାଧ୍ୟତାମୂଳକ

ନିୟମ ଉଲ୍ଲଂଘନ କଲେ ପଞ୍ଜୀକରଣ ରଦ୍ଦ ସହ କାର୍ଯ୍ୟାନୁଷ୍ଠାନ

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ଚିଲିକାରେ ନୌକା ଚାଳନା ବେଳେ ଯାତ୍ରୀଙ୍କ ପାଇଁ ଲାଇଫ୍ ଜ୍ୟାକେଟ ବାଧ୍ୟତାମୂଳକ କରାଯାଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଜିଲାପାଳ ଅମ୍ରିତ୍ ଋତୁରାଜ କାଳିଜାଇ ମୋଟର ଡଙ୍ଗା ସଂଘ, ବାଲୁଗାଁ ମା' କାଳିଜାଇ ମୋଟର ଡଙ୍ଗା ମାଲିକ ସଂଘ ଏବଂ ମା'କାଳିଜାଇ ଶ୍ରମିକ ସଂଘ ବଡ଼କୁଳକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଚିଲିକାରେ ଯାତ୍ରୀବାହୀ ନୌକା ଚାଳନା ସମୟରେ ଯାତ୍ରୀଙ୍କ ଜୀବନ ସୁରକ୍ଷିତ ନିମନ୍ତେ ରାଜ୍ୟ ସରକାର ଓଡ଼ିଶା ନୌକା ଏବଂ ବିଭିନ୍ନ ପ୍ରକାର ଯାତ୍ରୀବାହୀ ବୋଟ୍, ନୌକା, ଡଙ୍ଗା ନିୟମ ୨୦୦୪କୁ ଜିଲା ପ୍ରଶାସନ ଖୋର୍ଦ୍ଧା ପକ୍ଷରୁ ଲାଗୁ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗ୍ରୀଷ୍ମ ଋତୁ ସମୟରେ ପ୍ରାୟତଃ କାଳବୈଶାଖୀ ଏବଂ ଘୂର୍ଣ୍ଣିଝଡ଼ ଘଟୁଥିବାରୁ ଚିଲିକାରେ ଡଙ୍ଗା, ବୋଟ୍‌ରେ ଯାଉଥିବା ସମୟରେ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ରହିଥାଏ। ଏପରି ସ୍ଥଳେ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ନିଶ୍ଚିତ କରିବା ଡଙ୍ଗା, ବୋଟ୍ ମାଲିକଙ୍କ ନୈତିକ ଦାୟିତ୍ୱ। ଏହିକ୍ରମେ ଚିଲିକାରେ ଯାତ୍ରା ସମୟରେ ସମସ୍ତ ଯାତ୍ରୀ ଯେପରି ଲାଇଫ୍ ଜ୍ୟାକେଟ ପରିଧାନ କରିବେ ସେଥିପ୍ରତି ଡଙ୍ଗା ମାଲିକମାନେ ଦୃଷ୍ଟି ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଯାତ୍ରୀଙ୍କ ସଂଖ୍ୟା ଡଙ୍ଗା/ବୋଟରେ ଆବଶ୍ୟକ କ୍ଷମତାଠାରୁ ଅଧିକ ହେବ ନାହିଁ ସେଥିପ୍ରତି ଗୁରୁତ୍ୱ ଦେବେ। ଓଡ଼ିଶା ସରକାରଙ୍କ ବୋଟ/ଡଙ୍ଗା/ନୌକା ନିୟମ ୨୦୦୪ ବୋଟ୍ ମାଲିକମାନେ ପାଳନ କରିବେ। ଏହି ନିୟମ ଉଲଂଘନ କଲେ ସେମାନଙ୍କ ବୋଟ ପଞ୍ଜୀକରଣକୁ ରଦ୍ଦ କରାଯିବା ସହ ନିୟମ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଶ୍ରୀରାମକୃଷ୍ଣ ସେବାଶ୍ରମର ବାର୍ଷିକ ଅଧିବେଶନ

ବୋଲଗଡ଼,୪।୫(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ପିଚୁକୁଳି ପଞ୍ଚାୟତସ୍ଥ ଟିକାତାଳ ଶ୍ରୀରାମକୃଷ୍ଣ ସେବାଶ୍ରମର ବାର୍ଷିକ ସାଧାରଣ ଅଧିବେଶନ ବିଜୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମଚାରୀ ରାମରତନ ଦାସ ପ୍ରଥମେ ବେଦମନ୍ତ୍ର ଉଚ୍ଚାରଣ କରିଥିଲେ। ଅନୁଷ୍ଠାନର ସଦସ୍ୟା ଝିଲ୍ଲୀ ବେହେରାଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସଦସ୍ୟ ଦିଲୀପ ପଣ୍ଡା ଶ୍ରୀରାମକୃଷ୍ଣ କଥାମୃତ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ବାର୍ତ୍ତା ପାଠ କରିଥିଲେ। ଆଶ୍ରମର ସହସମ୍ପାଦକ ଅଧ୍ୟାପକ ସର୍ବେଶ୍ୱର ସାହୁ ୨୦୨୫-୨୬ ବର୍ଷ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଚଳିତ ଆର୍ଥିକ ବର୍ଷ ନିମନ୍ତେ ୨୦ ଲକ୍ଷ ଟଙ୍କାର ଆୟବ୍ୟୟ ଅଟକଳ କରାଯାଇଥିଲା। ଆଶ୍ରମର ନିର୍ମାଣାଧୀନ ସାର୍ବଜନୀନ ରାମକୃଷ୍ଣମନ୍ଦିର, ସାଧୁ ଓ ଅତିଥି ସେବା, ଉତ୍ସବ ପାଳନ, ରିଲିଫ କାର୍ଯ୍ୟ, ମେଡିକାଲ ସେବା, ଅସହାୟଙ୍କୁ ସାହାଯ୍ୟ, ମେଧାବୀ ବିଦ୍ୟାର୍ଥୀ ଛାତ୍ରବୃତ୍ତି ଆଦି କାର୍ଯ୍ୟକ୍ରମ ନିମନ୍ତେ ଚଳିତ ବର୍ଷ ବାର୍ଷିକ ସଭ୍ୟ ଚାନ୍ଦା ସଂଗ୍ରହ, ମନ୍ଦିର ନିର୍ମାଣ ନିମନ୍ତେ ସ୍ୱତନ୍ତ୍ର ଦାନ ସଂଗ୍ରହ, ସରକାରୀ ସହାୟତା, ଦାତବ୍ୟ ଅନୁଷ୍ଠାନରୁ ପାଣ୍ଠି ସଂଗ୍ରହ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଆଶ୍ରମର କାର୍ଯ୍ୟକାରୀ କମିଟି ସଭ୍ୟ ଓ ସାଧାରଣ ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରି ନିଷ୍ପତ୍ତି ଲିପିବଦ୍ଧ କରିବା ସହିତ ଦସ୍ତଖତ ସଂଗ୍ରହ କରାଯାଇଥିଲା। ଆଲୋଚନାରେ ପୂର୍ବତନ ସଭାପତି ବାସୁଦେବ ମହାପାତ୍ର, ପ୍ରମୋଦ ପ୍ରତାପସିଂହ, ଲକ୍ଷ୍ମୀଧର ଖଟାଇ, ରାଜକିଶୋର ଛୁଆଳସିଂହ, ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ପଦ୍ମଚରଣ ବିଶ୍ୱାଳ, ନଳିନୀ ସାହୁ, ଆର୍ତ୍ତ ବନ୍ଧୁ ଛୋଟରାୟ, ନିର୍ଭୟ ସାମନ୍ତରାୟ, ସମ୍ପାଦକ ଗୋଲକ ଚନ୍ଦ୍ର ସାହୁ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ। ଆଶ୍ରମରେ ଉତ୍ସବ ପାଳନ ନିମନ୍ତ ପ୍ରତିଷ୍ଠାତା-ସମ୍ପାଦକ ସ୍ୱାମୀ ଭଗବତାନନ୍ଦ ପୁରୀଙ୍କ ନିର୍ଦ୍ଦେଶରେ ଏକ ୭ ଜଣିଆ କମିଟି ଓ ତତ୍‌ସହିତ ଏକ ୭ ଜଣିଆ ଉନ୍ନତିମୂଳକ କମିଟି ଗଠନ କରାଯାଇଛି। ଶେଷରେ ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଏ୧ ରେ ଉତ୍ତୀର୍ଣ୍ଣ ଓମ୍‌ପ୍ରକାଶ ସମ୍ବର୍ଦ୍ଧିତ

ଟାଙ୍ଗୀ,୪।୫(ରଘୁନାଥ ସାହୁ)

ଚାନ୍ଦପୁର ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଓମ୍ ପ୍ରକାଶ ନାୟକ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ୧ ରେ ଉତ୍ତୀର୍ଣ୍ଣ ହୋଇଥିବାରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମ ଚରଣ ବିଶ୍ୱାଳଙ୍କ ସହଯୋଗରେ ପରିଚାଳନା କମିଟି ସଭାପତି ବଦ୍ରି ନାରାୟଣ ଚୌଧୁରୀ, ପଞ୍ଚସଖା ଶିଖାସେତୁ ସଦସ୍ୟ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ନାୟକ, ବରିଷ୍ଠ ଶିକ୍ଷୟିତ୍ରୀ ପ୍ରେମଲତା ଜାଲି, ମିନାକ୍ଷୀ ତ୍ରିପାଠୀ, ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଓମ୍ ପ୍ରକାଶଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଓମ୍‌ଙ୍କ ବାପା ଛବିନ୍ଦ୍ର ନାୟକ ଉପସ୍ଥିତ ଥିଲେ।

15001/29/2627



ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୫ ମଇ, ୨୦୨୬

ସକାଳ ୮ ଘଟିକା – ଇ.ଏସ.ଆଇ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସକାଳ ୯ ଘଟିକା – ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ୍ ନଂ-୧ ସ୍ଥିତ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

-ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଭୁବନେଶ୍ୱର-ଏକାମ୍ର

-ସମ୍ମାନନୀୟ ଅତିଥି-
ପ୍ରଫେସର ଡ. ହାଡ଼ିବନ୍ଧୁ ପଟ୍ଟନାୟକ, ସଭାପତି, କେନ୍ଦୁଝର ନାଗରିକ ପରିଷଦ, ଭୁବନେଶ୍ୱର
ଶ୍ରୀ କାମପାଳ ଦେହୁରୀ, ଉପଦେଷ୍ଟା, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱର

- ବିଶିଷ୍ଟ ବକ୍ତା-
ପ୍ରଫେସର ରାମଚନ୍ଦ୍ର ରାଉତ, ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ, ରମାଦେବୀ ମହିଳା ମହାବିଦ୍ୟାଳୟ

-ମୁଖ୍ୟବକ୍ତା -
ପଣ୍ଡିତ ମହେଶ୍ୱର ନନ୍ଦ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଆଳି, କେନ୍ଦ୍ରାପଡ଼ା

ଦୃଷ୍ଟିବାଧିତ କଳାକାର ମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ।
ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ବିକାଶ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଆୟୋଜିତ
ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

OIPR-15001/15001/2/26-27/0029

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

## ବାଳକ ବିଭାଗରେ ଏସ୍ଏସ୍ଏ, ବାଳିକାରେ ଏମ୍ଏଏ ବିଜୟୀ

ଜିଲାସ୍ତରୀୟ ସିଏମ୍ ଟ୍ରଫି

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ଯୁବ ଓ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ୧୪ବର୍ଷରୁ କମ୍ ବାଳିକା, ବାଳକ ବିଭାଗରେ ଫୁଟ୍‌ବଲ ପ୍ରତିଯୋଗିତା ସିଏମ୍ ଟ୍ରଫି-୨୦୨୬ ଚାଲିଛି। ସୋମବାର ପ୍ରଥମ ମ୍ୟାଚ୍ ବାଳକ ବିଭାଗରେ ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ(ଏସ୍ଏସ୍ଏ) ଏବଂ ଷ୍ଟାର କ୍ଲବ ବାଣପୁର ମଧ୍ୟରେ ହୋଇଥିଲା। ଏଥିରେ ୮-୦ ଗୋଲରେ ଏସ୍ଏସ୍ଏ ଟିମ୍ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବାଳିକା ବିଭାଗରେ ବାଲୁଗାଁ କ୍ଲବ୍ ଏବଂ ମୁକ୍ତେଶ୍ୱର ଆଥ୍‌ଲେଟିକ ଆସୋସିଏଶନ(ଏମ୍ଏଏ) ମଲ୍ଲିପୁର ମଧ୍ୟରେ ହୋଇଥିଲା। ଏଥିରେ ୪-୦ଗୋଲରେ ଏମ୍ଏଏ ମଲ୍ଲିପୁର ବିଜୟୀ ହୋଇଥିଲା। ଉଭୟ ମ୍ୟାଚକୁ ଏମ୍.ଏସ୍.ବେଗ, ଚିତ୍ତରଞ୍ଜନ ପରିଡା ଏବଂ ବୈକୁଣ୍ଠ ମହାପାତ୍ର ପରିଚାଳନା କରିଥିବା ବେଳେ ମ୍ୟାଚ୍ କମିଶନର ଭାବେ ସୁଶାନ୍ତ କୁମାର ମିଶ୍ର ଦାୟିତ୍ୱ ତୁଲାଇଥିଲେ।



ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିବା ଉଭୟ ଦଳର ଖେଳାଳି।

## ରାଇଜିଂ ଷ୍ଟାର, ଫିଲ୍ଡ ଫାଇଟର ବିଜୟୀ



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ବୋଲଗଡ଼,୪।୫(ଦେବବ୍ରତ ହୋତା)

ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଦ୍ୱାଦଶ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ଦୁଇଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ୧୬ତମ ଲିଗ୍ ମ୍ୟାଚ ରାଇଜିଂଷ୍ଟାର ଓ ରାନୀ ବ୍ଲାଷ୍ଟର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ରାଇଜିଂଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ରାନୀ ବ୍ଲାଷ୍ଟର ଟିମ୍ ୧୦ଓଭରରେ ୬ ଉଇକେଟ ବିନିମୟରେ ୭୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ମ୍ୟାଚରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ଅଜୁ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ମାଷ୍ଟର ରିଙ୍କୁ ଏବଂ ସୁନୀଲ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ୧୭ତମ ଲିଗ୍ ମ୍ୟାଚ୍ ରାନୀ ବ୍ଲାଷ୍ଟର ଓ ଫିଲ୍ଡ ଫାଇଟର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଫିଲ୍ଡ ଫାଇଟର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇଲେଟ ବିନିମୟରେ ୧୧୩ରନ ସଂଗ୍ରହ କରିଥିଲା। ଏହାର ଜବାବରେ ରାନୀ ବ୍ଲାଷ୍ଟର ଟିମ୍ ୯.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୪୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ମ୍ୟାଚରେ ସଂଜିତ୍ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁନୀଲ ସାହୁ ଏବଂ ମାଷ୍ଟର ରିଙ୍କୁ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ଫ୍ରେଣ୍ଡସ କ୍ଲବ୍‌ର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁଙ୍କୁ ଭିକ୍ଷାବୃତ୍ତିରେ ଲଗାଇଲେ କଠୋର ଦଣ୍ଡ

## ୬ରେ ଶିଶୁ ଶ୍ରମିକ ନିରାକରଣ ଅଭିଯାନର ଶୁଭାରମ୍ଭ



ଖବରଦାତା ସମ୍ମିଳନୀରେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ବବିତା ପାତ୍ର ଅଭିଯାନ ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)

ରାଜ୍ୟ ସରକାର ଶିଶୁଙ୍କ ସୁରକ୍ଷା, ଶିକ୍ଷା ଏବଂ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେଉଛନ୍ତି। ଏ କ୍ଷେତ୍ରରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି। ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ଭଳି କୁପ୍ରଥା ଉପରେ ରୋକିବା ସହ ଶିଶୁ ଭିକ୍ଷାବୃତ୍ତି ବନ୍ଦ ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ସହରର ଟ୍ରାଫିକ ଛକ ଓ ସାର୍ବଜନୀନ ସ୍ଥାନରେ ଶିଶୁ ଭିକ୍ଷାବୃତ୍ତିକୁ ରୋକିବା ପାଇଁ ଆୟୋଗ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଜିଲାରେ ଜିଲାପାଳଙ୍କ ନେତୃତ୍ୱରେ ଏକ 'ଟାସ୍କ ଫୋର୍ସ' ଗଠନ କରାଯାଇଛି। ଏଥିରେ ପୋଲିସ ଓ ଶ୍ରମ ବିଭାଗର ଅଧିକାରୀଙ୍କୁ ସାମିଲ କରାଯାଇଛି। ପିଲାମାନଙ୍କୁ ଭିକ୍ଷାବୃତ୍ତି ପାଇଁ ବ୍ୟବହାର କରୁଥିବା ଗ୍ୟାଙ୍ଗ ବିରୋଧରେ 'ଜୁଭେନାଇଲ ଜଷ୍ଟିସ ଆକ୍ଟ' ଅନୁଯାୟୀ କଠୋର ଦଣ୍ଡର ବ୍ୟବସ୍ଥା ହୋଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ବୁଧବାର ଶିଶୁ ଶ୍ରମିକ ନିରାକରଣ ଅଭିଯାନର ଶୁଭାରମ୍ଭ ହେବ। ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ନିରାକରଣ ପାଇଁ କେନ୍ଦୁଝରଠାରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବ। ଏଥିରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଶିଶୁ ଭିକ୍ଷାବୃତ୍ତି ଓ ଶିଶୁ ଶ୍ରମିକ ପ୍ରଥା ଏକ ଅପରାଧ। ସାଧାରଣ ଜନତା ଏଭଳି ଘଟଣା ଦେଖିଲେ ତୁରନ୍ତ ଚାଇଲ୍ଡ ହେଲ୍ପଲାଇନକୁ ଜଣାଇବାକୁ ସେ ଅନୁରୋଧ କରିଛନ୍ତି।

ସେ ଆହୁରି କହିଛନ୍ତି, ଆୟୋଗର କାର୍ଯ୍ୟଧାରା ଭିତରେ 'ସ୍କୁଲ ଅନୁପସ୍ଥିତ ଥିବା ପିଲାଙ୍କ ଘର ପରିଦର୍ଶନ' ଅନ୍ୟତମ। ପିଲାମାନଙ୍କୁ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ବାନ୍ଧି ରଖିବା ପାଇଁ ଆୟୋଗ ଶିକ୍ଷା ଅଧିକାର ଅଧିନିୟମ ଅନୁଯାୟୀ ଏକ ନୂତନ ନିର୍ଦ୍ଦେଶନାମା ଲାଗୁ କରିଛନ୍ତି। ଯଦି ଜଣେ ଛାତ୍ରୀଛାତ୍ର ବିନା କାରଣରେ କ୍ରମାଗତ ୭ଦିନ ବା ତା'ଠାରୁ ଅଧିକ ଦିନ ସ୍କୁଲରେ ଅନୁପସ୍ଥିତ ରହନ୍ତି, ତେବେ ଶିକ୍ଷକ କିମ୍ବା ଏସଏମସି ସଦସ୍ୟମାନେ ପିଲାଟିର ଘର ପରିଦର୍ଶନ କରି ବିଦ୍ୟାଳୟକୁ ଫେରାଇବା ଚେଷ୍ଟା କରିବେ। ସେହିପରି 'ଶିଶୁ ଚାଲାଣ ରୋକିବା ପାଇଁ ରଣନୀତି'ରେ ଶିଶୁ ଚାଲାଣ ସମ୍ପୂର୍ଣ୍ଣ ରୋକିବା ଲାଗି ଆଣ୍ଟି ଟ୍ରାଫିକିଂ ୟୁନିଟ୍‌କୁ ଅଧିକ ସଜାଗ କରାଯାଇଛି। ଶ୍ରମଋତୁକାଳୀନ ଛାତ୍ରାବାସ ନିର୍ମାଣ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିସହ 'ପିଲାମାନଙ୍କୁ ଅନ୍‌ଲାଇନ ସୁରକ୍ଷା' ପାଇଁ କେନ୍ଦ୍ରାପଡ଼ାରେ ଏକ ପାଇଲଟ ପ୍ରୋଜେକ୍ଟ ଚାଲିଛି। ଏହାର ତଥ୍ୟ ଅନୁଯାୟୀ, ୯୦% ମାନସିକ ଅବସାଦର କାରଣ ସୋସିଆଲ ମିଡିଆର ଅପବ୍ୟବହାର ବୋଲି ଜଣାପଡିଛି। ଏହି ସମ୍ବନ୍ଧୀୟ କାର୍ଯ୍ୟଶାଳା ଆୟୋଗ ଦ୍ୱାରା ଜାରି ରହିଛି। ଏଥିପାଇଁ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଖୁବ୍‌ଶୀଘ୍ର ଏକ 'ରାଜ୍ୟ ସ୍ତରୀୟ ରଣନୀତି' ପ୍ରସ୍ତୁତ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସଦସ୍ୟା କସ୍ତୁରୀ ମିଶ୍ର, ସୁଜାତା ନାୟକ, କଳ୍ପନା ଲେଙ୍କା ଓ ମନସ୍ୱିତା ଖୁଣ୍ଟିଆ ଉପସ୍ଥିତ ଥିଲେ।

# ୨୬ ଲକ୍ଷ ବୁଣାକାରଙ୍କ ସଂଘର୍ଷର କାହାଣୀ 'ମେହେର ମୁଣ୍ଡା'



ଓଡ଼ିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'ର ଅଡିଓ ଏବଂ ଟ୍ରେଲର ରିଲିଜ କରାଯାଉଛି।

ଭୁବନେଶ୍ୱର,୪।୫(ସୌମ୍ୟରଞ୍ଜନ ରାଉତ)

## ୧୫ରେ ମୁକ୍ତିଲାଭ

ଓଡ଼ିଆ ଚଳଚ୍ଚିତ୍ର 'ମେହେର ମୁଣ୍ଡା'ର ଅଡିଓ ଏବଂ ଟ୍ରେଲର ରିଲିଜ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ହୋଟେଲ୍‌ରେ ଆୟୋଜିତ ଉତ୍ସବରେ ଚଳଚ୍ଚିତ୍ରର କଳାକାର ଓ ଟେକ୍ନିସିଆନଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଏହାର ସମସ୍ତ ଗୀତ ଓ ଟ୍ରେଲରକୁ ସମସ୍ତେ ବେଶ ପ୍ରଶଂସା କରିଥିଲେ। ବୁଣାକାରଙ୍କ ଜୀବନ ଜୀବିକା ଓ ସଂଘର୍ଷକୁ ନେଇ ନିର୍ମିତ 'ମେହେରମୁଣ୍ଡା'ରେ ରଙ୍ଗ ଏବଂ ତନ୍ତର ସୂକ୍ଷ୍ମତମ ଭାବନା ଓ ଆବେଗ ପ୍ରତିଫଳିତ। ଚଳଚ୍ଚିତ୍ରର ନାୟକ ଜ୍ୟୋତି ରଞ୍ଜନ ନାୟକ ରହିଥିବାବେଳେ ନାୟିକା ଅଛନ୍ତି ଅର୍ଲିନ ଅଙ୍କିତା। ଅନ୍ୟ ପ୍ରମୁଖ ଚରିତ୍ରରେ ଅଛନ୍ତି ରାକେଶ କୁମାର ପାଢ଼ୀ ଓ ସୁଶାନ୍ତ ଦାସ ମହାପାତ୍ର। ଜିଆର୍ ରେକର୍ଡସ ବ୍ୟାନରରେ ନିର୍ମିତ 'ମେହେରମୁଣ୍ଡା'ର ପ୍ରଯୋଜନା କରିଛନ୍ତି ରାକେଶ କୁମାର ପାଢୀ, ନିର୍ଦ୍ଦେଶନାର ନିକୁଞ୍ଜ ହୋତା ଓ ସିନେମାଟୋଗ୍ରାଫିରେ ଶ୍ରୀକାନ୍ତ ପଟ୍ଟନାୟକ ରହିଛନ୍ତି। ଚଳଚ୍ଚିତ୍ରରେ ୨୬ ଲକ୍ଷ ବୁଣାକାରଙ୍କ ଜୀବନ, ଜୀବିକା ଓ ସଂଘର୍ଷର କାହାଣୀକୁ ରୁପେଲି ପରଦାରେ ଆଣିବାକୁ ପ୍ରୟାସ କରାଯାଇଛି। ଆସନ୍ତା ୧୫ ତାରିଖରେ 'ମେହେର ମୁଣ୍ଡା' ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି।

# ମାଟ୍ରିକ ପରୀକ୍ଷା: ଶିକ୍ଷା ବିକାଶ ସମିତିର ୭୭୯ ଜଣଙ୍କୁ ଏ-୧ ଗ୍ରେଡ୍

ଭୁବନେଶ୍ୱର,୪।୫( ସୁଚିସ୍ମିତା ସାହୁ)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ବହୁମାତ୍ରାରେ ସଫଳତା ପାଇଛନ୍ତି। ୩୨୨ଟି ଶିଶୁ ବିଦ୍ୟାମନ୍ଦିରର ୧୫୨୧୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୨୦୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ 'ଏ-୧'ରେ ୭୭୯ ଜଣ, 'ଏ-୨'ରେ ୨୫୮୬, 'ବି-୧'ରେ ୩୬୭୪, 'ବି-୨'ରେ ୩୮୭୮, 'ସି'ରେ ୨୮୬୫, 'ଡି'ରେ ୧୨୦୮, 'ଇ' ଗ୍ରେଡ୍‌ରେ ୨୧୯ ଜଣ ପାସ୍ କରିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାରିପଦାର ପାର୍ଥସାରଥି ମହାନ୍ତ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସୋରର ଆଶୁତୋଷ ନାୟକ ୫୮୮ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୧୫ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମସ୍ତ ଛାତ୍ରୀଛାତ୍ର ୬୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୧୭ଟି ବିଦ୍ୟାଳୟର ଫଳାଫଳ ଶତ ପ୍ରତିଶତ ରହିଛି ବୋଲି ସୋମବାର ୟୁନିଟ-୩ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମିତିର ସମ୍ପାଦକ ସରୋଜ କୁମାର ହାତୀ ସୂଚନା ଦେଇଛନ୍ତି।

# ବ୍ୟକ୍ତିଗତ ହାଜିରା ପାଇଁ ଉଚ୍ଚଶିକ୍ଷା ସଚିବ, ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ସମନ ଜାରି

କଟକ,୪।୫(କାର୍ତ୍ତିକ ସାହୁ)

## ଓଡ଼ିଶା ମାନବାଧିକାର ଆୟୋଗରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଣମେସ କର୍ମଚାରୀଙ୍କ ପେନ୍‌ସନ ମାମଲା

ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି ଛାତ୍ରୀ ନିବାସ ଓ ଛାତ୍ରାବାସର ଅଣମେସ୍ କର୍ମଚାରୀଙ୍କ ପେନ୍‌ସନ ମାମଲାରେ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଜବାବ ଦାଖଲ କରି ନ ଥିବାରୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସଚିବ ଓ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ଓଡ଼ିଶା ମାନବାଧିକାର ଆୟୋଗ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ସମନ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ମେ' ୧୫କୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀରୁ ପ୍ରକାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ରୀ ନିବାସ ଓ ଛାତ୍ରାବାସର ୬୭ଜଣ ଅଣମେସ୍ କର୍ମଚାରୀଙ୍କ ଚାକିରି ୨୦୦୪ ନଭେମ୍ବର ୨୭ରେ ନିୟମିତ ହୋଇଥିଲା। ସେମାନେ ଓଡ଼ିଶା ସିଭିଲ ସର୍ଭିସ ପେନ୍‌ସନ ନିୟମାବଳୀ ୧୯୯୨ ଅନୁସାରେ ପେନ୍‌ସନ ପାଇବାକୁ ଯୋଗ୍ୟ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୨୦୨୨ ଅଗଷ୍ଟ ୮ରେ ଏକ ଆଦେଶ ଜାରି କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଅବସର ନେଇଥିବା କର୍ମଚାରୀ ପେନ୍‌ସନ ତଥା ଗ୍ରାଚ୍ୟୁଇଟି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପରିକି ମୃତ କର୍ମଚାରୀଙ୍କ ପରିବାର ମଧ୍ୟ ପେନ୍‌ସନ ପାଇନାହାନ୍ତି। ଅବସରପ୍ରାପ୍ତ କର୍ମଚାରୀ ଓ ମୃତ କର୍ମଚାରୀମାନଙ୍କ ପରିବାର ଅତ୍ୟନ୍ତ ଦୁଃସ୍ଥ ଅବସ୍ଥାରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଅବସରପ୍ରାପ୍ତ କର୍ମଚାରୀ ଓ ମୃତ କର୍ମଚାରୀଙ୍କ ପରିବାରଙ୍କୁ ତୁରନ୍ତ ପେନ୍‌ସନ ଓ ଗ୍ରାଚ୍ୟୁଇଟି ପ୍ରଦାନ ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ପୁରାତନ ଛାତ୍ର ତଥା ଆଇନଜୀବୀ ପ୍ରବୀର କୁମାର ଦାସ ଓଡ଼ିଶା ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ।

ଏହି ମାମଲାର ଶୁଣାଣି କରି ଆୟୋଗ ଗତବର୍ଷ ଫେବୃଆରୀ ୨୦ରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ରିପୋର୍ଟ ତଲବ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦର୍ଶାଯାଇଥିଲା ଯେ, ସମ୍ପୃକ୍ତ କର୍ମଚାରୀମାନେ ବ୍ଲକଗ୍ରାଣ୍ଟରୁ ଦରମା ପାଉଥିଲେ ସୁଦ୍ଧା ଉଚ୍ଚଶିକ୍ଷା ବିଭାଗ ସେମାନଙ୍କୁ ବିଶ୍ୱବିଦ୍ୟାଳୟର ନିଜସ୍ୱ ପାଣ୍ଠିରୁ ପେନ୍‌ସନ ଦେବାକୁ ୨୦୨୩ ମେ' ୩୦ରେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେମାନଙ୍କୁ ବ୍ଲକଗ୍ରାଣ୍ଟରୁ ପେନ୍‌ସନ ଦେବା ପାଇଁ ପୁନର୍ବିଚାର କରିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସରକାରଙ୍କୁ ବାରମ୍ବାର ପତ୍ର ପ୍ରେରଣ କରାଯାଇଛି। କିନ୍ତୁ ଏହାର କୌଣସି ସମାଧାନ ନ ହେବାରୁ ଏପର୍ଯ୍ୟନ୍ତ ଅଣମେସ କର୍ମଚାରୀମାନେ ପେନ୍‌ସନ ଓ ଅନ୍ୟାନ୍ୟ ଅବସରକାଳୀନ ଦେୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଉଚ୍ଚ ଶିକ୍ଷା ବିଭାଗକୁ ପକ୍ଷଭୁକ୍ତ କରିବାକୁ ଆବେଦନକାରୀଙ୍କ ପ୍ରାର୍ଥନାକୁ ମଞ୍ଜୁର କରି କମିଶନ ଉଚ୍ଚଶିକ୍ଷା ସଚିବଙ୍କୁ ଆୟୋଗ ରିପୋର୍ଟ ତଲବ କରିଥିଲେ। କିନ୍ତୁ ବାରମ୍ବାର କମିଶନ ରିପୋର୍ଟ ତଲବ କରିବା ସତ୍ତ୍ୱେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କୌଣସି ଜବାବ ଦାଖଲ କରାଯାଇନାହିଁ। ଇତିମଧ୍ୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଯୋଗୁ କେବଳ ୪ଜଣ ଅବସରପ୍ରାପ୍ତ କର୍ମଚାରୀ ପେନ୍‌ସନ ପାଇଛନ୍ତି। କିନ୍ତୁ ଅବଶିଷ୍ଟ କର୍ମଚାରୀ ଅବସରକାଳୀନ ପ୍ରାପ୍ୟରୁ ଏବେ ବି ବଞ୍ଚିତ ଅଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବଳରାମ



@ ବିଷ୍ଣୁ



@ କ୍ରିଷ୍ଣା



@ ସନ୍ତୋଷ



@ ଗୁରୁପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୁବକଙ୍କୁ ହାଣି ବାଇକ୍ ଚଢ଼ାଇବା ଘଟଣା: ୪ ଗିରଫ

ପୁରୀ/ସାକ୍ଷୀଗୋପାଳ,୪।୫ (ଅଜିତ୍ କୁମାର ମହାନ୍ତି/ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



ଗିରଫ ଅଭିଯୁକ୍ତମାନେ।

ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ ଗୋଲାବଜାରରେ ଗତ ଶନିବାର ଏକ ବୀଭତ୍ସ କାଣ୍ଡ ଘଟିଥିଲା। ନିକଟସ୍ଥ ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାରିମଲ(୨୯) ନାମକ ଜଣେ ଯୁବକଙ୍କୁ ରାସ୍ତା ଉପରେ ୭ ଯୁବକ ସଂଘବଦ୍ଧ ଭାବେ ମାଛକଟା ପନିକିରେ ହାଣିବା ପରେ ତାଙ୍କ ଛାତି ଉପରେ ବାଇକ୍ ଚଢ଼ାଇ ଦେଇଛନ୍ତି। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହି ଘଟଣାରେ ପୋଲିସ ସୋମବାର ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଦୋକନ୍ଦା ଗ୍ରାମର ଧର୍ମନିରଞ୍ଜନ ବଡ଼ଜେନା (୨୧), ସାହଣ ଗ୍ରାମର ଚନ୍ଦ୍ରକାନ୍ତ ଜେନା ଓରଫ ବାପି (୩୯), ତେନ୍ତୁଳିମୂଳା ଗ୍ରାମର ଚିନ୍ମୟ ଗଜେନ୍ଦ୍ର ଓରଫ ପିଣ୍ଟୁ (୨୦) ଏବଂ ସିରେଇ ଗ୍ରାମର ଅଜୟ ବଳିଆରସିଂ। ସେମାନଙ୍କ ଠାରୁ ପୋଲିସ ଗୋଟିଏ ମୋବାଇଲ ଓ ମାଛକଟା ପନିକି ଜବତ କରିଥିବା ସୋମବାର ସନ୍ଧ୍ୟାରେ ସତ୍ୟବାଦୀ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ।

ସୂଚନାଯୋଗ୍ୟ, ମୃତ୍ୟୁଞ୍ଜୟ ଶନିବାର ସକାଳେ ଗୋଲାବଜାରକୁ ମାଛ ଆଣିବା ପାଇଁ ଯାଇଥିଲେ। ସେହି ସମୟରେ ୭ଜଣ ଯୁବକ ଆସି ତାଙ୍କ ସହ ଯୁକ୍ତିତର୍କ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ମୃତ୍ୟୁଞ୍ଜୟ ତଳେ ପଡ଼ିଯିବା ପରେ ଛାତି ଉପରେ ବୁଲେଟ୍ ଚଢ଼ାଇ ଦେଇଥିଲେ। ଅନ୍ୟପକ୍ଷରେ ଆକ୍ରମଣକାରୀ ଯୁବକମାନଙ୍କ ଏଭଳି ହିଂସାକୁ ଦେଖି ଉପସ୍ଥିତ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ଫଳରେ କେହି ମଧ୍ୟ ମୃତ୍ୟୁଞ୍ଜୟଙ୍କୁ ଉଦ୍ଧାର କରିବାକୁ ସାହସ ଜୁଟାଇପାରି ନ ଥିଲେ। ପ୍ରାୟ ଅଧଘଣ୍ଟା ପରେ ପୋଲିସ ଗୁରୁତର ମୃତ୍ୟୁଞ୍ଜୟଙ୍କୁ ଉଦ୍ଧାର କରି ଏମ୍‌ସ ମେଡିକାଲ୍‌କୁ ପଠାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ପୂର୍ବଶତ୍ରୁତାରୁ ଯୁବକମାନେ ମରଣାନ୍ତକ ଆକ୍ରମଣ କରିଥିବା ଅନୁମାନ କରାଯାଉଛି। ଏନେଇ ମୃତ୍ୟୁଞ୍ଜୟଙ୍କ ବଡ଼ଭାଇ ସୌମ୍ୟରଞ୍ଜନ କଣାସ ଥାନାରେ ଅଭିଯୋଗ କରିଛନ୍ତି। ସୌମ୍ୟରଞ୍ଜନଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୧୦୬/୨୬ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

ଭୁବନେଶ୍ୱର,୪।୫(ତ୍ରିନାଥ ମହାନ୍ତି)

ପୁରୀ ଜିଲା କଣାସ ଗୋଲାବଜାର ମାଛ ମାର୍କେଟରେ ଶନିବାର ମୃତ୍ୟୁଞ୍ଜୟ ଭାରିମଲଙ୍କୁ ୭ଜଣ ଯୁବକ ପନିକିରେ ହାଣି ବୁଲେଟ ଚଢାଇବା ଘଟଣା ଜାତୀୟ ମାନବିକ ଅଧିକାର ଆୟୋଗ(ଏନ୍‌ଏଚ୍‌ଆରସି)ରେ ପହଞ୍ଚିଛି। ମାନବାଧିକାର କର୍ମୀ ଭଜମନ ବିଶ୍ୱାଳ ଏନେଇ ପିଟିଶନ କରିଥିବାବେଳେ ଏହାକୁ ଗ୍ରହଣ କରି ଆୟୋଗ ଶୁଣାଣି ପାଇଁ ଏକ ମାମଲା ପଞ୍ଜୀକରଣ କରିଛନ୍ତି। ଉକ୍ତ ପିଟିଶନରେ ଭଜମନ ଅଭିଯୋଗ କରିଛନ୍ତି ଯେ, ଏଭଳି ନୃଶଂଶ ଭାବେ ଆକ୍ରମଣ କରିଥିବା ଅଭିଯୁକ୍ତମାନେ ଜଣେ ଜଣେ ପେଶାଦାର ଅପରାଧୀ। ସେମାନଙ୍କର ପୋଲିସକୁ ଭୟ ନାହିଁ। ସେମାନେ ଦିନ ଦ୍ୱିପ୍ରହରରେ ଏକାଧିକ ଲୋକଙ୍କ ସମ୍ମୁଖରେ ମାଛ ମାର୍କେଟରେ ଜଣେ ଯୁବକଙ୍କୁ ପନିକିରେ ହାଣି ବୁଲେଟ ଚଢାଇଲେ। ଏଭଳି ଘଟଣା ଲୋକ ଦେଖି ଭୟଭୀତ ହୋଇ କେହି ଅଟକାଇବାକୁ ଯାଇ ନ ଥିଲେ। ହାଣିବାର ଭିଡ଼ିଓ ଭାଇରାଲ ହେବା ପରେ ସେମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେଣୁ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପୀଡିଙ୍କ ଚିକିତ୍ସା ପାଇଁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେ ନିବେଦନ କରିଛନ୍ତି। ଏଥିସହ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହ ଏଭଳି ହୃଦୟ ବିଦାରକ ଘଟଣା ଯେପରି ନ ଘଟିବ ସେଥିପାଇଁ ଦୃଢ଼ ପ୍ରତିଶ୍ରୁତି ଦେବା ପାଇଁ ମୁଖ୍ୟ ସଚିବ, ଗୃହ ସଚିବ ଏବଂ ଓଡ଼ିଶା ଡିଜିପିଙ୍କୁ ରିପୋର୍ଟ ମାଗିବା, ୨ ସପ୍ତାହ ମଧ୍ୟରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଏବଂ ନାଗରିକ ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦେବାକୁ ଆୟୋଗଙ୍କୁ ନିବେଦନ କରିଛନ୍ତି ଭଜମନ। ଆହୁରି ମଧ୍ୟ ପୁରୀରେ ଆଇନ୍ ଶୃଙ୍ଖଳା ବିଗିଡ଼ି ଗଲାଣି। ହତ୍ୟା, ବଳାତ୍କାର ବଢିଚାଲିଛି। ପୋଲିସ ପ୍ରଶାସନ ନିଜ ଦାୟିତ୍ୱ ଭୁଲି ଯାଇଛି। ଅବହେଳା କରୁଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଛନ୍ତି।

# 'ମମତା ହାରିବା ପଛରେ ଦୀଘା ଜଗନ୍ନାଥ ମନ୍ଦିର ପଥର ମୂର୍ତ୍ତି'

ପୁରୀ,୪।୫(ଅଜିତ୍ କୁମାର ମହାନ୍ତି)

## ଶ୍ରୀମନ୍ଦିର ସେବାୟତ ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କ ମନ୍ତବ୍ୟ

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାଜପା ବିପୁଳ ବିଜୟ ହାସଲ କରିଛି। ୨୦୦ରୁ ଅଧିକ ବିଧାନସଭା ଆସନରେ ଜିତି ଭାଜପା ବହୁମତ ହାସଲ କରିଛି। ଦୀଘା ଜଗନ୍ନାଥ ମନ୍ଦିରରେ ପଥର ମୂର୍ତ୍ତି ନିର୍ମାଣକୁ ମଧ୍ୟ ବିରୋଧ କରିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର। ପଥର ମୂର୍ତ୍ତି ନିର୍ମାଣ ହେଲେ ମମତାଙ୍କ ପାଇଁ ଆଗାମୀ ଦିନରେ ଅଘଟଣ ଘଟିବ ବୋଲି ସେ ଚେତାବନୀ ଦେଇଥିଲେ। ତେବେ ୨୦୨୬ ପଶ୍ଚିମବଙ୍ଗ ନିର୍ବାଚନରେ ମମତା ଶୋଚନୀୟ ପରାଜୟ ବରଣ କରିଛନ୍ତି, ଯାହାକୁ ନେଇ ଏବେ ବିଭିନ୍ନ ଚର୍ଚ୍ଚା ଲାଗିରହିଛି। ବିଶେଷକରି ମହାପ୍ରଭୁଙ୍କ ପ୍ରତି ଅପମାନ ଓ ଅହଙ୍କାର ଯୋଗୁ ମମତା ନିର୍ବାଚନରେ ହାରିଥିବା ସବୁଆଡ଼େ ଚର୍ଚ୍ଚା ହେଉଛି।

ମହାପ୍ରଭୁଙ୍କ ବାଡ଼ଗ୍ରାହୀ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି, ଚଳିତ ନିର୍ବାଚନରେ ପଶ୍ଚିମବଙ୍ଗରେ ସରକାର ଯେଉଁ ପରିବର୍ତ୍ତନ ହେଲା ତାହା ମହାପ୍ରଭୁଙ୍କ ପାଇଁ ହେଲା। ଦୀଘାରେ ଯେଉଁ ଜଗନ୍ନାଥ ମନ୍ଦିର ହେଲା ଏହା ତାହାର ପ୍ରଭାବ। ଦୀଘାରେ ଯେତେବେଳେ ମମତା ବାନାର୍ଜୀ ଜଗନ୍ନାଥ ମନ୍ଦିର କଲେ ସେତେବେଳେ ତାଙ୍କୁ ମୁଁ କହିଥିଲି ମନ୍ଦିରରେ ପଥର ମୂର୍ତ୍ତି କରନ୍ତୁନି। ସେ କିନ୍ତୁ ମୋ କଥାକୁ ଗୁରୁତ୍ୱ ଦେଲେନାହିଁ। ପଥର ମୂର୍ତ୍ତି ହେଲେ ଅଘଟଣ ଘଟିପାରେ ବୋଲି ମୁଁ ମମତାଙ୍କୁ କହିଥିଲି। ଚତୁର୍ଦ୍ଧାମୂର୍ତ୍ତି ପଥରରେ ନିର୍ମାଣ ହେଲେ ଯଦି କିଛି ବିଘ୍ନ ହୁଏ ଅବା ଭାଙ୍ଗିଯାଏ ତାହା ଅଶୁଭ ହେବାର ଆଶଙ୍କା ରହିଛି। ହେଲେ ମୋ କଥାକୁ ମମତା ଗୁରୁତ୍ୱ ନ ଦେଇ ପଥର ମୂର୍ତ୍ତି ନିର୍ମାଣ କରିଥିଲେ। ସେ ପୁଣି କହିଛନ୍ତି, ମମତା ଜଣେ ବହୁତ ଭଲ ଲୋକ। ହେଲେ ତାଙ୍କ ଚାରିପାଖରେ କିଛି କୁଚକ୍ରୀ ଲୋକ ଥିଲେ, ଯେଉଁମାନେ କି ତାଙ୍କୁ ଭୁଲ୍ ମାର୍ଗରେ ନେଉଥିଲେ। ଅହଙ୍କାର ମଣିଷକୁ ପତନ କରାଏ। ମୋ କଥାକୁ ଗୁରୁତ୍ୱ ନ ଦେଇ ସେ ଦୀଘା ଜଗନ୍ନାଥ ମନ୍ଦିରରେ ପଥର ମୂର୍ତ୍ତି ନିର୍ମାଣ କଲେ। ଫଳରେ ତାଙ୍କ ସହ ଆଜି ନିର୍ବାଚନରେ ଏହି ଦଶା ହୋଇଛି। ରଥଯାତ୍ରାରେ ବଙ୍ଗାଳିମାନେ ପୁରୀ ନ ଯିବାକୁ ସେ କହିଥିଲେ, କିନ୍ତୁ ଏହାକୁ ଲୋକମାନେ ଗ୍ରହଣ କଲେନାହିଁ। ପ୍ରଭୁ ଜଗନ୍ନାଥ କାହାର ଅହଙ୍କାର ସହ୍ୟ କରନ୍ତି ନାହିଁ। ଫଳରେ ଆଜି ତାଙ୍କର ପତନ ହୋଇଛି। ମୁଁ ପୂର୍ବରୁ ଏନେଇ ଯାହା କହିଥିଲି ସେୟା ହେଲା। ମମତା ହାରିଥିବା ବେଳେ ଭାଜପା ବିପୁଳ ବିଜୟ ହାସଲ କରିଛି।

# ଝାଲ୍ ମୁଢ଼ି ଖାଇ ସେଲିବ୍ରେଶନ୍



ପଶ୍ଚିମବଙ୍ଗ, ଆସାମ, ପଣ୍ଡିଚେରୀରେ ଭାଜପାର ବିଜୟ ପରେ ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଭାଜପା ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ପୂର୍ବତନ ଭାଜପା ସଭାପତି ସମୀର ମହାନ୍ତି ପ୍ରମୁଖ ଝାଲ୍‌ମୁଢ଼ି ଖାଇ ଉତ୍ସବ ମନାଉଛନ୍ତି।

ଭୁବନେଶ୍ୱର, ୪।୫
(ସୁନିତ୍ ମିଶ୍ର)

ଦେଶର ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ସରିଥିବା ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି। ପଶ୍ଚିମବଙ୍ଗ ନିର୍ବାଚନ ଉପରେ ଦେଶବ୍ୟାପୀ ନଜର ରହିଥିଲା। ଏହି ରାଜ୍ୟରେ ଭାଜପା ଏବଂ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା। ପ୍ରଥମ ଥର ଲାଗି ଟିଏମ୍‌ସିକୁ ହରାଇ ପଶ୍ଚିମବଙ୍ଗରେ ଭାଜପା ବିପୁଳ ଆସନରେ ବିଜୟୀ ହୋଇ ଏକାକୀ ସରକାର ଗଠନ କରିବାକୁ ଯାଉଛି। ପଶ୍ଚିମବଙ୍ଗରେ ପ୍ରଚାର କରିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋଟିଏ ଦୋକାନରେ ଝାଲ୍‌ମୁଢ଼ି ଖାଇଥିଲେ। ପଶ୍ଚିମବଙ୍ଗରେ ଭାଜପାର ବିଜୟ ପରେ ଦେଶବ୍ୟାପୀ ଭାଜପା ନେତାମାନେ ଝାଲ୍‌ମୁଢ଼ି ଖାଇ ଉତ୍ସବ ମନାଉଛନ୍ତି। ସେହିକ୍ରମରେ ଓଡ଼ିଶା ଭାଜପାର ରାଜ୍ୟ ମୁଖ୍ୟାଳୟଠାରେ ମଧ୍ୟ ସମସ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଥିବା ଲକ୍ଷ୍ୟ କରାଯାଇଛି। ବାଜା ବଜାଇ ନେତାମାନେ ନିଜ ନିଜ ମଧ୍ୟରେ ମିଠା ଖୁଆଖୁଇ ହୋଇ ନିଜର ଖୁସି ପ୍ରକଟ କରିଛନ୍ତି। ଗୋଟିଏ ସ୍ଥାନରେ ଝାଲ୍‌ମୁଢ଼ି ବ୍ୟବସ୍ଥା କରାଯାଇଥିଲା। ସମସ୍ତେ ତାହାକୁ ଖାଇ ନିଜର ଖୁସିବ୍ୟକ୍ତ କରୁଥିବା ଦୃଶ୍ୟ ମଧ୍ୟ ଦେଖାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେମାନଙ୍କୁ ସ୍ୱାଗତ କରିବା ଲାଗି ଦଳୀୟ ନେତା ଓ କର୍ମୀମାନେ ପୂର୍ବରୁ ଅପେକ୍ଷା କରି ରହିଥିଲେ। ମୁଖ୍ୟମନ୍ତ୍ରୀ ଆସିବା ପରେ ତାଙ୍କ ଉପରେ ଫୁଲ ପକାଯାଇ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଭାଜପା କାର୍ଯ୍ୟାଳୟରେ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏହାସହ ଆସାମ ଏବଂ ପୁଡୁଚେରୀରେ ପୁନର୍ବାର ଭାଜପା ଶାସନକୁ ଫେରିବା ପରେ ତାକୁ ନେଇ ମଧ୍ୟ ଦଳୀୟ ନେତା ଓ କର୍ମୀ ଖୁସିବ୍ୟକ୍ତ କରିଛନ୍ତି। ଏହିସବୁ ରାଜ୍ୟର ଦାୟିତ୍ୱ ମଧ୍ୟ ଓଡ଼ିଶାର କେତେଜଣ ନେତାଙ୍କୁ ଦିଆଯାଇଥିଲା। ଆସାମ ଏବଂ ପୁଡୁଚେରୀରେ ଓଡ଼ିଶାର ବହୁତ କମ୍ କ୍ୟାଡର ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ମାତ୍ର ପଶ୍ଚିମବଙ୍ଗରେ ପ୍ରଚାର କରିବାକୁ ବହୁ ଶାସକ ଦଳ ନେତା ଓଡ଼ିଶାରୁ ଯାଇ ଦୀର୍ଘଦିନ ପର୍ଯ୍ୟନ୍ତ ସେଠାରେ ଡେରା ପକାଇ ରହିଥିଲେ।

## ବିଜୟର ଗର୍ବ ଆମକୁ ଅହଂକାରୀ ନୁହେଁ ବରଂ ଦାୟିତ୍ୱବାନ୍ କରିବା ଦରକାର

ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀରେ ଜନସାଧାରଣ ଯେଉଁ ଜନମତ ଦେଇଛନ୍ତି, ତାହା ଗଣତନ୍ତ୍ରର ବିଜୟ। ଭାଜପାର ନୀତି ଓ ଆଦର୍ଶ ଉପରେ ଲୋକଙ୍କର ଭରସା ବୃଦ୍ଧି ପାଇଛି। ଏହି ବିଜୟ କେବଳ ଏକ ସଂଖ୍ୟା ନୁହେଁ ବରଂ ଜନସେବା ପ୍ରତି ଥିବା ପ୍ରତିବଦ୍ଧତାର ପ୍ରତିଫଳନ। ପଶ୍ଚିମବଙ୍ଗବାସୀ ରାଜ୍ୟର ବିକାଶ ଓ ପ୍ରଗତି ସପକ୍ଷରେ ମତ ଦେଇଛନ୍ତି। ଆସାମ ଜନସାଧାରଣ ସ୍ଥିରତା ଓ ସୁଶାସନକୁ ବାଛିଛନ୍ତି। ପୁଡୁଚେରୀରେ ଲୋକମାନେ ସକାରାତ୍ମକ ରାଜନୀତିକୁ ପସନ୍ଦ କରନ୍ତି। ଦଳର ପ୍ରତ୍ୟେକ କର୍ମକର୍ତ୍ତାଙ୍କ ନିଷ୍ଠା ପ୍ରତିଫଳିତ ହୋଇଛି। ଓଡ଼ିଶା ମାଟିରୁ ଆରମ୍ଭ ହୋଇଥିବା ଭାଜପାର ବିଜୟ ଯାତ୍ରା ଏବେ ସାରା ଦେଶରେ ପରିଚିତ। ବିଜୟର ଏହି ଗର୍ବ ଆମକୁ ଅହଂକାରୀ ନୁହେଁ ବରଂ ଅଧିକ ଦାୟିତ୍ୱବାନ୍ କରିବା ଦରକାର। ପଡ଼ୋଶୀ ରାଜ୍ୟଗୁଡ଼ିକରେ ଓଡ଼ିଶାର ଗୌରବ ଅଧିକ ବୃଦ୍ଧି ପାଇଛି। ପଶ୍ଚିମବଙ୍ଗବାସୀଙ୍କ ଆଶା ଆକାଂକ୍ଷା ସମସ୍ତେ ମିଳିତ ଭାବେ ପୂରଣ କରିବା ଆବଶ୍ୟକ।

**–ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ ଓଡ଼ିଶା**

## ଜନକଲ୍ୟାଣ ନୀତି ଉପରେ ବିଶ୍ୱାସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ନେତୃତ୍ୱ ଏବଂ ଜନକଲ୍ୟାଣ ନୀତି ଉପରେ ଲୋକଙ୍କର ଅତୁଟ ବିଶ୍ୱାସ ରହିଛି, ଯାହା ୪ ରାଜ୍ୟ ବିଧାନସଭା ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ନିର୍ବାଚନ ଫଳାଫଳରୁ ପ୍ରମାଣିତ ହୋଇଛି। ପଶ୍ଚିମବଙ୍ଗରେ ପ୍ରଥମ ଥର ପାଇଁ ଭାଜପା ସରକାର ଗଢ଼ିବ। ଆସାମରେ ଲଗାତର ତୃତୀୟ ଥର ଏବଂ ପୁଡୁଚେରୀରେ ୨ୟ ଥର ଲାଗି ଭାଜପା–ଏନ୍‌ଡିଏ ମେଣ୍ଟ ସରକାର ଗଠନ ଏହି ବିଶାଳ ବିଶ୍ୱାସର ପରିଣାମ। ଏହି ଐତିହାସିକ ବିଜୟ ପାଇଁ ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀ ଭାଜପାର ସମସ୍ତ ଉତ୍ସର୍ଗୀକୃତ ନେତୃତ୍ୱ, କାର୍ଯ୍ୟକର୍ତ୍ତା ଏବଂ ବିଜୟୀ ପ୍ରାର୍ଥୀଙ୍କୁ ଅଭିନନ୍ଦନ। ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନାରେ ସଫଳ ହୋଇଥିବା ନିର୍ବାଚନ କମିଶନଙ୍କୁ ଧନ୍ୟବଦ। ପଶ୍ଚିମବଙ୍ଗରେ ଦୀର୍ଘଦିନ ଧରି ବାମପନ୍ଥୀ ଏବଂ ତୃଣମୂଳ କଂଗ୍ରେସର କୁଶାସନ କାଳ ରାଜ୍ୟର ବିକାଶକୁ ନିମ୍ନଗାମୀ କରିଥିଲା। ଏବେ ସେଠାରେ ଭୟ ମୁକ୍ତ ଶାସନ ସହ ଉନ୍ନତିର ନୂତନ ଆଲୋକ ପ୍ରତିଫଳନ ହେବାକୁ ଯାଉଛି। ସୁଶାସନ ଓ ଜାତୀୟତାବାଦ ଉପରେ ପଶ୍ଚିମବଙ୍ଗବାସୀ ଆଶୀର୍ବାଦ ଦେଇଥିବାରୁ ସେମାନଙ୍କୁ ଅଭିନନ୍ଦନ।

**–ମନମୋହନ ସାମଲ, ଭାଜପା ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସଦସ୍ୟ**

## ଭାଜପା ନୁହେଁ ଇସିଆଇର ବିଜୟ



ଯେଉଁ ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ ଅନୁଷ୍ଠିତ ହେଲା ବିଶେଷ ଭାବେ ଯଦି ତାକୁ ଦେଖାଯାଏ ତେବେ ଭାଜପାକୁ ନିର୍ବାଚନ କମିଶନ ଏବଂ ଇଭିଏମ୍ ଜିତାଉଛି। ଦକ୍ଷିଣ ଭାରତର ରାଜ୍ୟଗୁଡିକୁ ଛାଡି ଦେଲେ ଭାଜପା ଅନ୍ୟ ରାଜ୍ୟରେ ଯୋଉଠି ଯେତିକି ଆସନ ପାଇବ ବୋଲି ପୂର୍ବରୁ କହୁଛି ଫଳାଫଳ ମଧ୍ୟ ସେମିତି ହିଁ ହେଉଛି। ଏହା କିପରି ସମ୍ଭବ ବୋଲି ସାଧାରଣ ଲୋକମାନେ ପ୍ରଶ୍ନ କରୁଛନ୍ତି। ସେମାନେ ପୁଡୁଚେରୀ ଏବଂ ଆସାମରେ ପୁଣିଥରେ ସରକାରକୁ ଫେରି ପାରିଛନ୍ତି। ଏହା ଭାଜପା ନୁହେଁ ଇସିଆଇର ବିଜୟ।

**–ସନ୍ତୋଷ ସିଂ ସାଲୁଜା, କଂଗ୍ରେସ ସଙ୍ଗଠନ ପ୍ରଭାରୀ**

## ଏମିତି ଲାଗୁଥିଲା ସବୁଆଡେ ନିର୍ବାଚନ କମିଶନର ଲଢୁଥିଲେ



ଏମିତି ଲାଗୁଥିଲା ଭାଜପା ପାଇଁ ସବୁଆଡେ ଯେପରି ନିର୍ବାଚନ କମିଶନର ଲଢୁଛନ୍ତି। ଯେତିକି କେନ୍ଦ୍ରୀୟ ଫୋର୍ସ ପଶ୍ଚିମବଙ୍ଗରେ ଲଗାଇଥିଲେ ତାକୁ ହିସାବ କଲେ ପ୍ରତ୍ୟେକ ୧୦୦ ଜଣଙ୍କ ପାଇଁ ଗୋଟିଏ ଫୋର୍ସ ପଡୁଥିଲା। ଏପରି ଅନୁଭବ ହେବା ଆରମ୍ଭ ହୋଇଛି, ଯେପରି ଆଞ୍ଚଳିକ ଦଳଗୁଡ଼ିକ ପ୍ରତି ପ୍ରହାର କରାଯିବା ସହିତ ଦଳ ଗୁଡ଼ିକୁ ଭାଙ୍ଗିଦେବାର ଉଦ୍ୟମ ଆରମ୍ଭ ହୋଇଛି, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ସଂଘୀୟ ବ୍ୟବସ୍ଥାରେ ରାଜ୍ୟରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇଛି। ମାତ୍ର ଭାଜପା କାର୍ଯ୍ୟକଳାପ ଦେଖି ଜଣାପଡୁଛି କ୍ଷମତାର କେନ୍ଦ୍ରୀକରଣ କରାଯାଉଛି।

**–ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ଉପନେତା**

## ଏମାନଙ୍କ ମତରେ...

୪ ରାଜ୍ୟ ସହ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି। ତେବେ ପଡ଼ୋଶୀ ପଶ୍ଚିମବଙ୍ଗ ନିର୍ବାଚନ ଫଳକୁ ନେଇ ଓଡ଼ିଶାରେ ନେତା, ଜନତା ଏବଂ ଏଠାରେ ରହୁଥିବା ପ୍ରବାସୀ ପଶ୍ଚିମବଙ୍ଗ ଲୋକଙ୍କ ମଧ୍ୟରେ ଅଧିକ ଉତ୍କଣ୍ଠା ରହିଥିଲା। ତୃଣମୂଳ କଂଗ୍ରେସର ପତନ ତଥା ପଶ୍ଚିମବଙ୍ଗରେ ପ୍ରଥମଥର ଲାଗି ଭାଜପା ସରକାର ଗଢ଼ିବା ନିଶ୍ଚିତ ହେବା ପରେ ଏଠି କେତେକ ସ୍ଥାନରେ ଉତ୍ସବର ମାହୋଲ ଦେଖିବାକୁ ମିଳିଥିଲା। ଏହି ଅବସରରେ ପଶ୍ଚିମବଙ୍ଗ ସଂଲଗ୍ନ ସୀମାନ୍ତ ଅଞ୍ଚଳ ସମେତ କେତେଜଣ ପ୍ରବାସୀଙ୍କ ମତାମତର ଉପସ୍ଥାପନା...

### ଦିଦି ପୁଣି ସରକାର ଗଢ଼ିବେ ବୋଲି ଆଶା ଥିଲା



ବହୁଚର୍ଚ୍ଚିତ ପଶ୍ଚିମବଙ୍ଗ ବିଧାନସଭାର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ନିର୍ବାଚନରେ ଭାଜପା ବିପୁଳ ମାତ୍ରାରେ ଭୋଟ ପାଇ ପ୍ରଥମ ଥର ପାଇଁ ରାଜ୍ୟରେ ସରକାର ଗଢ଼ିବାକୁ ଯାଉଛି। ତେବେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଚଳିତଥର ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଏବଂ ଭାଜପା ମଧ୍ୟରେ କଡ଼ା ପ୍ରତିଯୋଗିତା ହୋଇଥିଲା। ଆସନ ସଂଖ୍ୟା କିଛି କମିଯିବ ବୋଲି ଅନୁମାନ କରୁଥିଲି, କିନ୍ତୁ ଦିଦି ପୁଣି ସରକାର ଗଢ଼ିବେ ବୋଲି ଆଶା ଥିଲା। ମାତ୍ର ଦିଦି ନିର୍ବାଚନରେ ପରାଜୟ ବରଣ କରିଛନ୍ତି। ସେ ପଶ୍ଚିମବଙ୍ଗରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି। ତେବେ ଭାଜପାକୁ ରାଜ୍ୟବାସୀ ଜନାଦେଶ ଦେଇଛନ୍ତି। ଅନେକ ବର୍ଷ ପରେ ରାଜ୍ୟ ନୂଆ ମୁଖ୍ୟମନ୍ତ୍ରୀ ଦେଖିବ। ମୁଁ ପୁରୀରେ ରହୁଥିଲେ ମଧ୍ୟ ତାହାକୁ ନେଇ ଉତ୍ସାହିତ ଅଛି। ଗତ ସରକାର ଭଳି ଭାଜପା ସରକାର ମଧ୍ୟ ରାଜ୍ୟର ଉନ୍ନତି ଉପରେ ଧ୍ୟାନ ଦେବ ବୋଲି ଆଶା ରହିଛି।

**–ଶୁଭେନ୍ଦୁ ଭୌମିକ,** ପାଁଶକୁଡ଼ା, ପଶ୍ଚିମବଙ୍ଗ

### ମୋ ଭଳି ଅନ୍ୟ ରାଜ୍ୟରେ କାମ କରୁଥିବା ଯୁବକଙ୍କୁ ନିଯୁକ୍ତି ମିଳିବ



ପଶ୍ଚିମବଙ୍ଗରେ ଦୀର୍ଘଦିନ ପରେ ସରକାର ପରିବର୍ତ୍ତନ ହୋଇଛି। ଭାଜପା ପ୍ରଥମଥର ପାଇଁ ଏଠାରେ ସରକାର ଗଢ଼ିବାକୁ ଯାଉଛି, ଯାହା ଖୁସିର ବିଷୟ। ତେବେ ଭାଜପା ଯେଉଁଭଳି ପରିଶ୍ରମ କରିଥିଲା ଶେଷରେ ସେହିଭଳି ସଫଳତା ପାଇଛି। ନୂଆ ସରକାରକୁ ନେଇ ନୂଆ ଆଶା ସଞ୍ଚାର ହୋଇଛି। ରାଜ୍ୟରେ ଶିକ୍ଷିତ ଯୁବପିଢ଼ିଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ରହିଛି। ମୋ ଭଳି ଅନ୍ୟ ରାଜ୍ୟକୁ ଆସି କାମ କରି ପେଟ ପୋଷୁଥିବା ଯୁବକଙ୍କୁ ରାଜ୍ୟରେ କାର୍ଯ୍ୟ ମିଳିବ ବୋଲି ଆଶା ବଢ଼ିଛି। ଭାରତୀୟ ସଂସ୍କୃତି ଏବଂ ସଭ୍ୟତାର ପ୍ରଗତି ଦିଗରେ ସରକାର କାର୍ଯ୍ୟ କରିବ ବୋଲି ଆଶା ରହିଛି।

**–ପ୍ରଦୀପ ମାଇତି,** ପୂର୍ବ ମେଦୀନିପୁର, ପଶ୍ଚିମବଙ୍ଗ

### ଦୁର୍ନୀତି ଯୋଗୁ ଦିଦି ସରକାରର ପତନ ହେଲା



ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ସରକାରର ପରାଜୟ ହୋଇଛି। ଶିକ୍ଷକ ନିଯୁକ୍ତି ଜାଲିଆତି, ଶିକ୍ଷା, ସ୍ୱାସ୍ଥ୍ୟକ୍ଷେତ୍ରରେ ଅବନତି, ନାରୀ ନିର୍ଯାତନା, ନେତାଙ୍କ ଦାଦାଗିରି ଯୋଗୁ ଦିଦିଙ୍କ ସରକାରର ପତନ ହେଲା।

**– ନିରାକାର ପାଣ୍ଡବ,** ସାମାଜିକ କର୍ମୀ, ବାଲେଶ୍ୱର

### ପଶ୍ଚିମବଙ୍ଗ ଲୋକେ ପରିବର୍ତ୍ତନ ଚାହୁଁଥିଲେ



ପଶ୍ଚିମବଙ୍ଗରେ ପୂର୍ବରୁ ବାମଫ୍ରଣ୍ଟର ୩୪ବର୍ଷ ଶାସନ ଏବଂ ପରେ ତୃଣମୂଳ କଂଗ୍ରେସ (ଟିଏମସି)ର ୧୫ବର୍ଷ ଶାସନରେ ସବୁପ୍ରକାର ଦୁର୍ନୀତି, ନାରୀ ନିର୍ଯାତନା ଓ ଦାଦାଗିରି ସୀମା ଟପିଥିଲା। ତେଣୁ ସେଠାକାର ଲୋକେ ପରିବର୍ତ୍ତନ ଚାହୁଁଥିଲେ।

**–ସୁନୀଲ ଜେନା,** ଆଇନଜୀବୀ, ବାଲେଶ୍ୱର

### ଡାକ୍ତରୀ ଛାତ୍ରୀ ଅଭୟା ଘଟଣା ରାଜ୍ୟବାସୀଙ୍କୁ କ୍ଷୁବ୍ଧ କରିଥିଲା



କୋଲକାତା ଆର.ଜି.କର ହସ୍ପିଟାଲରେ ଡାକ୍ତରୀ ଛାତ୍ରୀ ଅଭୟା ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ନମିଳିବାରୁ ରାଜ୍ୟବାସୀ କ୍ଷୁବ୍ଧ ହୋଇଥିଲେ। ମମତା ବାନାର୍ଜୀଙ୍କ ସରକାରର ପତନ ଲାଗି ଏହା ଅସଲ କାରଣ।

**– ସୁକୁମାର ସାହୁ,** ବ୍ୟବସାୟୀ, ଚନ୍ଦନେଶ୍ୱର,ଭୋଗରାଇ

### ଟିଏମ୍‌ସି ନେତାକର୍ମୀଙ୍କ ଦାଦାଗିରି ବଢ଼ିଗଲା



ପଶ୍ଚିମବଙ୍ଗରେ ଦୁର୍ନୀତି ସହିତ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ନ ମିଳିବା, ଟିଏମ୍‌ସି ନେତାକର୍ମୀଙ୍କ ଦାଦାଗିରି ବଢିଗଲା। ଆଉ ନାରୀ ସୁରକ୍ଷା ପ୍ରତି ଦିଦି ସରକାର ଗୁରୁତ୍ୱ ଦେଲା ନାହିଁ। ତେଣୁ ଏଠାକାର ଲୋକେ ଟିଏମ୍‌ସି ଉପରେ ବୀତସ୍ପୃହ ହୋଇ ଭାଜପାକୁ ଭୋଟ ଦେଲେ।

**–ହରନାରାୟଣ ରାଉତ,** ସଦସ୍ୟ,କୋଲକାତା ଓଡ଼ିଆ ଆସୋସିଏଶନ

### କଳବଳ ପ୍ରୟୋଗ କରି ଭାଜପା ଶାସନକୁ ଆସିଛି

ପଶ୍ଚିମବଙ୍ଗ ନିର୍ବାଚନରେ ଭାଜପା ନେତାମାନେ କେନ୍ଦ୍ରୀୟ ଫୋର୍ସ, ନିର୍ବାଚନ ଅଧିକାରୀ ଓ କେନ୍ଦ୍ରୀୟ ପ୍ରଶାସନକୁ ଲଗାଇଦେଲେ। କଳେବଳେ ସେଠାରେ ଭାଜପା ଶାସନକୁ ଆସିଛି। ତେବେ କୌଶଳ କରି ଏକ ସାମ୍ପ୍ରଦାୟିକ ଶକ୍ତିକୁ ସଂସ୍କୃତି ସମ୍ପନ୍ନ ରାଜ୍ୟରେ ଶାସନଭାର ଦେବା ଭାରତୀୟ ଗଣତନ୍ତ୍ର ପ୍ରତି ବିସ୍ମୟକର ଘଟଣା।

**–ଆଶିଷ ଦାସ,** ସାମାଜିକକର୍ମୀ, ଭୋଗରାଇ

ରିପୋର୍ଟ: ଅଜିତ୍ ମହାନ୍ତି, ପୁରୀ ; ପ୍ରଦୀପ ଦାସ, ଭୋଗରାଇ

## ଟିଏମ୍‌ସି କାର୍ଯ୍ୟାଳୟ ଭଙ୍ଗାରୁଜା

କୋଲକାତା,୪।୫

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ପରେ ରାଜ୍ୟରେ ଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) କାର୍ଯ୍ୟାଳୟଗୁଡ଼ିକରେ ଭଙ୍ଗାରୁଜା ହାଇଛି। ଟିଏମ୍‌ସି ଅଫିସରେ ଲାଗିଥିବା ଫ୍ଲେକ୍ସ ବୋର୍ଡ, ଦଳୀୟ ବ୍ୟାନର ଏବଂ ସାଜସଜ୍ଜାକୁ ନଷ୍ଟ କରିଦିଆଯାଇଛି। ତେବେ ଏହି ଘଟଣାରେ ଭାଜପାର ସମ୍ପୃକ୍ତି ନ ଥିବା ଦଳ ପକ୍ଷରୁ କୁହାଯାଇଛି। ନିର୍ବାଚନ ଫଳାଫଳର ସ୍ପଷ୍ଟ ଚିତ୍ର ଆସିବା ପରେ ଦୁର୍ବୃତ୍ତମାନେ ଦକ୍ଷିଣ ୨୪ ପ୍ରଗଣାର ବାରୁଇପୁର, କୁଚ୍‌ବିହାରର ତୁଫାନଗଞ୍ଜ ଏବଂ ଉତ୍ତର ୨୪ ପ୍ରଗଣାର ପାନିହାଟିରେ ଥିବା ଶାସକ ଦଳର ଅଫିସ ବାହାରେ ରୁଣ୍ଡ ହୋଇ ଭଙ୍ଗାରୁଜା କରିଥିଲେ ବୋଲି ଟିଏମ୍‌ସି ଅଭିଯୋଗ କରିଛି।



ତାମିଲନାଡୁରେ ଟିଭିକେର ବିଜୟ ପରେ ଉତ୍ସାହିତ ଦଳୀୟ ସମର୍ଥକମାନେ ବିଜୟଙ୍କ ପୋଷ୍ଟର ଧରିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମମତା, ଷ୍ଟାଲିନ୍...

ଏଭଳି ଘଟଣା ୨୦୨୪ରେ ଓଡ଼ିଶାରେ ଘଟିଥିଲା। ୨୪ ବର୍ଷ ଧରି ଓଡ଼ିଶାର ଶାସନ ଗାଦିରେ ବସିଥିବା ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକ ଦୁଇଟି ଆସନରୁ ଲଢ଼ିଥିଲେ। ହିଞ୍ଜିଳିରୁ ସେ ଜିତିଥିଲେ ମଧ୍ୟ କଣ୍ଟାବାଞ୍ଜି ଆସନରୁ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କଠାରୁ ୧୬,୩୪୪ ଭୋଟ୍‌ରେ ପରାଜିତ ହୋଇଥିଲେ। ଜଣେ ସିଟିଂ ସିଏମ୍‌ଙ୍କ ପାଇଁ ଓଡ଼ିଶା ଇତିହାସରେ ଏହା ଏକ ବିରଳ ଘଟଣା ଥିଲା।

ଭାଜପା ମଧ୍ୟ ଏଭଳି ସ୍ଥିତିର ସମ୍ମୁଖୀନ ହୋଇଛି। ୨୦୨୨ ଉତ୍ତରାଖଣ୍ଡ ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ପାଇ ସରକାର ଗଠନ କରିଥିଲେ ମଧ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ନିଜର ଖଟିମା ଆସନରୁ କଂଗ୍ରେସ ପ୍ରାର୍ଥୀ ଭୁବନ ଚନ୍ଦ୍ର କାପ୍ରିଙ୍କଠାରୁ ୬,୫୭୯ ଭୋଟରେ ହାରିଯାଇଥିଲେ। ପରେ ସେ ଉପ–ନିର୍ବାଚନ ଜିତି ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହି ତାଲିକାରେ ୨୦୨୧ରେ ଯୋଡ଼ି ହୋଇଯାଇଥିଲେ ମମତା। ସେତେବେଳେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ବିପୁଳ ବିଜୟ ହାସଲ କରିଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନନ୍ଦିଗ୍ରାମ ଆସନରେ ଭାଜପାର ଶୁଭେନ୍ଦୁ ଅଧିକାରୀଙ୍କଠାରୁ ପରାଜିତ ହୋଇଥିଲେ। ଏହା ଏକ ହାଇଭୋଲଟେଜ୍ ମୁକାବିଲା ଥିଲା, ଯେଉଁଥିରେ ସେ ମାତ୍ର ୧,୯୫୬ ଭୋଟରେ ହାରିଥିଲେ। ଏହାର ୩ ବର୍ଷ ପୂର୍ବରୁ ଅର୍ଥାତ୍ କର୍ନାଟକ ନିର୍ବାଚନରେ ତତ୍କାଳୀନ କଂଗ୍ରେସ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟା ଦୁଇଟି ଆସନରୁ ଲଢ଼ିଥିଲେ। ବାଦାମି ଆସନରୁ ସେ ଅତି କଷ୍ଟରେ ଜିତିଥିବା ବେଳେ ଚାମୁଣ୍ଡେଶ୍ୱରୀ ଆସନରୁ ଜେଡିଏସ୍ ପ୍ରାର୍ଥୀ ଜି.ଟି. ଦେବେଗୌଡ଼ାଙ୍କଠାରୁ ପ୍ରାୟ ୩୬,୦୦୦ ଭୋଟ୍‌ରେ ପରାଜିତ ହୋଇଥିଲେ। ସମାନ ଘଟଣା ଗୋଆରେ ମଧ୍ୟ ଘଟିଥିଲା। ୨୦୧୭ ଗୋଆ ବିଧାନସଭା ନିର୍ବାଚନରେ ଭାଜପା ନେତା ତଥା ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀକାନ୍ତ ପାର୍ସେକର ନିଜର ମାନ୍ଦ୍ରେମ ଆସନରୁ କଂଗ୍ରେସ ପ୍ରାର୍ଥୀ ଦୟାନନ୍ଦ ସୋପତେଙ୍କଠାରୁ ୭,୧୧୯ ଭୋଟରେ ପରାଜିତ ହୋଇଥିଲେ। ସେହି ସମୟରେ ତାଙ୍କ ମନ୍ତ୍ରିମଣ୍ଡଳର ୬ ଜଣ କ୍ୟାବିନେଟ୍ ମନ୍ତ୍ରୀ ମଧ୍ୟ ହାରିଯାଇଥିଲେ। ୨୦୨୨ରୁ ପାର୍ସେକର ଭାଜପାଠାରୁ ଦୂରେଇ ଯାଇଛନ୍ତି।

୨୦୧୭ରେ ଉତ୍ତରାଖଣ୍ଡରେ ମଧ୍ୟ ଏଭଳି ବଡ଼ ଭୋଟ ବିପର୍ଯ୍ୟୟ ଘଟିଥିଲା। କଂଗ୍ରେସ ନେତା ତଥା ମୁଖ୍ୟମନ୍ତ୍ରୀ ହରିଶ ରାୱତ ହରିଦ୍ୱାର ଗ୍ରାମୀଣ ଏବଂ କିଚ୍ଛା ଏହି ଦୁଇଟିଯାକ ଆସନରୁ ପରାଜୟ ବରଣ କରିଥିଲେ। କିନ୍ତୁ ଅନେକଙ୍କୁ ୨୦୧୧ ପଶ୍ଚିମବଙ୍ଗ ନିର୍ବାଚନ ଚକିତ କରିଥିଲା। ପଶ୍ଚିମବଙ୍ଗରେ ୩୪ ବର୍ଷର ବାମପନ୍ଥୀ ଶାସନର ପତନ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ନିଜ ଯାଦବପୁର ଆସନରୁ ଟିଏମ୍‌ସିର ମନୀଷ ଗୁପ୍ତାଙ୍କଠାରୁ ୧୬,୬୮୪ ଭୋଟରେ ହାରିଯାଇଥିଲେ। ରୋଚକ କଥା ହେଉଛି, ମନୀଷ ଗୁପ୍ତା ପୂର୍ବରୁ ବୁଦ୍ଧଦେବଙ୍କ ସରକାରରେ 'ମୁଖ୍ୟ ଶାସନ ସଚିବ' ଭାବେ କାର୍ଯ୍ୟ କରିଥିଲେ।

ଏହି ତାଲିକାର ଆଉ ୨ଟି ବଡ଼ ନାମ ହେଲା ଶିବୁ ସୋରେନ ଏବଂ ଜେ. ଜୟଲଳିତା। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥାଇ ଶିବୁ ସୋରେନଙ୍କୁ ୨୦୦୯ରେ ତାମାର ଆସନରୁ ଉପ–ନିର୍ବାଚନ ଲଢ଼ିବାକୁ ପଡ଼ିଥିଲା। ଏଥିରେ ସେ ଝାଡ଼ଖଣ୍ଡ ପାର୍ଟିର ପ୍ରାର୍ଥୀ ଗୋପାଳ କୃଷ୍ଣ ପାତର (ଯିଏ 'ରାଜା ପିଟର' ନାମରେ ପରିଚିତ)ଙ୍କଠାରୁ ପ୍ରାୟ ୯,୦୦୦ ଭୋଟ ବ୍ୟବଧାନରେ ହାରିଯାଇଥିଲେ। ଫଳରେ ସାମ୍ବିଧାନିକ ନିୟମ ଅନୁସାରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। ସେହିପରି ୧୯୯୬ରେ ତାମିଲନାଡୁ ଇତିହାସରେ ସବୁଠାରୁ ବଡ଼ ରାଜନୈତିକ ପରାଜୟ ଘଟିଥିଲା। ମୁଖ୍ୟମନ୍ତ୍ରୀ ଜୟଲଳିତା ବରଗୁର ଆସନରୁ ଡିଏମ୍‌କେର ନୂଆ ପ୍ରାର୍ଥୀ ଇ.ଜି. ସୁଗଭାନମ୍‌ଙ୍କଠାରୁ ୮,୩୬୬ ଭୋଟରେ ହାରିଥିଲେ ଏବଂ ତାଙ୍କ ଦଳ ସାରା ରାଜ୍ୟରେ ମାତ୍ର ୪ଟି ଆସନରେ ସୀମିତ ରହିଥିଲା।

କିଛି ପୁରୁଣା ଘଟଣାକୁ ଦେଖିଲେ, ତ୍ରିଭୁବନ ନାରାୟଣ ସିଂ (ଟି.ଏନ୍. ସିଂ)ଙ୍କ ନାମ ଆସେ। ସେ ୧୯୭୦ ଅକ୍ଟୋବରରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେବା ବେଳେ ବିଧାନସଭାର ସଦସ୍ୟ ନଥିଲେ। କଂଗ୍ରେସ (ଓ) ଦଳର ପ୍ରତିନିଧିତ୍ୱ କରୁଥିବା ତ୍ରିଭୁବନ ୧୯୭୧ରେ ମନିରାମ ଆସନରୁ ଉପନିର୍ବାଚନ ଲଢ଼ି କଂଗ୍ରେସ (ଆଇ) ପ୍ରାର୍ଥୀ ରାମକୃଷ୍ଣ ଦ୍ୱିବେଦୀଙ୍କଠାରୁ ୬,୦୦୦ରୁ ଅଧିକ ଭୋଟ୍‌ରେ ପରାଜିତ ହୋଇଥିଲେ। ସେ ହେଉଛନ୍ତି ଭାରତର ପ୍ରଥମ ସିଟିଂ ମୁଖ୍ୟମନ୍ତ୍ରୀ, ଯିଏ ଉପନିର୍ବାଚନ ହାରିବା ପରେ ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ। ସେହିପରି ୧୯୬୭ ମସିହା ତାମିଲନାଡୁ (ତତ୍କାଳୀନ ମାଡ୍ରାସ ରାଜ୍ୟ) ପାଇଁ ଏକ ଯୁଗାନ୍ତକାରୀ ବର୍ଷ ଥିଲା, ଯେଉଁଠି ପ୍ରଥମ ଥର ପାଇଁ କଂଗ୍ରେସ ଶାସନର ଅନ୍ତ ଘଟିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏମ୍. ଭକ୍ତବତ୍ସଲମ୍ ଶ୍ରୀପେରୁମ୍ବୁଦୁର ଆସନରୁ ନିର୍ବାଚନ ଲଢ଼ି ଡିଏମ୍‌କେ ପ୍ରାର୍ଥୀ ଡି. ରାଜରତ୍ନମଙ୍କଠାରୁ ପରାଜିତ ହୋଇଥିଲେ। ଏହି ପରାଜୟ ସହିତ ତାମିଲନାଡୁରେ କଂଗ୍ରେସ ଶାସନ ଏମିତି ଭାବେ ଶେଷ ହେଲା ଯେ, ଆଜି ପର୍ଯ୍ୟନ୍ତ ସେଠାରେ କଂଗ୍ରେସ ନିଜ ବଳରେ ସରକାର ଗଠନ କରିପାରିନାହିଁ। ସେହିବର୍ଷ ଅର୍ଥାତ୍ ୧୯୬୭ରେ ପଶ୍ଚିମବଙ୍ଗରେ ଜନ ଅସନ୍ତୋଷର ଶିକାର ହୋଇଥିଲେ ଅପରାଜେୟ ନେତା ଭାବେ ଜଣାଶୁଣା ପ୍ରଫୁଲ୍ଲ ଚନ୍ଦ୍ର ସେନ। ସେ ମୁଖ୍ୟମନ୍ତ୍ରୀ ଥାଇ ଆରାମବାଗ ଆସନରୁ ତାଙ୍କ ପୂର୍ବତନ ସହଯୋଗୀ ଅଜୟ ମୁଖାର୍ଜୀ (ଯିଏ ବଙ୍ଗଳା କଂଗ୍ରେସ ଗଠନ କରିଥିଲେ)ଙ୍କଠାରୁ ପରାସ୍ତ ହୋଇଥିଲେ। ଏହି ପରାଜୟ ପଶ୍ଚିମବଙ୍ଗରେ କଂଗ୍ରେସର ପ୍ରଭାବ ହ୍ରାସ କରିଥିଲା ଏବଂ ପରବର୍ତ୍ତୀ ସମୟରେ ବାମପନ୍ଥୀ ଶାସନର ଭିତ୍ତିଭୂମି ସ୍ଥାପନ କରିଥିଲା। ସ୍ୱାଧୀନ ଭାରତର ଏକ ଘଟଣା ଦେଖିଲେ, ୧୯୫୨ରେ ମାଡ୍ରାସ ରାଜ୍ୟର (ଯାହା ମଧ୍ୟରେ ଆନ୍ଧ୍ର, କର୍ନାଟକ ଓ ତାମିଲନାଡୁର କିଛି ଅଂଶ ଥିଲା) ମୁଖ୍ୟମନ୍ତ୍ରୀ ପି.ଏସ୍. କୁମାରସ୍ୱାମୀ ରାଜା ଶ୍ରୀବିଲିପୁଥୁର ଆସନରୁ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଥିଲେ। ଜଣେ ସିଟିଂ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚନ ହାରିବାରେ ସେ ଥିଲେ ସ୍ୱାଧୀନ ଭାରତର ପ୍ରଥମ ନେତା। ପରବର୍ତ୍ତୀ ସମୟରେ ତାଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ମଧ୍ୟ ନିଯୁକ୍ତ କରାଯାଇଥିଲା।

| ମୁଖ୍ୟମନ୍ତ୍ରୀଙ୍କ ନାମ | ରାଜ୍ୟ | ନିର୍ବାଚନ ବର୍ଷ | ନିର୍ବାଚନମଣ୍ଡଳୀ |
|---|---|---|---|
| ଏମ.କେ. ଷ୍ଟାଲିନ | ତାମିଲନାଡୁ | ୨୦୨୬ | କୋଲାଥୁର |
| ନବୀନ ପଟ୍ଟନାୟକ | ଓଡ଼ିଶା | ୨୦୨୪ | କଣ୍ଟାବାଞ୍ଜି |
| ପୁଷ୍କର ସିଂ ଧାମୀ | ଉତ୍ତରାଖଣ୍ଡ | ୨୦୨୨ | ଖଟିମା |
| ମମତା ବାନାର୍ଜୀ | ପଶ୍ଚିମବଙ୍ଗ | ୨୦୨୧ | ନନ୍ଦୀଗ୍ରାମ |
| ସିଦ୍ଧାରାମୈୟା | କର୍ନାଟକ | ୨୦୧୮ | ଚାମୁଣ୍ଡେଶ୍ୱରୀ |
| ଲକ୍ଷ୍ମୀକାନ୍ତ ପାର୍ସେକର | ଗୋଆ | ୨୦୧୭ | ମାନ୍ଦ୍ରେମ |
| ହରିଶ ରାୱତ | ଉତ୍ତରାଖଣ୍ଡ | ୨୦୧୭ | ହରିଦ୍ୱାର ଗ୍ରାମୀଣ ଓ କିଚ୍ଛା |
| ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ | ପଶ୍ଚିମବଙ୍ଗ | ୨୦୧୧ | ଯାଦବପୁର |
| ଶିବୁ ସୋରେନ | ଝାଡ଼ଖଣ୍ଡ | ୨୦୦୯ | ତାମାର (ଉପନିର୍ବାଚନ) |
| ଜେ. ଜୟଲଳିତା | ତାମିଲନାଡୁ | ୧୯୯୬ | ବରଗୁର |
| ଟି.ଏନ୍. ସିଂ | ଉତ୍ତର ପ୍ରଦେଶ | ୧୯୭୧ | ମନିରାମ (ଉପନିର୍ବାଚନ) |
| ଏମ୍. ଭକ୍ତବତ୍ସଲମ୍ | ତାମିଲନାଡୁ | ୧୯୬୭ | ଶ୍ରୀପେରୁମ୍ବୁଦୁର |
| ପ୍ରଫୁଲ୍ଲ ଚନ୍ଦ୍ର ସେନ | ପଶ୍ଚିମବଙ୍ଗ | ୧୯୬୭ | ଆରାମବାଗ |
| ପି.ଏସ୍. କୁମାରସ୍ୱାମୀ ରାଜା | ମାଡ୍ରାସ ରାଜ୍ୟ | ୧୯୫୨ | ଶ୍ରୀବିଲିପୁଥୁର |

# ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି ସ୍ୱତନ୍ତ୍ର ବିଶେଷଜ୍ଞ ଦଳ

## ଯାଜପୁରରେ ଫୁଡ୍ ପଏଜନିଂ ଘଟଣା

ଭୁବନେଶ୍ୱର, ୪।୫ (ବନ୍ଦନା ସେଠୀ)

ଯାଜପୁର ଜିଲାରେ ଫୁଡ ପଏଜନିଂ ଘଟଣାକୁ ଗୁରୁତ୍ୱର ସହ ନେଇଛି ସ୍ୱାସ୍ଥ୍ୟ ବିଭାଗ। ପରିସ୍ଥିତି ନିୟନ୍ତ୍ରଣ ସହ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଏବଂ ଜିଲା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧୦୨ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୮୩ ଜଣଙ୍କୁ ଚିକିତ୍ସା ପରେ ଡିସ୍‌ଚାର୍ଜ କରାଯାଇଛି ଏବଂ ଅବଶିଷ୍ଟ ୧୯ଜଣ ରୋଗୀଙ୍କ ଚିକିତ୍ସା ଚାଲିଛି। ସେମାନଙ୍କ ମଧ୍ୟରୁ ୩ଜଣ ଶିଶୁ ଏବଂ ୧୬ଜଣ ବୟସ୍କ ୱାର୍ଡରେ ଆଡ୍‌ମିଟ୍ ଅଛନ୍ତି। ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ଚିକିତ୍ସା କରୁଛନ୍ତି। ଘଟଣା ଦିନ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯାଜପୁର ଜିଲାପାଳ ଏବଂ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଜିଲା ମୁଖ୍ୟାଳୟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ କଥା ହୋଇ ରୋଗୀଙ୍କ ପରିସ୍ଥିତି ପଚାରି ବୁଝିଥିଲେ। ପରେ ସର୍କିଟ ହାଉସରେ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ତଙ୍କୁ ତ୍ୱରିତ ଚିକିତ୍ସା ନିମନ୍ତେ ଆଦେଶ ଦେଇଥିଲେ। ଆକ୍ରାନ୍ତଙ୍କ ଚିକିତ୍ସା ନିମନ୍ତେ ଅତ୍ୟାବଶ୍ୟକ ଔଷଧ, ଓଆର୍‌ଏସ୍ ଏବଂ ଜରୁରୀକାଳୀନ ସାମଗ୍ରୀ ପର୍ଯ୍ୟାପ୍ତ ପରିମାଣର ରଖାଯାଇଛି। ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ୨୪ଘଣ୍ଟିଆ ରୋଗୀ ତଦାରଖ ଏବଂ ଚିକିତ୍ସା ପ୍ରୋଟୋକଲ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଯାଞ୍ଚ ଅଭିଯାନକୁ ତୀବ୍ର କରିବା ସହ ସଚେତନତା କରାଯାଉଛି। ଏଥିସହ ଆକ୍ରାନ୍ତ ଅଞ୍ଚଳରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବା ସହ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଘଟଣା ଉପରେ ନଜର ରଖାଯାଇଛି ବୋଲି ସୂଚନା ଦିଆଯାଇଛି।

# ଆନନ୍ଦବନରେ ଶୋଭା ପାଇବ ବାଉଁଶ କୁଟୀର

## ବାଉଁଶ ହସ୍ତଶିଳ୍ପ ପ୍ରଦର୍ଶନ ସହ ବିକ୍ରୟ କେନ୍ଦ୍ରସ୍ଥଳ ପାଲଟିବ

ଭୁବନେଶ୍ୱର, ୪।୫ (ବନ୍ଦନା ସେଠୀ)



ଆନନ୍ଦବନରେ ଶୋଭା ପାଇବ ବାଉଁଶ କୁଟୀର। ଏଥିପାଇଁ ବନବିଭାଗ ପକ୍ଷରୁ ଆନନ୍ଦବନରେ ନିର୍ମାଣ କାମ ଚାଲିଛି। ୧୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି କୁଟୀର କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ। ଓଡ଼ିଶାର ବିଭିନ୍ନ ସ୍ଥାନର ବାଉଁଶ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ବାଉଁଶ ହସ୍ତଶିଳ୍ପ ଓ ଉତ୍ପାଦର ବିବିଧତାକୁ ଲୋକଙ୍କ ନିକଟରେ ପ୍ରଦର୍ଶନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏଠାରେ ପାରମ୍ପରିକ ଓ ଆଧୁନିକ ବାଉଁଶ ପ୍ରସ୍ତୁତ ଉତ୍ପାଦଗୁଡ଼ିକୁ ଗୋଟିଏ ଛାତ ତଳେ ପ୍ରଦର୍ଶନ ଓ ବିକ୍ରୟ ପାଇଁ ରଖାଯିବ। ବାଉଁଶ କୁଟୀର ମୋଟାମୋଟି ଭାବେ ଅଫ୍ ଲାଇନ ଖୁଚୁରା ବିକ୍ରୟ କେନ୍ଦ୍ର ଭାବେ କାମ କରିବ। ଅନ୍ୟପକ୍ଷରେ 'Odisha Bamboo Haat' ମାଧ୍ୟମରେ ଅନ୍‌ଲାଇନ୍ ବିକ୍ରୟର ମଧ୍ୟ ମୁଖ୍ୟ କେନ୍ଦ୍ର ହେବ। ଏହା ମାଧ୍ୟମରେ କାରିଗର ଓ କ୍ଲଷ୍ଟରମାନଙ୍କ ପାଇଁ ବଜାରର ପହଞ୍ଚ ଆହୁରି ବଢ଼ିବ ବୋଲି ଆଶା କରାଯାଉଛି। ଏହାକୁ ଉତ୍ପାଦକ ଓ ଉପଭୋକ୍ତାଙ୍କ ମଧ୍ୟରେ ସେତୁ ଭାବେ ଗଢ଼ାଯାଉଛି, ଯାହା ଫଳରେ ବାଉଁଶ ଉତ୍ପାଦର ଅଧିକ ପ୍ରଚାର, ବ୍ରାଣ୍ଡିଂ ଓ ଉଚିତ ମୂଲ୍ୟ ନିଶ୍ଚିତ ହୋଇପାରିବ। ଆନନ୍ଦବନକୁ ଦୈନିକ ଶତାଧିକ ପରିଦର୍ଶକ ଯାତାୟାତ କରୁଥିବାବେଳେ ଏଠାରେ ନିର୍ମିତ ବାଉଁଶ କୁଟୀର ଭବିଷ୍ୟତରେ ଏକ ଆକର୍ଷଣୀୟ କେନ୍ଦ୍ର ଭାବେ ଉଭା ହେବ ଏବଂ ବାଉଁଶ ଶିଳ୍ପର ଚାହିଦା ଓ ବିକ୍ରୟ ବୃଦ୍ଧିରେ ସହାୟକ ହୋଇପାରିବ। ସେହିପରି ଏହା ପରିବେଶ ଅନୁକୂଳ ଉତ୍ପାଦର ପ୍ରଚାର ସହ ସ୍ଥାୟୀ ଜୀବିକାକୁ ମଧ୍ୟ ସମର୍ଥନ କରିବ। ଏହି ପଦକ୍ଷେପ କାରିଗରଙ୍କ ଆୟ ବୃଦ୍ଧି, ବଜାର ସଂଯୋଗ ସୁଦୃଢ଼ୀକରଣ ଏବଂ ଓଡ଼ିଶାର ବାଉଁଶ କ୍ଷେତ୍ରର ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ବନ ବିଭାଗ ପକ୍ଷରୁ ଆଶା କରାଯାଇଛି।

# ଥାର୍ ଗାଡ଼ିରେ ଗଞ୍ଜେଇ ବିକ୍ରି

## ବେପାରୀ ଗିରଫ, ଗାଡ଼ି ସହ ୨୧ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର ୪।୫ (ପ୍ରସନଜିତ୍ ସାହୁ)

ପୋଲିସକୁ ଚକ୍‌ମା ଦେଇ ଥାର୍ ଗାଡିରେ ବେଆଇନ ଗଞ୍ଜେଇ ବିକ୍ରି କରୁଥିଲେ। ସୋମବାର ଖଣ୍ଡଗିରି ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଘଟଣା ପଦାକୁ ଆସିଛି। ଅଭିଯୁକ୍ତ ଗଞ୍ଜେଇ ବେପାରି ହେଲେ ଯଦୁପୁର ଟାଙ୍ଗୀ ସାହିର ଏସ.କେ. ଜାହିର। ସେମାବାର ସକାଳେ ଜାହିର ରଘୁନାଥନଗର ଅଟୋ ଷ୍ଟାଣ୍ଡ ନିକଟରେ ଏକ କଳା ରଙ୍ଗର ଥାର ଗାଡ଼ିରେ ଗଞ୍ଜେଇ ବିକ୍ରି କରୁଥିଲେ। ସୂଚନା ପାଇ ଖଣ୍ଡଗିରି ପୋଲିସ ଘଟଣାସ୍ଥଳରେ ଚଡାଉ କରି ତାଙ୍କୁ ଅଟକ ରଖିବା ସହ ଗାଡି ଜବତ କରିଥିଲେ। ତଲାସି ସମୟରେ ଗାଡ଼ିରୁ ୨୧ କେଜି ଗଞ୍ଜେଇ ଜବତ କରାଯାଇଥିଲା। ପଚରାଉଚରା ସମୟରେ ସେ କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ପୂର୍ବରୁ ଖଣ୍ଡଗିରି, ଲକ୍ଷ୍ମୀସାଗର ଏବଂ ଭରତପୁର ଥାନାରେ ତାଙ୍କ ନାମରେ ୬ଟି ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

**JHARIA REHABILITATION AND DEVELOPMENT AUTHORITY, DHANBAD**
**e-Procurement Notice**
**Tender Reference No:** JRDA/CIVIL/26-27/03/35
**Date:** 29.04.2026

| | | |
|---|---|---|
| 1. | Name of Work | Providing and Laying PCC in back and middle side of blocks at Phase – II & Phase -III, Belgaria, Township Dhanbad |
| 2. | Estimated Cost | Rs. 3,93,27,023.00 |
| 3. | EMD | Rs. 3,93,300.00 |
| 4. | Tender Document Cost | Rs. 10,000.00 |
| 5. | Time of Completion | 08 months |
| 6. | Date/Time from which bid is available for online bidding | 05.05.2026 at 03:00 PM |
| 7. | Last Date/Time for on-line submission of bids | 26.05.2026 at 05:00 PM |
| 8. | Date and Time of Bid Opening | 28.05.2026 at 11:30 AM |
| 9. | Name and Address of Officer inviting tender | Head of Department (Civil), JRDA, Dhanbad Hatia More, Golf Ground Road, Hirapur, Dhanbad - 826001 Jharkhand, India Email: infojrda.dhn@gmail.com |

Note : 1. Only e-tenders will be accepted.
2. Further details can be seen on website – https://jharkhandtenders.gov.in

Head of Department (Civil), JRDA, Dhanbad

PR 378967 Rural Development (26-27)D

# ସକ୍ଷମ କେନ୍ଦ୍ର ପରିଦର୍ଶନ କଲେ କେନ୍ଦ୍ରୀୟ ଅଧିକାରୀ

ବାଲିଅନ୍ତା,୪।୫(ନୀଳମାଧବ ସାହୁ)



ଭାରତ ସରକାରଙ୍କ ଅନ୍ତର୍ଭୁକ୍ତିକରଣ ଶିକ୍ଷାର ଉପ -ସଚିବ ଆଇଏଏସ୍ ଅଧିକାରୀ ଇରା ସିଂହଲ ସୋମବାର ବାଲିଅନ୍ତା ବ୍ଲକ ଗସ୍ତରେ ଆସି ବେଣୁପୁରସ୍ଥିତ ପିଏମ୍‌ଶ୍ରୀ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ସକ୍ଷମ କେନ୍ଦ୍ର ପରିଦର୍ଶନ କରିଛନ୍ତି। ସକ୍ଷମ କେନ୍ଦ୍ରରେ ଥିବା ଫିଜିଓଥେରାପି, ଶ୍ରବଣ ବାକ୍ ଚିକିତ୍ସା ପ୍ରକୋଷ୍ଠ, ଏକୁପେନଚର ଥେରାପି ଆଦି ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କୁ ଭେଟି ଖୁସି ପ୍ରକାଶ କରିଛନ୍ତି। ଖୋର୍ଦ୍ଧା ଜିଲାର ଶିକ୍ଷା ବିଭାଗର ଅଧିକାରୀ ବିଜୟ କୁମାର ବେହେରା, ଅନ୍ତର୍ଭୁକ୍ତିକରଣ ଶିକ୍ଷାର ସଂଯୋଜିକା ପୁଷ୍ପମିତ୍ରା ମିଶ୍ର ଓ ବାଲିଅନ୍ତା ବ୍ଲକର ଶିକ୍ଷା ଅଧିକାରୀ ଭକ୍ତବତ୍ସଳ ମହାପାତ୍ର ପ୍ରମୁଖ ତାଙ୍କ ସହିତ ଉପସ୍ଥିତ ଥିଲେ। ଏହି ଜଣିକିଆ କେନ୍ଦ୍ରୀୟ ପ୍ରତିନିଧିଙ୍କ ବିଦ୍ୟାଳୟ ପରିଦର୍ଶନରେ ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ କରଣ, ବରିଷ୍ଠ ଶିକ୍ଷକ ଜମ୍ଭେଶର ରଥ, ସାଧନ ସମ୍ବଳ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଓ ଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ କେନ୍ଦିୟ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଖୋର୍ଦ୍ଧା,୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ସୋମବାର ଗୁରୁଜଙ୍ଗ ଦେୱାନ ସାହି ନିକଟ ଖେଳପଡ଼ିଆରେ ଚଢ଼ାଉ କରି ୪୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ଗୁରୁଜଙ୍ଗ ଦେୱାନ ସାହିର ସନ୍ଧ୍ୟାରାଣୀ ବେହେରା ଏବଂ ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦ ପିଏନ୍ କଲେଜ ଛକର ରୋହନ ଖାନ। ଏଥିସହ ଏମାନଙ୍କ ନିକଟରୁ ୩ଟି ମୋବାଇଲ ଫୋନ ଜବତ ହୋଇଛି।

# ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-BLS-0008-2025-5069/R&DM Dated: 04 Feb. 2026

No. 24001/49/2627: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀର ବାଲିସୁଆଁ ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ଛଡ଼ଛଡ଼ିଆ, ଥାନା: ବାଲେଶ୍ୱର ନଂ. ୩୮, ତହସିଲ: ରେମୁଣା, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ତଫସିଲମତେ ପ୍ରାୟ ଏ.୩.୭୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରିଛନ୍ତି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀର ବାଲିସୁଆଁ ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ରେମୁଣା | ଛଡ଼ଛଡ଼ିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୮.୪୪ | ଏ.୩.୭୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୬ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବହଳଦା, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

## ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା – ୬୪/୨୦୨୩
ଏ.୩.୭୬

### ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀର ବାଲିସୁଆଁ ମାଇନର ନିମନ୍ତେ

**ମୌଜା: ଛଡ଼ଛଡ଼ିଆ, ଥାନା: ବାଲେଶ୍ୱର ସଦର ନଂ. – ୩୮, ତହସିଲ – ରେମୁଣା, ଜିଲ୍ଲା: ବାଲେଶ୍ୱର**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 1 | 141/340 | 0.20 | 0.06 | ଶାରଦ ଦୁଇ | ଅନିରୁଦ୍ଧ ଜେନା, ଘନଶ୍ୟାମ ଜେନା, ବିଦ୍ୟାଧର ଜେନା, ଅତୁଲ କୁମାର ଜେନା, ପି.: ପିତାମ୍ବର ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| | 140/355 | 0.18 | 0.01 | ଶାରଦ ଦୁଇ | |
| 5 | 18 | 0.18 | 0.04 | ଶାରଦ ଦୁଇ | ଇନ୍ଦ ଜେନା, ପି.: ଶତ୍ରୁଘନ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ମଧୁପୁରା |
| 10 | 217 | 0.12 | 0.04 | ଶାରଦ ଦୁଇ | କୃତ୍ତିବାସ ନାୟକ, ପି.: ଟୁଣି ନାୟକ, ଚୈତନ ନାୟକ, ପି.: ରଘୁ ନାୟକ, କରୁଣାକର ନାୟକ, ଦେବକୀ ନାୟକ, ପି.: ମୁଳିନାୟକ, ମୁଷି ନାୟକ, ସ୍ୱା.: ମୁଳି ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା |
| 16 | 157 | 0.25 | 0.12 | ଶାରଦ ଦୁଇ | ଗଗନ ଖଟୁଆ, ପ୍ରସନ୍ନ ଖଟୁଆ, ଦର୍ଶନ ଖଟୁଆ, ସୁଦର୍ଶନ ଖଟୁଆ, ପି.: ଅନ୍ତର୍ଯ୍ୟାମୀ ଖଟୁଆ, ରଙ୍ଗି ଖଟୁଆ, ସ୍ୱା.: ଅନ୍ତର୍ଯ୍ୟାମୀ ଖଟୁଆ, କାଙ୍ଗାଳି ଖଟୁଆ, ରଘୁନାଥ ଖଟୁଆ, ପି.: କ୍ଷେତ୍ର ଖଟୁଆ, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| 21 | 223 | 0.15 | 0.06 | ଶାରଦ ଦୁଇ | ଚନ୍ଦନ ନାୟକ, ପି.: ଘନ ନାୟକ, କାହ୍ନୁଚରଣ ନାୟକ, କଟିବୁଡ଼ି ନାୟକ, ପି.: ରାଧୁ ନାୟକ, ଭିକାରୀ ନାୟକ, କୁମୁଦ ନାୟକ, ପ୍ରଫୁଲ ନାୟକ, ପି.: ବାଇଧର ନାୟକ, ସରଦାମଣୀ ନାୟକ, ସ୍ୱା.: ଜଳଧର ନାୟକ, ବୈକୁଣ୍ଠ ନାୟକ, ପି.: ଦାଶରଥି ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା |
| 23 | 224 | 0.12 | 0.01 | ଶାରଦ ଦୁଇ | ଚୈତନ୍ୟ ନାୟକ, ପି.: ରଘୁ ନାୟକ, କରୁଣାକର ନାୟକ, ଦେବକୀ ନାୟକ, ପି.: ମୁଳି ନାୟକ, ମୁଷି ନାୟକ, ସ୍ୱା.: ମୁଳି ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା |
| 24 | 269 | 0.31 | 0.03 | ଶାରଦ ଦୁଇ | ଜଗନ୍ନାଥ ଜେନା, ପି.: ଲକ୍ଷ୍ମଣ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 26 | 141 | 0.30 | 0.12 | ଶାରଦ ଦୁଇ | ଦର୍ଶନ ଖଟୁଆ, ପି.: ଅନ୍ତର୍ଯ୍ୟାମୀ ଖଟୁଆ, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| 29 | 55 | 0.46 | 0.04 | ଶାରଦ ଏକ | ଧ୍ରୁବଚରଣ ଜେନା, ପି.: ଅଙ୍କୁର ଜେନା, ଜା: ଖଣ୍ଡାୟତ, ବା: ଓଲିପୁର |
| 30 | 52 | 0.79 | 0.09 | ଶାରଦ ଏକ | ଧ୍ରୁବଚରଣ ଜେନା, ଉତ୍ତମ କୁମାର ଜେନା, ପି.: ଅଙ୍କୁର ଜେନା, ଜା: ଖଣ୍ଡାୟତ, ବା: ମଧୁପରୁ |
| | 53 | 0.60 | 0.10 | ଶାରଦ ଏକ | |
| 31 | 54 | 0.15 | 0.01 | ଶାରଦ ଏକ | ଧ୍ରୁବ ଜେନା, ଉତ୍ତମ ଜେନା, ମାନି ଜେନା, ପି.: ଅଙ୍କୁର ଜେନା, ଇନ୍ଦ ଜେନା, ସ୍ୱା.: ଅଙ୍କୁର ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| | 56 | 0.26 | 0.07 | ଶାରଦ ଏକ | |
| 38 | 17 | 0.16 | 0.04 | ଶାରଦ ଦୁଇ | ପ୍ରାଣକୃଷ୍ଣ ଜେନା, ଶାନ୍ତିମଣି ଜେନା, ଇଚ୍ଛାମଣି ଜେନା, ସୁଲୋଚନା ଜେନା, ପି.: ଲକ୍ଷ୍ମଣ ଜେନା, ଶୁକମଣି ଜେନା, ସ୍ୱା.: ଲକ୍ଷ୍ମଣ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 40 | 102 | 0.14 | 0.03 | ଶାରଦ ଦୁଇ | ପିତାମ୍ବର ଜେନା, ପି.: କସ୍ତୁରୀ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| | 268 | 0.30 | 0.03 | ଶାରଦ ଦୁଇ | |
| 41 | 129 | 0.30 | 0.04 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ଶ୍ରୀହରି ଜେନା, ପ୍ରଭାକର ଜେନା, ପି.: ସାଧୁ ଜେନା, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| | 141/339 | 0.17 | 0.06 | ଶାରଦ ଦୁଇ | |
| 44 | 216 | 0.51 | 0.16 | ଶାରଦ ଦୁଇ | ପୁନି ରାଉତ, ସ୍ୱା.: ଦନେଇ ରାଉତ, ଗୁରୁରୀ ଜେନା, ସ୍ୱା.: ରାଧୁ ଜେନ, ଗୌର ଜେନା, ପି.: ଅଙ୍କୁର ଜେନା, ବାଞ୍ଛାନିଧି ନାୟକ, ଭାଗବତ ନାୟକ, ପି.: ଲକ୍ଷ୍ମଣ ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା |
| 45 | 96 | 0.13 | 0.05 | ଶାରଦ ଦୁଇ | ଫକୀର ଜେନା, ବୁଧି ଜେନା, ଶରଦା ଜେନା, ହୀରା ଜେନା, ପି.: ଶିବ ଜେନା, ଭରତ ଜେନା, କୃତ୍ତିବାସ ଜେନା, ପି.: କ୍ଷେତ୍ର ଜେନା, ପିତାମ୍ବର ଜେନା, ପି.: କସ୍ତୁରୀ ଜେନା, ଶତ୍ରୁଘନ ଜେନା, ପି.: ରଘୁ ଜେନା, ଉମାକାନ୍ତ ଜେନା, ପି.: ଭଗବାନ ଜେନା, ପ୍ରାଣକୃଷ୍ଣ ଜେନା, ଛୁପୁରୀ ଜେନା, ଇଚ୍ଛାମଣି ଜେନା, ସୁଲଚନା ଜେନା, ପି.: ଲକ୍ଷ୍ମଣ ଜେନା, ଶୁକମଣି ଜେନା, ସ୍ୱା.: ଲକ୍ଷ୍ମଣ ଜେନା, ଭିକାରୀ ଜେନା, ଅଭିମନ୍ୟୁ ଜେନା, ବିଶିକେଶନ ଜେନା, ଚିତ୍ତରଞ୍ଜନ ଜେନା, ଗନ୍ଧାମଣି ଜେନା, ସାଧବାଣୀ ଜେନା, କ୍ଷୀରମଣି ଜେନା, ଗେଡ଼ି ଜେନା, ପି.: ଦର୍ଶନ ଜେନା, ଜୈନ ଜେନା, ପି.: ଛକୁ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| | 98 | 0.13 | 0.05 | ଶାରଦ ଦୁଇ | |
| | 96/344 | 0.03 | 0.03 | ଶାରଦ ଦୁଇ | |
| 48 | 47 | 0.74 | 0.01 | ଶାରଦ ଏକ | ବାଞ୍ଛାନିଧି ଜେନା, ଖାମ୍ଭୁରୀ ଜେନା, ବିପ୍ର ଜେନା, ପି.: କାଳନ୍ଦୀ ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ |
| | 49 | 0.30 | 0.11 | ଶାରଦ ଏକ | |
| | 263 | 0.466 | 0.06 | ଶାରଦ ଦୁଇ | |
| 50 | 55/319 | 0.20 | 0.05 | ଶାରଦ ଏକ | ବୀର କିଶୋର ଚୌଧୁରୀ, ପି.: ହରେକୃଷ୍ଣ ଚୌଧୁରୀ, ଜା: ଖଣ୍ଡାୟତ, ବା: ବିରାପଦା, ଜବରଦଖଲ, ବା: ଧ୍ରୁବଚରଣ ଜେନା, ଉତ୍ତମ କୁମାର ଜେନା, ପି.: ଅଙ୍କୁର ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 51 | 11 | 0.23 | 0.14 | ଶାରଦ ଦୁଇ | ବୁଧିରାମ ଜେନା, କରୁଣାକରଣ ଜେନା, ନାରାୟଣ ଜେନା, ବାୟାଣି ଜେନା, ପି.: ସୁଦର୍ଶନ ଜେନା, ମଡି ଜେନା, ସ୍ୱା.: ସୁଦର୍ଶନ ଜେନା, ମଧୁ ଜେନା, ପି.: ବରକୁ ଜେନା, ପୂର୍ଣ୍ଣ ଜେନା, ଶ୍ରୀହରି ଜେନା, ନରହରି ଜେନା, ଲକ୍ଷ୍ମୀମଣି ଜେନା, ରମାମଣି ଜେନା, ପରିମଣି ଜେନା, ମୁକ୍ତାମଣି ଜେନା, ପି.: ସାଧୁ ଜେନା, ଭୁକୁନି ଜେନା, ସ୍ୱା.: ସାଧୁ ଜେନା, ପ୍ରଭାକର ଜେନା, ଗଙ୍ଗାଧର ଜେନା, ପି.: ବଳି ଜେନା, ଆଶାମଣି ଜେନା, ସ୍ୱା.: କାଳି ଜେନା, କାଦୁ ଜେନା, ପି.: କୃଷ୍ଣ ଜେନା, ଜା: ଖଣ୍ଡାୟତ, ବା: ଅନନ୍ତପୁର, ଆଶାମଣି ଜେନା ଅଂଶପକ୍ଷେ ଦାନସୂତ୍ରେ ଦଖଲ ମଧୁ ଜେନା, ଖାତାରୟତ ରେଜେଷ୍ଟ୍ରି ଦଲିଲନମ୍ବର 661 ତା।17.2.43 ଜରସମନ ଟ.200 ବା: |
| 52 | 12 | 0.32 | 0.25 | ଶାରଦ ଦୁଇ | ବୁଦ୍ଧିରାମ ଜେନା, କରୁଣାକର ଜେନା, ନାରାୟଣ ଜେନା, ବାୟାଣି ଜେନା, ପି.: ସୁଦର୍ଶନ ଜେନା, ମଧୁ ଜେନା, ପି.: ବରକୁ ଜେନା, ପୂର୍ଣ୍ଣ ଜେନା, ଶ୍ରୀହରି ଜେନା, ନରହରି ଜେନା, ଲକ୍ଷ୍ମୀ ଜେନା, ରମା ଜେନା, ପ୍ରମିଳା ଜେନା, ମୁକ୍ତାମଣି ଜେନା, ପି.: ସାଧୁ ଜେନା, ଭୁକୁନି ଜେନା, ସ୍ୱା.: ସାଧୁ ଜେନା, ପ୍ରଭାକର ଜେନା, ଗଙ୍ଗାଧର ଜେନା, ପି.: ବଳି ଜେନା, ଆଶାମଣି ଜେନା, ସ୍ୱା.: କାଳି ଜେନା, କାଦୁ ଜେନା, ଫୁଲମଣି ଜେନା, ପାଗିଲି ଜେନା, ପି.: କୃଷ୍ଣ ଜେନା, ମତି ଜେନା, ସ୍ୱା.: ସୁଦର୍ଶନ ଜେନା, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| 56 | 270 | 0.82 | 0.10 | ଶାରଦ ଦୁଇ | ବୈରାଗି ଜେନା, ଲକ୍ଷ୍ମୀଧର ଜେନା, ପି.: ଗଦାଧର ଜେନା, ପଦ୍ମାବତୀ ଜେନା, ସ୍ୱା.: ନାରଣ ଜେନା, ସରଦାମଣି ଜେନା, ସ୍ୱା.: ଆନନ୍ଦ ଜେନା, ନିରଞ୍ଜନ ଜେନା, ଶଚିନ୍ଦ୍ର ଜେନା, ଗନ୍ଦ୍ରେ ଜେନା, ପି.: ଦୁଃଶାସନ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| | 219 | 0.11 | 0.05 | ଶାରଦ ଦୁଇ | |
| | 273 | 0.54 | 0.11 | ଶାରଦ ଦୁଇ | |
| | 287 | 0.34 | 0.06 | ଶାରଦ ଦୁଇ | |
| | 289 | 0.24 | 0.10 | ଶାରଦ ଦୁଇ | |
| | 1 | 0.18 | 0.12 | ଶାରଦ ଦୁଇ | |
| 71 | 131 | 0.23 | 0.01 | ଶାରଦ ଦୁଇ | ରବିନ୍ଦ୍ର ନାୟକ, ଉପେନ୍ଦ୍ର ନାୟକ, ବାସନ୍ତି ନାୟକ, ଦୁଃଖିନ ନାୟକ, ପି.: ଗଣପତି ନାୟକ, କନକ ନାୟକ, ସ୍ୱା.: ଗଣପତି ନାୟକ, ଭାଗବତ ନାୟକ, ବାଞ୍ଛାନିଧି ନାୟକ, ପି.: ଲକ୍ଷ୍ମଣ ନାୟକ, ନିରଞ୍ଜନ ନାୟକ, ମଧୁସୂଦନ ନାୟକ, ରମାକାନ୍ତ ନାୟକ, ସୁରେନ୍ଦ୍ର ନାୟକ, ପି.: ଭାଗବତ ନାୟକ, ହରେକୃଷ୍ଣ ନାୟକ, ପି.: ବାଞ୍ଛାନିଧି ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା |
| | 140 | 0.64 | 0.02 | ଶାରଦ ଦୁଇ | |
| | 142 | 0.60 | 0.15 | ଶାରଦ ଦୁଇ | |
| | 203 | 0.47 | 0.10 | ଶାରଦ ଦୁଇ | |
| | 130/354 | 0.02 | 0.02 | ଶାରଦ ଦୁଇ | |
| | 220 | 0.50 | 0.18 | ଶାରଦ ଦୁଇ | |
| 77 | 285 | 0.035 | 0.02 | ଶାରଦ ଦୁଇ | ଶ୍ରୀ ରାଧା ବଲ୍ଲଭ ଜୀଉ ଠାକୁର ବିଜେ ନିଜଗାଁ ମାର୍ଫତ ବା: ରାହାସ ବିହାରୀ ଦାସ ପୁଝାରି, ପି.: ବଂଶିଧର ଦାସ ପୁଝାରି, ବଳଭଦ୍ର ଦାସ ପୁଝାରି, ପି.: ନିଳାମ୍ବର ଦାସ ପୁଝାରି, ରାଧା ବଲ୍ଲଭ ଦାସ ପୁଝାରି, ବନମାଳି ଦାସ ପୁଝାରି, ପି.: ନିତ୍ୟାନନ୍ଦ ଦାସ ପୁଝାରି, ଦାମୋଦର ଦାସ ପୁଝାରି, ଶଶଧର ଦାସ ପୁଝାରି, ପଦ୍ମଲୋଚନ ଦାସ ପୁଝାରି, ପି.: ସୀତାରାମ ଦାସ ପୁଝାରି, ଜା: ବ୍ରାହ୍ମଣ, ବା: ଓଡ଼ଙ୍ଗି |
| | 286 | 0.21 | 0.08 | ଶାରଦ ଦୁଇ | |
| 83 | 221 | 0.35 | 0.06 | ଶାରଦ ଦୁଇ | ଶାରଦା ନାୟକ, ସ୍ୱା.: ହଳଧର ନାୟକ, ବୈକୁଣ୍ଠ ନାୟକ, ପି.: ଦାଶ ନାୟକ, ଚନ୍ଦନ ନାୟକ, ପି.: ଘନ ନାୟକ, କହ୍ନେଇ ନାୟକ, ପି.: ରାଧୁ ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା, ଦର୍ଶନ ଖଟୁଆ, ପି.: ଅନ୍ତର୍ଯ୍ୟାମୀ ଖଟୁଆ, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| 91 | 13 | 0.33 | 0.06 | ଶାରଦ ଦୁଇ | ହର ଜେନା, ପି.: ମାଗୁଣି ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 94 | 19 | 1.89 | 0.08 | ଶାରଦ ଦୁଇ | ହରେକୃଷ୍ଣ ଜେନା, ପି.: କାଦୁ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 94/2 | 294 | 0.21 | 0.01 | ଶାରଦ ଦୁଇ | ବିଶ୍ୱନାଥ ଜେନା, ଅକ୍ଷୟ କୁମାର ଜେନା, ସୋମନାଥ ଜେନା, ପି.: ନିରଞ୍ଜନ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 94/3 | 272 | 0.24 | 0.09 | ଶାରଦ ଦୁଇ | ପଦ୍ମଲୋଚନ ଜେନା, ମୃତ୍ୟୁଞ୍ଜୟ ଜେନା, ମନୋରଞ୍ଜନ ଜେନା, ପି.: ଜଗନ୍ନାଥ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 94/4 | 281 | 0.12 | 0.01 | ଶାରଦ ଦୁଇ | ଆଦିକନ୍ଦ ଜେନା, ନିତ୍ୟାନନ୍ଦ ଜେନା, ହରିଶ୍ଚନ୍ଦ୍ର ଜେନା, ପ୍ରତାପ ଚନ୍ଦ୍ର ଜେନା, ପି.: କାଦୁ ଜେନା, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| 94/12 | 290 | 0.23 | 0.06 | ଶାରଦ ଦୁଇ | ଅଶୋକ କୁମାର ଜେନା, ଜଗଦିଶ ଚନ୍ଦ୍ର ଜେନା, ପି.: ବୈରାଗିଚରଣ ଜେନା, ଜା: ଖଣ୍ଡାୟତ, ବା: ଅନନ୍ତପୁର, ଥାନା: ସଦର |
| 94/17 | 10 | 0.39 | 0.01 | ଶାରଦ ଦୁଇ | ପିତାମ୍ବର ଜେନା, ପି.: ଶ୍ରୀକାନ୍ତ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା |
| 94/22 | 1/380 | 0.20 | 0.11 | ଶାରଦ ଦୁଇ | ମୃତ୍ୟୁଞ୍ଜୟ ଜେନା, ପି.: ଜଗନ୍ନାଥ ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା, ଥା: ସଦର |
| 94/53 | 267 | 0.76 | 0.11 | ଶାରଦ ଦୁଇ | ଅନିରୁଦ୍ଧ ଜେନା, ଘନଶ୍ୟାମ ଜେନା, ବିଦ୍ୟାଧର ଜେନା, ଅତୁଲ କୁମାର ଜେନା, ପି.: ପିତାମ୍ବର ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା, ଥା: ସଦର, ଜି.: ବାଲେଶ୍ୱର |
| 94/68 | 280 | 0.19 | 0.03 | ଶାରଦ ଦୁଇ | ସଦାଶିବ ଜେନା, ପ୍ରଫୁଲ୍ଲ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ହରିଶ୍ଚନ୍ଦ୍ର ଜେନା, ପି.: ରାମହରି ଜେନା, ଜା: ଖଣ୍ଡାୟତ, ବା: ମଧୁପୁରା, ଥା: ସଦର, ଜି.: ବାଲେଶ୍ୱର |
| 94/71 | 287/461 | 0.08 | 0.04 | ଶାରଦ ଦୁଇ | ସ୍ୱର୍ଣ୍ଣଲତା ଜେନା, ସ୍ୱା.: ବିଶ୍ୱନାଥ ଜେନା, ଅକ୍ଷୟ କୁମାର ଜେନା, ସୋମନାଥ ଜେନା, ପି.: ନିରଞ୍ଜନ ଜେନା, ଅରୁଣ କୁମାର ଜେନା, ପି.: ବିଶ୍ୱନାଥ ଜେନା, ସସ୍ମିତା ସେନାପତି ସ୍ୱା.: ତାରଶଙ୍କର ସେନାପତି, ଜା: ଖଣ୍ଡାୟତ, ବା: ମଧୁପୁରା, ଥା: ସଦର, ଜି.: ବାଲେଶ୍ୱର |
| ସମପରିମାଣର ଗୋଚର ପ୍ରତିବଦଳ | | | | | |
| 83 | 221 | | 0.06 | ଶାରଦ ଦୁଇ | ଶାରଦା ନାୟକ, ସ୍ୱା.: ହଳଧର ନାୟକ, ବୈକୁଣ୍ଠ ନାୟକ, ପି.: ଦାଶ ନାୟକ, ଚନ୍ଦନ ନାୟକ, ପି.: ଘନ ନାୟକ, କହ୍ନେଇ ନାୟକ, ପି.: ରାଧୁ ନାୟକ, ଜା: ଖଣ୍ଡାୟତ, ବା: ମଧୁପୁରା, ଦର୍ଶନ ଖଟୁଆ, ପି.: ଅନ୍ତର୍ଯ୍ୟାମୀ ଖଟୁଆ, ଜା: ଖଣ୍ଡାୟତ, ବା: ଅନନ୍ତପୁର |
| ମୋଟ | ୫୮ ପ୍ଲଟକୁ | ଏ. ୧୮.୪୪ | ଏ. ୩.୭୬ | | |

Sd./- Amin, Bahalda Zone | Sd./- Revenue Inspector, Bahalda Zone | Sd./- Zone Officer-cum-L.A. Collector, S.I.P. Bahalda Zone | Sd./- Spl. Land Acquisition Officer, S.I.P., Baripada

OIPR: 24001/24001/3/26-27/0004

# ସେନ୍‌ସେକ୍ସରେ ୩୫୬ ପଏଣ୍ଟ ବୃଦ୍ଧି




## ୯ ପ୍ରତିଶତ ଖସିଲା ସନ୍ ଟିଭି ଶେୟାର ମୂଲ୍ୟ

ନୂଆଦିଲ୍ଲୀ, ୪।୫

ଗତ ସପ୍ତାହରେ ମାତ୍ର ୪ ଦିନ ପାଇଁ ହୋଇଥିବା ଶେୟାର ବଜାର ସୋମବାର ଖୋଲିବା ପରେ ବିଏସଇ ଏବଂ ଏନଏସ୍ଇ ଷ୍ଟକ୍ଏକ୍ସଚେଞ୍ଜରେ କାରବାର ସକାରାତ୍ମକ ରହିଥିବା ଦେଖାଯାଇଛି। ସୋମବାର ୪ ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସ୍ଥିତିକୁ ଦେଖି ଶେୟାର ବଜାର କାରବାର ନିର୍ଭର କରିବ ବୋଲି ଆକଳନ କରାଯାଇଥିଲା। ତେବେ ଶାସକ ଭାଜପା ପଶ୍ଚିମବଙ୍ଗ ଏବଂ ଆସାମରେ ବିଜୟୀ ହେବାପରେ ନିବେଶକ ଉତ୍ସାହିତ ରହିବା ସହ ଉଭୟ ଷ୍ଟକ୍ ଏକ୍ସଚେଞ୍ଜ କାରବାର ପୂର୍ବ ତୁଳନାରେ ବୃଦ୍ଧି ପରିଲକ୍ଷିତ ହୋଇଛି। ବିଏସ୍ଇ ସେନ୍‌ସେକ୍ସରେ ୩୫୬ ପଏଣ୍ଟ ବୃଦ୍ଧି ଘଟି କାରବାର ଶେଷ ସୁଦ୍ଧା ଏହା ୭୭, ୨୬୯ରେ ବନ୍ଦ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି କାରବାରରେ ୦.୫୧ ପ୍ରତିଶତ ବୃଦ୍ଧି ହୋଇଥିଲାବେଳେ ଏହା ୧୨୧ ପଏଣ୍ଟ ବୃଦ୍ଧିରେ କାରବାର ଶେଷ ବେଳକୁ ୨୪,୧୧୯ ପଏଣ୍ଟରେ ବନ୍ଦ ରହିଥିବା ଜଣାପଡ଼ିଛି। ଚଳିତ ସପ୍ତାହର ପ୍ରଥମ କାରବାର ଦିବସ ଭାବେ ସୋମବାର ଭାରତୀୟ ଶେୟାର ବଜାରରେ ସକାରାତ୍ମକ କାରବାର ସତ୍ତ୍ୱେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ ପୁଣି ଅବମୂଲ୍ୟାୟନ ଘଟିଛି।

ଅନ୍ୟ ପକ୍ଷରେ ତାମିଲନାଡୁରେ ଏମ୍.କେ.ଷ୍ଟାଲିନ ନେତୃତ୍ୱାଧୀନ ଡିଏମକେ ସରକାର ନିର୍ବାଚନ ହାରିଯିବା ପରେ ସନ୍ ଟିଭି ନେଟ୍‌ୱର୍କ ଶେୟାର ମୂଲ୍ୟରେ ଅଚାନକ ଭାବେ ୯ ପ୍ରତିଶତ ହ୍ରାସ ଘଟିଛି। ସୋମବାର ତାମିଲନାଡୁ ସମେତ ଅନ୍ୟ ୩ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ମୁମ୍ବାଇ ଶେୟାର ବଜାରରେ ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥିଲା। ହେଲେ ସନ୍ ଟିଭି ନେଟ୍‌ୱର୍କରେ ଡିଏମକେ ଦଳର ପ୍ରମୁଖ ନେତାଙ୍କ ଅଂଶଧନ ରହିଥିବାରୁ ଦଳ କ୍ଷମତା ହରାଇବା ନିଶ୍ଚିତ ହୋଇଥିବାରୁ ଏହାର ଶେୟାର ମୂଲ୍ୟରେ ହ୍ରାସ ଘଟିଥିଲା। ଗତ ସପ୍ତାହରେ ସନ୍ ଟିଭିର ପ୍ରତି ଶେୟାର ମୂଲ୍ୟ ୫୭୫ ଟଙ୍କା ରହିଥିଲାବେଳେ ବର୍ତ୍ତମାନ ଏହା ୫୪୭ ଟଙ୍କାକୁ ହ୍ରାସ ପାଇଥିବା ଜଣାପଡ଼ିଛି।

## ଦେଶର ପ୍ରଥମ ଅର୍ବିଟାଲ୍ ଡାଟା ସେଣ୍ଟର ସାଟେଲାଇଟ୍ ନିର୍ମାଣ କରିବ ପିକ୍‌ସେଲ-ସର୍ବମ୍




ନୂଆଦିଲ୍ଲୀ, ୪।୫

ବିଶ୍ୱର ସର୍ବାଧୁନିକ ଇମେଜିଂ ସାଟେଲାଇଟ୍ ନିର୍ମାଣ କରୁଥିବା ବହୁରାଷ୍ଟ୍ରୀୟ ପ୍ଲାନେଟାରୀ ଇଣ୍ଟେଲିଜେନ୍ସି କମ୍ପାନୀ ପିକ୍‌ସେଲ ସର୍ବମ୍ କମ୍ପାନୀ ସହିତ ମିଳିତ ଉଦ୍ୟୋଗ ସ୍ଥାପନ କରି ଭାରତର ପ୍ରଥମ ଅର୍ବିଟାଲ ଡାଟା ସେଣ୍ଟର ସାଟେଲାଇଟ୍ ନିର୍ମାଣ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଉଭୟ କମ୍ପାନୀଙ୍କ ମଧ୍ୟରେ ହୋଇଥିବା ବୁଝାମଣା ଅନୁସାରେ ପିକ୍‌ସେଲ ଫାଥ୍‌ଫାଇଣ୍ଡର ସାଟେଲାଇଟ୍‌ର ଡିଜାଇନ ସମେତ ଏହାର ନିର୍ମାଣ, ପ୍ରେରଣ ଏବଂ ପରିଚାଳନା ଦାୟିତ୍ୱ ତୁଲାଇବ। ସେହିପରି ସର୍ବମ୍ କମ୍ପାନୀ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଯୋଗାଇବା ସହ ପ୍ରଶିକ୍ଷଣ ଓ ସାଟେଲାଇଟ୍‌ରେ ଭାଷା ମଡେଲ ପରଚାଳନା ଦାୟିତ୍ୱ ନିଭାଇବ। ୨୦୦ କିଲୋଗ୍ରାମ ବିଶିଷ୍ଟ ଏହି ସାଟେଲାଇଟ୍ ଚଳିତ ବର୍ଷ ଶେଷଭାଗ ଆଡକୁ ମହାକାଶକୁ ପ୍ରେରଣ କରିବାକୁ ଉଭୟ କମ୍ପାନୀ ଲକ୍ଷ୍ୟ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ଏବେ ସବୁକ୍ଷେତ୍ରରେ ଏଆଇର ପ୍ରବେଶ ସହିତ ଏହାକୁ ଆଧାର କରି କାର୍ଯ୍ୟ ପରିଚାଳନା କରିବାକୁ ଗୁରୁତ୍ୱ ଦିଆଯାଉଥିଲାବେଳେ ଏଆଇ କମ୍ପ୍ୟୁଟିଂ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ତେବେ ଅର୍ବିଟାଲ ଡାଟା ସେଣ୍ଟର ସାଟେଲାଇଟ ମାଧ୍ୟମରେ ଉଭୟ କମ୍ପାନୀ ଏଆଇ ମାଧ୍ୟମରେ କମ୍ପ୍ୟୁଟିଂ କ୍ଷେତ୍ରକୁ ସୁଦୃଢ଼ କରି ଭୂପୃଷ୍ଠକୁ ର-ଡାଟା ପ୍ରେରଣ ନ କରି ସର୍ବଶେଷ ସାମାଧିତ ଡାଟା ପ୍ରେରଣ କରିବେ ଏବଂ ସେହି ଅନୁସାରେ ସେମାନଙ୍କ ବ୍ୟବସାୟିକ କ୍ଷେତ୍ରକୁ ସମ୍ପ୍ରସାରିତ କରିବେ ବୋଲି କୁହାଯାଇଛି।



ବିଏସ୍ଇ ସେନ୍‌ସେକ୍ସ
୭୭,୨୬୯ (+୩୫୬)



୧ ଡଲାର = ୯୫.୨୩ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୧୧୪.୧୦ ଡଲାର

## ଏସ୍‌ବିଆଇର ପଦ୍ମପୁର ବଜାର ଶାଖା ଉଦ୍‌ଘାଟିତ



ପଦ୍ମପୁର ଷ୍ଟେଟ ବ୍ୟାଙ୍କର ବଜାର ଶାଖାକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରୁଛନ୍ତି।

ପଦ୍ମପୁର,୪।୫(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ବଜାରଠାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ଏକ ଶାଖା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଏସ୍‌ବିଆଇର ଡିଜିଏମ ସଞ୍ଜୟ କୁମାର ଝା, ସମ୍ମାନିତ ଅତିଥି ଭାବରେ ରିଜିଓନାଲ ମ୍ୟାନେଜର ମଧୁସୂଦନ ରଥ, ରିଜର୍ଭ ବ୍ୟାଙ୍କର ଷ୍ଟାଫ୍ ମ୍ୟାନେଜର ହିମାଂଶୁ ମେହେର, ହୀରାଲାଲ ନାୟକ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପଦ୍ମପୁର ବଜାର ବ୍ରାଞ୍ଚର ଶାଖା ପରିଚାଳକ ଶାନ୍ତନୁ କୁମାର ମେହେର ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ଶାଖାର କର୍ମଚାରୀ ମଧୁସ୍ମିତା ସାହୁ, ଦେବାଶିଷ ଦାଶ, ସୁରଜ ଭୋଇ, ରାଧାମାଧବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସାବିତ୍ରୀ ପାଇଁ ଚାନ୍ଦି ଭଣ୍ଡାରର 'ସଙ୍ଗମ' କଲେକ୍ସନ

ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)



ସାବିତ୍ରୀ ବ୍ରତ ଉପଲକ୍ଷେ ରୁପା ଗହଣାର ଏକ୍ସକ୍ଲୁସିଭ୍ ଶୋ'ରୁମ୍ ଚାନ୍ଦି ଭଣ୍ଡାର ପକ୍ଷରୁ 'ସଙ୍ଗମ' କଲେକ୍ସନର ଉନ୍ମୋଚନ କରାଯାଇଛି। ହଲ୍‌ମାର୍କ ଷ୍ଟର୍ଲିଂ ସିଲଭରରେ ଅତି ଯତ୍ନର ସହ ପ୍ରସ୍ତୁତ ପ୍ରତ୍ୟେକ ମଙ୍ଗଳସୂତ୍ର ପ୍ରେମ, ପ୍ରତିଶ୍ରୁତି ଏବଂ ଆତ୍ମୀୟତାର ଏକ କାଳଜୟୀ ଭାବକୁ ପରିପ୍ରକାଶ କରୁଛି। ଏହି କଲେକ୍ସନରେ ଚମତ୍କାର ଜିର୍କନ୍ ଷ୍ଟୋନ୍, ସୂକ୍ଷ୍ମ ମୁକ୍ତା ଏବଂ ଅକ୍ସିଡାଇଜଡ୍ ଡିଟେଲିଂରେ ପ୍ରସ୍ତୁତ ବ୍ୟାପକ ରେଞ୍ଜ୍ ପ୍ରଦାନ କରୁଛି। ମହିଳାମାନଙ୍କ ପାଇଁ ଜିର୍‌କନ୍‌ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଏବଂ ପାଉଁଜିର ଭଳିକି ଭଳି ସମ୍ଭାର ଏଠାରେ ରହିଛି, ଯାହାକି ଫେଷ୍ଟିଭ୍ ସେଲିବ୍ରେଶନ୍ ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ। ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଅମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍‌ଲେଟ୍, ମୁଦି, କଫ୍‌ଲିଙ୍କ୍ ଏବଂ ଚେନ୍ ଆଦି ରହିଛି। ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ କିଡ୍ସ କଲେକ୍ସନ ରହିଛି। ଗହଣା ବ୍ୟତୀତ ରୁପାରେ ପ୍ରସ୍ତୁତ ବଟଲ, ଚା'ସେଟ୍, ଉଡେନ୍ ସିଲ୍‌ଭର ୱାର୍କ ଟ୍ରେ ଏବଂ ସହ ଅନ୍ୟାନ୍ୟ ଉପହାର ଦେବା ଭଳି ଉତ୍ପାଦ ରହିଛି। ଏ ଅବସରରେ ଚାନ୍ଦି ଭଣ୍ଡାର ପକ୍ଷରୁ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ମେ' ୧୬ ପର୍ଯ୍ୟନ୍ତ ଗହଣାର ଗଢ଼ା ମଜୁରି ଉପରେ ୨୦% ରିହାତି ପ୍ରଦାନ କରାଯାଉଛି। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କୁହନ୍ତି, ଚାନ୍ଦି ଭଣ୍ଡାରରେ ମହିଳାଙ୍କ ସୌନ୍ଦର୍ଯ୍ୟ, ସ୍ଥିରତା ଏବଂ ସ୍ୱତନ୍ତ୍ର ପରିଚୟକୁ ପାଳନ କରିବା ପାଇଁ ପ୍ରତ୍ୟେକ ଡିଜାଇନ୍‌କୁ ପ୍ରସ୍ତୁତ କରାଯାଇଥାଏ। ପ୍ରତିଟି ଡିଜାଇନ ମାଧ୍ୟମରେ ମହିଳାଙ୍କ ଅନନ୍ୟ ଭୂମିକାକୁ ଆମେ ସମ୍ମାନିତ କରୁଛୁ ।

## ପତଞ୍ଜଳି ଓ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍ଓୟୁ



ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)

ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ଏବଂ ଅଷ୍ଟ୍ରେଲିଆର ପ୍ରସିଦ୍ଧ ସଦର୍ନ କ୍ରସ୍ ୟୁନିଭର୍ସିଟି ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ସହଯୋଗ ପାରମ୍ପରିକ ଜ୍ଞାନ ଓ ଆଧୁନିକ ବିଜ୍ଞାନର ମିଶ୍ରଣ ମାଧ୍ୟମରେ ବୈଶ୍ୱିକ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜର ସମାଧାନ ପାଇଁ ଏକ ଶକ୍ତିଶାଳୀ ପ୍ଲାଟଫର୍ମ ପ୍ରସ୍ତୁତ କରିବ। ଏହି ଅବସରରେ ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ପତଞ୍ଜଳି ଆୟୁର୍ବେଦ, ପ୍ରାକୃତିକ ଚିକିତ୍ସା ଓ ଆଧୁନିକ ବୈଜ୍ଞାନିକ ଅନୁସନ୍ଧାନର ସମନ୍ୱୟରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଭାରତର ଅସୀମ ସମ୍ଭାବନାକୁ ବିଶ୍ୱ ମଞ୍ଚରେ ପ୍ରତିଷ୍ଠିତ କରିବାର ସାମର୍ଥ୍ୟ ପତଞ୍ଜଳି ପାଖରେ ରହିଛି । ଆୟୁର୍ବେଦକୁ କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ, ବରଂ ଜୀବନ ଜୀବନ କରିବାର ଏକ ବିଜ୍ଞାନ ବୋଲି ସେ ଉଲ୍ଲେଖ କରିଛନ୍ତି। ସଦର୍ନ କ୍ରସ୍ ୟୁନିଭର୍ସିଟିର ପ୍ରୋ-ଭାଇସ୍ ଚାନ୍ସେଲର (ରିସର୍ଚ୍ଚ ଏଣ୍ଡ ଏଜୁକେଶନ୍ ଇମ୍ପାକ୍ଟ) ପ୍ରଫେସର ବେନ୍ ରୋଶ୍ କହିଛନ୍ତି, ଅନୁସନ୍ଧାନ, ଶିକ୍ଷା ଓ ଛାତ୍ରୀଛାତ୍ର ବିନିମୟ କ୍ଷେତ୍ରରେ ସହଯୋଗ ବଢ଼ାଇବା ଏହି ବୁଝାମଣାର ଉଦ୍ଦେଶ୍ୟ। ସଦର୍ନ କ୍ରସ୍ ୟୁନିଭର୍ସିଟିର ନ୍ୟାଶନାଲ୍ ସେଣ୍ଟର ଫର୍ ନ୍ୟାଚୁରୋପ୍ୟାଥିକ୍ ମେଡିସିନ୍‌ର ଫାଉଣ୍ଡେଶନ୍ ଡାଇରେକ୍ଟର ପ୍ରଫେସର ଜନ୍ ୱାର୍ଡଲ୍ କହିଛନ୍ତି, ଅନ୍ତର୍ଜାତୀୟ ସହଯୋଗ ହେଉଛି ଆଧୁନିକ ଶିକ୍ଷା ଓ ଅନୁସନ୍ଧାନର ଆଧାର ଶିଳା। ଉଭୟ ପ୍ରତିଷ୍ଠାନ ଯୌଥ ଅନୁସନ୍ଧାନ ପ୍ରକଳ୍ପ, ସରକାରୀ ଅନୁଦାନ ପାଇଁ ଆବେଦନ ଏବଂ ଅନ୍ତର୍ଜାତୀୟ ପ୍ରକାଶନକୁ ପ୍ରୋତ୍ସାହିତ କରିବେ। ପତଞ୍ଜଳିର ପ୍ରମୁଖ ବୈଜ୍ଞାନିକ ଡ. ଅନୁରାଗ ବାର୍ଷ୍ଣେୟ କହିଛନ୍ତି, ପାରମ୍ପରିକ ଜ୍ଞାନକୁ ବୈଜ୍ଞାନିକ ପ୍ରମାଣ ସହିତ ଉପସ୍ଥାପନ କରିବା ବର୍ତ୍ତମାନ ସମୟର ଆବଶ୍ୟକତା ରହିଛି।

## ଓଡ଼ିଶାରେ ସ୍ଥିତି ସୁଦୃଢ଼ କରୁଛି ଆକ୍ସିସ୍ ବ୍ୟାଙ୍କ

ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)

ଆକ୍ସିସ୍ ବ୍ୟାଙ୍କ ଓଡ଼ିଶାରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ଡିଜିଟାଲ୍ ସଶକ୍ତୀକରଣ ଏବଂ ଏମ୍ଏସ୍ଏମ୍ଇ ଅଭିବୃଦ୍ଧି ଉପରେ ବିଶେଷ ଧ୍ୟାନ ଦେଇ ନିଜର ଉପସ୍ଥିତି ସୁଦୃଢ଼ କରୁଛି। ରାଜ୍ୟର ସମସ୍ତ ୩୦ ଜିଲାରେ ବ୍ୟାଙ୍କର ୨୫୮ଟି ଶାଖା କାର୍ଯ୍ୟରତ ରହିଛି, ଯାହା ମଧ୍ୟରୁ ଭୁବନେଶ୍ୱରରେ ୩୫ଟି ଶାଖା ଅଛି। ଏହା ସହିତ ୩୦୦ ଏଟିଏମ୍ ମଧ୍ୟ ରହିଛି। ମୋଟ ଶାଖାର ୭୪%ରୁ ଅଧିକ ଗ୍ରାମୀଣ ଓ ଅର୍ଦ୍ଧ-ସହରାଞ୍ଚଳ ଅଞ୍ଚଳରେ ଥିବାରୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏମ୍ଏସ୍ଏମ୍ଇ, ଖୁଚୁରା ଓ କର୍ପୋରେଟ୍ କ୍ଷେତ୍ରରେ ଦୃଢ଼ ଗତି ରଖି ବ୍ୟାଙ୍କ ଫିଜିଟାଲ୍ ମଡେଲ୍ ମାଧ୍ୟମରେ ଡିଜିଟାଲ୍ ସେବାକୁ ପ୍ରୋତ୍ସାହିତ କରୁଛି। ସାଧାରଣ ଡିଜିଟାଲ୍ ଭିତ୍ତିଭୂମିର ଏହି ମୂଳଦୁଆ ଉପରେ ଆଧାର କରି ବ୍ୟାଙ୍କ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ଡିଜିଟାଲ୍ ହୁଣ୍ଡି ସମର୍ପଣ' ପ୍ଲାଟଫର୍ମ ଭଳି ପଦକ୍ଷେପ ମଧ୍ୟ ଆରମ୍ଭ କରିଛି ଯାହା ସୁରକ୍ଷିତ ଡିଜିଟାଲ୍ ନବସୃଜନ ସହିତ ସାଂସ୍କୃତିକ ପ୍ରାସଙ୍ଗିକତାକୁ ଏକତ୍ରିତ କରିବା ଉପରେ ଏହାର ଧ୍ୟାନକୁ ପ୍ରତିଫଳିତ କରୁଛି। ଏହାସହ ପ୍ରାୟ ୭୫% ଶାଖା କାରବାର ଏବେ ଡିଜିଟାଲ୍ ଚ୍ୟାନେଲ୍ ମାଧ୍ୟମରେ ହେଉଛି। ୟୁପିଆଇ ପେମେଣ୍ଟରେ ବ୍ୟାଙ୍କ ୩୯% ବଜାର ଅଂଶ ସହ ଅଗ୍ରଣୀ ସ୍ଥାନରେ ରହିଛି। କଟକ, ରାଉରକେଲା, ଅନୁଗୋଳ, ଗଞ୍ଜାମ ପରି ପ୍ରମୁଖ ଅର୍ଥନୈତିକ କ୍ଲଷ୍ଟରଗୁଡ଼ିକୁ ସମର୍ଥନ କରିବା ସହ ଓଡ଼ିଶା ସରକାରଙ୍କ ସହ ସହଯୋଗରେ ଟ୍ରେଜେରି ଓ ଓଡ଼ିଶା ୱାନ୍ ପୋର୍ଟାଲ୍ ପରି ପ୍ରକଳ୍ପରେ ସକ୍ରିୟ ରହିଛି। ଆକ୍ସିସ୍ ବ୍ୟାଙ୍କର ସଭାପତି ରେନୋଲ୍ଡ ଡି'ସୁଜା କହିଛନ୍ତି ଯେ, ସୁଦୃଢ଼ ସହଭାଗିତା ଓ ନବସୃଜନ ମାଧ୍ୟମରେ ଓଡ଼ିଶାର ଦୀର୍ଘକାଳୀନ ବିକାଶରେ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବ।

## ଡ୍ରିମ୍‌ସ ଏବଂ ଓୟୁଟିଆର୍ ମଧ୍ୟରେ ଏମ୍ଓୟୁ

ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)




କଟକସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଏବଂ ଭୁବନେଶ୍ୱରସ୍ଥିତ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ମଧ୍ୟରେ ସୋମବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଶିକ୍ଷା ବିକାଶ ଓ ଗବେଷଣା, ଶିକ୍ଷକ ପ୍ରଶିକ୍ଷଣ, ଶିକ୍ଷକ ଛାତ୍ର ବିନିମୟ, ଜାତୀୟ ଓ ଅନ୍ତର୍ଜାତୀୟ କର୍ମଶାଳା ଆୟୋଜନ, ପାଠ୍ୟକ୍ରମ ଓ ଭିତ୍ତିଭୂମି ବିକାଶଭିତ୍ତିକ ଉତ୍କର୍ଷ କେନ୍ଦ୍ର ସୁବିଧା, ପ୍ରକଳ୍ପ ପ୍ରସ୍ତୁତି ତଥା ନୂତନ ଜ୍ଞାନକୌଶଳର ଆଦାନ ପ୍ରଦାନ ଇତ୍ୟାଦି ବିଷୟକୁ ଆଧାର କରି ଏହି ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଅନୁଷ୍ଠିତ ବିଶେଷ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ଡିନ୍ ପ୍ରଫେସର ଡ. ବିଶ୍ୱରଞ୍ଜନ ମହାନ୍ତି, ମେକାନିକାଲ ଇଂଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଡ. ଚନ୍ଦନ କୁମାର ସେଠୀ ଏବଂ ଓୟୁଟିଆର ପକ୍ଷରୁ କୁଳପତି ପ୍ରଫେସର ଡ. ବିଭୂତି ଭୂଷଣ ବିଶ୍ୱାଳ, ରେଜିଷ୍ଟ୍ରାର ପ୍ରଫେସର ମୀରା ବିଶ୍ୱବନ୍ଧ୍ୟ, ମେକାନିକାଲ ଇଂଜିନିୟରିଂ ବିଭାଗ ମୁଖ୍ୟ ପ୍ରଫେସର ସୁଧାଂଶୁ ଶେଖର ସାହୁ ଓ ପ୍ରଫେସର ପ୍ରମୋଦ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ସହଭାଗିତା ଫଳରେ ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ହାସଲ ସହିତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ନିମନ୍ତେ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଏବଂ ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ କହିଛନ୍ତି।

## ସିକ୍ୟୁରିଟାଇଜେଶନ୍ ନିୟମରେ ପରିବର୍ତ୍ତନ କରିବ ସେବି

ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)

ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଋଣକୁ ବିନିଯୋଗରେ ପରିଣତ କରୁଥିବା ସିକ୍ୟୁରିଟାଇଜେଶନ୍ ନିୟମକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ସହ ସମାନ କରିବା ପାଇଁ ପ୍ରସ୍ତାବ ଦେଇଛି। ଏହି ନୂଆ ନିୟମ ଅନୁଯାୟୀ ବ୍ୟାଙ୍କ ଓ ଏନ୍‌ବିଏଫ୍‌ସି ଏକକ ବୃହତ୍ ଋଣକୁ ମଧ୍ୟ ପ୍ୟାକେଜ୍ କରି ନିବେଶକଙ୍କୁ ବିକ୍ରି କରିପାରିବେ। ପୂର୍ବର ୨୫% ଋଣ ସୀମାରୁ ରିହାତି ମିଳିବ। ସର୍ଭିସର ସିଧାସଳଖ ନିବେଶକଙ୍କୁ ରିପୋର୍ଟ ଦେବେ ଏବଂ ପ୍ରତି ତ୍ରୈମାସିକରେ ଅଡିଟର୍ ସାର୍ଟିଫିକେଟ୍ ଦାଖଲ କରିବେ। ଟ୍ରଷ୍ଟ ଓ ଗଭର୍ନାନ୍ସରେ ମଧ୍ୟ ସୁଧାର ଆଣି ଏସ୍‌ପିଭିରେ ଋଣଦାତା କମ୍ପାନୀର ପ୍ରଭାବ କମ୍ ହୋଇଛି। ଏକା ଗ୍ରୁପ୍ କମ୍ପାନୀ ମଧ୍ୟରେ ଡିଲ୍ କରିବାକୁ ମଧ୍ୟ ଅନୁମତି ମିଳିପାରେ। ଏହି ପ୍ରସ୍ତାବ ଉପରେ ୨୦୨୬ ମେ ୨୫ ପର୍ଯ୍ୟନ୍ତ ପରାମର୍ଶ ଆହ୍ୱାନ କରାଯାଇଛି। ଏହା ଋଣ ବଜାରରେ ଲିକ୍ୱିଡିଟି ବଢ଼ାଇବ ଏବଂ ନିବେଶକଙ୍କ ପାଇଁ ନୂଆ ସୁରକ୍ଷିତ ବିନିଯୋଗ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

## ଅତ୍ୟାଧୁନିକ ପାୱାର ସିଷ୍ଟମ ସିମୁଲେଶନ ଲାବରେଟୋରି ଉଦ୍‌ଘାଟିତ

ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)




ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ସୋମବାର ଚନ୍ଦକାସ୍ଥିତ ପାୱାର ଟ୍ରେନିଂ ସେଣ୍ଟର (ପିଟିସି)ଠାରେ ଏକ ଅତ୍ୟାଧୁନିକ ପାୱାର ସିଷ୍ଟମ ସିମୁଲେଶନ ଲବରେଟୋରି ସ୍ଥାପନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଓପିଟିସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା ଏହାର ଉଦ୍‌ଘାଟନ କରିଛନ୍ତି। ଏହି ନୂତନ ଲାବରେଟୋରିଟି ଓପିଟିସିଏଲ୍‌ର ବୈଷୟିକ ଦକ୍ଷତା, ଗ୍ରୀଡ୍ ପରିଚାଳନା ଏବଂ କାର୍ଯ୍ୟ ବିଶ୍ୱସନୀୟତାକୁ ସୁଦୃଢ଼ କରିବା ପାଇଁ ପରିକଳ୍ପନା କରାଯାଇଛି। ଅତ୍ୟାଧୁନିକ ସିମୁଲେଶନ ଉପକରଣ ଦ୍ୱାରା ସଜ୍ଜିତ ଏହି ଲାବ୍ ଇଞ୍ଜିନିୟରମାନଙ୍କୁ ଜଟିଳ ଗ୍ରୀଡ୍ ପରିସ୍ଥିତିର ମଡେଲିଂ କରିବା, ଲୋଡ୍ ଫ୍ଲୋ ବିଶ୍ଳେଷଣ କରିବା ଏବଂ ବାସ୍ତବ ସମୟରେ ବିଦ୍ୟୁତ ସଙ୍କଟ ବା ତ୍ରୁଟିପୂର୍ଣ୍ଣ ଅବସ୍ଥାର ଅନୁକରଣ କରିବାରେ ସାହାଯ୍ୟ କରିବ। ଏହାଦ୍ୱାରା ଓଡ଼ିଶାର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ ହେବା ସହ ଅକ୍ଷୟ ଶକ୍ତିର ସଂଯୋଗୀକରଣ ପାଇଁ ଏକ ସୁଦୃଢ଼ ତଥା ଭବିଷ୍ୟତ-ଉପଯୋଗୀ ଟ୍ରାନ୍ସମିଶନ ନେଟ୍‌ୱର୍କ ନିଶ୍ଚିତ ହୋଇପାରିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ଏକ ଶକ୍ତିଶାଳୀ ଶକ୍ତି ପରିବହନ ନେଟ୍‌ୱର୍କ ହିଁ ବିକଶିତ ଓଡ଼ିଶାର ମେରୁଦଣ୍ଡ। ଏହି ପାୱାର ସିଷ୍ଟମ ସିମୁଲେଶନ ଲାବରେଟୋରୀ ଆମ ଇଞ୍ଜିନିୟରମାନଙ୍କୁ ଆଗାମୀ ଆହ୍ୱାନଗୁଡ଼ିକର ପୂର୍ବାନୁମାନ କରିବା ସହ ଶିଳ୍ପ, କୃଷି ତଥା ଘରୋଇ ଗ୍ରାହକଙ୍କୁ ୨୪ ଘଣ୍ଟିଆ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାରେ ସହାୟତା କରିବ। ଓପିଟିସିଏଲ୍‌ର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଭାସ୍କର ଶର୍ମା କହିଛନ୍ତି, ଏହି ଲାବ୍ ଦକ୍ଷତା ବୃଦ୍ଧି, ଗବେଷଣା ଏବଂ ନୂତନତ୍ୱ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହା ଓପିଟିସିଏଲ୍ ଏବଂ ଏସ୍ଏଲ୍‌ଡିସି ଇଞ୍ଜିନିୟରମାନଙ୍କୁ ପ୍ରାୟୋଗିକ ତାଲିମ ପ୍ରଦାନ କରିବା ସହ ତଥ୍ୟଭିତ୍ତିକ ନିଷ୍ପତ୍ତି ନେବାରେ ସହାୟକ ହେବ। ଉତ୍ସବରେ ଏସ୍ଏଲ୍‌ଡିସିର ନିର୍ଦ୍ଦେଶକ ବି.ବି. ମେହେଟ୍ଟା, ନିର୍ଦ୍ଦେଶକ(ଅପରେଶନ) ପ୍ରଶାନ୍ତ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ(ପ୍ରକଳ୍ପ) ପ୍ରଦୀପ କୁମାର ଦାଶ, ନିର୍ଦ୍ଦେଶକ(ଅର୍ଥ) ଶ୍ରୀକାନ୍ତ କୁମାର ସାହୁ ଏବଂ ମୁଖ୍ୟ ମହା ପ୍ରବନ୍ଧକ (ମାନବ ସମ୍ବଳ ବିକାଶ) ଅନିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱତନ୍ତ୍ର ଟ୍ରେନ୍ ସେବାରେ ସମ୍ପ୍ରସାରଣ

ଭୁବନେଶ୍ୱର,୪।୫
(ଅନୁରାଧା ମହାରଣା)

ଯାତ୍ରୀମାନଙ୍କୁ ସୁବିଧାଜନକ ଯାତ୍ରା ସୁଯୋଗ ଯୋଗାଇଦେବା ଏବଂ ଗ୍ରୀଷ୍ମଋତୁରେ ବୃଦ୍ଧି ପାଉଥିବା ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି କେତେକ ସ୍ୱତନ୍ତ୍ର ଟ୍ରେନ୍‌ର ଚଳାଚଳ ଅବଧିକୁ ବୃଦ୍ଧି କରାଯାଇଛି। ଏହି ଟ୍ରେନଗୁଡ଼ିକ ସେମାନଙ୍କର ପୂର୍ବ ନିର୍ଦ୍ଧାରିତ ସମୟ ଏବଂ ରହଣି ସହିତ ଚଳାଚଳ ଜାରି ରଖିବେ। ସମ୍ପ୍ରସାରିତ ସ୍ୱତନ୍ତ୍ର ଟ୍ରେନ୍‌ଗୁଡିକ ମଧ୍ୟରେ ୦୭୬୭୯ ଚର୍ଲାପାଲ୍ଲୀ-ଖଡ଼ଗପୁର ସ୍ପେଶାଲ୍ ଟ୍ରେନ୍‌ର ଅବଧି ଜୁଲାଇ ୨୯ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୦୭୬୮୦ ଖଡ଼ଗପୁର-ଚର୍ଲାପାଲ୍ଲୀ ସ୍ପେଶାଲ୍ ଟ୍ରେନର ଅବଧି ଜୁଲାଇ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୦୭୬୯୯ ଚର୍ଲାପାଲ୍ଲୀ-ସାନ୍ତ୍ରାଗାଛି ସ୍ପେଶାଲ୍ ଟ୍ରେନର ଅବଧି ଜୁଲାଇ ୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୦୭୭୦୦ ସାନ୍ତ୍ରାଗାଛି – ଚର୍ଲାପାଲ୍ଲୀ ସ୍ପେଶାଲ୍ ଟ୍ରେନର ଅବଧି ଜୁଲାଇ ୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

## ଆଜି ବୟନିକାର ୭୦ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,୪।୫(ଅନୁରାଧା ମହାରଣା)

ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ (ବୟନିକା), ୧୯୫୬ ମସିହାରେ ଓଡ଼ିଶା ସରକାରଙ୍କ ପ୍ରୟାସରେ ସ୍ଥାପିତ ହୋଇଥିବାବେଳେ ବର୍ତ୍ତମାନ ଭାରତର ହସ୍ତତନ୍ତ ପରିଦୃଶ୍ୟରେ ଏକ ଗୌରବମୟ ଓ ପ୍ରତିଷ୍ଠିତ ସଂସ୍ଥା ଭାବେ ପରିଚିତ। ବୟନିକା ମଙ୍ଗଳବାର ଏହାର ୭୦ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଗ୍ରାମୀଣ ଓଡ଼ିଶାର ହସ୍ତତନ୍ତକୁ ଦେଶ ଓ ବିଶ୍ୱ ବଜାର ସହିତ ସଂଯୋଗ କରି, ବୁଣାକାରମାନଙ୍କର ଜୀବିକା ଓ ମର୍ଯ୍ୟାଦାକୁ ବୟନିକା ସୁରକ୍ଷିତ କରିଆସିଛି। ଯେତେବେଳେ ପାରମ୍ପରିକ ବୁଣାକାର ଶିଳ୍ପୀମାନେ ବଜାର ଅଭାବ, ମଧ୍ୟସ୍ଥଙ୍କ ନିର୍ଭରତା ଓ ହ୍ରାସ ପାଉଥିବା ପ୍ରତିଷ୍ଠା ଆଦି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ ସେତେବେଳେ ବୟନିକା ପ୍ରତିଷ୍ଠା ହୋଇଥିଲା। ବୟନିକା ଏକ ବିଶ୍ୱସନୀୟ ଓ ସଂଗଠିତ ମଞ୍ଚ ଭାବେ ଆଗକୁ ଆସି ନ୍ୟାୟ ସଙ୍ଗତ ବ୍ୟବସାୟ, ପାରଦର୍ଶିତା, ସ୍ଥିରଜୀବିକାର ପଥ ଓ ଆର୍ଥିକ ସୁଯୋଗ ସୃଷ୍ଟି କରିଥିଲା। ସୀମିତ ସମ୍ପଦ ଓ ଛୋଟ ପରିସରରୁ ଆରମ୍ଭ କରିଥିବା ଏହି ସଂସ୍ଥା ଆଜି ଏକ ସଶକ୍ତ ଓ ବହୁମୁଖୀ ସଂଗଠନରେ ପରିଣତ ହୋଇଛି। ବୟନିକା ଓଡ଼ିଶା ସହିତ ନୂଆଦିଲ୍ଲୀ ଓ କୋଲକାତା ପର୍ଯ୍ୟନ୍ତ ୪୦ଟି ବିକ୍ରୟ କେନ୍ଦ୍ର ଚାଳନା କରୁଛି। ଏହି କେନ୍ଦ୍ରଗୁଡିକ କେବଳ ବିକ୍ରୟସ୍ଥଳ ନୁହେଁ, ବରଂ ଓଡ଼ିଶାର ସାଂସ୍କୃତିକ ପରିଚୟର ଜୀବନ୍ତ ପ୍ରତୀକ, ଯେଉଁଠାରେ ପ୍ରତ୍ୟେକ ବସ୍ତ୍ର ଏକ ଐତିହ୍ୟ, କୌଶଳ ଓ ମାଟିର ସ୍ପର୍ଶକୁ ବହନ କରେ। ୨୦୨୫-୨୬ ଆର୍ଥିକ ବର୍ଷରେ ବୟନିକା ୨୩୩ କୋଟିର ବ୍ୟବସାୟ କରିଥିବାବେଳେ ୨୦୨୬-୨୭ ପାଇଁ ୮୦କୋଟିର ଲକ୍ଷ୍ୟ ଧାରଣ କରିଛି। ଇ-କମର୍ସ ମାଧ୍ୟମରେ ଏହା ଓଡ଼ିଶାର ହସ୍ତତନ୍ତ ବସ୍ତ୍ରକୁ ଦେଶ ଓ ବିଶ୍ୱର ଗ୍ରାହକଙ୍କ ଦ୍ୱାରପ୍ରାନ୍ତରେ ପହଞ୍ଚାଇଛି। ସେହିପରି, ଇଆର୍‌ପି ପ୍ରଣାଳୀର ପ୍ରୟୋଗ ସଂସ୍ଥାର ପରିଚାଳନା, ଭଣ୍ଡାର ବ୍ୟବସ୍ଥାପନା ଓ ଆର୍ଥିକ ପ୍ରକ୍ରିୟାକୁ ଅଧିକ ସୁସଂଗଠିତ ଓ ପାରଦର୍ଶୀ କରିଛି। ବୟନିକା ବି-ଟୁ-ବି ବିକ୍ରୟ କ୍ଷେତ୍ରର ସୁଦୃଢ଼ୀକରଣ କରିଛି। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାଙ୍କର ଆବଶ୍ୟକତା ପୂରଣ କରିବା ସହିତ ଜାତୀୟ ଓ ରାଜ୍ୟସ୍ତରର ପ୍ରଦର୍ଶନୀ, ମେଳା, ଏବଂ କ୍ରେତାବିକ୍ରେତା ସମ୍ମିଳନୀରେ ସକ୍ରିୟ ଅଂଶଗ୍ରହଣ କରିଥାଏ। ବୟନିକାର ସମ୍ବଲପୁରୀ, ବମକାଇ, ବ୍ରହ୍ମପୁରୀ, ଖଣ୍ଡୁଆ କୋଟପାଡ଼ ପରି ଓଡ଼ିଶାର ଐତିହ୍ୟବାହୀ ବୁଣାକଳାକୁ ଜୀବନ୍ତ ରଖିଛି ।

# ହାତୀ ଆକ୍ରମଣରେ ୨ ମହିଳା ମୃତ

**ଆଠମଲ୍ଲିକ/ନୟାଗଡ଼, (ଉଦୀପ୍ତ ପୁରୋହିତ/ଲୋକନାଥ ମିଶ୍ର) ୪।୫**

ହାତୀ ଆକ୍ରମଣରେ ସୋମବାର ବିଭିନ୍ନ ସ୍ଥାନରେ ୨ ମହିଳାଙ୍କ ମୃତ୍ୟୁ ଘଟିଛି। ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବନଖଣ୍ଡ ମାଧପୁର ରେଞ୍ଜ ନୂଆଗାଁ ନିକଟସ୍ଥ ଜଙ୍ଗଲରେ ସୋମବାର ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ନୟାଗଡ଼ ବନଖଣ୍ଡ ମହୀପୁର ରେଞ୍ଜ ଗୁମି ପଞ୍ଚାୟତ ବରକୋଳା କାଜୁ ବଗିଚା ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ମହିଳା ସୋମବାର ପ୍ରାଣ ହରାଇଛନ୍ତି।

ପ୍ରକାଶ ଯେ, ଆଠମଲ୍ଲିକ ବନଖଣ୍ଡ ମାଧପୁର ଅଞ୍ଚଳର ଜ୍ୟୋତ୍ସ୍ନା ବିଶ୍ୱାଳ (୪୦) ସକାଳୁ ନୂଆଗାଁ ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ମାଧପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆଠମଲ୍ଲିକ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଆଠମଲ୍ଲିକ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲା। ମାଧପୁର ରେଞ୍ଜ ଅଧିକାରୀ ସ୍ୱାଧୀନ ସାମଲ, ବନପାଳ ସନ୍ତୋଷ କୁମାର ନାୟକ ମୃତ ମହିଳାଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମୃତ ମହିଳାଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦେବାକୁ କୁଦଗାଁ ସରପଞ୍ଚ ସିଦ୍ଧାର୍ଥ କ୍ଷେତି ଓ ଯୁବନେତା ଜ୍ଞାନ ରଞ୍ଜନ ପ୍ରଧାନ ଦାବି କରିଛନ୍ତି।

ସେହିପରି ନୟାଗଡ଼ ବନଖଣ୍ଡ ବରକୋଳା ଗାଁର ତିଳୋତ୍ତମା ପ୍ରଧାନ(୫୦) ଓ ଅନ୍ୟ କେତେଜଣ ମହିଳା କାଜୁ ବଗିଚାକୁ ଫଳ ତୋଳିବାକୁ ସୋମବାର ଯାଉଥିଲେ। ୬ ହାତୀଥିବା ପଲ ବରକୋଳା କାଜୁ ଜଙ୍ଗଲ ଆଡୁ ଫେରୁଥିବା ବେଳେ ଗୋଟିଏ ହାତୀ ତିଳୋତ୍ତମାଙ୍କୁ ଆକ୍ରମଣ କରିଥିଲା। ତାଙ୍କୁ ହାତୀ ଶୁଣ୍ଢରେ ନେଇ ଗଛରେ ପିଟି ଗୋଡରେ ଚକଟି ମାରି ଦେଇଥିଲା। ସେଠାରୁ ଅନ୍ୟ ମହିଳାମାନେ ଦୌଡି ପଳାଇଯାଇ ଘଟଣା ସମ୍ପର୍କରେ ଗାଁରେ ଖବର ଦେବା ପରେ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦିଆଯାଇଥିଲା। ଘଟଣା ସମ୍ପର୍କରେ ମହୀପୁର ରେଞ୍ଜର ଅମ୍ରିତ କୁମାର ସାହୁ କୁହନ୍ତି, ବନବିଭାଗ ପକ୍ଷରୁ ହାତୀପଲଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ମୃତ ମହିଳାଙ୍କ ପରିବାର କିପରି କ୍ଷତିପୂରଣ ପାଇବେ ସେ ନେଇ ବନବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି ବୋଲି କହିଛନ୍ତି।

# ସାତକୋଶିଆରେ ହାତୀ ଛୁଆ ମୃତ

**ଅନୁଗୋଳ,୪।୫ (ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ଜିଲ୍ଲା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ସୋମବାର ଏକ ହାତୀ ଶାବକର ମୃତଦେହ ଠାବ ହୋଇଥିବା ଜଣାପଡିଛି। ପୁରୁଣାକୋଟ ବନାଞ୍ଚଳ ଛୋଟକେଇ ଗାଁ ମୁଣ୍ଡ ଅଞ୍ଚଳରେ ଏହି ହାତୀ ଶାବକ ମରିପଡ଼ିଥିବା ଦେଖାଯାଇଥିଲା। ଖବରପାଇ ସାତକୋଶିଆ ବନ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି। ଘଟଣାସ୍ଥଳରେ ସାତକୋଶିଆ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର, ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କେଶବ ପ୍ରଧାନ, ଦେବାଶିଷ ପଣ୍ଡା, ସନ୍ତୋଷ ସ୍ୱାଇଁ ପହଞ୍ଚିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଏହି ହାତୀ ଛୁଆ ଏବଂ ମାଈ ହାତୀ ଦୀର୍ଘଦିନ ହେବ ବୁଲାବୁଲି କରୁଥିଲେ। ଇତିମଧ୍ୟରେ ଛୁଆ ହାତୀର ମୃତ୍ୟୁ ହୋଇଥିବାବେଳେ ମାଈ ହାତୀ ମଧ୍ୟ ଅସୁସ୍ଥ ଥିବା ଜଣାପଡିଛି। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରିନାହିଁ।

# ଷଣ୍ଢପଲ ଉପରେ ମାଡ଼ିଗଲା ହାଇୱା, ୭ ମୃତ



ଦୁର୍ଘଟଣା ପରେ ଲୋକେ ଜାଳି ଦେଇଥିବା ହାଇୱା।

**ଚାନ୍ଦବାଲି,୪।୫ (କିଷାନ ପାତ୍ର/ଅଶୋକ ପଣ୍ଡା)**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନ ନାଲୁଗୁଣ୍ଡା ମୁଖ୍ୟରାସ୍ତାରେ ରବିବାର ବିଳମ୍ବିତ ରାତିରେ ଷଣ୍ଢପଲଙ୍କ ଉପରେ ଏକ ଦ୍ରୁତଗାମୀ ମାଲ୍ ବୋଝେଇ ହାଇୱା ମାଡ଼ିଯାଇଛି। ଏଥିରେ ୭ ଷଣ୍ଢଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଗୁରୁତର ହୋଇଛନ୍ତି। ଏହି ଭୟଙ୍କର ଦୁର୍ଘଟଣା ସ୍ଥାନୀୟ ଲୋକଙ୍କ ହୃଦୟକୁ ଆନ୍ଦୋଳିତ କରିଛି।

ସୂଚନା ଅନୁଯାୟୀ, ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଆସୁଥିବା ହାଇୱାଟି ନାଲୁଗୁଣ୍ଡା ବଜାର ନିକଟ ରାସ୍ତାରେ ଶୋଇଥିବା ଷଣ୍ଢପଲଙ୍କ ଉପରେ ମାଡ଼ିଯାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳର ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ଥିଲା। ରାଜରାସ୍ତା ରକ୍ତରଞ୍ଜିତ ହେବା ସହ ଷଣ୍ଢମାନଙ୍କର ଖଣ୍ଡବିଖଣ୍ଡିତ ଶରୀର ରାସ୍ତା ଉପରେ ପଡ଼ିରହିଥିଲା।

## ଗାଡ଼ି ଜାଳିଦେଲେ ଉତ୍ତ୍ୟକ୍ତ ଲୋକେ

ହାଇୱା ଚାଳକ ଦୁର୍ଘଟଣା ପରେ ଖସି ପଳାଇ ଯାଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ଗାଡ଼ିକୁ ନିଆଁ ଲଗାଇ ଜାଳି ଦେଇଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଚାନ୍ଦବାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଷଣ୍ଢମାନଙ୍କର ମୃତଦେହ ଜବତ କରି ତଦନ୍ତ ଚଳାଇଛି। ତେବେ ଦ୍ରୁତଗତି ସାଙ୍ଗକୁ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁ ନିରୀହ ପ୍ରାଣୀଙ୍କର ଜୀବନ ଚାଲିଗଲା ବୋଲି ଆଲୋଚନା ହେଉଛି।

# ଗଛ ତଳେ ଚାପିହୋଇ ୩ ମହିଳା ମୃତ

**ନନ୍ଦପୁର/ପାଡୁଆ,୪।୫(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)**

## କାଳବୈଶାଖୀ ପ୍ରଭାବ

କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ସୀମାନ୍ତ ଆନ୍ଧ୍ର ପେଦାବାଇଲି ସୋମବାର ହାଟରେ କାଳବୈଶାଖୀ ଯୋଗୁ ଗଛ ପଡ଼ି ୩ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତାମାନେ ହେଲେ ନନ୍ଦପୁର ବ୍ଲକ୍ ପାଛଲୁଙ୍ଗ ପଞ୍ଚାୟତ ଜରାଇ ଗ୍ରାମର ସୀତାମା ଖଡ଼ା(୪୦), ତିଳତମା ଖରା(୩୦) ଓ ପାଛଲୁଙ୍ଗ ଗ୍ରାମର ମନି ପାମ୍ପା।

ସୂଚନାନୁଯାୟୀ, ସୋମବାର ଅପରାହ୍ଣରେ ଆନ୍ଧ୍ରର ପେଦାବାଇଲି ହାଟରେ କିଣାବିକା କରୁଥିବା ବେଳେ କାଳବୈଶାଖୀ ଯୋଗୁ ପବନ,ବର୍ଷା ହୋଇ ହାଟ ମଝିରେ ଥିବା ଗଛ ଉପୁଡ଼ି ପଡ଼ିଯାଇଥିଲା। ସୀତାମା ଓ ତିଳତମା ଏହି ଗଛ ତଳେ ଚାପି ହୋଇଯାଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା। ପାଛଲୁଙ୍ଗ ଗ୍ରାମର ମନି ପାମ୍ପା ଓ ରାମଚନ୍ଦ୍ର ପାମ୍ପା ଗୁରୁତର ହୋଇଥିଲେ। ସେମାନଙ୍କୁ ନିକଟସ୍ଥ ଆନ୍ଧ୍ର ମୁଚିମପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମନିଙ୍କ ମୃତ୍ୟୁ ହୋଇଛି। ଆନ୍ଧ୍ର ମୁଚିମପୁଟ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ୨ ମୃତଦେହ ବାହାରକରି ମୁଚିମପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ତ୍ୱରିତ ଚିକିତ୍ସା ପାଇଁ ଆନ୍ଧ୍ର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। କୋରାପୁଟ ଜିଲ୍ଲା ପ୍ରଶାସନକୁ ମୃତକଙ୍କ ପରିବାରକୁ ରେଡ଼କ୍ରସ୍ ସହାୟତା ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ନନ୍ଦପୁର ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ଦୁର୍ଗାପ୍ରସାଦ ଦୋରା ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଘଟଣା ନେଇ ଅବଗତ କରିଛନ୍ତି। ନିର୍ଦ୍ଦେଶ ମୁତାବକ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ପାଛଲୁଙ୍ଗ ସରପଞ୍ଚ ପୂଜା ଖିଲ, ସାମାଜିକ କର୍ମୀ ଆକାଶ ଖିଲ ଓ ମୃତକଙ୍କ ପରିବାର ଲୋକ ଘଟଣାସ୍ଥଳରେ କ୍ଷତିପୂରଣ ଦେବାକୁ ଆନ୍ଧ୍ର ପ୍ରଶାସନିକ ଅଧିକାରୀ ଏବଂ ହାଟ କମିଟି ସହ ଆଲୋଚନା କରୁଥିବା ଜଣାପଡ଼ିଛି।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଆନ୍ଦୋଳନ

## ଅଣଓଡ଼ିଆ କର୍ମଚାରୀଙ୍କ ଗେଟ୍‌ପାସ୍ ଛଡ଼େଇନେଲେ ସ୍ଥାନୀୟ ବେକାର ଯୁବକ

**କାଳିଆପାଣି,୪।୫(ଅସିତ ମହାନ୍ତ)**

ଯାଜପୁର ଜିଲ୍ଲା କାଳିଆପାଣି ଖଣି ଅଞ୍ଚଳରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ଅଣଦେଖା କରି ଅଣଓଡ଼ିଆଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଉଥିବା ଅଭିଯୋଗ କରି ସ୍ଥାନୀୟ ଅଞ୍ଚଳବାସୀ ସୋମବାର ଇମ୍ଫା କମ୍ପାନୀ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ଶତାଧିକ ଯୁବକ କମ୍ପାନୀର ମୁଖ୍ୟ ଫାଟକରେ ପହଞ୍ଚି ସ୍ଥାନୀୟ କର୍ମଚାରୀ ଓ ଶ୍ରମିକମାନଙ୍କୁ ଖଣି ଭିତରକୁ ଛାଡ଼ି ଥିବାବେଳେ ରାଜ୍ୟ ବାହାର କର୍ମଚାରୀଙ୍କ ଗେଟ୍ ପାସ୍‌କୁ ଛଡ଼େଇ ନେଇଥିଲେ। ଫଳରେ ଘଟଣାସ୍ଥଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛି। ଏହି ଆନ୍ଦୋଳନକୁ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିଅନ ପୂର୍ଣ୍ଣ ସମର୍ଥନ ଦେଇଛି। ସୂଚନା ଅନୁଯାୟୀ ଇମ୍ଫା ଭୂତଳ ଖଣିରେ ଉତ୍ପାଦନ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ମାହେଶ୍ୱରୀ ପ୍ରାଇଭେଟ୍ କମ୍ପାନୀରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ କାର୍ଯ୍ୟ କରୁଛନ୍ତି। କର୍ମଚାରୀ ଓ ଶ୍ରମିକଙ୍କ ମଧ୍ୟରୁ ୫୦ ପ୍ରତିଶତ ରାଜ୍ୟ ଓ ଜିଲା ବାହାରୁ ନିଯୁକ୍ତି ପାଇଛନ୍ତି। କମ୍ପାନୀରେ ୩ ସିଫ୍ଟ କାମ ଚାଲୁଥିବାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗେଟ୍ ସମ୍ମୁଖରେ ୟୁନିଅନ ପକ୍ଷରୁ ବିରୋଧ କାର୍ଯ୍ୟକ୍ରମ ଚାଲୁ ରହିଥିବା ଦେଖିବାକୁ ମିଳିଛି। ଏ ନେଇ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ଅମଲେନ୍ଦୁ ବେହୁରା କହିଛନ୍ତି, ଇମ୍ଫାର ଭୂତଳ ଖଣିରେ କାର୍ଯ୍ୟରତ ଠିକାଦାରଙ୍କ ମନମାନି ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସମ୍ପୃକ୍ତ ଠିକାଦାର ଏକଚ୍ଛତ୍ର ଭାବେ ବାହାର ଲୋକଙ୍କୁ ଉଚ୍ଚ ଦରମା ପ୍ରଦାନ କରୁଥିବାବେଳେ ସ୍ଥାନୀୟ ଯୁବକଙ୍କୁ କମ୍ ଦରମା ଦେଇ ବେଠି ଖଟାଉଛନ୍ତି। ଏଣୁ ବାହାର ଲୋକଙ୍କୁ ହଟାଇ ସ୍ଥାନୀୟ ଅଞ୍ଚଳର ବେକାର ଯୁବତୀଯୁବକଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ସେ ଦାବି କରିଛନ୍ତି।


# ଓଡ଼ିଶା ସରକାର
# ରାୟଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

No.୫୧୨ Date:୦୯.୦୪.୨୦୨୬

**No.24001/54/2627:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ ଜିଲ୍ଲାର ଶୀତାରାମପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-କେବଡାତୁଲା, ତହସିଲ-ମୁନିଗୁଡା, ଥାନା-ଅମ୍ବାଦଳା, ଜିଲ୍ଲା-ରାୟଗଡାରେ ନିମ୍ନ ତଫସିଲମତେ ପ୍ରାୟ ରକବା ଏ. ୦.୯୮ ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ରାୟଗଡ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଶୀତାରାମପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଗ, ରାୟଗଡ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବା ଆବଶ୍ୟକ ହେଉନାହିଁ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study vide No. SIA-୨୩୫/NCDS ତା.୨୯.୦୭.୨୦୨୫ ରିଖ ଦ୍ରଷ୍ଟବ୍ୟ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ରାୟଗଡା
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ରାୟଗଡ | ମୁନିଗୁଡା | କେବଡାତୁଲା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ.୨.୫୭ ଡି. | ଏ.୦.୯୮ ଡି. | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରାୟଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦେୟ ସୃଷ୍ଟି ରାୟଗଡା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ରାୟଗଡ

**ଭୂମି ଅଧିଗ୍ରହଣ ଅନୁସୂଚୀ**
**ମୌଜା-କେବଡାତୁଲା (ଗ୍ରାମାଞ୍ଚଳ), ତହସିଲ-ମୁନିଗୁଡା, ଥାନା-ଅମ୍ବାଦଳା, ଜିଲ୍ଲା-ରାୟଗଡ**
**ଶୀତାରାମପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ**

| ଖାତା ନଂ. | ସତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ/ ପିତାଙ୍କ ନାମ/ ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୦୬ | ରୟତି | ଡଙ୍ଗର ୨ | ୩୩୭ | ୧.୦୬ | ୦.୪୬ | ମେଣ୍ଡା ଡମ୍ବ ବୁଡା, ପି:ମେଣ୍ଡା ବାଲମୁଣ୍ଡା, ଜା:ପାଣ୍ଡୁ ମାଳି, ବା: ନିଜଗାଁ |
| ୦୯ | ରୟତି | ଧାନ ୩ ଆଖୁ | ୩୩୮ | ୧.୫୧ | ୦.୫୨ | ବେଣୁଧର ମେଣ୍ଡା, ଦୁର୍ଯ୍ୟ ମେଣ୍ଡା, ଲକ୍ଷ୍ମୀ ଭୋଇ, ପି:ଦାମଦର ମେଣ୍ଡା, ଜା:ପାଣ୍ଡା ମାଳି, ବା:କେବଡାତୁଲା, ସୁନ୍ଦରୀ ବାଲତରିଆ, ପି:ଦାମଦର ମେଣ୍ଡା, ଜା:ପାଣ୍ଡା ମାଳି, ବା:ଭୁରୁଷିଖମାର, ସୁଶାନ ମେଣ୍ଡା, ଗୌରବ ମେଣ୍ଡା, ପ୍ରଶାନ୍ତ ମେଣ୍ଡା, ପି:ନିରଞ୍ଜନ ମେଣ୍ଡା, ଧୋବୁନି ମେଣ୍ଡା, ସ୍ୱା:ନିରଞ୍ଜନ ମେଣ୍ଡା, ଜା:ପାଣ୍ଡା ମାଳି, ବା:କେବଡାତୁଲା |
| | | | ମୋଟ | ୨.୫୭ | ୦.୯୮ | |

ସ୍ୱା./-ଭୂ-ଅର୍ଜନ ଅଧିକାରୀ
ମୁନିଗୁଡା, ଜିଲ୍ଲା-ରାୟଗଡ

OIPR-24001/24169/3/26-27/0001



# ଓଡ଼ିଶା ସରକାର
# ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

ନଂ. ୨୪୯ ତାରିଖ: ୦୯।୦୪।୨୦୨୬

No. 24001/57/2627: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବାଲେଶ୍ୱର ଜିଲ୍ଲାର ବାଙ୍କତିରା ବ୍ୟାରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: ତାଳମେଢ଼ୀ, ଥାନା: ରେମୁଣା ନଂ. ୬୧, ତହସିଲ: ରେମୁଣା, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ୨.୦୭ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅଧିସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ବାଙ୍କତିରା ବ୍ୟାରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧୀକ୍ଷଣ ଯନ୍ତ୍ରୀ, ସୋନ ବ୍ୟାରେଜ ବିଭାଜନ, ଉଦଳା, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ବାଙ୍କତିରା ବ୍ୟାରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ – ଭୂ ଅର୍ଜନ ଅଧିକାରୀ ବାଙ୍କତିରା ବ୍ୟାରେଜ ପ୍ରକଳ୍ପ।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ବାଲେଶ୍ୱର | ରେମୁଣା | ତାଳମେଢ଼ୀ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୩.୪୩ ଡି. | ଏ.୨.୦୭ ଡି. | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ଦେଉଳି, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ବାଲେଶ୍ୱର

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା – ୦୩/୨୦୨୬
ଏ.୨.୦୭ଡି.

**ବାଙ୍କତିରା ବ୍ୟାରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ**
**ମୌଜା: ତାଳମେଢ଼ୀ, ଥାନା: ରେମୁଣା ନଂ. – ୬୧, ତହସିଲ – ରେମୁଣା, ଜିଲ୍ଲା: ବାଲେଶ୍ୱର**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 2 | 98 | 0.07 | 0.03 | ପାଳ | ଅଭିରାମ ବେହେରା, ପି.: କୈଳାସ ବେହେରା, ଜା: ଗୋଲା, ବା: ନିଜଗାଁ |
| | 134 | 0.09 | 0.09 | ପାଳ | |
| 7 | 118 | 0.05 | 0.05 | ପାଳ | କଟି ଖଣ୍ଡା, ପି.: ବାବୁ ଖଣ୍ଡା, ଜା: ଗୋଲା, ବା: ନିଜଗାଁ |
| | 138 | 0.08 | 0.08 | ପାଳ | |
| 8 | 157 | 0.14 | 0.05 | ପାଳ | କଟି ଜେନା, ସ୍ୱା.: କାର୍ତ୍ତିକ ଜେନା, ବାୟା ଜେନା, ପି.: ବାବୁ ଜେନା, ଜା: ଗୋଲା, ବା: ନିଜଗାଁ |
| 17 | 142/804 | 0.02 | 0.02 | ପାଳ | ଗଙ୍ଗାଧର ଜେନା, ପି.: ଉଦି ଜେନା, ଜା: ଗୋଲା, ବା: ନିଜଗାଁ |
| 37 | 141 | 0.07 | 0.07 | ପାଳ | ଯୋଗେନ୍ଦ୍ର ଜେନା, ପି.: ବନମାଳି ଜେନା, ଭିକ ଜେନା, ପି.: ଭଜନ ଜେନା, ଶଙ୍କର ଜେନା, ବାଇଧର ଜେନା, ସନିଆ ଜେନା, ପି.: ବିଶ୍ୱନାଥ ଜେନା, ସାବିତ୍ରୀ ଜେନା, ସ୍ୱା.: ବିଶ୍ୱନାଥ ଜେନା, ଉଷାମଣି ଜେନା, ପି.: ପୂର୍ଣ୍ଣଚନ୍ଦ୍ର ଜେନା, ରତ୍ନମଣି ଜେନା, ସ୍ୱା.: ପୂର୍ଣ୍ଣଚନ୍ଦ୍ର ଜେନା, ଜା: ଗୋଲା, ବା: ସୋରିଷ କୋଠା, ଥା: ବୈଶିଙ୍ଗା, ଜି.: ମୟୂରଭଞ୍ଜ |
| 42 | 168 | 0.12 | 0.12 | ପାଳ | ଉମ୍ବୁଧର ମଣ୍ଡଳ, ପି.: ହାଡ଼ିବନ୍ଧୁ ମଣ୍ଡଳ, ଜା: ଗୋଲା, ବା: ନିଜଗାଁ |
| 45 | 101 | 0.02 | 0.02 | ପାଳ | ଦୟାନିଧି ମାହାନ୍ତି, ବୁଧି ମାହାନ୍ତି, ଗୌରି ମାହାନ୍ତି, ପି.: ଉଦି ମାହାନ୍ତି, ପୁନି ମାହାନ୍ତି, ସ୍ୱା.: ଉଦି ମାହାନ୍ତି, ଜା: ଗୋଲା, ବା: ନିଜଗାଁ |
| | 104 | 0.02 | 0.02 | ପାଳ | |
| 55 | 142 | 0.04 | 0.04 | ପାଳ | ନରହରି ଜେନା, ପି.: ଉଦି ଜେନା, ଜା: ଗୋଲା, ବା: ନିଜଗାଁ |
| 62 | 150 | 0.09 | 0.04 | ପାଳ | ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରମୋଦ କୁମାର ପଣ୍ଡା, ସୁବୋଧ କୁମାର ପଣ୍ଡା, ବୀଣାପାଣି ପଣ୍ଡା, ପି.: ପ୍ରଭାକର ପଣ୍ଡା, କଳ୍ପନା ପଣ୍ଡା, ସ୍ୱା.: ପ୍ରଭାକର ପଣ୍ଡା, ଜା: ବ୍ରାହ୍ମଣ, ବା: ସୋରିଷ କୋଠା, ଥା: ବୈଶିଙ୍ଗା, ଜି.: ମୟୂରଭଞ୍ଜ |
| 84 | 110 | 0.05 | 0.05 | ପାଳ | ବୀର ଜେନା, ପି.: ଚନ୍ଦ୍ର ଜେନା, ଜା: ଗୋଲା, ବା: ନିଜଗାଁ |
| | 113 | 0.02 | 0.02 | ପାଳ | |
| | 119/738 | 0.30 | 0.01 | ପାଳ | |
| | 143 | 0.12 | 0.10 | ପାଳ | |
| 103 | 100 | 0.02 | 0.02 | ପାଳ | ମଦନ ମାହାନ୍ତି, ପି.: ରଘୁ ମାହାନ୍ତି, ଜା: ଗୋଲା, ବା: ନିଜଗାଁ |
| | 105 | 0.02 | 0.02 | ପାଳ | |
| 113 | 169 | 0.20 | 0.01 | ପାଳ | ମୁକ୍ତି ଘଡ଼େଇ, ସ୍ୱା.: କୃଷ୍ଣଚନ୍ଦ୍ର ଘଡ଼େଇ, କୃଷ୍ଣଚନ୍ଦ୍ର ଘଡ଼େଇ, ପି.: ବନମାଳି ଘଡ଼େଇ, ଜା: ଗୋଲା, ବା: ନିଜଗାଁ |
| 118 | 112 | 0.02 | 0.02 | ପାଳ | ରତ୍ନାକର ଦାସ, ସର୍ବେଶ୍ୱର ଦାସ, ପି.: ମାୟାଧର ଦାସ, ଜା: କଣ୍ଡରା, ବା: ନିଜଗାଁ |
| | 114 | 0.06 | 0.06 | ପାଳ | |
| 129 | 102 | 0.02 | 0.02 | ପାଳ | ଗୁଡୁନା ମାହାନ୍ତି, ପି.: ସମ୍ଭୁ ମାହାନ୍ତି, ଜା: ଗୋଲା, ବା: ନିଜଗାଁ |
| | 103 | 0.02 | 0.02 | ପାଳ | |
| 134 | 167 | 0.08 | 0.08 | ପାଳ | ଶଙ୍କର ମଣ୍ଡଳ, ପି.: କାଶି ମଣ୍ଡଳ, ଜା: ଗୋଲା, ବା: ନିଜଗାଁ |
| 137 | 164 | 0.19 | 0.03 | ପାଳ | ଶଦାଶିବ ଗିରି, ଗଦାଧର ଗିରି, ଯଶୋଦା ଜେନା, ରତ୍ନମଣି ମାହାନ୍ତି, ପି.: ହରି ଗିରି, ଜା: ଗୋଲା, ବା: ପାକସିଆ |
| 145 | 166 | 0.09 | 0.09 | ପାଳ | ଶ୍ରୀଧର ମଣ୍ଡଳ, ପି.: ବିଦ୍ୟାଧର ମଣ୍ଡଳ, ଜା: ଗୋଲା, ବା: ନିଜଗାଁ |
| 154 | 96 | 0.10 | 0.03 | ଘରବାରି | ହରି ଜେନା, ସୁରେନ୍ଦ୍ର ଜେନା, କ୍ଷେତ୍ରୀ ଜେନା, ପୁନି ଜେନା, ନେତ୍ରୀ ଜେନା, ପି.: ବୁଧି ଜେନା, ଜା: ଗୋଲା, ବା: ନିଜଗାଁ |
| | 115 | 0.09 | 0.09 | ପାଳ | |
| | 119 | 0.33 | 0.02 | ପାଳ | |
| 155/29 | 153 | 0.07 | 0.04 | ପାଳ | ହରିଶ୍ଚନ୍ଦ୍ର ସାମଲ, ପି.: କାଶିନାଥ ସାମଲ, ଜା: ଗୋଲା, ବା: ନିଜଗାଁ |
| 155/70 | 146 | 0.16 | 0.13 | ପାଳ | ରବିନ୍ଦ୍ର ଜେନା, ପି.: ଚକ୍ରଧର ଜେନା, ଜା: ଗୋଲା, ବା: ନିଜଗାଁ |
| 155/79 | 165/843 | 0.13 | 0.09 | ପାଳ | ନରେଶ ଚନ୍ଦ୍ର ମହାନ୍ତି, ରଶ୍ମିରଞ୍ଜନ ମହାନ୍ତି, ପି.: ବେଣୁଧର ମହାନ୍ତି, ଜା: ଗୋଲା, ବା: ତାଳମେଢ଼ୀ, ଥା: ରେମୁଣା, ଜି.: ବାଲେଶ୍ୱର |
| 155/90 | 97 | 0.08 | 0.04 | ପାଳ | ପରମାନନ୍ଦ ସାନ୍ତରା, ସର୍ବେଶ୍ୱର ସାନ୍ତରା, ପି.: ରାମଚନ୍ଦ୍ର ସାନ୍ତରା, ଜା: ଗୋଲା, ବା: ତାଳମେଢ଼ୀ, ଥା: ରେମୁଣା, ଜି.: ବାଲେଶ୍ୱର |
| 155/91 | 99 | 0.25 | 0.25 | ପାଳ | ସାବିତ୍ରୀ ସାନ୍ତରା, ସ୍ୱା.: ରାମଚନ୍ଦ୍ର ସାନ୍ତରା, ଜା: ଗୋଲା, ବା: ତାଳମେଢ଼ୀ, ଥା: ରେମୁଣା, ଜି: ବାଲେଶ୍ୱର |
| 155/123 | 137 | 0.08 | 0.08 | ପାଳ | ପରମେଶ୍ୱର ଖଣ୍ଡା, ପି.: କଟି ଖଣ୍ଡା, ଜା: ଗୋଲା, ବା: ତାଳମେଢ଼ୀ, ଥା: ରେମୁଣା, ଜି.: ବାଲେଶ୍ୱର |
| 155/125 | 111 | 0.07 | 0.07 | ପାଳ | ଭରତ ଜେନା, ପି.: ଭିକ ଜେନା, ଜା: ଗୋଲା, ବା: ସୋରିଷକୋଠା, ଥା: ବୈଶିଙ୍ଗା, ଜି.: ମୟୂରଭଞ୍ଜ |
| 155/126 | 118/767 | 0.05 | 0.05 | ପାଳ | ଦେବେନ୍ଦ୍ର ଖଣ୍ଡା, ପି.: କଟି ଖଣ୍ଡା, ଜା: ଗୋଲା, ବା: ତାଳମେଢ଼ୀ, ଥା: ରେମୁଣା, ଜି.: ବାଲେଶ୍ୱର |
| ମୋଟ | ୩୭ ପ୍ଲଟକୁ | ଏ.୩.୪୩ ଡେ.ମି. | ଏ.୨.୦୭ ଡେ.ମି. | | |

Sd./- Amin, Deuli Zone
Sd./- Revenue Inspector, Deuli Zone
Sd./- Zone Officer-cum-L.A. Collector, S.I.P. Deuli Zone
Sd./- Spl. Land Acquisition Officer, S.I.P., Baripada

OIPR: 24001/24167/3/26-27/0003

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................

ବୟସ:........................................

ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶ୍ୱାସଙ୍କୁ ଧମକାଇବା ସହ ମାଡ଼ ମାରିଥିଲେ ସିନିୟର ଛାତ୍ର

**ଇଞ୍ଜିନିୟରିଂ ଛାତ୍ର ମୃତ୍ୟୁ ପଛରେ ତ୍ରିକୋଣୀୟ ପ୍ରେମ**

- ୫ ସାଙ୍ଗ, କଲେଜ ମ୍ୟାନେଜମେଣ୍ଟଙ୍କୁ ପୋଲିସର ପଚରାଉଚରା
- ଜବତ ମୋବାଇଲକୁ ଫୋରେନ୍‌ସିକ୍ ଲାବ୍ ପଠାଇଲା ପୋଲିସ

ଭୁବନେଶ୍ୱର,୪।୫(ତ୍ରିନାଥ ମହାନ୍ତି)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ସିଲିକନ ଇଞ୍ଜିନିୟରିଂ କଲେଜ ହଷ୍ଟେଲରେ ରହୁଥିବା ବି.ଟେକ ଛାତ୍ର ବିଶ୍ୱାସ ସ୍ୱାଇଁଙ୍କ ମୃତ୍ୟୁ ଘଟଣାରେ ଆସିଛି ନୂଆ ଟୁଇଷ୍ଟ। ତ୍ରିକୋଣୀୟ ପ୍ରେମ ପାଇଁ ଯାଇଛି ଜୀବନ। ବିଶ୍ୱାସ ତା'ର ସାଙ୍ଗମାନଙ୍କୁ ପଠାଇଥିବା ହ୍ୱାଟ୍ସଆପ୍ ଚାଟିଂ ଓ ମେସେଜରୁ ପୋଲିସ ଏହା ଜାଣିବାକୁ ପାଇଛି। ଉକ୍ତ ହ୍ୱାଟ୍ସଆପ୍ ଚାଟିଂର ସ୍କ୍ରିନ୍ ଶଟ୍ ଯାଞ୍ଚ କରିବା ସହ ପୋଲିସ ବିଶ୍ୱାସର ୫ଜଣ ସାଙ୍ଗ ଏବଂ କଲେଜ ମ୍ୟାନେଜମେଣ୍ଟ କର୍ମକର୍ତ୍ତାଙ୍କୁ ପଚରାଉଚରା କରିଛି। ଏଥିସହ ପୋଲିସ ଜବତ କରିଥିବା ବିଶ୍ୱାସଙ୍କ ମୋବାଇଲ୍ ଫୋନ୍‌କୁ ମଧ୍ୟ ରାଜ୍ୟ ଫୋରେନ୍‌ସିକ୍ ଲାବ୍‌କୁ ପଠାଇ ଅଧିକ ତଦନ୍ତ ଚଳାଇଛି। ଆହୁରି ମଧ୍ୟ ବିଶ୍ୱାସର ରୁମ୍‌ମେଟ ଅଙ୍କିତ ପୋଲିସ ଏବଂ ବିଶ୍ୱାସ ବାପା ବସନ୍ତ ସ୍ୱାଇଁଙ୍କୁ ସବୁକିଛି କହିଛନ୍ତି। ପୋଲିସ ମଧ୍ୟ ଅଙ୍କିତକୁ ପଚରାଉଚରା କରିବା ପରେ ପ୍ରାଥମିକ ଭାବେ ମୃତ୍ୟୁର କାରଣ ଜାଣିବାକୁ ପାଇଛି। ପୋଲିସ କହିବା ଅନୁସାରେ, ବିଶ୍ୱାସ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଉଭୟଙ୍କ ମଧ୍ୟରେ କିଛିବର୍ଷ ଭଲ ସମ୍ପର୍କ ରହିଥିଲା। ହେଲେ ଗତ କିଛି ମାସ ହେବ ଯୁବତୀ ଜଣକ ଉକ୍ତ କଲେଜର ଜଣେ ସିନିୟର ଛାତ୍ରଙ୍କୁ ଭଲ ପାଇଥିଲେ। ଫଳରେ ଯୁବତୀ ଜଣକ ବିଶ୍ୱାସଙ୍କୁ ଅଣଦେଖା କରିବା ସହ କଥା ବନ୍ଦ କରି ଦେଇଥିଲେ। ବିଶ୍ୱାସ ହ୍ୱାଟ୍ସଆପ୍‌ରେ ମେସେଜ୍ କରିବା ସହ କଥା ହେବା ପାଇଁ ଯୁବତୀଙ୍କୁ ଅନୁରୋଧ କରିଥିଲେ। ବିଶ୍ୱାସ ବାରମ୍ବାର କଥା ହେବାକୁ ବାଧ୍ୟ କରିବାରୁ ଯୁବତୀଜଣକ ଭଲ ପାଉଥିବା ସିନିୟର ଛାତ୍ରଙ୍କୁ ସବୁ କହିଥିଲେ। ଫଳରେ ସିନିୟର ଛାତ୍ର ବିଶ୍ୱାସଙ୍କୁ ଧମକାଇବା ସହ ମାଡ଼ ମାରି ହଇରାଣ କରୁଥିବା ତଦନ୍ତରୁ ଜଣାପଡ଼ିଛି। ଫଳରେ ବିଶ୍ୱାସ କ୍ଲାସ୍ କରିବାକୁ ନ ଯିବା ସହ କ୍ୟାଣ୍ଟିନ୍‌କୁ ଖାଇବାକୁ ଯାଉ ନ ଥିଲେ। ହଷ୍ଟେଲ ଭିତରେ ଏକାକୀ ରହି ମାନସିକ ଚାପରେ ଆସି ଆତ୍ମହତ୍ୟା



ବିଶ୍ୱାସ ସ୍ୱାଇଁ

କରିଥିବା ପୋଲିସ ସୂଚନା ଦେଇଛି। ଏନେଇ ଇନ୍‌ଫୋସିଟି ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି, ବିଶ୍ୱାସର ହାଟ୍ସଆପ୍ ଚାଟିଂରୁ ପ୍ରେମ ପାଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୋବାଇଲ୍‌କୁ ଫୋରେନ୍‌ସିକ୍ ଲାବ୍‌କୁ ପଠାଯାଇଛି। ସେଠାରୁ ରିପୋର୍ଟ ଆସିବା ପରେ ସବୁ କିଛି ସ୍ପଷ୍ଟ ହେବ। ଯେଉଁମାନେ ଆତ୍ମହତ୍ୟା ପାଇଁ ଦାୟୀ ଥିବେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ବିଶ୍ୱାସଙ୍କ ବାପା ବସନ୍ତ ସ୍ୱାଇଁ ଅଭିଯୋଗ କରିଛନ୍ତି, କଲେଜର ଜଣେ ଛାତ୍ର ବିଶ୍ୱାସଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ହଷ୍ଟେଲ ରୁମ୍‌ରେ ବାଡ଼ାଉଥିଲେ। ଫଳରେ ଚାପରେ ଥିଲେ ବିଶ୍ୱାସ। କଲେଜରେ ଏନେଇ ଅଭିଯୋଗ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ବିଶ୍ୱାସଙ୍କ କଥା ଶୁଣି ନ ଥିଲେ। ଯେଉଁ ପ୍ରେମ କଥା ପୋଲିସ କହୁଛି ସେ କଥା ଆମକୁ ବିଶ୍ୱାସ କେବେ କହିନାହିଁ। ତାଙ୍କ ସାଙ୍ଗଙ୍କଠାରୁ ଏକଥା ଶୁଣୁଛୁ। ତାହା କେତେ ସତ ପୋଲିସ ଠିକ୍ ତଦନ୍ତ କଲେ ସ୍ପଷ୍ଟ ହେବ। ପୋଲିସ ଉପରେ ଭରସା ରହିଛି ନିଶ୍ଚିତ ନ୍ୟାୟ ମିଳିବ। ତାଙ୍କ ପୁଅ ମୃତ୍ୟୁ ପାଇଁ ସ୍ନେହାଶିଷ ଆଚାର୍ଯ୍ୟ ଓ ଅଭିଲିପ୍ସା ମହାପାତ୍ରଙ୍କ ସମ୍ପୃକ୍ତି ରହିଛି। ସବୁ ଘଟଣା ରୁମ୍‌ମେଟ୍ ଅଙ୍କିତ ଜାଣିଛି। ପୋଲିସ ଏମାନଙ୍କୁ ତଦନ୍ତ ପରିସରଭୁକ୍ତ କଲେ ସତ ପଦାକୁ ଆସିବ ବୋଲି ବସନ୍ତ କହିଛନ୍ତି।

## ୨ ହଜାର ଲାଞ୍ଚ ନେଇ ରାଜକନିକା ଥାନା ଏଏସ୍‌ଆଇ ଗିରଫ

ରାଜକନିକା,୪।୫(ସଞ୍ଜୟ କୁମାର ଦାଶ)



ପ୍ରଶାନ୍ତ କୁମାର ପ୍ରଧାନ

କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଏଏସ୍‌ଆଇ ପ୍ରଶାନ୍ତ କୁମାର ପ୍ରଧାନ ଏକ ଜମିବାଡି ମାମଲାର ରିପୋର୍ଟ ଦେବା ପାଇଁ ଲିଲିମା ବାରିକଙ୍କଠାରୁ ୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋମବାର ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଛନ୍ତି।

ସୂଚନା ଅନୁସାରେ, ଭାରିଗଦା ପଞ୍ଚାୟତ ମଙ୍ଗଳପୁର ଗାଁର ଲିଲିମା ଜମିବାଡି ମାମଲାରେ କେନ୍ଦ୍ରାପଡା ଉପଜିଲାପାଳଙ୍କ କୋର୍ଟରେ ଏକ ମାମଲା ଦାଏର କରିଥିଲେ। ଏହାର ତଦନ୍ତ ରିପୋର୍ଟ ଦେବା ଲାଗି ଏଏସ୍‌ଆଇ ପ୍ରଶାନ୍ତ ତାଙ୍କୁ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଲିଲିମା କେନ୍ଦ୍ରାପଡ଼ା ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ଭିଜିଲାନ୍ସ ଡିଏସ୍‌ପି ଭାଗ୍ୟଲକ୍ଷ୍ମୀ କୁଆଁଣଙ୍କ ନେତୃତ୍ୱରେ ଏକ ଟିମ୍ ପୂର୍ବ ପ୍ରସ୍ତୁତି ଅନୁସାରେ ଜଗି ରହିଥିଲା। ଲିଲିମାଙ୍କଠାରୁ ଥାନା ପରିସରରେ ଏଏସ୍‌ଆଇ ପ୍ରଶାନ୍ତ ସୋମବାର ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଏହାବାଦ ତାଙ୍କ ସରକାରୀ ବାସଭବନକୁ ଯାଇ ଯାଞ୍ଚ କରିଥିଲା। ତାଙ୍କ ନିକଟରୁ କେତେକ ଜରୁରୀ କାଗଜପତ୍ର ଜବତ କରାଯାଇଥିବା ସୂଚନା ମିଳିଛି ।

## କେସିସି ବ୍ୟାଙ୍କ ମାଲକାନଗିରି ଶାଖା ପରିଚାଳକ ଗିରଫ

**୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗ**

ମାଲକାନଗିରି, ୪।୫ (ଦୁର୍ଯ୍ୟୋଧନ ପାତ୍ର)



୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରିବା ଅଭିଯୋଗରେ କୋରାପୁଟ ଭିଜିଲାନ୍ସ ସୋମବାର କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (କେସିସି)ର ମାଲକାନଗିରି ଶାଖା ପରିଚାଳକ ସୁଧାଂଶୁ ଖରାଙ୍କୁ ଗିରଫ କରିଛି। କୋରାପୁଟ ଭିଜିଲାନ୍ସ କେସ୍ ନଂ. ୪ ଓ ୫ ପ୍ରକାରେ ଖରାଙ୍କୁ ସୋମବାର ଗିରଫକରି କୋର୍ଟଚାଲାଣ କରାଯାଇଛି। ଏ ସମ୍ବନ୍ଧରେ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ମାଲକାନଗିରି ଜିଲାର ୫ଟି ଲ୍ୟାମ୍ପ ପ୍ରାଥମିକ ସମବାୟ ସୋସାଇଟିର ଚାଷୀମାନେ ନେଇଥିବା ୧ କୋଟି ୮ଲକ୍ଷ ୭୫ ହଜାର କୃଷି ଋଣ ଟଙ୍କା ଫେରାଇଥିଲେ। ମାଲକାନଗିରି ଶାଖା ପରିଚାଳକ ଖରା ଏହି ଟଙ୍କା କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖାରେ ଜମା ନ କରି ହଡ଼ପ କରିଥିବା ଜଣାପଡ଼ିଥିଲା।

## ଋଣ ଟଙ୍କାକୁ ନେଇ ଗୋଷ୍ଠୀ ସଂଘର୍ଷ, ୫ ଆହତ

ଦିଗପହଣ୍ଡି,୪।୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପଲ୍ଲୀ ସାମନ୍ତରାପୁର ଗ୍ରାମରେ ରବିବାର ରାତିରେ ଋଣ ଟଙ୍କାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଛି। ଆକ୍ରମଣ ପ୍ରତି ଆକ୍ରମଣରେ ୫ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଗ୍ରାମର ମହେଶ୍ୱର ଗୌଡ଼ ଏବଂ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀର ବୁଡ୍ଡୁ ଗୌଡ଼ ଓ ଅନ୍ୟ ୩ ଜଣ ଥିବା ଜଣାପଡିଛି।

ଖବରରୁ ପ୍ରକାଶ, ମହେଶ୍ୱରଙ୍କଠାରୁ ବର୍ଷେ ତଳେ ବୁଡ୍ଡୁ ୫ ହଜାର ଟଙ୍କା ଧାର ନେଇଥିଲେ। ପରବର୍ତ୍ତୀ ସମୟରେ ସେ ଏହି ଟଙ୍କା ଫେରାଇ ନ ଥିଲେ। ମହେଶ୍ୱର ବାରମ୍ବାର ଟଙ୍କା ମାଗିବା ସତ୍ତ୍ୱେ ବୁଡ୍ଡୁ ଶୁଣୁ ନ ଥିଲେ। ଏହାକୁ କେନ୍ଦ୍ରକରି ରବିବାର ରାତି ୮ଟାରେ ବୁଡ୍ଡୁ ଏବଂ ତାଙ୍କ ସମ୍ପର୍କୀୟମାନେ ମହେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଏହି ଖବର ପ୍ରଚାର ହୋଇଯିବା ପରେ ମହେଶ୍ୱରଙ୍କ ସମ୍ପର୍କୀୟମାନେ ତାଙ୍କ ଘର ନିକଟରେ ଏକାଠି ହୋଇ ରାତି ୯ଟାରେ ସେମାନେ ସଂଘବଦ୍ଧ ହୋଇ ବୁଡ୍ଡୁ ଏବଂ ତାଙ୍କ ସମ୍ପର୍କୀୟମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ଉଭୟ ଗୋଷ୍ଠୀର ୫ ଜଣ ଆହତ ହୋଇଥିଲେ। ଏସମ୍ପର୍କରେ ଉଭୟ ଗୋଷ୍ଠୀ ପାଟପୁର ଥାନାରେ ଏତଲା ଦେବା ପରେ ନଂ.୧୨୨/୨୬ ଏବଂ ୧୨୩/୨୬ରେ ଦୁଇଟି ମାମଲା ରୁଜୁ ହୋଇଛି। ଆଇଆଇସି ଦୀପ୍ତି ରଞ୍ଜନ ବେହେରା ମାମଲା ରୁଜୁ କରି ଏଏସ୍‌ଆଇ ସୁଧୀର ନାୟକଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିବା ଜଣାପଡିଛି।

## ସ୍ତ୍ରୀଙ୍କୁ ନିର୍ଯାତନା: ଡାକ୍ତର ସ୍ୱାମୀ ଭୁବନେଶ୍ୱରରୁ ଗିରଫ

ଭଣ୍ଡାରିପୋଖରୀ,୪।୫(ରାଜେନ୍ଦ୍ର ଶତପଥୀ)

ସ୍ତ୍ରୀଙ୍କୁ ନିର୍ଯାତନା ଓ ଧୋକା ଦେବା ଅଭିଯୋଗରେ ଜଣେ ଡାକ୍ତରଙ୍କୁ ସୋମବାର ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ତାଙ୍କ ବାସଭବନରୁ ଭଣ୍ଡାରିପୋଖରୀ ପୋଲିସ ଗିରଫ କରିଛି। ଗିରଫ ଡାକ୍ତର ହେଲେ ଜଗତ୍‌ସିଂହପୁର ଜିଲା ଛତ୍ରା, ବଙ୍ଗାଳିସାହିର ଯୁଗାନ୍ତ କୌଶିକ। ତାଙ୍କୁ କୋର୍ଟଚାଲାଣ ପରେ ଭଦ୍ରକ ଜେଲକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତ ଦେଓପଦା ଗ୍ରାମର ଐଶ୍ୱର୍ଯ୍ୟା ନାୟକ(୩୦) ଫେସ୍‌ବୁକରୁ ପରିଚିତ ହୋଇ କୌଶିକଙ୍କୁ ୨୦୨୦ ଜୁନ୍ ୨୬ରେ ବିବାହ କରିଥିଲେ। ଯୁଗାନ୍ତଙ୍କର ପ୍ରଥମ ସ୍ତ୍ରୀଙ୍କ ସହ ଛାଡ଼ପତ୍ର ମାମଲା ବିଚାରାଧୀନ ଥିବା ଓ ଯୁଗାନ୍ତ ନିଶାଗ୍ରସ୍ତ ଥିବା ଐଶ୍ୱର୍ଯ୍ୟା ବିବାହ ପରେ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ବୁଝାମଣା ହୋଇଥିଲା। ମାତ୍ର ଐଶ୍ୱର୍ଯ୍ୟା ଗର୍ଭବତୀ ହେବା ପରେ ଯୁଗାନ୍ତ ବଳପୂର୍ବକ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରାଇଥିବା ସେ ଅଭିଯୋଗ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁଗାନ୍ତ ତାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଇ ଗର୍ଭପାତ କରାଇଥିଲେ। ୨ୟ ବାର ସେ ଗର୍ଭବତୀ ହେବା ପରେ ପୂର୍ବଭଳି ଯୁଗାନ୍ତ ଉଦ୍ୟମ କରିଥିଲେ। ପରେ ସେ ଯାଆଁଳା ପୁଅଝିଅ ଜନ୍ମ ଦେଇଥିଲେ। ଏହା ସତ୍ତ୍ୱେ ଡାକ୍ତର ସ୍ୱାମୀ ଯୁଗାନ୍ତ ବାରମ୍ବାର ଗର୍ଭନିରୋଧକ ବଟିକା ଖାଇବା ପାଇଁ ତାଙ୍କୁ ବାଧ୍ୟ କରୁଥିଲେ। ତାଳଚେରରେ ରହି ଚିକିତ୍ସା କରୁଥିବା ଯୁଗାନ୍ତଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଥିବା ଐଶ୍ୱର୍ଯ୍ୟା ଜାଣିବା ପରେ କଳହ ବୃଦ୍ଧି ପାଇଥିଲା। ୨୦୨୫ ଅଗଷ୍ଟ ୭ରେ ସେ ବାପଘରକୁ ପଳାଇ ଆସି ଏସ୍‌ପିଙ୍କୁ ଜଣାଇଥିଲେ। ଏନେଇ ଅଭିଯୋଗ ଆଧାରରେ ଗତ ଫେବୃଆରୀ ୮ରେ ଭଣ୍ଡାରିପୋଖରୀ ଥାନାରେ ଯୁଗାନ୍ତଙ୍କ ନାମରେ ଏକ ମାମଲା (ନଂ.୬୨/୨୬) ରୁଜୁ ହୋଇଥିଲା।

## ବନ୍ଧୁକ ସହ ୩ ଗୁଳି ଜବତ: ଜଣେ ଗିରଫ

ଟାଙ୍ଗୀ-ଜଗତପୁର,୪।୫
(ମାନସ ସାମଲ)



ବେଆଇନ ଭାବେ ଘରେ ବନ୍ଧୁକ ଓ ଗୁଳି ରଖିବା ଅଭିଯୋଗରେ ଜଗତପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଜଗତପୁର ଥାନା ଅଧୀନ ଚମ୍ପତି ଅଞ୍ଚଳର ଏମ୍‌ଡି ଅମଜାଦ ଖାନ (୪୭)। ଗିରଫ ଯୁବକଙ୍କଠାରୁ ୩ଟି ଜୀବନ୍ତ ଗୁଳି ଓ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ପୋଲିସ ନିଜଆଡ଼ୁ ଏକ ମାମଲା (ନଂ.୨୬୯/୨୬) ରୁଜୁ କରିଛି। ପୋଲିସ ସୂଚନା ମୁତାବକ, ରବିବାର ସନ୍ଧ୍ୟାରେ ଏଏସ୍‌ଆଇ ତପନ ସ୍ୱାଇଁ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇଥିଲେ ଜଣେ ଯୁବକ ଅବୈଧ ବନ୍ଧୁକ ଓ ଗୁଳି ରଖିଛନ୍ତି। ପରେ ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ଘରେ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ଘରୁ ବନ୍ଧୁକ ଓ ଗୁଳି ମିଳିଥିଲା। ପୂର୍ବରୁ ଅମଜାଦ ଟାଟାରେ କାମ କରୁଥିବା ବେଳେ ପାଇଥିବା କହୁଛନ୍ତି। ତଥାପି ତଦନ୍ତ ଜାରି ରହିଛି, ବନ୍ଧୁକ ଓ ଗୁଳି ପଛରେ ଆଉ କାହାର ହାତ ରହିଥାଇ ପାରେ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାସମଲ କହିଛନ୍ତି।


# Classified Everyday

0674-2580101, 9692975378



REAL ESTATE

**SALE**

ଭୁବନେଶ୍ୱର ଫୁଲନଖରା, ହଂସପାଳ, ଉତ୍ତରା, ପିପିଲି ଟୋଲଗେଟ୍, ସୁନ୍ଦରପଦା, ପାତ୍ରପଡ଼ା, ତମାଣ୍ଡୋ, ଖଣ୍ଡଗିରିରେ **3BHK Duplex,** ଘରବାରୀ ପ୍ଲଟ୍ ଏବଂ **Flat** ଅଛି. **9658122456.** D-286

Spacious 2BHK-1495sqft./3BHK-2149sqft. flats in Versa Sattva under construction near - Hi-Tech Hospital, Narayana School, Bhubaneswar. Price 1.12cr onwards. Contact: 9777622740, 9777632740. D-120



CONSTRUCTION

Construct your dream home @999/-, 1560/- with branded materials, we provide plan approval, free boring (Vastu complaints) SNV Engineering- 9439295469. D-212





3BHK flat at Chandrama Complex, Block-A, Unit-III 3BHK flat at Park Tower, Ganga Nagar, Bhubaneswar Contact: 9348491449, 9437062777. D-230

Commercial Space Available: 200 to 1200sqft. suitable for Shop, Office, Bank, or Institute 1500 to 8000sqft. at Rajpath, Bhubaneswar Contact: 9348491449, 9437062777. D-231





All types of physiotherapy and massage. Contact 9556924059 / 7656969134. D-257

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit before Executive Magistrate, Puri, No.-3918 dtd.- 11.07.2025, I, Sanjukta Mangaraj, W/o.- Bhikari Charan Mangaraj of Dada Matha Nuasahi, Puri, PIN- 752002 solemnly declare that my previous title Pradhan has been changed to Mangaraj on the ground of title of my husband. D-291

I, Pravati Sahoo, wife of Bichitrananda Sahoo, resident of Kanheipur, P.O.- Bhagatpur, P.S.- Tangi, Dist.- Cuttack-754022, Odisha declare by this affidavit No.193 dtd. 20.12.2025. That now onwards I shall be known as Prabhati Sahoo for all future purposes. D-290

I, Sampada Beura, S/o.- Dadhibaban Beura, Village- Bamara, P.O.-Garadpur, P.S.- Patkura, Dist.- Kendrapara- 754153 declare by affidavit No.- 2959 dtd.- 30.04.2026 before Executive Magistrate, Cuttack that I have changed my name Sampat Beura to Sampada Beura. Henceforth, I shall known as Sampada Beura for all purposes. D-289

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LEGAL NOTICE**

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧
ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍. (ଏସ୍.ଏ.ଜି.)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୬୦୨/୨୦୧୮
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର- ୫ ଏବଂ ନିୟମ ନମ୍ବର-୨୦ ମୁତାବକ)

ଶ୍ରୀମତୀ ତିଳୋତ୍ତମା ତ୍ରିପାଠୀ .............ବାଦୀ

ବନାମ

ପ୍ରଫୁଲ୍ଲ କୁମାର ବିଧାର ଓ ଅନ୍ୟମାନେ ......... ପ୍ରତିବାଦୀମାନେ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ-୧. ପ୍ରଫୁଲ୍ଲ କୁମାର ବିଧାର, ପି- ବେଣୁଧର ବିଧାର, ୨. ଜାନକୀ ବେୱା, ସ୍ୱାମୀ- ସ୍ୱର୍ଗତ ସୋମନାଥ ସୁନ୍ଦରା, ୩. ଚମ୍ପା ସୁନ୍ଦରା, ସ୍ୱାମୀ- ଲକ୍ଷ୍ମୀଧର ବାହୁବଳେନ୍ଦ୍ର, ୪. ଚନ୍ଦ୍ରକଳା ସୁନ୍ଦରା, ସ୍ୱାମୀ- ଶରତ ସେନାପତି, ୫. ପ୍ରଭାତୀ ସୁନ୍ଦରା, ସ୍ୱାମୀ- ବିପିନ ପାତ୍ର, ପ୍ରତିବାଦୀ ନଂ.୩, ୪ ଓ ୫ଙ୍କର ପିତା- ସ୍ୱର୍ଗତ ସୋମନାଥ ସୁନ୍ଦରା, ୬. ଲକ୍ଷ୍ମୀଧର ସୁନ୍ଦରା, ପିତା- ହାଡ଼ିବନ୍ଧୁ ସୁନ୍ଦରା, ୭. ନାରଣ ସୁନ୍ଦରା, ପିତା- ହାଡ଼ିବନ୍ଧୁ ସୁନ୍ଦରା, ୮. ପୁରସ୍ତମ ସୁନ୍ଦରା, ପିତା- କାହ୍ନୁ ସୁନ୍ଦରା, ୯. ଅଧିକାରୀ ସୁନ୍ଦରା, ପିତା- କାହ୍ନୁ ସୁନ୍ଦରା, ୧୦. ଭାଗୀରଥି ସୁନ୍ଦରା, ପିତା- ଅନନ୍ତ ବନ୍ଧୁ ସୁନ୍ଦରା, ୧୧. ଦାସରଥି ସୁନ୍ଦରା, ପିତା- ଅନନ୍ତ ବନ୍ଧୁ ସୁନ୍ଦରା, ୧୨. ମରୁଆ ସୁନ୍ଦରା, ସ୍ୱାମୀ- ମହନି ସୁନ୍ଦରା, ୧୩. କୁଞ୍ଜ ସୁନ୍ଦରା, ପିତା- ଗୋପୀ ସୁନ୍ଦରା, ୧୪. ଦିବାକାର ପ୍ରଧାନ, ପିତା- ମଦନ ପ୍ରଧାନ, ୧୫. ଲିଙ୍ଗରାଜ ପ୍ରଧାନ, ପିତା- ମହନ ପ୍ରଧାନ, ପ୍ରତିବାଦୀ ନଂ.୧ରୁ ୧୫ଙ୍କର ଗ୍ରାମ/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା - ଖୋର୍ଦ୍ଧା। ୧୬. ସଞ୍ଜୁକ୍ତା ରାଉତ, ସ୍ୱାମୀ- ଧୂସାସନ ରାଉତ, ଗ୍ରାମ/ପୋଷ୍ଟ- ପଟିଆ, ଥାନା- ଚନ୍ଦ୍ରଶେଖରପୁର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧ ରେ ମୋକଦ୍ଦମା ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୦୮।୦୫।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭୁଆସୁନି

ସାବକ ଖାତା ନମ୍ବର- ୨୨୦, ପ୍ଲଟ୍ ନମ୍ବର- ୫୧୩, ରକବା- ଏ୧.୭୨୫ ଡେସିମିଲରୁ ଏ୦.୦୪୦ ଡେସିମିଲ, ପ୍ଲଟ୍ ନମ୍ବର- ୫୧୪, ରକବା ଏ୦.୯୭୮ ଡେସିମିଲରୁ ଏ୦.୦୪୬ ଡେସିମିଲ, ମୋଟ ଏ୦.୦୮୬ ଡେସିମିଲ, ହାଲ୍ ଖାତା ନମ୍ବର- ୧୫୨୨, ପ୍ଲଟ୍ ନମ୍ବର- ୨୨୪୪, ରକବା- ଏ୦.୦୯୫ ଡେସିମିଲରୁ ଏ୦.୦୮୬ ଡେସିମିଲ, କିସମ- ପତିତ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର

ଧ-୨୮୮


## ମହିଳା ଖବରଦାତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ

**ସରପଞ୍ଚଙ୍କ ସ୍ୱାମୀଙ୍କ ନାମରେ ମାମଲା ରୁଜୁ**

ବାଲିଆପାଳ, ୪।୫(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳରେ କାର୍ଯ୍ୟରତ ମହିଳା ଖବରଦାତା ରାଜଶ୍ରୀ ପାଣିଗ୍ରାହୀଙ୍କୁ ବିଭିନ୍ନ ଅଶାଳୀନ ମନ୍ତବ୍ୟ ଏବଂ ଜୀବନରୁ ମାରିଦେବାକୁ ଉଦ୍ୟମ ଅଭିଯୋଗ ହୋଇଛି। ଏନେଇ ମହିଳା ଖବରଦାତା ବାଲିଆପାଳ ଥାନାରେ ଏତଲା ଦେବା ପରେ ସରପଞ୍ଚଙ୍କ ସ୍ୱାମୀଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି।

ବାଲିଆପାଳ ବ୍ଲକରେ କିଛି ମାସ ପୂର୍ବରୁ ଏକ ଖବର ପ୍ରକାଶକୁ ନେଇ ମହିଳା ଖବରଦାତାଙ୍କୁ ବ୍ଲକ ପରିସରରେ ଦୁର୍ବ୍ୟବହାର ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ ବାଲିଆପାଳ ସରପଞ୍ଚ ବନଲତା ଦାସଙ୍କ ସ୍ୱାମୀ ହେମନ୍ତ କୁମାର ଦାସ। ଏନେଇ ଅଭିଯୋଗ ହେବା ପରେ ଦାସଙ୍କୁ ବାଲିଆପାଳ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଦାସ ଜାମିନରେ ଆସିବା ପରଠାରୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଅନେକ ସମୟରେ ତାଙ୍କୁ ସାମାଜିକ ଗଣମାଧ୍ୟମ, ରାସ୍ତାଘାଟରେ କମେଣ୍ଟ କରିବା ଓ ଜୀବନରୁ ମାରିଦେବାକୁ ଧମକ ଦେବାକୁ ପଛାଉ ନ ଥିଲେ। ଏଭଳି ଘଟଣା ବାରମ୍ବାର ତାଙ୍କ ପ୍ରତି ହେଉଥିବା ସତ୍ତ୍ୱେ ସେ ଚୁପ୍ ରହୁଥିଲେ। କିନ୍ତୁ ଗତ ୨୬ତାରିଖରେ ଜଣେ ପୋଲିସ ଅଫିସରଙ୍କ ସହିତ ଫଟୋପୋଷ୍ଟ କରି ଅଶାଳୀନ ମନ୍ତବ୍ୟ ଦେବା ଓ ୨୭ ତାରିଖ ସନ୍ଧ୍ୟାରେ ସେ ଖବର ସଂଗ୍ରହ କରି ଘରକୁ ଫେରୁଥିବା ବେଳେ ରାସ୍ତାରେ ଦାସ ତାଙ୍କୁ ଏକାକୀ ପାଇ 'ମୋତେ ଜେଲ ପଠାଇଥିଲୁ, ତୋତେ ଜୀବନରୁ ମାରିଦେବି' କହି ତାଙ୍କ ବେକରେ ପକାଇଥିବା ଓଢଣିକୁ ଭିଡିନେଇ ମାରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ଏକ ବାଇକ୍ ଆସିଯିବାରୁ ସେ ଛାଡ଼ି ପଳାଇଯାଇଥିଲେ। ଏ ନେଇ ଖବରଦାତା ବାଲେଶ୍ୱର ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଥିଲେ। ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ପରେ ହେମନ୍ତ ଦାସଙ୍କ ନାମରେ ଦଫା ୧୨୬ (୨), ୭୯,୧୧୫ (୨), ୨୯୬ ଓ ୩୫୧ (୨)ରେ ମାମଲା(ନଂ. ୨୦୦/୨୬) ରୁଜୁ ହୋଇଛି। ହେଲେ ଏଯାଏ ହାତବାନ୍ଧି ବସିଛି ପୋଲିସ। ଫଳରେ ମହିଳା ଖବରଦାତାଜଣକ କର୍ମକ୍ଷେତ୍ରରେ ନିଜକୁ ଅସହାୟ ମନେ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଉକ୍ତ ବ୍ୟକ୍ତିଙ୍କ ନାମରେ ବାଲିଆପାଳ ଓ ସିଂଲା ଥାନାରେ ଏକାଧିକ ମାମଲା ରହିଛି। କିଛି ଦିନ ପୂର୍ବରୁ ବାଲିଆପାଳରେ ମହିଳା ସମାବେଶ କରି ମା'ଙ୍କୁ ସମ୍ମାନ ଓ ମହିଳା ସୁରକ୍ଷା କଥା ସରକାର ଡିଣ୍ଡିମ ପିଟୁଥିବା ବେଳେ ଏଠାରେ ମହିଳା ଖବରଦାତାଙ୍କ ପ୍ରତି ଏଭଳି ବ୍ୟବହାର ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦାସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବାଲିଆପାଳ, ବସ୍ତା, ଲଙ୍ଗଳେଶ୍ୱର ସାମ୍ବାଦିକ ସଂଘ ଏବଂ ଜନନୀ ପରିବାର ଦାବି କରିଛନ୍ତି।

## ଜୟଦୁର୍ଗା ଫାଉଣ୍ଡେଶନ ଅଧ୍ୟକ୍ଷାଙ୍କୁ ମିଳିଲା ଜାମିନ

**ଠକେଇ ମାମଲା**

ହାଟଡିହୀ,୪।୫(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ନନ୍ଦିପଦା ଥାନା ଜଳକଳଙ୍ଗ ଗ୍ରାମର ଜୟଦୁର୍ଗା ଫାଉଣ୍ଡେଶନ ଅଧ୍ୟକ୍ଷା ସୁରେଶ୍ୱରୀ ସାଗରିକା ଜେନାଙ୍କୁ ଓଡ଼ିଶା ହାଇକୋର୍ଟରୁ ଗତ ୧ ତାରିଖରେ ଜାମିନ ମିଳିଛି। ସୁରେଶ୍ୱରୀ ଚାକିରି ଦେବାକୁ କହି ୨୧ ଲକ୍ଷ ୩୦ ହଜାର ଟଙ୍କା ଠକେଇ ମାମଲାରେ ଗିରଫ ହୋଇ ୧୪ ଫେବୃଆରୀ ୨୦୨୬ରୁ ଜେଲରେ ଥିଲେ।

ସୂଚନାଯୋଗ୍ୟ, ଖଣ୍ଡଗିରି ଥାନା ପୋଲିସ ଏକ ଠକେଇ ମାମଲା(ନଂ. ୪୬୫/୨୦୨୫)ରେ ସୁରେଶ୍ୱରୀଙ୍କୁ ଗିରଫ କରିଥିଲା। ମାମଲା ଭୁବନେଶ୍ୱର ଜେଏମ୍‌ଏଫ୍‌ସି-ଭିଙ୍କ କୋର୍ଟରେ ବିଚାରାଧୀନ ରହିଛି। ଜାମିନ(ବେଲ ଆପ୍ଲିକେଶନ (ନଂ. ୩୪୨/୨୦୨୬) ପାଇଁ ପ୍ରଥମେ ସୁରେଶ୍ୱରୀ ଭୁବନେଶ୍ୱର ସେକେଣ୍ଡ ଆଡିଶନାଲ ସେସନ ଜଜ୍‌ଙ୍କ ନିକଟରେ ଆବେଦନ କରିଥିଲେ। କିନ୍ତୁ ଗତ ୧୨ ମାର୍ଚ୍ଚ ୨୦୨୬ରେ ତାହା ଖାରଜ ହୋଇଥିଲା। ପରେ ଜାମିନ ନିମନ୍ତେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ବଲାଙ୍ଗୀର ଚାମ୍ପିୟନ, ଭୁବନେଶ୍ୱର ରନରଅପ୍

**ଆନ୍ତଃ ଜିଲା ମହିଳା କ୍ରିକେଟ**

ଭୁବନେଶ୍ୱର, ୪।୫ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ବଲାଙ୍ଗୀର ଚାମ୍ପିୟନ ହୋଇଛି। ସୋମବାର ଅନୁଷ୍ଠିତ ଫାଇନାଲରେ ଦଳ ଭୁବନେଶ୍ୱରକୁ ୬ଉଇକେଟରେ ପରାସ୍ତ କରିଛି। କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ବଲାଙ୍ଗୀର ଟସ୍ ରେ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଭୁବନେଶ୍ୱର ପ୍ରଜ୍ଞା ପି. ମହାନ୍ତି (୪୬ ବଲ୍‌ରୁ ୫୨ ରନ)ଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ଓଭରରେ ୪ଉଇକେଟ ବିନିମୟରେ ୧୦୬ ରନ କରିଥିଲା। ବଲାଙ୍ଗୀର ଦଳ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ସ୍ନେହ ବାଛା ୪ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବଲାଙ୍ଗୀର ୧୭.୩ ଓଭରରେ ୪ଉଇକେଟ ହରାଇ ୧୦୭ ରନ କରି ମ୍ୟାଚ ଜିତି ନେଇଥିଲା। ଦଳ ପକ୍ଷରୁ ମାଧୁରୀ ମେହେଟା ସର୍ବାଧିକ ୪୬ରନ (୪୫ ବଲ୍) କରିଥିଲେ। ଭୁବନେଶ୍ୱର ପକ୍ଷରୁ ଶ୍ରେଷ୍ଠ ବୋଲିଂ କରିଥିବା ନିବେଦିତା ନାୟକ ୨୧ ରନ ବିନିମୟରେ ୨ ଉଇକେଟ ନେଇଥିଲେ। ମାଧୁରୀ ମେହେଟା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବାରବାଟୀ ଷ୍ଟାଡିୟମରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳଙ୍କ ଉପସ୍ଥିତିରେ ଉଦ୍‌ଯାପନୀ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ଓସିଏ ସଦସ୍ୟ ଧୀରେନ ପଲାଇ, ସୁଶାନ୍ତ କୁମାର ମହାନ୍ତି ଓ ନିର୍ବାଣ ରୟ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ବଲାଙ୍ଗୀରକୁ ୩ ଲକ୍ଷ ଟଙ୍କା ଏବଂ ରନରଅପ୍‌କୁ ୨ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ଗହଣରେ ରନରଅପ୍ ଭୁବନେଶ୍ୱର ମହିଳା ଦଳ।

# ସ୍ୱଦେଶ ଫେରିଲେ ଫିଲ୍ ସଲ୍ଟ

ନୂଆଦିଲ୍ଲୀ, ୪।୫ (ପି.ଟି.)



ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟିମ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓପନର ଇଂଲଣ୍ଡର ଫିଲ୍ ସଲ୍ଟ ସ୍ୱଦେଶ ଫେରିଛନ୍ତି। ଗତ ମାସରେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ତାଙ୍କର କ୍ଷତର ଗଭୀରତା ଜାଣିବା ପାଇଁ ତାଙ୍କର ସ୍କାନ କରାଯିବ। ଆଘାତପ୍ରାପ୍ତ ଥିବାରୁ ସେ ଆର୍‌ସିବିର ଗତ ତିନୋଟି ମ୍ୟାଚ ଖେଳି ନାହାନ୍ତି। ତାଙ୍କ ସ୍ଥାନରେ ଟପ୍ ଅର୍ଡରରେ ଜାକବ ବେଥେଲଙ୍କୁ ସାମିଲ କରାଯାଇଛି। ଏପ୍ରିଲ ୧୮ରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସଠାରୁ ଆରସିବିର ପରାଜୟ ମ୍ୟାଚ ବେଳେ ଫିଲ୍‌ଡିଂ କରୁଥିବା ବେଳେ ଡିପ୍ ବ୍ୟାକ୍‌ୱାର୍ଡ ସ୍କୋୟର ଲେଗ୍‌ରେ ଏକ ବାଉଣ୍ଡରୀକୁ ରୋକିବାକୁ ଯାଇ ସେ ଆଘାତପ୍ରାପ୍ତ ହୋଇଥିଲେ। ସଲ୍ଟ ହେଉଛନ୍ତି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) କେନ୍ଦ୍ରୀୟ ଚୁକ୍ତିଭିତ୍ତିକ ଖେଳାଳି। ଇଂଲଣ୍ଡ ମ୍ୟାନେଜମେଣ୍ଟର ଅନୁରୋଧ କ୍ରମେ ସ୍କାନ କରିବା ଲାଗି ସଲ୍ଟ ସ୍ୱଦେଶ ଫେରିଛନ୍ତି। ଖବର ଅନୁସାରେ ସେ ଶୀଘ୍ର ସୁସ୍ଥ ହେବେ ଏବଂ ଚଳିତମାସ ପରବର୍ତ୍ତୀ ଭାଗରେ ଭାରତ ଫେରିବେ ବୋଲି ଉଭୟ ଆରସିବି ଓ ସଲ୍ଟ ଆଶାବାଦୀ। ଚଳିତ ସିଜନରେ ସଲ୍ଟ ଆରମ୍ଭ ବେଶ୍ ପ୍ରଭାବୀ ଥିଲା। ସେ ଖେଳିଥିବା ୬ଟି ଇନିଂସରେ ୧୬୮.୩୩ ଷ୍ଟ୍ରାଇକ୍ ରେଟ୍ ସହ ୨୦୨ରନ ସଂଗ୍ରହ କରିଥିଲେ। ପଏଣ୍ଟ ଟେବୁଲରେ ଆର୍‌ସିବି ବର୍ତ୍ତମାନ ପଞ୍ଜାବ କିଙ୍ଗ୍ସ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଦଳ ଏହାର ପରବର୍ତ୍ତୀ ମ୍ୟାଚ ଗୁରୁବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ଖେଳିବ।

# ସ୍ପୋର୍ଟ୍ସ କ୍ଲାଇମ୍ବିଂରେ ଓଡ଼ିଶାର ପ୍ରଥମ ଗ୍ରୁପ୍ ସଫଳ


ପ୍ରଶିକ୍ଷଣ ନେଇଥିବା ଓଡ଼ିଶା ଗ୍ରୁପ୍‌ର କ୍ରୀଡ଼ାବିତ୍‌ମାନେ।

ଭବାନୀପାଟଣା, ୪।୫
(ଉତ୍ତମ କୁମାର ଦାଶ)

ଏଭରେଷ୍ଟ ବିଜେତା କଳାହାଣ୍ଡିର ଯୋଗବ୍ୟାସ ଭୋଇ ଓ ଜାତୀୟ ସ୍ତରୀୟ ବରିଷ୍ଠ ପର୍ବତାରୋହୀ ପ୍ରଶିକ୍ଷକ ରୋମାଞ୍ଚଳ ଭୋଇଙ୍କ ନେତୃତ୍ୱରେ ଓଡ଼ିଶାର ଏକ ୧୬ ଜଣିଆ ଦଳ (୭ ପୁରୁଷ, ୯ ମହିଳା) ନୂଆଦିଲ୍ଲୀସ୍ଥିତ ଭାରତୀୟ ପର୍ବତାରୋହଣ ପ୍ରତିଷ୍ଠାନ (ଆଇଏମ୍ଏଫ୍)ରେ ସଫଳତାର ସହ ସ୍ପୋର୍ଟସ କ୍ଲାଇମ୍ବିଂ ଲେଭଲ ୧ ଓ ୨ ପ୍ରଶିକ୍ଷଣ ଶେଷ କରିଛନ୍ତି। ସମସ୍ତେ 'ଏ' ଗ୍ରେଡ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଆଇଏମ୍ଏଫ୍‌ରେ ଏଭଳି ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବାରେ ଏହା ଓଡ଼ିଶାର ପ୍ରଥମ ଦଳ ବୋଲି ଏଭେରେଷ୍ଟ ଆରୋହୀ ଯୋଗବ୍ୟାସ ଦାବି କରିଛନ୍ତି। ଓଡ଼ିଶା ଦଳରେ ଥିବା କ୍ରୀଡ଼ାବିତ୍‌ମାନେ ହେଲେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରୀଗୁଡାର ବିକାଶ ଗହୀର, ରିଷିଡ଼ାର ତନୁଶ୍ରୀ ସାହୁ, ନର୍ଲା ବ୍ଲକ ରାଣୀପଟାର ନୀହାରିକା ବୁଧିଆ, ଅସୁରଗଡ଼ର ପ୍ରିୟଙ୍କା ପୁଟେଲ, ବାଲିପଡାର ଅଜୟ ମାଝୀ, ରୁପ୍ରାରାଜ ମାଝୀ, ଲାଞ୍ଜିଗଡ଼ ବ୍ଲକ ସିରିଗାଁର ପ୍ରତିମା ପାତ୍ର, ମ. ରାମପୁର ବ୍ଲକ ଝାଲିଆଗୁବାର ପୂଜା ଭୋଇ, ନୁନପୁରର ସସ୍ମିତା ରଣା, କବିଚନ୍ଦ୍ରପୁରର ରଞ୍ଜୁ ରଣା, ଡୁମେରଗୁଡାର ସରିତା ଦୀପ, ମୋହନଗିରିର ଜନନୀ ବିଷି, କେସିଙ୍ଗାର ପର୍ବତାରୋହୀ ହରିଶ ବର୍ଗାଡି, ୟଙ୍ଗ ବ୍ଲଡ ପବ୍ଲିକ ସ୍କୁଲର ଦ୍ୱିତୀୟବର୍ଷର ବିଜ୍ଞାନ ଛାତ୍ର ପ୍ରଜ୍ଞାନନ୍ଦ ଛତର। ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ଭାରତୀୟ ପର୍ବତାରୋହଣ ସଂସ୍ଥାନ ନିର୍ଦ୍ଦେଶକ କର୍ଣ୍ଣଲ ମଦନ ଗୁରୁଙ୍ଗ ଓ ଅନ୍ୟ ଅଧୀକାରୀ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଛନ୍ତି।

# ଖେଳାଳିଙ୍କ ଗର୍ଲଫ୍ରେଣ୍ଡ ପାଇଁ ବିସିସିଆଇ ନିୟମ ଆଣିବ

**ମୁମ୍ବାଇ, ୪।୫:** ଚଳିତ ଆଇପିଏଲ୍‌ରେ କିଛି ନିର୍ଦ୍ଦିଷ୍ଟ ଖେଳାଳି ସେମାନଙ୍କ ଗର୍ଲଫ୍ରେଣ୍ଡ ସହ ସର୍ବସାଧାରଣରେ ନଜର ଆସିବା ଘଟଣା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ କ୍ଷୁବ୍ଧ କରିଛି। ହାର୍ଦ୍ଦିକ ପାଣ୍ଡ୍ୟା, ଯଶସ୍ୱୀ ଜୟସ୍ୱାଲ, ଇଶାନ କିଶନ, ଅର୍ଶଦୀପ ସିଂଙ୍କ ଭଳି କିଛି ଖେଳାଳି ସେମାନଙ୍କ ପାର୍ଟନରଙ୍କ ସହ ଟିମ ବସ୍‌ରେ ନିୟମିତ ଟ୍ରାଭେଲ କରୁଛନ୍ତି। ଏପରି କି ସେମାନେ ଦଳୀୟ ହୋଟେଲରେ ରହୁଛନ୍ତି। ପରିଣାମ ସ୍ୱରୂପ ବିସିସିଆଇ ଟି୨୦ ଲିଗ୍‌ରେ ବର୍ତ୍ତମାନ ଚାଲିଥିବା ଗର୍ଲଫ୍ରେଣ୍ଡ ଟ୍ରେଣ୍ଡକୁ ବନ୍ଦ କରିବା ପାଇଁ ନିୟମ ପ୍ରସ୍ତୁତ କରୁଛି।

ଦେଶର ଏକ ଅଗ୍ରଣୀ ହିନ୍ଦୀ ଖବରକାଗଜରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ମୁତାବକ, କିଛି ଖେଳାଳିଙ୍କ ଗର୍ଲଫ୍ରେଣ୍ଡଙ୍କର ଇନଫ୍ଲୁଏନ୍ସର ଷ୍ଟାଟସ୍‌କୁ ନେଇ ବିସିସିଆଇ ଚିନ୍ତିତ ଅଛି। କାରଣ ସେମାନଙ୍କ ମଧ୍ୟରୁ କିଛି ପୂର୍ବରୁ ସୋସିଆଲ ମିଡିଆରେ ବେଟିଂ ଆପ୍ସର ପ୍ରଚାର କରୁଥିଲେ। ଗତ କିଛି ବର୍ଷରେ ଖେଳାଳି ଓ ସେମାନଙ୍କ ପାର୍ଟନରଙ୍କ ମଧ୍ୟରେ ବିବାଦ ସାମ୍ନାକୁ ଆସିଛି। କିଛି କ୍ଷେତ୍ରରେ ମହିଳା ସାଥି ଥାନାରେ ଅଭିଯୋଗ ମଧ୍ୟ କରିଛନ୍ତି, ଯାହାକି ଉଭୟ ଲିଗ୍ ଓ ବୋର୍ଡର ଛବିକୁ ଖରାପ କରିପାରେ। ଏ ସମ୍ପର୍କରେ ବିସିସିଆଇର ଜଣେ ଉଚ୍ଚ ପଦାଧିକାରୀ କହିଛନ୍ତି, ଯଦି ଏହି ଟ୍ରେଣ୍ଡକୁ ରୋକା ନ ଯାଏ, ତେବେ ଏହା ଭବିଷ୍ୟତରେ ବଡ଼ ସମସ୍ୟାର ରୂପ ନେଇପାରେ। ଟିମ୍ ବସ୍‌କୁ ଖେଳାଳିଙ୍କ ଗର୍ଲଫ୍ରେଣ୍ଡ ପାଇଁ ରୋକାଯିବାର ଅନେକ ଉଦାହରଣ ସାମ୍ନାକୁ ଆସିଛି। ମହିଳା ପାର୍ଟନରମାନେ ଖେଳାଳିଙ୍କ ହୋଟେଲରେ ରହୁଛନ୍ତି। କିଛି ଆଣ୍ଟି-କରପ୍‌ସନ ୟୁନିଟ୍ (ଏସିୟୁ) ଅଧିକାରୀ ଖେଳାଳିଙ୍କୁ ସେମାନଙ୍କ ପାର୍ଟନରଙ୍କୁ ରହିବାକୁ ଅନୁମତି ଦେଉଛନ୍ତି। କାରଣ ସେମାନେ ନିଜକୁ ଅଫିସିଆଲ ପାର୍ଟନର କହୁଛନ୍ତି। ମୋତେ ଜଣା ନାହିଁ ଅଫିସିଆଲ ପାର୍ଟନର ନିୟମ କେଉଁଠାରୁ ଆସିଛି। ବିସିସିଆଇ ନୀତିରେ ସେଭଳି କୌଣସି ବ୍ୟବସ୍ଥା ନାହିଁ। ଆମେ କେବଳ ସ୍ତ୍ରୀ ଓ ପରିବାର ସଦସ୍ୟଙ୍କୁ ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନରେ ଅନୁମତି ଦେଉ।

# ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଉଦ୍‌ଯାପିତ


ଟାଏକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେଇଥିବା ଦୁଇ ପ୍ରତିଯୋଗୀ।

ଭୁବନେଶ୍ୱର, ୪।୫ (ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍-୨୦୨୬ (ପୁମ୍‌ସେ ଓ କ୍ୟୋରୁଗୀ) ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନର ସମ୍ପାଦକ ଅଭିଜିତ ପାଲ ଓ ଓଡ଼ିଶା ଟାଏକୋଣ୍ଡୋର ଚେୟାରପର୍ସନ ହରିପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ରାଇଫଲ ଆସୋସିଏଶନ ସଭାପତି ଗୌରୀ ମହାନ୍ତି, ଓଡ଼ିଶା ଟାଏକୋଣ୍ଡୋ ପରାମର୍ଶଦାତା ରଞ୍ଜିତା ସ୍ୱାଇଁ, ସଭାପତି ଚିନ୍ମୟ କୁମାର ସାହୁ, ସମ୍ପାଦକ ଚିନ୍ମୟ ବେହେରା ଏବଂ ମଧୁସୂଦନ ରାଉତ, ଅମରେନ୍ଦ୍ର ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଟାଏକୋଣ୍ଡୋ ଉପସଭାପତି ପ୍ରସନ୍ନ କୁମାର ରାଉତ ଉପସ୍ଥିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଗଞ୍ଜାମ ଜିଲା ଚାମ୍ପିୟନ ଓ କଟକ ରନରଅପ୍ ହୋଇଥିଲା।

# ଦିଲ୍ଲୀ ଟ୍ରିପ୍ ସ୍କିପ୍ କଲେ ଧୋନୀ

ଚେନ୍ନାଇ, ୪।୫

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଦଳ ସହିତ ପରବର୍ତ୍ତୀ ମ୍ୟାଚ୍ ଲାଗି ଦିଲ୍ଲୀ ଯାତ୍ରା କରି ନାହାନ୍ତି। ସିଏସ୍‌କେ ମଙ୍ଗଳବାର ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ। ଏହା ବଦଳରେ ଧୋନୀ ଚେନ୍ନାଇରେ ରହି କାଫ ଇଞ୍ଜୁରି ଲାଗି ରିହାବିଲିଟେଶନ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଦର୍ଶାଉଛି ଯେ, ଧୋନୀ ଏବେ ବି ଖେଳିବାକୁ ପ୍ରସ୍ତୁତ ନୁହନ୍ତି। ଏହାସତ୍ତ୍ୱେ ଫ୍ରାଞ୍ଚାଇଜ ଅଧିକାରୀ ତାଙ୍କୁ ଏପର୍ଯ୍ୟନ୍ତ ପୂରା ଟୁର୍ନାମେଣ୍ଟରୁ ବାଦ୍ ଦେଇ ନାହାନ୍ତି। ସିଏସ୍‌କେକୁ ଲିଗ୍‌ରେ ଆଉ ୫ଟି ମ୍ୟାଚ୍ ଖେଳିବାକୁ ଥିବାବେଳେ ଧୋନୀ କୌଣସି ପର୍ଯ୍ୟାୟରେ ଖେଳିବାକୁ ଉପଲବ୍ଧ ହେବେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଦିଲ୍ଲୀ ବିପକ୍ଷ ମ୍ୟାଚ୍ ପରେ ଚେନ୍ନାଇ ଆସନ୍ତା ୧୦ ଓ ୧୫ ତାରିଖରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଭେଟିବ।

# ଓଡ଼ିଶା-ବେଙ୍ଗାଲୁରୁ ଏଫ୍‌ସି ମ୍ୟାଚ୍ ଡ୍ର'



ଓଡ଼ିଶା ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ମୁମ୍ବାଇ, ୪।୫

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ସୋମବାର ଓଡ଼ିଶା ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଛି। ପଏଣ୍ଟ ଭାଗ ହେବାରୁ ଓଡ଼ିଶା ୧୦ ମ୍ୟାଚ୍‌ରେ ୭ ପଏଣ୍ଟ ସହ ୧୩ତମ ସ୍ଥାନରେ ରହିଥିବା ବେଳେ ବେଙ୍ଗାଲୁରୁ ୧୧ ମ୍ୟାଚ୍‌ରେ ୧୭ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି।

ମ୍ୟାଚ୍‌ର ୩୪ତମ ମିନିଟ୍‌ରେ କେ ଲାଲରିନଫେଲାଙ୍କଠାରୁ ପାଇଥିବା ପାସକୁ ରହିମ ଅଲୀଙ୍କ ଗୋଲରେ ପରିଣତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଓଡ଼ିଶା ୧-୦ ଗୋଲରେ ଆଗରେ ରହିଥିଲା। ହେଲେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ୪୮ତମ ମିନିଟ୍‌ରେ ବେଙ୍ଗାଲୁରୁ ଏକ ପେନାଲ୍ଟି ମିଳିଥିଲା, ଯାହାକୁ ବ୍ରିଆନ ସାଞ୍ଚେଜ ଗୋଲରେ ପରିଣତ କରିଥିଲେ। ଏହାପରେ ଉଭୟ ଦଳର କୌଣସି ଖେଳାଳି ସ୍କୋର ଲାଇନକୁ ପ୍ରଭାବିତ କରିପାରି ନ ଥିଲେ।

# ଫ୍ରେଞ୍ଚ ଓପନ ପୁରସ୍କାର ରାଶିକୁ ସିନର, ସାବାଲେଙ୍କାଙ୍କ ସମାଲୋଚନା

ପ୍ୟାରିସ, ୪।୫ (ଏପି)

ଆସନ୍ତା ୨୪ ତାରିଖରୁ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ଆରମ୍ଭ ହେବାକୁ ଥିବା ବେଳେ ଟୁର୍ନାମେଣ୍ଟର ପୁରସ୍କାର ରାଶିର ସ୍ତରକୁ ନେଇ ଜାନିକ ସିନର, ଆରିନା ସାବାଲେଙ୍କା, କୋକୋ ଗୌଫଙ୍କ ଭଳି କିଛି ଅଗ୍ରଣୀ ଖେଳାଳି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଫ୍ରେଞ୍ଚ ଓପନ ଆୟୋଜକଙ୍କ ପକ୍ଷରୁ ଗତ ମାସରେ ରୋଲାଣ୍ଡ ଗାରୋସ ପୁରସ୍କାର ରାଶିରେ ୧୦% ବୃଦ୍ଧି କରାଯାଇଥିବା ନେଇ ଘୋଷଣା କରାଯାଇଥିଲା, ଯାହାକି ମୋଟ ୬୧.୭ ମିଲିଅନ ୟୁରୋ(୭୨.୧ ମିଲିଅନ ଆମେରିକୀୟ ଡଲାର)। ଏହାକୁ ନେଇ ଖେଳାଳିଙ୍କ ଗୋଷ୍ଠୀ ସୋମବାର ଏକ ବିବୃତି ଜରିଆରେ ପ୍ରତିକ୍ରିୟା ରଖିବା ସହ ଉପଯୁକ୍ତ ପ୍ରତିନିଧିତ୍ୱ, ସ୍ୱାସ୍ଥ୍ୟ ଓ ପେନ୍‌ସନ ଭଳି ସେମାନଙ୍କର ପୂର୍ବ ଦାବିକୁ ଅଧିକାରୀମାନେ ପୂରଣ କରି ନ ଥିବା କହିଛନ୍ତି। ଆଗାମୀ ଫ୍ରେଞ୍ଚ ଓପନର ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିୟନ ଖେଳାଳିଙ୍କୁ ୨.୮ ମିଲିଅନ ୟୁରୋ ଲେଖାଏ ଓ ରନରଅପ୍‌ଙ୍କୁ ୧.୪ ମିଲିଅନ ୟୁରୋ ମିଳିବ। ସେମିଫାଇନାଲରେ ପରାଜିତ ହୋଇଥିବା ଖେଳାଳିଙ୍କୁ ୭,୫୦,୦୦୦ ୟୁରୋ ଓ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିବା ଖେଳାଳିଙ୍କୁ ୮୭,୦୦୦ ୟୁରୋ ମିଳିବ। ପୁରୁଷ ଓ ମହିଳା ଡବଲ୍ସ ବିଜେତାଙ୍କୁ ୬,୦୦,୦୦୦ ୟୁରୋ ଓ ମିକ୍ସଡ୍ ଡବଲ ଚାମ୍ପିୟନଙ୍କୁ ୧,୨୨,୦୦୦ ୟୁରୋ ପୁରସ୍କାର ରାଶି ମିଳିବ।

"ରୋଲାଣ୍ଡ ଗାରୋସ ଟୁର୍ନାମେଣ୍ଟର ରାଜସ୍ୱରେ ଖେଳାଳିଙ୍କ ଭାଗ ୨୦୨୪ (୧୫.୫%) ଅପେକ୍ଷା ଚଳିତ ୨୦୨୬ ବର୍ଷ (୧୪.୯%) ହ୍ରାସ ପାଇଛି। ଟୁର୍ନାମେଣ୍ଟର ଅଧିକାରୀଙ୍କ ମୁତାବକ, ରୋଲାଣ୍ଡ ଗାରୋସ ୨୦୨୫ ସଂସ୍କରଣରେ ୩୯୫ ମିଲିଅନ ୟୁରୋ ରାଜସ୍ୱ ମିଳିଥିଲା, ଯାହାକି ପୂର୍ବ ବର୍ଷ ଅପେକ୍ଷା ୧୪% ବୃଦ୍ଧି ପାଇଥିଲା। ହେଲେ ପୁରସ୍କାର ରାଶିରେ ୫.୪% ବୃଦ୍ଧି କରାଯାଇଛି। ଚଳିତ ବର୍ଷ ଟୁର୍ନାମେଣ୍ଟରେ ୪୦୦ ମିଲିଅନ ୟୁରୋରୁ ଅଧିକ ରାଜସ୍ୱ ଆୟ ଆକଳନ କରାଯାଉଥିବା ବେଳେ ପୁରସ୍କାର ରାଶି ପାଇଁ ରାଜସ୍ୱର ୧୫ ପ୍ରତିଶତରୁ କମ୍ ରଖାଯାଇଛି। ଖେଳାଳିମାନେ ଏଟିପି ଓ ଡବ୍ଲ୍ୟୁଟିଏ ଇଭେଣ୍ଟ ଭଳି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ପୁରସ୍କାର ରାଶିକୁ ରାଜସ୍ୱର ୨୨% କରିବାକୁ ଅନୁରୋଧ କରିଥିଲେ" ବୋଲି ଉକ୍ତ ବିବୃତିରେ ଉଲ୍ଲେଖ ରହିଛି। ଫ୍ରେଞ୍ଚ ଓପନ ଆୟୋଜକଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ଗତ ବର୍ଷ ଏହି ଖେଳାଳିଙ୍କ ଗୋଷ୍ଠୀ ୪ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ମୁଖ୍ୟଙ୍କୁ ପୁରସ୍କାର ରାଶି ବୃଦ୍ଧି ଓ ଉପଯୁକ୍ତ ପ୍ରତିନିଧିତ୍ୱ ଲାଗି ସ୍ୱାକ୍ଷର ଥିବା ଚିଠି ପଠାଇଥିଲେ।

# ଆଣ୍ଟୋନେଲି ଜିତିଲେ ମାୟାମି ଗ୍ରାଁ ପ୍ରି




ମାୟାମି ଗାର୍ଡେନ୍ସ, ୪।୫ (ଏପି)

କିମି ଆଣ୍ଟୋନେଲି ମାୟାମି ଫର୍ମୁଲା ୱାନ ଗ୍ରାଁପ୍ରି ମୋଟର ରେସ୍ ଜିତିଛନ୍ତି। ମର୍ସିଡିଜ୍‌ର ଏହି ୧୯ ବର୍ଷୀୟ ଡ୍ରାଇଭରଙ୍କର ଏହା ହେଉଛି କ୍ରମାଗତ ତୃତୀୟ ଫର୍ମୁଲାୱାନ ରେସ୍ ବିଜୟ। ରେସ୍ ଆରମ୍ଭ ପୂର୍ବରୁ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଆଣ୍ଟୋନେଲିଙ୍କଠାରୁ ୩.୨ ସେକେଣ୍ଡ ପଛରେ ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ତାଙ୍କ ସାଥୀ ଡ୍ରାଇଭର ଓସ୍କାର ପିଆଷ୍ଟ୍ରି ତୃତୀୟ ହୋଇଥିଲେ। ସୂଚନାଯୋଗ୍ୟ ଆଣ୍ଟୋନେଲି ଓ ତାଙ୍କ ସାଥୀ ଡ୍ରାଇଭର ଜର୍ଜ ରସେଲ ସିଜନର ପ୍ରଥମ ଚାରୋଟି ରେସ୍‌ରେ ବିଜୟ ଲାଭ କରିଥିଲେ। ରସେଲ ଏଠାରେ ୪ର୍ଥ ସ୍ଥାନରେ ରହିଥିଲେ। ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍ ସିଜନରେ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ସହ ୫ମ ସ୍ଥାନ ଅଧିକାର କରିଥିଲେ। ଫେରାରିର ଲୁଇସ୍ ହାମିଲଟନ ୬ଷ୍ଠ ହୋଇଥିବା ବେଳେ ଯଥାକ୍ରମେ ୭ମରୁ ୧୦ମ ସ୍ଥାନ ଅଧିକାର କରିଥିଲେ ଫ୍ରାଙ୍କୋ କୋଲାପିଣ୍ଟୋ (ଅଲ୍‌ପାଇନ୍), ଚାର୍ଲ୍ସ ଲେକ୍‌ଲେର୍କ୍ (ଫେରାରି), କାର୍ଲୋସ ସେଞ୍ଜ୍ ଜୁନିୟର (ୱିଲିୟମ୍ସ) ଓ ଆଲେଜାଣ୍ଡର ଆଲ୍‌ବନ୍ (ୱିଲିୟମ୍ସ)। ସିଜନର ପରବର୍ତ୍ତୀ ରେସ୍ କାନାଡିଆନ ଗ୍ରାଁ ପ୍ରି ମେ ୨୨ରେ ମଣ୍ଟ୍ରିଲରେ ହେବ।

# ଆଥ୍‌ଲେଟିକ୍ସ କୋଚିଂ କ୍ୟାମ୍ପ ଆରମ୍ଭ

ଭୁବନେଶ୍ୱର, ୪।୫ (ବିଜୟ ରଣା)

ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ କଟକରେ ଗ୍ରୀଷ୍ମକାଳୀନ ଆଥ୍‌ଲେଟିକ୍ସ କୋଚିଂ କ୍ୟାମ୍ପ ଆରମ୍ଭ ହୋଇଛି। ଏହା ୩ ସପ୍ତାହ ଧରି ଚାଲିବ। ଏହି କ୍ୟାମ୍ପରୁ ଓଡ଼ିଶା ଆଥ୍‌ଲେଟିକ୍ସ ଏକାଡେମୀ ପାଇଁ ଦ୍ୱିତୀୟ ବ୍ୟାଚ୍ ଖେଳାଳି ମନୋନୀତ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ଅନ୍ତର୍ଜାତୀୟ ମାରାଥନ ଧାବକ ବିବେକାନନ୍ଦ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଅନ୍ତର୍ଜାତୀୟ ଆଥ୍‌ଲେଟ ଫାରୁକ ଅଲି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶାର କୋଚମାନେ ଯଥା ଅରୁଣ ଦାଶ, ଏନ୍.ଏମ୍ ଦେଓ, ଚିତ୍ତରଞ୍ଜନ ମହାପାତ୍ର, ଏସ୍.ପି ବର୍ମା, ବିମଳ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ସମ୍ପାଦକ ଅଭିଜିତ ପଲ୍ ଅଧ୍ୟକ୍ଷତା କରି ଅତିଥିଗଣ ଏବଂ ଗ୍ରୀଷ୍ମକାଳୀନ କୋଚିଂ କ୍ୟାମ୍ପ ପାଇଁ ଆଥ୍‌ଲେଟମାନଙ୍କୁ ସ୍ୱାଗତ କରିଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୋଚିଂ ଶିବିରରେ ଯୋଗ ଦେଇଥିବା ଆଥଲେଟ୍‌ମାନେ। (ଫଟୋ: ରାଜକିଶୋର ମହାନ୍ତି)

# ସହଯୋଗ

"ଆଜିକାଲି ଘର କାମ ସହଜରେ ତୁଲାଇବା ପାଇଁ ଅନେକେ ଘରୋଇ ସହାୟିକା ବା ମେଡ୍‌ଙ୍କ ଉପରେ ନିର୍ଭର କରୁଛନ୍ତି। ହେଲେ ଏସବୁ କାମରେ ଘର ସଦସ୍ୟଙ୍କର ସହଯୋଗର ଆବଶ୍ୟକତା ରହିଛି। କେତେକ ସ୍ଥାନରେ ମେଡ୍‌ମାନଙ୍କ ପ୍ରତି ବ୍ୟବହାରକୁ ନେଇ ଆଲୋଚନା ହୋଇଥାଏ। ହେଲେ ସେମାନଙ୍କ ସହ ଭଲ ବ୍ୟବହାର କଲେ ସେମାନେ ଆହୁରି ଆଗ୍ରହର ସହ ନିଜ କାମକୁ ତୁଲାଇପାରିବେ।"



ବିଶେଷଭାବରେ କର୍ମଜୀବୀ ପରିବାର ମେଡ୍‌ଙ୍କ ଉପରେ ନିର୍ଭର କରିଥାଆନ୍ତି। କିନ୍ତୁ ବେଳେବେଳେ ତାଙ୍କ ସହ ଅସମ୍ମାନପୂର୍ଣ୍ଣ ଏବଂ ଅପମାନଜନକ ବ୍ୟବହାର କରାଯାଇଥାଏ। ଏହା ସମ୍ପୂର୍ଣ୍ଣ ଭାବେ ଅନୁଚିତ। ଜରୁରୀ ହେଉଛି ଆମେ ତାଙ୍କ ସହଯୋଗର ମହତ୍ତ୍ୱ ବୁଝିବା ଏବଂ ତାଙ୍କ ପ୍ରତି ଉତ୍ତମ ବ୍ୟବହାର କରିବା ଆବଶ୍ୟକ।

ଶୀତ କି ବର୍ଷା ହେଉ କି ଖରା ସବୁଦିନରେ ସେ ଘରକୁ ଆସିଥାନ୍ତି। କୌଣସି ଘରେ ୱାର୍କିଂ ପ୍ୟାରେଣ୍ଟ୍ସ ଥିଲେ ପିଲାଙ୍କୁ ସମ୍ଭାଳିବା ଲାଗି କିମ୍ବା ବୟସ୍କ ବ୍ୟକ୍ତିଙ୍କ ଦେଖାଶୁଣା ଲାଗି ମେଡ୍‌ର ଆବଶ୍ୟକ ହୋଇଥାଏ। ସେ ତାଙ୍କର କେୟାର ଟେକର ରୂପେ କାମ କରିଥାନ୍ତି। କେତେ ପ୍ରକାର ଭୂମିକା, କେତେପ୍ରକାର ଦାୟିତ୍ୱ ନେବାକୁ ପଡ଼ିଥାଏ। ଏସବୁକୁ ଦେଖିଲେ ସେମାନଙ୍କ ପ୍ରତି ସମ୍ମାନ ଦେବା ଓ ମନୋବଳ ବଢ଼ାଇବାର ଭାବନା କମ୍ ଦେଖିବାକୁ ମିଳେ। ଆଜି ବି ଅଧିକତର ମେଡ୍ ଜୀବନରେ ସହଜତା, ସୁରକ୍ଷା ଏବଂ ସକାରାତ୍ମକ ପରିବର୍ତ୍ତନ ଯାହା ଆଲୋକ ପରି ଦୃଶ୍ୟମାନ ହୋଇଥାଏ। ବ୍ୟକ୍ତିଗତ ଚିନ୍ତାଧାରାରୁ ଆରମ୍ଭ କରି ଘରୋଇ ସହଯୋଗିତା ସମସ୍ୟାକୁ ବୁଝିବା ଆବଶ୍ୟକ।

**ଅସମାନତାର ଭାବନା**

ଘରୋଇ ସହଯୋଗୀମାନେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦରମାଠୁ ଆରମ୍ଭ କରି ସମ୍ମାନଜନକ ବ୍ୟବହାର କେତେକ ମାମଲାରେ ଅସମାନତା ଦେଖିବାକୁ ମିଳିଥାଏ। ମହାନଗରରେ ରହୁଥିବା ମେଡ୍‌ମାନଙ୍କର ଜୀବନ ଅନେକ ସମସ୍ୟା ଦେଇ ଗତି କରିଥାଏ। କାହା ଘରେ ଭଲ ବ୍ୟବହାର କରାଯାଉ ନ ଥିବା ବେଳେ ତାକୁ ଶୋଷଣର ସାମ୍ନା କରିବାକୁ ପଡ଼ିଥାଏ। ବେଳେବେଳେ ଶିକ୍ଷିତ ବ୍ୟକ୍ତି ଏମିତି ବ୍ୟବହାର କରିଥାନ୍ତି ଯାହା ତାଙ୍କୁ ବହୁତ କଷ୍ଟ ଦେଇଥାଏ। ରୋଷେଇ, ଘର ସଫା କରିବା, ବାସନ ମାଜିବା, ପିଲା ସମ୍ଭାଳିବା ପାଇଁ ସେମାନଙ୍କ ପ୍ରତି ସ୍ନେହପୂର୍ଣ୍ଣ ଭାବନା ନ ଥିବାରୁ ସେମାନେ ନିଜକୁ ଅସହଜ ମନେକରିଥାନ୍ତି। ବେଳେବେଳେ କେତେକ ପରିବାର ସେମାନଙ୍କୁ ଆବଶ୍ୟକତାଠାରୁ ଅଧିକ କାମ କରିବାକୁ କୁହନ୍ତି। କିନ୍ତୁ ଏଥିଲାଗି ସମୟକୁ ଗୁରୁତ୍ୱ ଦେବା ଦରକାର। କେତେଜଣ ସେମାନଙ୍କୁ ମାସିକ ପାରିଶ୍ରମିକ ଦେବାରେ ଏପଟ ସେପଟ କରନ୍ତି। ହେଲେ ଏହାଦ୍ୱାରା ମେଡ୍‌ମାନଙ୍କର କାମ କରିବା ପ୍ରତି ସ୍ପୃହା କମିଯାଏ। ଦେହ ଅସୁସ୍ଥ ଥିଲେ ସୁଦ୍ଧା ଛୁଟି ମିଳି ନ ଥାଏ କିମ୍ବା ପେଡ୍ ଲିଭ୍ ଦିଆଯାଏନାହିଁ। କାମ ଛାଡ଼ିଯିବାର ଡର ତାଙ୍କର ପ୍ରତିଦିନ ରହିଥାଏ। ସମୟ ସହିତ ଆସୁଥିବା ବହୁ ପରିବର୍ତ୍ତନ ସୁଦ୍ଧା ଏହି ପରିଶ୍ରମ କରୁଥିବା ମେଡ୍‌କୁ ଅସମ୍ମାନ ଭାବନା ସହିବାକୁ ପଡ଼ିଥାଏ। ୱାର୍କଫୋର୍ସର ଭାଗୀଦାରି ଭଳି ଏମାନଙ୍କ ଭାଗୀଦାରିର ଚର୍ଚ୍ଚା ଏତେ ହୁଏନାହିଁ। ଯେତେବେଳେ କି ସବୁ କ୍ଷେତ୍ରରେ ଯୋଗଦାନ ଦେବା ଦ୍ୱାରା ଦେଶର ଉନ୍ନତି କ୍ଷେତ୍ରରେ କର୍ମଜୀବୀ ସାଧାରଣ ଆବଶ୍ୟକତା ତାଙ୍କର ମେଡ୍ ପୂରଣ କରିଥାଏ। ଦେଶର ପ୍ରତ୍ୟେକଟି କୋଣରେ ରହୁଥିବା କର୍ମଜୀବୀ ମହିଳା ଘର ଛାଡ଼ି ପାରିଥାନ୍ତି, କାହିଁକି ନା ଘର କାମରେ ସାହାଯ୍ୟ କରିବା ଲାଗି ମେଡ୍‌ଙ୍କଠୁ ମିଳୁଥିବା ସହଯୋଗ ତାଙ୍କ ଜବ୍ କଣ୍ଟିନ୍ୟୁ କରିବାରେ ସହଯୋଗ ରହିଥାଏ। ଘର କାମ ହେଉ କି ପିଲାଙ୍କ ଦେଖାଶୁଣା ଘରୋଇ ସହାୟିକା ଭରସାରେ ଛାଡ଼ି ଦେଇଥାନ୍ତି। ଏମାନଙ୍କ ଭରସାରେ ନିଜର ପ୍ରଫେସନାଲ ମିଟିଂ ଏବଂ ଅନ୍ୟ ସହର ଟ୍ରିପ୍ ପର୍ଯ୍ୟନ୍ତ ସବୁ କିଛି ପ୍ଲାନିଂ କରିଥାନ୍ତି। ବର୍ତ୍ତମାନ ତ ଛୋଟ ଛୋଟ ପରିବାର ବି ମେଡ୍ ଉପରେ ନିର୍ଭର କଲେଣି। ହୋମ୍‌ମେକର ରୁଟିନ ବି ମେଡ୍‌ଙ୍କ ସହଯୋଗ ଦ୍ୱାରା ସମ୍ଭାଳି ହୋଇଥାଏ। ଏମିତିରେ ଜରୁରୀ ହେଉଛି ସମସ୍ତଙ୍କ ମନରେ ସହଯୋଗୀ ସମ୍ବେଦନଶୀଳ ଭାବନାକୁ ବିକଶିତ କରିବା ଆବଶ୍ୟକ। ଠିକ୍ ସମୟରେ ସଠିକ ସାଲାରି ଦିଅନ୍ତୁ। ତାଙ୍କର ସୁରକ୍ଷାକୁ ନିଜର ଦାୟିତ୍ୱ ବୋଲି ଭାବନ୍ତୁ। କୌଣସି ଅଭିଯୋଗ ଯଦି ଥାଏ ତାଙ୍କ ପକ୍ଷର କଥା ସବୁ ଶୁଣନ୍ତୁ। ପୁଣି ସମସ୍ୟାରେ କୌଣସି ଉଚିତ ସମାଧାନ ବାହାର କରନ୍ତୁ। ଅଚାନକ ଛୁଟି ନେବାର କାରଣକୁ ବୁଝନ୍ତୁ। ପିଲା-ବଡ଼ ସମସ୍ତେ ତାଙ୍କ ପ୍ରତି ଭଲପାଇବାର ଧନ୍ୟବାଦ ଭାବନାର ବ୍ୟବହାର ମନରେ ସବୁବେଳେ ରଖନ୍ତୁ। ବଡ଼ ଯୋଜନାଠୁ କେଉଁଠି ଅଧିକ ଏମିତି ଛୋଟ ଛୋଟ ଯୋଜନାଠୁ ଅଧିକ ଛୋଟ ଛୋଟ କଥା ଘରୋଇ ସହାୟିକାର ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରନ୍ତି।



**ପ୍ରଭାବିତ ହୋଇଥାଏ ବ୍ୟକ୍ତିଗତ ଜୀବନ**

ଦୂରଦୂରାନ୍ତରୁ ଆସି ମେଟ୍ରୋ ସିଟିରେ କାମ କରୁଥିବା ମେଡ୍ ନିଜ ପରିବାରଠାରୁ ପ୍ରାୟ ଦିନ ତମାମ ଦୂରରେ ରହିଥାଆନ୍ତି। ନିଜ ଦାୟିତ୍ୱ ତୁଲାଇବା ବେଳେ ସେମାନେ ନିଜ ପରିବାରକୁ ଆବଶ୍ୟକ ସମୟ ଦେଇପାରି ନ ଥାନ୍ତି। ମା'ଠାରୁ ଦୂରେଇ ରହୁଥିବା ପିଲା ଶୋଷଣ, କୁପୋଷଣର ଶିକାର ହେବା ଆଶଙ୍କା ରହିଥାଏ। କେତେଜଣ ମେଡ୍‌ଙ୍କ ଜୀବନସାଥୀ ବି ହିଂସାତ୍ମକ ବ୍ୟବହାର କରିବାକୁ ପଛାଇ ନ ଥାନ୍ତି। ତେବେ ମେଡ୍‌ଙ୍କ ପରିବାରରେ ଯଦି ଶାନ୍ତି ବଜାୟ ରହିଲା ତେବେ ତାହା ତାଙ୍କୁ ମାନସିକ ସ୍ତରରେ ଅନେକ ସହାୟକ ହୋଇଥାଏ। ଏହାଦ୍ୱାରା ସେମାନେ ନିଜ ପରିବାରର ଠିକ୍ ଭାବରେ ଯତ୍ନ ନେବାରେ ସମର୍ଥ ହୋଇଥାନ୍ତି।








## ଗୃହିଣୀଙ୍କ ପାଇଁ

ରୁଟି ସାଧାରଣତଃ କିଛି ସମୟ ହେଲାପରେ ଏହା ଟାଣ ହୋଇଯାଏ। ସକାଳୁ ହେଉଥିବା ରୁଟି ଖରାବେଳେ ପାମ୍ପଡ଼ ଭଳି ହୋଇଯାଏ। ସେଥିପାଇଁ ଏହାକୁ ଖାଇବାକୁ ଏତେ ଇଚ୍ଛା ହୁଏନାହିଁ। ଏମିତି କିଛି ଟିପ୍ସକୁ ଆପଣାଇଲେ ରୁଟି ଅଧିକ ସମୟ ପର୍ଯ୍ୟନ୍ତ ନରମ ରହିବ। ଜାଣନ୍ତୁ ଏ ସମ୍ପର୍କରେ....



- ରୁଟି କରିବା ଲାଗି ଅଟାରେ ଆପଣ ପାଣି ବଦଳରେ ସେଥିରେ ଫ୍ରେଶ୍ ଦହି ଏବଂ ନଖ ଉଷୁମ ପାଣି ମିଶାଇ ଚକଟିଲେ ଏହା ତୁଳା ପରି ନରମ ହେବ। ଦହିରେ ଥିବା ଲାକ୍‌ଟିକ୍ ଏସିଡ୍ ଅଟାରେ ଥିବା ଗ୍ଲୁଟେନ୍ ରୁଟିକୁ ମୁଲାୟମ ରଖିଥାଏ।
- ସାଧାରଣତଃ ମହିଳାମାନେ ଅଟା ଚକଟିବା ସମୟରେ ସାଦା ପାଣି ବ୍ୟବହାର କରିଥାନ୍ତି। କିନ୍ତୁ ଯଦି ଏହା ବଦଳରେ ନଖ ଉଷୁମ ପାଣି ବ୍ୟବହାର କରାଯାଏ ତେବେ ରୁଟି ନରମ ହେବ।
- ଆପଣ ସିଧାସଳଖ ଅଟାରେ ଦହି ନ ପକାଇ ନଖ ଉଷୁମ ପାଣି ସହିତ ଦହି ମିଶାଇ ଧୀରେ ଧୀରେ ଅଟା ଚକଟନ୍ତୁ। ଏହାଦ୍ୱାରା ଦହି ଅଟା ସମାନ ରୂପରେ ମିଶିଯାଇଥାଏ। ଦହିର ସ୍ୱାଦ ଯେପରି ଖଟା ନ ହୋଇଥାଉ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।
- ରୁଟିକୁ ମୁଲାୟମ ରଖିବାରେ ଆଞ୍ଚର ମୁଖ୍ୟ ଭୂମିକା ରହିଛି। ଯଦି ଆପଣ ରୁଟିକୁ ସିମ୍‌ରେ ସେକୁଛନ୍ତି ତେବେ ଏହା ଟାଣ ହେବ। ରୁଟି ସେକିବା ସମୟରେ ସବୁବେଳେ ମିଡିୟମ ଫ୍ଲେମ୍ ବ୍ୟବହାର କରନ୍ତୁ।
- ରୁଟି ପ୍ରସ୍ତୁତ କରିବା ପରେ ଏହାକୁ ଷ୍ଟିଲ୍ ଡବାରେ ରଖନ୍ତୁ ନାହିଁ। ପ୍ରଥମେ ସୂତା କନାରେ ରୁଟିକୁ ଢାଙ୍କି ଦିଅନ୍ତୁ। ପୁଣି ଏହାକୁ କ୍ୟାସ୍‌ରୋଲ କିମ୍ବା ଏୟାର ଟାଇଟ୍ ଡବାରେ ରଖନ୍ତୁ। ଏହି ଉପାୟ ଦ୍ୱାରା ୬-୮ ଘଣ୍ଟା ପର୍ଯ୍ୟନ୍ତ ରୁଟି ମୁଲାୟମ ରହିବ।

## ପରଫ୍ୟୁମ୍ ଟିପ୍ସ

ପ୍ରଚଣ୍ଡ ଖରାରେ ଶରୀରରୁ ଝାଳ ବାହାରିବା କାରଣରୁ ଦୁର୍ଗନ୍ଧ ହୋଇଥାଏ। ଏହି ଦୁର୍ଗନ୍ଧରୁ ଶରୀରକୁ କିପରି ରକ୍ଷା କରିବେ ଜାଣନ୍ତୁ ଏ ସମ୍ପର୍କରେ...



ସବୁଠାରୁ ପ୍ରଥମ କଥା ହେଲା- ପରଫ୍ୟୁମକୁ ଯଦି ଆପଣ କପଡ଼ାରେ ନ ପକାଇ ଶରୀରରେ ପକାଇବେ ଏହା ଅଧିକ ସମୟ ପର୍ଯ୍ୟନ୍ତ ଏହାର ବାସ୍ନା ରହିଥାଏ।

- ଏମିତି କିଛି ପରଫ୍ୟୁମ୍ ରହିଛି ଯାହା ଡ୍ରେସ୍ ଉପରେ ଦାଗ ପକାଇ ଦେଇଥାଏ। ଏଥିପାଇଁ ଭଲ ହେବ ପରଫ୍ୟୁମ୍‌କୁ ସିଧାସଳଖ ତ୍ୱଚାରେ ଲଗାନ୍ତୁ।
- ଛାତିରେ ପରଫ୍ୟୁମ୍ ପକାଇବା ଦ୍ୱାରା ଏହା ଶରୀରର ଉପରିଭାଗରେ ସୁଗନ୍ଧ ଛାଡ଼ିଥାଏ। ପୂରା ଦିନ ହାଲ୍‌କା ହାଲ୍‌କା ବାସ୍ନା ଶରୀରରୁ ଆସିଥାଏ। ଏହି ଉପାୟ ସେଇମାନଙ୍କ ପାଇଁ ଯେଉଁମାନେ ଅଧିକ ସମୟ ପର୍ଯ୍ୟନ୍ତ ଫ୍ରେଶ୍ ଅନୁଭବ କରିବେ।
- ଏମିତି କିଛି ସ୍ଥାନ ରହିଛି ଯେମିତିକି କହୁଣିର ଭିତର ପାଖ,ଆଣ୍ଠୁ ଭିତର ପାର୍ଶ୍ୱ ପରଫ୍ୟୁମ୍ ପକାଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ଏହାର ବାସ୍ନା ରହିଥାଏ।
- ପରଫ୍ୟୁମ୍ ଲଗାଇବା ପୂର୍ବରୁ ସେହି ସ୍ଥାନରେ ମଶ୍ଚରାଇଜର ଲଗାନ୍ତୁ ତା' ପରେ ପରଫ୍ୟୁମ୍। ଏହାଦ୍ୱାରା ପରଫ୍ୟୁମ୍‌ର ବାସ୍ନା ଅଧିକ ସମୟ ପର୍ଯ୍ୟନ୍ତ ବଜାୟ ରହିବ।



# ଖରାଦିନେ ଗାର୍ଡେନର ଯତ୍ନ

ଫୁଲପ୍ରେମୀ ସବୁବେଳେ ଫୁଲଗଛର ଯତ୍ନନେବାକୁ ଭୁଲି ନ ଥାନ୍ତି, ସେ ଖରା ହେଉ କି ବର୍ଷା। ଏବେ ପ୍ରବଳ ଖରା ସାଙ୍ଗକୁ କୁଣ୍ଡରେ ଥିବା ଗଛଗୁଡ଼ିକ ଖରା ସହି ନ ପାରି ଝାଉଁଳି ପଡ଼ିଥାଏ। କିପରି କେଉଁ ସ୍ଥାନରେ ଗଛଗୁଡ଼ିକ ରଖିଲେ ଏହା ଭଲ ରହିବ ଜାଣନ୍ତୁ...



- ଖରାଦିନରେ ମାଟିକୁ ଓଦାଳିଆ ରଖିବାକୁ ହେଲେ ଗଛ ମୂଳରେ କୋକୋପିଟ୍ ଦିଅନ୍ତୁ। ଫଳରେ ଯଦି ଆପଣ ଏଥିରେ ପାଣି ଦେବେ ତେବେ ଏହା ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ଏହା ଜଲ୍‌ଦି ଶୁଖି ନ ଥାଏ। ଏହାଦ୍ୱାରା ଗଛମୂଳରୁ ପାଣି ଜଲ୍‌ଦି ନ ଶୁଖି ଏହା ଫ୍ରେଶ୍ ଦେଖାଯାଏ।
- ଯଦି ଆପଣଙ୍କୁ ବାହାରକୁ କୁଆଡ଼େ ଯିବାର ଥାଏ ଗଛରେ ଭଲଭାବେ ପାଣି ଦେଇ ଦିଅନ୍ତୁ, ଯେମିତି ଫୁଲ କୁଣ୍ଡରେ ପାଣି ଜଲ୍‌ଦି ଶୁଖିବନି। ଏହା ସହିତ ଗଛ ମୂଳରେ ଯେପରି ପାଣି ପ୍ରତିଦିନ ଟପ୍‌ଟପ୍ ହୋଇ ପଡ଼ିବ ସେ ବ୍ୟବସ୍ଥା କରନ୍ତୁ। ଫଳରେ ଗଛମୂଳରେ ପାଣି ଶୁଖିବନି ଏବଂ ଗଛ ମରିବନି, ଭଲ ରହିବ।
- ଗଛକୁ ଅଧିକ ସୁରକ୍ଷିତ ରଖିବାକୁ ହେଲେ ଅସ୍ଥାୟୀ ସ୍ଥାନକୁ ଗଛକୁ ନେଇପାରିବେ। ଗଛକୁ ଛାଇ ହେଉଥିବା ସ୍ଥାନରେ ରଖନ୍ତୁ। ଗଛ ଉପରେ ଜାଲ କପଡ଼ା, ଛତା ଭଳି ଜିନିଷ ବ୍ୟବହାର କରନ୍ତୁ। ଅଧିକ ଖରା ହେଉ ନଥିବା ସ୍ଥାନରେ ଗଛକୁ ସୁରକ୍ଷିତ ରଖିପାରିବେ। ଯଦି ଆପଣ ନୂଆ ଗଛ ଲଗାଇବାକୁ ଚିନ୍ତା କରୁଛନ୍ତି ତେବେ ଏମିତି ଗଛ ଚୟନ କରନ୍ତୁ ଯାହା ଖରାରେ ନ ଶୁଖିଯାଉ। କମ୍ ପାଣି ଲାଗୁଥିବା ଏମିତି ଗଛ ଚୟନ କରନ୍ତୁ, ଯିଏକି କମ୍ ପାଣି ଆବଶ୍ୟକ କରୁଥିବ। ଏହା କମ୍ ଦେଖାଶୁଣାରେ ମଧ୍ୟ ଭଲ ରହିଥାଏ।
- ଫୁଲଗଛରେ ସବୁବେଳେ ଅର୍ଗାନିକ ଖତ ପ୍ରୟୋଗ କରିପାରନ୍ତି। ଏହାଦ୍ୱାରା ଗଛଗୁଡ଼ିକ ହୃଷ୍ଟପୁଷ୍ଟ ହୋଇ ବଢ଼ିଥାଏ।



## ଖାଦ୍ୟରୁଚି

### ପୋହା କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ:** ସିଝା ଆଳୁ ୨ରୁ ୩ଟି, ଭିଜା ହୋଇଥିବା ପୋହା ଅଧାକପ୍, ପିଆଜ ୨ଟି, କ୍ୟାପ୍‌ସିକମ୍ ଅଧାକପ୍, କଦୁକଶ କରାଯାଇଥିବା ଗାଜର ଅଳ୍ପ ପରିମାଣରେ, ଗ୍ରୀନ୍ ଚିଲି ଗୋଟେ, ଅଦା ୧/୨ଇଞ୍ଚ, ସ୍ୱାଦ ଅନୁସାରେ ଲୁଣ, ଜୀରା ପାଉଡର ଅଧା ଚାମଚ, ଧନିଆ ପାଉଡର ଅଧା ଚାମଚ ଏବଂ କଶ୍ମୀର ଚିଲି ପାଉଡର ୧ ଚାମଚ, ଗରମ ମସଲା ୧ ଚାମଚ, ଚାଟ୍ ମସଲା ୧/୨ ଚାମଚ, ଧନିଆପତ୍ର, କର୍ନଫ୍ଲୋର, ବ୍ରେଡ୍‌କମ୍ବ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସିଝା ଆଳୁରୁ ଚୋପା ଛଡ଼ାଇ ଗୋଟେ ବାଓଲରେ ରଖନ୍ତୁ, ସେଥିରେ ବତୁରାଯାଇଥିବା ପୋହାକୁ ଭଲଭାବେ ଚିପୁଡ଼ି ସାରିଲା ପରେ ଏହାକୁ ସେହି ପାତ୍ରରେ ପକାନ୍ତୁ। ଏବେ ଏଥିରେ କଟା ପିଆଜ, କ୍ୟାପ୍‌ସିକମ୍, ଗାଜର, କଞ୍ଚାଲଙ୍କା, ଧନିଆ ପାଉଡର, ଜୀରାପାଉଡର, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, କଶ୍ମୀର ଚିଲି, ଧନିଆ ପତ୍ର ଆଦି ପକାଇ ଏହାକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ଏହାକୁ ହାତରେ ଛୋଟ ଛୋଟ ବାଟୁଳା କଲା ପରେ ହାତରେ ଟିକେ ଚାପି ଦିଅନ୍ତୁ। ବର୍ତ୍ତମାନ ଏହି ପୋହା କଟ୍ ଲେଟ୍‌କୁ କର୍ନଫ୍ଲୋରରେ ପକାଇ ବ୍ରେଡ୍‌କମ୍ବରେ ବୁଡ଼ାଇ ଗରମ ହୋଇଥିବା ତେଲରେ ଗୋଟିଗୋଟି ଛାଣନ୍ତୁ। ଏହାକୁ ଟମାଟୋ ସସ୍ ସହ ଲଗାଇ ଖାଇପାରିବେ।






# ମୁମ୍ବାଇର ସହଜ ବିଜୟ


ଅର୍ଦ୍ଧଶତକୀୟ ଇନିଂସ ଅବସରରେ ରୋହିତ ଶର୍ମା।

**ମୁମ୍ବାଇ,୪ା୫**

ରୋହିତ ଶର୍ମା ଓ ରିୟାନ ରିକଲଟନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଏବଂ ଶତକୀୟ ଭାଗୀଦାରି ବଳରେ ସୋମବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୬ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ପରାସ୍ତ କରିଛି। ଲକ୍ଷ୍ନୌ ଦ୍ୱାରା ପ୍ରଦତ୍ତ ୨୨୯ ରନର ବିଶାଳ ଟାର୍ଗେଟକୁ ମୁମ୍ବାଇ ୧୮.୪ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଟାର୍ଗେଟର ପିଛା କରିବା ଦୃଷ୍ଟିରୁ ଏହା ମୁମ୍ବାଇର ଅନ୍ୟତମ ବୃହତ ବିଜୟ। ଏହା ମୁମ୍ବାଇର ୩ୟ ବିଜୟ। ଏଥିଯୋଗୁ ଦଳ ୩ ବିଜୟ ଓ ୬ ପଏଣ୍ଟ ସହ ନବମ ସ୍ଥାନରେ ରହିଛି।

ଆରମ୍ଭରୁ ଜୋଶ ଇଙ୍ଗଲିସ(୧୩)ଙ୍କ ଉଇକେଟ ହରାଇଥିବା ଲକ୍ଷ୍ନୌ ପାଇଁ ମିଚେଲ ମାର୍ଶ ଓ ପୁରନ ଦ୍ୱିତୀୟ ଉଇକେଟରେ ୪୯ ବଲରେ ଦ୍ରୁତ ୯୪ ରନ ଯୋଡ଼ିଥିଲା। ପୁରନ ୨୧ ବଲରେ ୬୩ (୧ ଚୌକା ଓ ୮) ଓ ମାର୍ଶ ୨୫ ବଲରେ ୪୪ (୪ ଚୌକା ଓ ୩ ଛକା) ରନ କରି ଆଉଟ୍ ହୋଇଥିଲେ। ୮ ଓଭର ସୁଦ୍ଧା ୧୨୩/୧ ସ୍କୋର କରିଥିବା ଲକ୍ଷ୍ନୌ ୧୨.୧ ଓଭର ବେଳକୁ ୧୬୦ ରନରେ ୫ ଉଇକେଟ ହରାଇଥିଲା। ଏହିଠାରୁ ହିମତ ସିଂ ଓ ଏଡେନ ମାରକ୍ରମ ଷଷ୍ଠ ଉଇକେଟରେ ୪୭ ବଲରେ ୬୮ ରନର ପାର୍ଟନରଶିପ୍ କରି ଦଳୀୟ ସ୍କୋରକୁ ୨୨୮/୫ରେ ପହଞ୍ଚାଇଥିଲେ, ଯାହାକି ଚଳିତ ସିଜନରେ ଲକ୍ଷ୍ନୌର ସର୍ବାଧିକ ଦଳଗତ ସ୍କୋର। ହିମତ ୪୦ (୨ ଲେଖାଏ ଚୌକା ଓ ଛକା) ଓ ମାରକ୍ରମ ୩୧ (୧ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ମୁମ୍ବାଇ ପକ୍ଷରୁ କର୍ବିନ ବୋଶ୍ଚ ୨ ଉଇକେଟ ନେଇଥିଲେ। ଜବାବରେ ମୁମ୍ବାଇକୁ ରୋହିତ ଶର୍ମା ଓ ରିୟାନ ରିକଲଟନ ୧୦.୫ ଓଭରରେ ୧୪୩ ରନର ଶତକୀୟ ଆରମ୍ଭ ପ୍ରଦାନ କରିଥିଲେ। ରିକଲଟନ ୩୨ ବଲରେ ୮୩ (୬ ଚୌକା ଓ ୮ ଛକା) ଓ ରୋହିତ ୪୪ ବଲରେ ୮୪ (୬ ଚୌକା ଓ ୭ ଛକା) ରନ କରି ଆଉଟ୍ ହୋଇଥିଲେ। ଫଳରେ ମୁମ୍ବାଇ ୧୮.୪ ଓଭରରେ ୪ ଉଇକେଟରେ ୨୨୯ ରନ କରିଥିଲା। ଲକ୍ଷ୍ନୌ ପାଇଁ ମନିମାରନ ସିଦ୍ଧାର୍ଥ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୨୮/୫ (ନିକୋଲାସ ପୁରନ-୬୩, ମିଚେଲ ମାର୍ଶ-୪୪, ହିମତ ସିଂ-୪୦*, ୱିଲି ଜ୍ୟାକ୍ସ-୧/୩୪, କର୍ବିନ ବୋଶ୍ଚ-୨/୨୦)। ମୁମ୍ବାଇ ଇଣ୍ଡିଆନ୍ସ: ୧୮.୪ ଓଭରରେ ୨୨୯/୪ (ରୋହିତ ଶର୍ମା-୮୪, ରିୟାନ ରିକଲଟନ-୮୩, ମନିମାରନ ସିଦ୍ଧାର୍ଥ-୨/୪୭)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୯ | ୬ | ୨ | ୧ | ୧୩ | +୦.୮୫୫ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୬ | ୪ | ୦ | ୧୨ | +୦.୬୪୪ |
| ରାଜସ୍ଥାନ ରୟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ ଟାଇଟନ୍ସ | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୪ | ୫ | ୦ | ୮ | +୦.୦୦୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୪ | ୫ | ୦ | ୮ | -୦.୮୯୫ |
| ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | -୦.୫୩୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୩ | ୭ | ୦ | ୬ | -୦.୬୪୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୨ | ୭ | ୦ | ୪ | -୧.୦୭୬ |

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଦିଲ୍ଲୀ ବନାମ ଚେନ୍ନାଇ
ସ୍ଥାନ: ନୂଆଦିଲ୍ଲୀ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ







TVS 3 YEAR WARRANTY FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. Authorised Dealers: GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706 SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA, CUTTACK: 7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805 DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889 NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.
dentsu/dha bhu/04/26

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ Business queries: <advt@dharitri.com>